# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୧୯ (୧୬ ପୃଷ୍ଠା) Sambalpur, Tuesday, September 10 / 2019 ★★

୧୫ଶ ଭାଗ ୨୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ନାଡାଲ ଚାମ୍ପିୟନ**

ସ୍ପାନିଶ ଟେନିସ୍ ଷ୍ଟାର ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୪

୦୨

**କମେଡି ଫିଲ୍ମରେ ମୃଣାଳ ଠାକୁର**

ଉମେଶ ଶୁକ୍ଲା ନିର୍ଦ୍ଦେଶିତ 'ନେକ୍ସଟ ଏ କମେଡି'ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ।



# ବଦଳି ପରେ ତଦନ୍ତ ଚେପା

- ଆଇଆଇସି, ଏସିପିଙ୍କ ଦ୍ୱାରା ଗଡୁଛି ଏକାଧିକ ମାମଲା
- ନ୍ୟାୟ ପାଇପାରୁନାହାନ୍ତି ଲୋକେ

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୯।୯

ଥାନାକୁ ଯାଉଥିବା ଅଭିଯୋଗକୁ କେଉଁ ଅଫିସର ବୁଝିବେ ତାହା ସ୍ଥିର କରିଥାନ୍ତି ଆଇଆଇସି। ଏପରିକି ଚୋରି ଓ ଦୁର୍ଘଟଣା ଭଳି ଛୋଟଛୋଟ ମାମଲା ଏଏସ୍ଆଇଙ୍କୁ ଦିଆଯାଉଥିବା ବେଳେ ବଳାତ୍କାର ଓ ଅନ୍ୟ ମାମଲାଗୁଡିକର ତଦନ୍ତ ଭାର ଏସ୍ଆଇ ନେଇଥାନ୍ତି। କିନ୍ତୁ ଅତି ସମ୍ବେଦନଶୀଳ ମାମଲା ଯଥା ହତ୍ୟା ଓ ବ୍ୟାଙ୍କ୍ ଡକାୟତି ଭଳି ବଡ଼ ବଡ଼ ମାମଲା ଆଇଆଇସି ନିଜେ ତଦନ୍ତ କରିଥାନ୍ତି। ଏପରିକି ଥାନାକୁ ଆସୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଅଭିଯୋଗର ତଦନ୍ତ ଭାର ଏସିପି ନେବାକୁ ବାଧ୍ୟ। ପୂର୍ବତନ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଏସ୍ପି ଓ ଡିସିପିଙ୍କୁ ଏକ ସର୍କ୍ୟୁଲାର ଜାରି କରିଥିଲେ, ଯେଉଁଥିରେ ଜଣେ ଆଇଆଇସି ମାସକୁ ୩ଟି ମାମଲା ନେବାକୁ ବାଧ୍ୟ। କିନ୍ତୁ ଏବେ କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି ଯେ, ବହୁ ଜୋନ୍ ଏସିପି ଏବଂ ଆଇଆଇସିଙ୍କ ଦ୍ୱାରା ଏକାଧିକ ମାମଲା ପଡ଼ିରହିଛି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ ରାଜଧାନୀରୁ ଅନ୍ୟତ୍ର ବଦଳି ହୋଇ ଚାଲିଗଲେଣି। ସେମାନଙ୍କ ମାମଲା ଏବେ ଆଇଆଇସି ଓ ଏସିପିଙ୍କ ନାମରେ ଗଡୁଛି, ଯେଉଁମାନେ କି ପ୍ରାୟତଃ ପୁରୁଣା ମାମଲାଗୁଡ଼ିକର ତଦନ୍ତ ପ୍ରତି ଆଗ୍ରହ ଦେଖାଉନାହାନ୍ତି।

ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ, କେତେଦିନ ଭିତରେ ମାମଲା ତଦନ୍ତ କରି କୋର୍ଟକୁ ଚାର୍ଜଶିଟ୍ ଦେବେ ସେମାନଙ୍କ ପାଇଁ କିଛି ଗାଇଡଲାଇନ୍ ନାହିଁ, ଯଦ୍ଦ୍ୱାରା ସେମାନେ ମାସ ମାସ ଧରି ମାମଲା ପକାଇ ରଖୁଛନ୍ତି। ଫଳରେ ସେମାନେ ବଦଳି ହେବାପରେ ମାମଲା ପଡ଼ିରହୁଛି। ଅଭିଯୋଗକାରୀ ନ୍ୟାୟ ପାଇପାରୁନାହାନ୍ତି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ,ଏସିପି ଏବଂ ଆଇଆଇସି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ନେଉଛନ୍ତି। କିନ୍ତୁ ସେମାନେ ଅଭିଯୁକ୍ତ ଗିରଫ ନ କରି ଆଇନଶୃଙ୍ଖଳା ବ୍ୟସ୍ତତା ଦେଖାଇ ମାମଲାକୁ ଗଡ଼ାଇ ଚାଲୁଛନ୍ତି। ଅନେକ କ୍ଷେତ୍ରରେ ପୋଲିସ ଅଭିଯୁକ୍ତଙ୍କ ସହ ଭିତିରି ଡିଲ୍ କରି ମାମଲାକୁ ଚାପି ରଖୁଛି। ଫଳରେ ସେମାନଙ୍କର ଅନ୍ୟ ଜିଲାକୁ ବଦଳି ହେଲେ ମଧ୍ୟ ମାମଲା ଥାନା ଏସିପି ଓ ଆଇଆଇସି ନାମରେ ଗଡୁଛି।

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏସିପି ଓ ଆଇଆଇସିଙ୍କ ଉପରେ ଚାପ ଦେବାଟା ଠିକ୍ ନୁହେଁ। ଗ୍ରାମାଞ୍ଚଳ ପୋଲିସକୁ ମାସକୁ ନିର୍ଦ୍ଦିଷ୍ଟ ମାମଲାର ଚାପ ଦେଲେ ଚଳିବ। କିନ୍ତୁ କଟକ ଓ ଭୁବନେଶ୍ୱରରେ ଏଭଳି କରିହେବ ନାହିଁ। କାରଣ ଏଠାରେ ଆଇନ ଶୃଙ୍ଖଳା ଦାୟିତ୍ୱ ରହୁଥିବାରୁ ମାମଲା ଫଇସଲା କରିବା ସମସ୍ୟା ହେଉଛି। ପଡ଼ି ରହିଥିବା ମାମଲାର ସମାଧାନ କରିବାକୁ ଅଧିକାରୀମାନଙ୍କୁ କୁହାଯିବ।

**ରାଜଧାନୀରେ ପଡ଼ିରହିଥିବା ମାମଲା (୨୦୦୭ରୁ ୨୦୧୮ ମଧ୍ୟରେ)**

| ଥାନା/ଜୋନ୍ | ଆଇଆଇସି ମୋଟ ମାମଲା | ଆଇଆଇସି ପଡ଼ି ରହିଛି | ଏସିପି ମୋଟ ମାମଲା | ଏସିପି ପଡ଼ି ରହିଛି |
|---|---|---|---|---|
| ଶହୀଦନଗର | ୧୨୦ | ୯୨ | ୮୪ | ୬୦ |
| ବଡ଼ଗଡ଼ | ୭୩ | ୪୦ | ୪୧ | ୨୦ |
| ଲକ୍ଷ୍ମୀସାଗର | ୧୦୫ | ୩୬ | ୨୮ | ୧୨ |
| ବାଲିପାଟଣା | ୧୨୫ | ୧୨ | ୧୩୪ | ୨୩ |
| ବାଲିଅନ୍ତା | ୭୮ | ୨୩ | ୮୮ | ୪୦ |
| କ୍ୟାପିଟାଲ | ୨୪୯ | ୨୧୦ | ୨୧ | ୭ |
| ଖାରବେଳନଗର | ୩୭୦ | ୩୨୫ | ୪୧ | ୩୫ |
| ମହିଳା | ୨୫୨ | ୬୯ | ୫୬ | ୧୩ |
| ଲିଙ୍ଗରାଜ | ୭୭ | ୨୬ | ୫୦ | ୯ |
| ଏୟାରଫିଲ୍ଡ | ୧୨୦ | ୬୩ | ୫୪ | ୫ |
| ଧଉଳି | ୭୮ | ୪୯ | ୩୩ | ୧୦ |
| ଜଟଣୀ | ୧୧୫ | ୬୬ | ୬୨ | ୧୯ |
| ତମାଣ୍ଡୋ | ୬୨ | ୪୨ | ୧୬ | ୭ |
| ଖଣ୍ଡଗିରି | ୧୧୭ | ୪୯ | ୫୮ | ୨୧ |
| ନୟାପଲ୍ଲୀ | ୧୬୮ | ୪୨ | ୫୫ | ୧୮ |
| ଚନ୍ଦ୍ରଶେଖରପୁର | ୧୨୬ | ୮୪ | ୪୯ | ୨୧ |
| ଇନ୍‌ଫୋସିଟି | ୮୨ | ୩୫ | ୧୬ | ୨ |
| ଚନ୍ଦକା | ୯୦ | ୧୮ | ୧୯ | ୩ |
| ନନ୍ଦନକାନନ | ୫୭ | ୫ | ୨୦ | ୪ |
| ମଞ୍ଚେଶ୍ୱର | ୯୩ | ୫୭ | ୫୯ | ୧୯ |

# ବିକ୍ରମ ଭାଙ୍ଗିନି, ଢଳିରହିଛି

ବେଙ୍ଗାଲୁରୁ/ଚେନ୍ନାଇ,୯।୯



- ଯୋଗାଯୋଗ ସ୍ଥାପନ ଲାଗି ଉଦ୍ୟମ ଜାରି
- ଅର୍ବିଟର କକ୍ଷ ହ୍ରାସ ବିପଜ୍ଜନକ ହୋଇପାରେ

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସୂକ୍ଷ୍ମ ଅବତରଣ କରିବାରେ ବିଫଳ ହୋଇଥିଲେ ହେଁ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଆଶା ହରାଇନାହିଁ। ଏହା ସହ ସଂଯୋଗ ସ୍ଥାପନ ପାଇଁ ବୈଜ୍ଞାନିକମାନେ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ସୂକ୍ଷ୍ମ ଅବତରଣ କରି ନ ପାରିବାରୁ ବିକ୍ରମ ଚନ୍ଦ୍ରପୃଷ୍ଠରେ ଢଳି ରହିବା ସହ ରୋଭର ପ୍ରଜ୍ଞାନ ଏହା ଭିତରେ ରହିଯାଇଛି। ତେବେ ବିକ୍ରମ ଅକ୍ଷତ ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହା ସହ ସଂଯୋଗ ସ୍ଥାପନ ପାଇଁ ଅର୍ବିଟରର କକ୍ଷ ହ୍ରାସ ନିମନ୍ତେ କେତେଜଣ ବୈଜ୍ଞାନିକ ଚିନ୍ତା କରୁଥିବାବେଳେ ଏହା ବିପଜ୍ଜନକ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଇସ୍ରୋର ପୂର୍ବତନ ଅଧିକାରୀ। ଇସ୍ରୋ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚନ୍ଦ୍ରପୃଷ୍ଠରୁ ଅର୍ବିଟରର ଦୂରତା ୧୦୦ କିଲୋମିଟର ରହିଥିବାବେଳେ ଏହାକୁ ୫୦ କି.ମି.କୁ କମାଇବା କଥା ଚିନ୍ତା କରାଯାଉଛି। ଏହା ହେଲେ ବିକ୍ରମରୁ ଆସୁଥିବା ଅପେକ୍ଷାକୃତ କ୍ଷିଣ ସିଗ୍‌ନାଲକୁ ହୁଏତ ଅର୍ବିଟର ଧରିବାରେ ସକ୍ଷମ ହୋଇପାରେ। ତେବେ ଏହା ଏକ ବିପଜ୍ଜନକ ପ୍ରୟାସ ବୋଲି ପୂର୍ବତନ ଅଧିକାରୀ କହିଛନ୍ତି। ଅର୍ବିଟର ତଳକୁ ଖସିଲେ ମଧ୍ୟ ଏହା ଲ୍ୟାଣ୍ଡରକୁ ପୁନଃକ୍ଷମ କରିପାରିବ ନାହିଁ। ତଳକୁ ଖସାଇବା ପାଇଁ ଅର୍ବିଟର ଭିତରେ ଥିବା ଇଞ୍ଜିନକୁ କାର୍ଯ୍ୟକ୍ଷମ କରିବାକୁ ପଡିବ। ତାହା ହେଲେ ସେଥିରେ ଥିବା ଇନ୍ଧନ ଶୀଘ୍ର ଶେଷ ହେବା ସହ ଅର୍ବିଟରର କାର୍ଯ୍ୟକାଳ ମଧ୍ୟ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରୁ ୨.୧ କିଲୋମିଟର ଉଚ୍ଚରେ ଥିବାବେଳେ ଇସ୍ରୋ ଗ୍ରାଉଣ୍ଡ ଷ୍ଟେଶନ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅର୍ବିଟର ପଠାଇଥିବା ଫଟୋଚିତ୍ର ଅନୁଯାୟୀ ବିକ୍ରମ ଚନ୍ଦ୍ରପୃଷ୍ଠରେ ନିର୍ଦ୍ଧାରିତ ସ୍ଥାନଠାରୁ ସାମାନ୍ୟ ଦୂରରେ ହାର୍ଡ ଲ୍ୟାଣ୍ଡିଂ କରିଛି ଏବଂ ଅକ୍ଷତ ଅବସ୍ଥାରେ ରହିଛି। ତେବେ ଏହା ଢଳିରହିଥିବା ଇସ୍ରୋର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ ସଂଯୋଗ ସ୍ଥାପନ ପାଇଁ ଇସ୍ରୋର ଏକ ଟିମ୍ କାମରେ ଲାଗିଛନ୍ତି।

ଲ୍ୟାଣ୍ଡର ବିକ୍ରମର କାର୍ଯ୍ୟକାଳ ୧୪ ଦିନ ହୋଇଥିବାବେଳେ ଏହା ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ଲାଗି ଉଦ୍ୟମ ଜାରି ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଶନିବାର କହିଥିଲେ। ଯଦି ସବୁ ଠିକ୍‌ଠାକ୍ ନ ଥାଏ ☞ପୃଷ୍ଠା-୪

# ୨ ନାବାଳକ ପୁଅଙ୍କୁ ହତ୍ୟାକରି ମା'ଙ୍କ ଆତ୍ମହତ୍ୟା

- ହତ୍ୟା ସନ୍ଦେହ ଆଣିଲେ ପରିବାରବର୍ଗ

ଭବାନୀପାଟଣା,୯।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଙ୍ଗଝରଣ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ୨ ଶିଶୁଙ୍କୁ ତଣ୍ଡିକାଟି ହତ୍ୟା କରିବା ପରେ ମା' ନିଜେ ଯାଇ ରେଳ ଧାରଣାରେ ଆତ୍ମହତ୍ୟା କରିବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତା ବିମଳାଙ୍କ ମା' ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ ଗ୍ରାମର ଲିଙ୍ଗ ମାଝି (୩୮)ଙ୍କ ସ୍ତ୍ରୀ ବିମଳା (୩୫) ଓ ୨ ନାବାଳକ ପୁଅ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨)ଙ୍କ ସହ ରହୁଥିଲେ। ଲିଙ୍ଗ ଗତ ୪ ମାସ ହେଲା ଗାଁର ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସୋମବାର ଭୋରରୁ ଲିଙ୍ଗଙ୍କ ୨ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ର ତାଙ୍କ ଘରେ ବେକ କଟା ଅବସ୍ଥାରେ ମରିପଡିଥିବା ପଡୋଶୀ ଲୋକେ ଦେଖିଥିଲେ। ଏହା ପରେ ଉକ୍ତ ଗ୍ରାମ ଦେଇ ଯାଇଥିବା ଭବାନୀପାଟଣା-ଜୁନାଗଡ ରେଳ ଲାଇନ ଉପରେ ଜଣେ ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ, ଯାହାକି ଲିଙ୍ଗ ମାଝିଙ୍କ ସ୍ତ୍ରୀ ବିମଳା ବୋଲି ଚିହ୍ନଟ କରାଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଲିଙ୍ଗଙ୍କୁ ଅଟକ ରଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହିତ ଲିଙ୍ଗଙ୍କ ସମ୍ପର୍କ ଥିବା ଓ ଏଥିପାଇଁ ତାଙ୍କ ପରିବାରରେ ବାରମ୍ବାର କଳହ ଲାଗି ରହିଥିବା ଯୋଗୁ ଏପରି ଅଭାବନୀୟ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଥାନାକୁ ଆଣି ପଚରା ଉଚରା ଚଳାଇଥିବା ଜଣାପଡିଛି। ଭବାନୀପାଟଣା ସଦର ପୋଲିସ ଅଧିକାରୀ ପ୍ରଦୀପ ଧରୁଆ, କଳାହାଣ୍ଡି ଏସପି ବି.ଗଙ୍ଗାଧରଙ୍କ ସମେତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଅଧିକାରୀମାନେ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

**ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍**

# ଭାରତୀୟ ଦଳରେ ଓଡ଼ିଶାର ସ୍ନେହା, ଝିଲ୍ଲୀ



ସ୍ନେହା

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ଥାଇଲାଣ୍ଡର ପଟ୍ଟାୟାଠାରେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟଭାବେ ବିବେଚିତ ହେଉଥିବା ଏହି ପ୍ରତିଯୋଗିତା ପାଇଁ ସୋମବାର ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ଝିଲ୍ଲୀ ଦଳବେହେରା ଓ ସ୍ନେହା ସୋରେନ ସ୍ଥାନ ପାଇଛନ୍ତି। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଝିଲ୍ଲୀ ୪୫ କେଜି ଓ ସ୍ନେହା ୫୫ କେଜି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହିଳା ଦଳରେ ସ୍ଥାନ ପାଇଥିବା ଅନ୍ୟ ଭାରୋତ୍ତୋଳିକାମାନେ ହେଲେ ପୂର୍ବତନ ଚାମ୍ପିୟନ ମୀରାବାଇ ଚାନୁ(୪୯ କେଜି) ଓ ରାଖି ହାଲଦାର(୬୪ କେଜି)। ପୁରୁଷ ବିଭାଗରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଅଜୟ ସିଂ(୮୧ କେଜି), ଜାତୀୟ ☞ପୃଷ୍ଠା-୪



ଝିଲ୍ଲୀ

**ଆଜିର ସମ୍ପାଦକୀୟ**

**ବାତିଲ ଶୁଭଙ୍କର**

**ଆଜିର ମନ୍ତବ୍ୟ**

"ଜୀବନବ୍ୟାପୀ କ୍ୟାରିଅର କରିବାକୁ ମୁଁ କଂଗ୍ରେସରେ ଯୋଗଦେଇ ନ ଥିଲି।

-ଶଶୀ ଥରୁର୍, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଦେଶରୁ ଚାଉଳ ରପ୍ତାନି ୨୬.୫% ହ୍ରାସ ଘଟି ୩.୧୪ ନିୟୁତ ଟନ୍ ରହିଛି।

- କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ରପ୍ତାନି ଉନ୍ନତୀକରଣ କର୍ତ୍ତୃପକ୍ଷ






**କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି**

........୧୫........





NECC NATIONAL EGG CO-ORDINATION COMMITTEE 09.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 60 | 106 | 116 |
| BLS | 61 | 107 | 117 |
| ANG | 59 | 105 | 115 |
| BHM | 56 | 101 | 111 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


- ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଜାରି

# ଅଗଷ୍ଟରେ ସର୍ବାଧିକ ଗାଡ଼ି ବିକ୍ରି ହ୍ରାସ

ନୂଆଦିଲ୍ଲୀ,୯।୯

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାଡ଼ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ତଳିତଳାନ୍ତ କଲାଣି। କ୍ରମାଗତ ଦଶମ ମାସ ହେଲା ଗାଡ଼ି ବିକ୍ରି ହ୍ରାସ ପାଇ ଚାଲିଛି। ଗାଡ଼ି ନିର୍ମାଣକାରୀ ସଂଗଠନ ସିଆମ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷର ଏହି ଅବଧି ତୁଳନାରେ ଅତ୍ୟନ୍ତ କମ୍ ରହିଛି। ପ୍ରାୟ ସମସ୍ତ କମ୍ପାନୀର ଗାଡ଼ି(ଦୁଇ, ତିନି ଓ ୪ ଚକିଆ) ବିକ୍ରି ସର୍ବାଧିକ ହ୍ରାସ ପାଇଛି। ସିଆମ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷ ଅପେକ୍ଷା ୩୧.୫୭ ପ୍ରତିଶତ ହ୍ରାସ ପାଇ ୧,୯୬,୫୨୪ ରହିଛି। ଗତବର୍ଷ ଏହି ସମୟରେ ୨,୮୭, ୧୯୮ ଗାଡ଼ି ବିକ୍ରି ହୋଇଥିଲା। ଗାଡ଼ି ବିକ୍ରିର ଏହା ଦୀର୍ଘ ୨୧ ବର୍ଷର ସର୍ବନିମ୍ନ ସ୍ତର। ୧୯୯୭-୯୮ପରେ ଗାଡ଼ି ବିକ୍ରି ଅଗଷ୍ଟ ମାସରେ ସର୍ବନିମ୍ନ ସ୍ତର ଛୁଇଁଛି। ☞ପୃଷ୍ଠା-୪

## ୧୮ ଦିନ କାମ ବନ୍ଦ କଲା ଅଶୋକ ଲେଲାଣ୍ଡ

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ଚିନ୍ତିତ କମ୍ପାନୀଗୁଡ଼ିକ କାର୍ଯ୍ୟ ସମୟ ହ୍ରାସ କରିବା ଭଳି ଉପାୟ ଆପଣାଇବା ଆରମ୍ଭ କଲେଣି। ମାରୁତି ତା'ର ଗୁରୁଗ୍ରାମ ଓ ମାନେସର ସ୍ଥିତ ଦୁଇଟି ପ୍ଲାଣ୍ଟରେ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେବା ପରେ ଏବେ ହିନ୍ଦୁଜା ଗ୍ରୁପ୍ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ ଚଳିତ ମାସରେ ନିଜର ସମସ୍ତ କାରଖାନାରେ ୫ରୁ ୧୮ ଦିନ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ଯାଉଛି। ଚାହିଦା ହ୍ରାସ ପାଉଥିବାରୁ କାମ ବନ୍ଦ କରିବାକୁ କମ୍ପାନୀ ବାଧ୍ୟ ହୋଇଛି ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କମ୍ପାନୀର ପନ୍ତନଗର କାରଖାନାରେ ସର୍ବାଧିକ ୧୮ ଦିନ କାମ ବନ୍ଦ ରହିବ। ଏହାଛଡ଼ା ଅଲ୍‌ବରରେ ୧୦ ଦିନ, ଭଣ୍ଡାରାରେ ୧୦ ଦିନ, ଏନ୍ନୋରରେ ୧୬ ଦିନ ଏବଂ ହୋସୁର୍ କାରଖାନାରେ ୫ ଦିନ କାର୍ଯ୍ୟବନ୍ଦ ରଖିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ସୂଚନାଥାଉ କି, ଦେଶର ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଅତ୍ୟନ୍ତ ଗୁରୁତର ହୋଇଛି। ଦେଶର ସର୍ବବୃହତ ଗାଡ଼ି ନିର୍ମାତା ମାରୁତି ଇତିମଧ୍ୟରେ ପ୍ରାୟ ୩ ହଜାର ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିସାରିଲାଣି। ଅନ୍ୟମାନେ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି। କାରଖାନାରେ କାମ ବନ୍ଦ କରିବା ପୂର୍ବରୁ ଅଶୋକ ଲେଲ୍ୟାଣ୍ଡ ଚାକିରି ଛାଡ଼ିବା ଲାଗି କର୍ମଚାରୀଙ୍କୁ ପ୍ରସ୍ତାବ ଦେଇଥିଲା। କମ୍ପାନୀ ପକ୍ଷରୁ ସେମାନଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ଏବଂ କର୍ମଚାରୀ ପୃଥକ ହେବା ଯୋଜନା(ଇଏସ୍‌ଏସ୍) ଆପଣାଇବାକୁ ପ୍ରସ୍ତାବ ଦିଆଯାଇଛି। ସୂଚନାଥାଉ କି, ଅଶୋକ ଲେଲ୍ୟାଣ୍ଡ ମୁଖ୍ୟତଃ କମର୍ସିଆଲ ଗାଡ଼ି ନିର୍ମାଣ କରିଥାଏ। ଅଗଷ୍ଟରେ କମ୍ପାନୀ ୯୨୩୧ ଗାଡ଼ି ବିକ୍ରି କରିପାରିଥିଲା, ଯାହା କି ପୂର୍ବବର୍ଷ ତୁଳନାରେ ୪୭% କମ୍। ଗତବର୍ଷ ଏହି ସମୟରେ କମ୍ପାନୀ ୧୭,୩୮୬ ଗାଡ଼ି ବିକ୍ରି କରିଥିଲା। କମ୍ପାନୀ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ମଧ୍ୟମ ଏବଂ ଭାରି ବାଣିଜ୍ୟିକ ଗାଡି ବିକ୍ରି ଚଳିତ ମାସରେ ହ୍ରାସ ପାଇ ୫୩୪୯ ରହିଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



“ମ୍ୟାଲେରିଆ ନିରାକରଣକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।
- ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



## ଭାରତୀୟ ସେନାର ଦୃଢ଼ କାର୍ଯ୍ୟାନୁଷ୍ଠାନ

# ପିଓକେରେ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱଂସ

ନୂଆଦିଲ୍ଲୀ, ୯।୯



ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନରେ ପିଓକେରେ ଥିବା ପାକ୍ ସେନାର ଏକ ଶିବିର ଓ ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍ ଧ୍ୱଂସ ହୋଇଛି। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ ଲାଗି ପାକିସ୍ତାନ ସେନା ପକ୍ଷରୁ ସୁରକ୍ଷା ଓ ପ୍ରୋତ୍ସାହନ ଦିଆଯାଉଥିଲା। ପିଓକେର ଲୀପା ଉପତ୍ୟକାରେ ଥିବା ପାକିସ୍ତାନର ଗୁପ୍ତ ଆଡ୍ଡା ଉପରେ ସୋମବାର ଭାରତୀୟ ସେନା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାକିସ୍ତାନ ସେନା ଶିବିରକୁ ଲାଗିକରି ଏହି ଲଞ୍ଚପ୍ୟାଡ୍‌ଟି ଥିଲା। ପାକ୍ ସେନା ସହାୟତାରେ ଆତଙ୍କବାଦୀମାନେ ଏହିଠାରୁ ସୀମାନ୍ତ ଗ୍ରାମଗୁଡ଼ିକରେ ଆକ୍ରମଣ ଜାରି ରଖିଥିଲେ। ଗୁଳିଗୋଳା ବର୍ଷଣ ଓ ମୋର୍ଟାର ଆକ୍ରମଣ କରି ସେଠାରେ ଆତଙ୍କ ସୃଷ୍ଟି କରୁଥିଲେ।

ପିଓକେରେ ଜମାତ୍-ଇ-ଇସ୍‌ଲାମି ଓ ଅନ୍ୟ ଆତଙ୍କବାଦୀମାନେ କ୍ୟାମ୍ପକରି ଜେହାଦୀଙ୍କୁ ପ୍ରଶିକ୍ଷଣ ଦେଉଥିବା ଜଣାପଡ଼ିଛି। ଏଥିସହ ରାୱଲକୋଟର ତାର୍‌ନୁଟି ଓ ପୋଥିବାଲାରେ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ପାକ୍ ସେନା ସହାୟତାରେ ଜୈଶ୍-ଇ-ତୋଇବା, ହିଜ୍‌ବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନ ଏଠାରେ ସକ୍ରିୟ ରହିଛନ୍ତି। ନିୟନ୍ତ୍ରଣରେଖା ପାର୍‌ହୋଇ ଏମାନେ ଭାରତରେ ପଶିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗୋଇନ୍ଦା ରିପୋର୍ଟ ମୁତାବକ ପାକ୍ ସେନା ଓ ଆଇଏସ୍ଆଇ ପିଓକେରେ ଆତଙ୍କବାଦୀ ଶିବିର ସଂଖ୍ୟା ବୃଦ୍ଧି କରିବା ସହ ଏହାର କାର୍ଯ୍ୟକଳାପ ବଢ଼ାଇବାରେ ଲାଗିଛନ୍ତି। ପିଓକେରେ ପ୍ରାୟ ୧୮ ଆତଙ୍କବାଦୀ ଶିବିର ଓ ଲଞ୍ଚପ୍ୟାଡ୍ କାର୍ଯ୍ୟକ୍ଷମ ରହିଛି। ନିୟନ୍ତ୍ରଣରେଖା ଡେ଼ଇଁ ଏମାନେ ଭାରତ ଭିତରକୁ ପ୍ରବେଶ କରିବା ଅପେକ୍ଷାରେ ରହିଛନ୍ତି। ଜମ୍ମୁ-କଶ୍ମୀରରେ ମୁତୟନ ହୋଇଥିବା ଭାରତୀୟ ସେନା ଶିବିର ଓ ବିଭିନ୍ନ ଧର୍ମପୀଠକୁ ଟାର୍ଗେଟ କରିବା ଲାଗି ପାକ୍‌ସେନା ପକ୍ଷରୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ୩୭୦ ଧାରା ଉଚ୍ଛେଦ ହେବା ପରେ ପାକିସ୍ତାନର ଅଭିଯୋଗକୁ ଅନ୍ତର୍ଜାତୀୟ ସମୁଦାୟ କୋଣଠେସା କରିବା ପରେ କଶ୍ମୀରରେ ରକ୍ତ ନଦୀ ବୁହାଇବା ଲାଗି ଆତଙ୍କବାଦୀମାନେ ପ୍ରୟାସ କରୁଥିବା ଜଣାପଡ଼ିଛି। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି।

## ସେନା ଶିବିରରେ ଆକ୍ରମଣ ଲାଗି ଲଶ୍କରର ଯୋଜନା

ନୂଆଦିଲ୍ଲୀ, ୯।୯

ଜମ୍ମୁ-କଶ୍ମୀରର ସେନା କ୍ୟାମ୍ପ ଉପରେ ଆକ୍ରମଣ ଲାଗି ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ଯୋଜନା କରୁଛି। ସାମ୍ବା ଜିଲାର ବାରି ବ୍ରାହ୍ମଣ କ୍ୟାମ୍ପ, ଜମ୍ମୁର ସୁଞ୍ଜୱାନ୍ ଓ କାଲୁଚକ୍ ସେନା ଶିବିର ଉପରେ ଆକ୍ରମଣ କରାଯିବାର ଆଶଙ୍କା ରହିଛି। ୪ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଭାରତ ଭିତରକୁ ପଶି ଆସିଥିବାବେଳେ ସେନାରେ ଏଥିଲାଗି ପ୍ରସ୍ତୁତି ଚଳାଇଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ସୋପିଆନ୍ ଅଞ୍ଚଳ ଦେଇ ଅଧିକ ଆତଙ୍କବାଦୀ ଭାରତ ଭିତରକୁ ପଶିବାର ଆଶଙ୍କା ରହିଥିବା ମଧ୍ୟ ଦର୍ଶାଯାଇଛି। ନିୟନ୍ତ୍ରଣରେଖା ନିକଟରେ ଶତାଧିକ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଥିବାବେଳେ ଭାରତ ଲାଗି ଏହା ଚିନ୍ତାର କାରଣ ପାଲଟିଛି। ଏଥିସହ ଆଇଏସ୍ଆଇ ପକ୍ଷରୁ ଆତଙ୍କବାଦୀଙ୍କୁ ବିଭିନ୍ନ ଧର୍ମପୀଠ ଉପରେ ଆକ୍ରମଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କଶ୍ମୀରରେ ହିଂସାକାଣ୍ଡ ଭିଆଇବା ଓ ସେଠାକାର ଲୋକଙ୍କ ମନରେ ଧର୍ମକୁ ନେଇ ବିଷ ମଞ୍ଜି ବୁଣିବା ପାକିସ୍ତାନର ଉଦ୍ଦେଶ୍ୟ। ୩୭୦ ଧାରା ଉଚ୍ଛେଦ ପରେ ସ୍ଥିତି ସମ୍ଭାଳିବା ଲାଗି ଜମ୍ମୁ-କଶ୍ମୀରକୁ ଅଧିକ ଫୋର୍ସ ପଠାଯାଇଥିବାବେଳେ ଆତଙ୍କବାଦୀମାନେ ଆଇଏସ୍ଆଇର ପ୍ରରୋଚନାରେ ସେନା ଶିବିର ଓ ବିଭିନ୍ନ ଧାର୍ମିକ ସ୍ଥଳକୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ସୁରକ୍ଷା ବୃଦ୍ଧି ସହ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ବ୍ୟାଟ୍’ର ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲା ଭାରତୀୟ ସେନା

ଜମ୍ମୁ, ୯।୯

୩୭୦ ଧାରା ଉଚ୍ଛେଦ ପରେ ହତୋତ୍ସାହିତ ହୋଇପଡ଼ିଥିବା ପାକିସ୍ତାନର ଗୋଟିଏ ପରେ ଗୋଟିଏ ହୀନ ଚକ୍ରାନ୍ତ ପଦାକୁ ଆସୁଛି। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପାକିସ୍ତାନର ବ୍ୟାଟ୍ (ବର୍ଡର ଆକ୍ସନ୍ ଟିମ୍) ସ୍କ୍ୱାଡ୍ ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାର କେରନ୍ ସେକ୍ଟରରେ ଅନୁପ୍ରବେଶ ଲାଗି ପ୍ରୟାସ କରିଥିବାବେଳେ ଭାରତୀୟ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏନେଇ ସୋମବାର ଭିଡିଓ ଜାରି କରାଯାଇଛି। ଭିଡିଓରେ ପାକ୍ ସେନା ଓ ଆତଙ୍କବାଦୀଙ୍କ ମୃତଦେହ ଓ ବ୍ୟାପକ ଅସ୍ତ୍ରଶସ୍ତ୍ର ଦେଖିବାକୁ ମିଳିଛି। ପିଓକେରେ ୧୨ରୁ ଅଧିକ ଆତଙ୍କବାଦୀ ଶିବିର ପାକ୍ ପ୍ରୋତ୍ସାହନରେ ଚାଲିଥିବା ଖବର ମିଳିବା ପରେ ସେନା ସଜାଗ୍ ହୋଇପଡ଼ିଥିଲା। କଶ୍ମୀରକୁ ନେଇ

### ଭିଡିଓ ଜାରିହେଲା



ପାକ୍ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଓ ଭାରତ ବିରୋଧୀ ହୀନ ଚକ୍ରାନ୍ତକୁ ଆଖିଆଗରେ ରଖି ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ସତର୍କତା ଅବଲମ୍ବନ କରାଯାଇଥିଲା। ବ୍ୟାଟ ଅନୁପ୍ରବେଶ ଉଦ୍ୟମ ବେଳେ ଭାରତୀୟ ସେନା ଏହାର ଦୃଢ଼ ଜବାବ୍ ଦେଇଥିଲା ବୋଲି କୁହାଯାଇଛି।

## ଆଝାରଙ୍କୁ ମୁକ୍ତ କଲା ପାକ୍

ନୂଆଦିଲ୍ଲୀ, ୯।୯

### କଶ୍ମୀରରେ ଅସ୍ଥିରତା ସୃଷ୍ଟି ଦାୟିତ୍ୱ

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଇସ୍‌ଲାମାବାଦ ଗୋପନରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ହାଜତରୁ ମୁକ୍ତ କରିଦେଇଛି। କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ ଚଳାଇ ଅସ୍ଥିରତା ସୃଷ୍ଟି



କରିବାକୁ ତାଙ୍କୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ଜେଇଏମ୍‌ର ଅଣ୍ଡରୱାଟର ଶାଖା ଭାରତରେ ଆକ୍ରମଣ କରିବା ପାଇଁ ତାଲିମ ନେଉଥିବା ସମ୍ପର୍କରେ ଗୋଇନ୍ଦା ବିଭାଗ ନୌସେନାକୁ ସତର୍କ କରାଇଥିଲା। ସମୁଦ୍ର ପଥରେ ଯେପରି ଆତଙ୍କବାଦୀ ଭାରତରେ ପ୍ରବେଶ କରି ନ ପାରନ୍ତି ସେଥିପାଇଁ ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ ତଟସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ ମେ ମାସରେ ଆଝାରଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲା ଜାତିସଂଘ। ଭାରତରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ସହ ସେ ଜଡିତ।

## ଦକ୍ଷିଣ ଭାରତରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

ନୂଆଦିଲ୍ଲୀ, ୯।୯

### ଗୋଇନ୍ଦା ସୂଚନା ପରେ ସେନା ସତର୍କ

ଦକ୍ଷିଣ ଭାରତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସେନା ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଦକ୍ଷିଣ ଭାରତରେ ପଶି ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ସେନାକୁ ସୂଚନା ଦିଆଯାଇଥିଲା। ଗୁଜରାଟ ଉପକୂଳର ସାର୍ କ୍ରିକ୍ ଅଞ୍ଚଳରୁ କେତେକ ପରିତ୍ୟକ୍ତ ବୋଟ୍ ମିଳିବା ପରେ ଏଭଳି ସନ୍ଦେହ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଦକ୍ଷିଣ ଭାରତର ଉପକୂଳ ଅଞ୍ଚଳ ସୁରକ୍ଷା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବିପଦକୁ ଆଖି ଆଗରେ ରଖି ପଦକ୍ଷେପ ଗ୍ରହଣ କରାଯାଇଥିବା ସଦର୍ନ କମାଣ୍ଡର ଜେନେରାଲ ଅଫିସର୍ କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସାଇନୀ ପ୍ରକାଶ କରିଛନ୍ତି। ଦକ୍ଷିଣ ଭାରତ ସହ ଭାରତ-ପାକ୍ ସୀମାରେ ସେନା ସଜାଗ୍ ରହିଥିବା ସେ ପ୍ରକାଶ କରିଛନ୍ତି।

# କମଳନାଥଙ୍କ ଅଡୁଆ ବଢ଼ିଲା

ନୂଆଦିଲ୍ଲୀ, ୯।୯ (ଆଇଏଏନ୍ଏସ୍)

### ୧୯୮୪ ଦଙ୍ଗା ମାମଲାର ପୁନଃତଦନ୍ତ ହେବ



୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା ଫାଇଲ ପୁଣି ଥରେ ଖୋଲିବା ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଞ୍ଜୁରୀ ଦେବା ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ଅଡୁଆ ବଢ଼ିଯାଇଛି। କମଳନାଥଙ୍କ ବିରୋଧରେ ମାମଲା ଚାଲିବ ବୋଲି ଦିଲ୍ଲୀର ଶିରୋମଣି ଅକାଳୀ ଦଳ ବିଧାୟକ ମନିନ୍ଦର ସିଂ ସିର୍ସା ସୂଚନା ଦେଇଛନ୍ତି। କମଳନାଥଙ୍କ ବିରୋଧରେ ମାମଲାର ଫାଇଲ ପୁଣିଥରେ ଖୋଲୁଥିବାରୁ ଅକାଳୀ ଦଳର ଏହା ବଡ଼ ବିଜୟ ବୋଲି ସେ କହିଛନ୍ତି।

ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ଅଧ୍ୟକ୍ଷ ଥିବା ସିର୍ସା କହିଛନ୍ତି, କମଳନାଥଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ ଏସ୍ଆଇଟି କରିବ। କମଳନାଥ ଶିଖ୍‌ମାନଙ୍କୁ ହତ୍ୟା କରିଥିବା ଘଟଣାରେ ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନେ ନିର୍ଭୟରେ ଆସି ସାକ୍ଷ୍ୟ ଦେବା ପାଇଁ ସିର୍ସା ଟୁଇଟ୍ କରି ଅନୁରୋଧ କରିଛନ୍ତି। କମଳନାଥ ଖୁବ୍‌ଶୀଘ୍ର ଗିରଫ ହେବେ ଓ ସଜ୍ଜନ କୁମାର ଦଶା ଭୋଗିବେ ବୋଲି ଅକାଳୀ ନେତା କହିଛନ୍ତି।

ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାର ଆଜୀବନ ଜେଲ୍‌ଦଣ୍ଡ ଭୋଗୁଛନ୍ତି। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଶିଖ୍‌ମାନଙ୍କୁ ନ୍ୟାୟ ଦେବାକୁ ହେଲେ କମଳନାଥଙ୍କୁ ଇସ୍ତଫା ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କୁହନ୍ତୁ ବୋଲି ଅକାଳୀ ନେତା ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଦଳ ଅଧ୍ୟକ୍ଷା ଉଭୟ କମଳନାଥ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଦିଲ୍ଲୀ ଡାକିଛନ୍ତି। ମଙ୍ଗଳବାର ଓ ବୁଧବାର ସେମାନଙ୍କ ସହ ସୋନିଆ ପୃଥକ୍ ଭାବେ ଆଲୋଚନା କରିବେ।

## ଭାଜପାକୁ ଫେରିଲେ କଲ୍ୟାଣ ସିଂ

ଲକ୍ଷ୍ନୌ, ୯।୯ (ପି.ଟି.)

ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ସୋମବାର ପୁଣି ଭାଜପାରେ ଯୋଗ ଦେଇଛନ୍ତି। ରାଜସ୍ଥାନର ରାଜ୍ୟପାଳ ଭାବେ



କାର୍ଯ୍ୟକାଳ ଶେଷ ହେବା ପରେ ସେ ୟୁପି ଭାଜପା ମୁଖ୍ୟ ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ଦଳର ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି। ତାଙ୍କ ପୁଅ ରାଜବୀର ସିଂ ଏବେ ଏମ୍‌ପି ଓ ନାତି ସନ୍ଦୀପ ସିଂ ଉତ୍ତରପ୍ରଦେଶରେ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ପଦ ଛାଡ଼ିବା ପରେ ଏବେ ବାବ୍ରୀ ମସ୍‌ଜିଦ୍ ମାମଲାରେ ସେ ଛନ୍ଦି ହେବାର ଆଶଙ୍କା ପ୍ରକାଶ ପାଇଛି। ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗାଯାଇଥିଲା।

# ଦିନକ ପାଇଁ ପୋଲିସ କମିଶନର ହେଲେ ୫ ଶିଶୁ




ବେଙ୍ଗାଲୁରୁ, ୯।୯

ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ୫ ଜଣ ଶିଶୁଙ୍କୁ ସୋମବାର ବେଙ୍ଗାଲୁରୁ ପୋଲିସ ଦିନକ ପାଇଁ ପୋଲିସ କମିଶନର ପଦବୀରେ ଅବସ୍ଥାପିତ କରି ସେମାନଙ୍କ ଅଭିଳାଷ ପୂରଣ କରିଛି। ଏଥିସହିତ ପୋଲିସର ଏକ ଭିନ୍ନ ଛବି ସାମନାକୁ ଆସିଛି। ପିଲାମାନଙ୍କୁ ପୋଲିସ କମିଶନର ପୋଷାକ ଦିଆଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କମିଶନର ସେମାନଙ୍କୁ ବେଙ୍ଗାଲୁରୁ ସହରର ପୋଲିସର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦୁରାରୋଗ୍ୟ ବ୍ୟାଧିରୁ ସେମାନଙ୍କୁ ମାନସିକ ସ୍ତରରେ ମୁକ୍ତ କରିବା ଲାଗି ଏହା ଏକ ପ୍ରୟାସ ଥିଲା। ଏଥିପାଇଁ ମେକ୍ ଏ ୱିଶ୍ ଫାଉଣ୍ଡେଶନର ଅନୁରୋଧକୁ ବେଙ୍ଗାଲୁରୁ ପୋଲିସ କମିଶନର ଭାସ୍କର ରାଓ ତୁରନ୍ତ ଗ୍ରହଣ କରିନେଇଥିଲେ।

୪ ପୁଅ ଓ ଜଣେ ଝିଅ ପୋଲିସ ପୋଷାକରେ କମିଶନରଙ୍କ ଅଫିସରେ ପହଞ୍ଚିବା ପରେ ସେମାନଙ୍କୁ ଗାର୍ଡ ଅଫ ଅନର ପ୍ରଦାନ ସହ ଅଫିସରେ ବୁଲାଯାଇଥିଲା ଓ କମିଶନରଙ୍କ ଚୌକିରେ ବସିବା ସୁଯୋଗ ଦିଆଯାଇଥିଲା। ସେମାନେ କେତେକ ନକଲି କାଗଜପତ୍ରରେ ସ୍ୱାକ୍ଷର ମଧ୍ୟ କରିଥିଲେ। ପିଲାମାନଙ୍କୁ ଡଗ୍ ସ୍କ୍ୱାଡ ସହ ପରିଚିତ କରାଯାଇଥିଲା, ଯାହାକୁ ସେମାନେ ଉପଭୋଗ କରିଥିଲେ। ଫଟୋ ସେସନ ପାଇଁ ସେମାନଙ୍କୁ ନକଲି ପିସ୍ତଲ ଓ ହ୍ୟାଣ୍ଡକପ୍ ଦିଆଯାଇଥିଲା। ମେକ୍ ଏ ୱିଶ୍ ଫାଉଣ୍ଡେଶନ୍‌ର ଏହା ଏକ ବଡ଼ ପ୍ରୟାସ ବୋଲି କମିଶନର ରାଓ କହିଛନ୍ତି।

## ମାଗ୍‌ସେସେ ପୁରସ୍କାର ପାଇଲେ ରବୀଶ କୁମାର



ମାନିଲା, ୯।୯ (ପି.ଟି.)

ଏନ୍‌ଡିଟିଭି ଇଣ୍ଡିଆର ବରିଷ୍ଠ କାର୍ଯ୍ୟ ନିର୍ବାହୀ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବୀଶ କୁମାର (୪୪)ଙ୍କୁ ସୋମବାର ଫିଲିପାଇନ୍ସର ରାଜଧାନୀ ମାନିଲାରେ ୨୦୧୯ର ସମ୍ମାନଜନକ ରାମୋନ୍ ମାଗ୍‌ସେସେ ପୁରସ୍କାର ପ୍ରଦାନ କରାଯାଇଛି। ଭାରତର ଜଣେ ସୁଦକ୍ଷ ଟିଭି ସାମ୍ବାଦିକ ଭାବେ ସେ ବେଶ୍ ଜଣାଶୁଣା। ବିହାରର ଜିତ୍‌ୱାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରବୀଶ କୁମାର ୧୯୯୬ରେ ଏନ୍‌ଡିଟିଭିରେ ପ୍ରଥମେ ରିପୋର୍ଟର ଭାବେ ଯୋଗ ଦେଇଥିଲେ।

## ଆଦିବାସୀ ପିଲାଙ୍କ ପାଇଁ ଖୋଲିବ ୪୬୨ ଏକଲବ୍ୟ ସ୍କୁଲ

ରାଞ୍ଚି, ୯।୯ (ଆଇଏଏନ୍ଏସ୍)

ଦେଶର ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ତାରିଖରେ ଏକଲବ୍ୟ ସ୍କୁଲ ଶୁଭାରମ୍ଭ କରିବେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସୋମବାର ଏହି ସୂଚନା ଦେଇଛନ୍ତି। ନବୋଦୟ ସ୍କୁଲ ଭଳି ୪୬୨ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆଦିବାସୀ ପିଲା ପଢ଼ିବା ସୁଯୋଗ ପାଇବେ। ଏଥିପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଆଗାମୀ ୨ ବର୍ଷରେ ଏହିସବୁ ସ୍କୁଲ ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତରପୂର୍ବାଞ୍ଚଳ ଓ ଅନ୍ୟାନ୍ୟ ରାଜ୍ୟରେ ଖୋଲିବ ବୋଲି ଏକ ଖବରଦାତା ସମ୍ମିଳନୀରେ ମୁଣ୍ଡା କହିଛନ୍ତି। ପ୍ରତି ସ୍କୁଲ୍‌ରେ ୪୮୦ ପିଲା ପାଠ ପଢ଼ିବାର ବ୍ୟବସ୍ଥା ରହିବ।

ଓଡିଶାରେ ୯୨ଟି ଆଦିବାସୀ ବହୁଳ ବ୍ଲକ୍‌ରେ ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ ଲାଗି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ।

## ଜାତିସଂଘରେ ଉଦ୍‌ବୋଧନ ଦେବେ ମୋଦି

ଜାତିସଂଘ, ୯।୯ (ପି.ଟି.)

### ଇମ୍ରାନଙ୍କ ସହ ହୋଇପାରେ ସାକ୍ଷାତ୍



ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୭ ତାରିଖ ସକାଳେ ଉଦ୍‌ବୋଧନ ଦେବେ। ଏଥିସହ ପାଖାପାଖି ସପ୍ତାହେ ବ୍ୟାପୀ ନ୍ୟୁୟର୍କ ରହଣି କାଳରେ ସେ ଅନେକ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ପ୍ରସଙ୍ଗରେ ବିଭିନ୍ନ ନେତାଙ୍କ ସହ ଆଲୋଚନା କରିବେ। ୨୦୧୪ରେ ମୋଦି ପ୍ରଥମେ ଜାତିସଂଘ ସାଧାରଣ ପରିଷଦରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ୨୭ ତାରିଖରେ ମୋଦିଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଦି ଓ ଇମ୍ରାନ୍‌ଙ୍କ ମଧ୍ୟରେ ସାକ୍ଷାତ ହୋଇପାରେ ବୋଲି କୁହାଯାଉଛି।

ଅଧିବେଶନ ବକ୍ତା ତାଲିକାରେ ୧୧୨ ରାଷ୍ଟ୍ରମୁଖ୍ୟ, ୪୮ ଜଣ ସରକାରୀ ମୁଖ୍ୟ ଏବଂ ୩୦ରୁ ଊର୍ଦ୍ଧ୍ୱ ବହିର୍ବ୍ୟାପାର ମନ୍ତ୍ରୀ ରହିଛନ୍ତି। ଅଧିବେଶନ ୨୪ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ବ୍ରାଜିଲ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଦ୍‌ବୋଧନ ଦେବେ। ନ୍ୟୁୟର୍କ ରହଣି କାଳରେ ମୋଦିଙ୍କୁ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ସମ୍ମାନିତ କରାଯିବ। ୨୦୧୪ ଅକ୍ଟୋବର ୨ରେ ମୋଦି ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିବାକୁ ଯାଉଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସେପ୍ଟେମ୍ବର ୨୪ରେ ଜାତିସଂଘ ମୁଖ୍ୟାଳୟସ୍ଥିତ ଆର୍ଥିକ ସାମାଜିକ ପରିଷଦ ଚାମ୍ବରରେ ମୋଦି ‘ନେତୃତ୍ୱ ପ୍ରସଙ୍ଗ: ସମସାମୟିକ ବିଶ୍ୱରେ ଗାନ୍ଧୀଙ୍କ ପ୍ରାସଙ୍ଗିକତା’ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବେ। ୨୫ରେ ବ୍ଲୁମ୍‌ବର୍ଗ ଗ୍ଲୋବାଲ ବିଜନେସ୍ ଫୋରମ୍‌ରେ ସେ ମୁଖ୍ୟବକ୍ତା ଭାବେ ଯୋଗଦେବେ। ନ୍ୟୁୟର୍କ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଗାନ୍ଧୀ ଶାନ୍ତି ଉଦ୍ୟାନ ଉଦ୍‌ଘାଟନ କରିବେ।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୧୦ର ପ୍ରମୁଖ ଘଟଣା**

**୧**୯୭୬ ସେପ୍ଟେମ୍ବର ୧୦ରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନକୁ ଅପହରଣ କରି ପାକିସ୍ତାନର ଲାହୋର ନିଆଯାଇଥିଲା। ଏହି ବୋଇଂ ୭୩୭ ବିମାନରେ ୭୭ ଜଣ ଯାତ୍ରୀ ଓ ୬ କର୍ମଚାରୀ ଥିଲେ। ଜଣେ ଯାତ୍ରୀ ବିମାନକୁ ଲାହୋର ନେବା ପାଇଁ ପାଇଲଟଙ୍କୁ ବାଧ କରିଥିଲେ। ସେତେବେଳେ ପାକିସ୍ତାନ ସହ ଭାରତର ଭଲ ସମ୍ପର୍କ ଥିଲା। ବିମାନର ନିରାପଦ ଅବତରଣ ପାଇଁ ଭାରତ ଇସ୍‌ଲାମାବାଦକୁ ଅନୁରୋଧ କରିଥିଲା।

**୨**୦୦୭ ସେପ୍ଟେମ୍ବର ୧୦ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ସ୍ୱଦେଶ ଫେରିଥିଲେ। ୧୯୯୯ରେ ତତ୍କାଳୀନ ସେନା ମୁଖ୍ୟ ପରଭେଜ ମୁସାରଫଙ୍କ ନେତୃତ୍ୱରେ ବିଦ୍ରୋହ ପରେ ନୱାଜ ୭ ବର୍ଷ ନିର୍ବାସନରେ ଥିଲେ। ୨୦୦୮ ନିର୍ବାଚନ ପୂର୍ବରୁ ସେ ଫେରିଥିଲେ ହେଁ ଇସ୍‌ଲାମାବାଦ ବିମାନ ବନ୍ଦରରେ ପହଞ୍ଚିବା କ୍ଷଣି ଗିରଫ ହୋଇଥିଲେ।

## ନେକ୍ସଟ ଏ କମେଡିରେ ମୃଣାଳ

**ମୁମ୍ବାଇ:** ଉମେଶ ଶୁକ୍ଲା ନିର୍ଦ୍ଦେଶିତ ‘ନେକ୍ସଟ ଏ କମେଡି’ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ। ମରାଠି ଓ ହିନ୍ଦୀ ଫିଲ୍ମରେ ନିଜର କମାଲ୍ ଦେଖାଇ ସାରିଥିବା ମୃଣାଳ କମେଡି ଫିଲ୍ମ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଏଥିରେ ତାଙ୍କ ସହ ରହିଛନ୍ତି ବରିଷ୍ଠ ସିନେ କଳାକାର ପରେଶ ରାୱଲ, ଅଭିମନ୍ୟୁ ଦଶାନି, ଆର୍ଶାଦ ୱାର୍‌ସି ପ୍ରମୁଖ। ଫ୍ୟାମିଲି ଏଣ୍ଟରଟେନ୍‌ମେଣ୍ଟରେ ଭରି ରହିଛି ଏହି ଫିଲ୍ମ। ସୀମା ପହୱା, ଦିବ୍ୟା ଭଟ୍ଟ ପ୍ରମୁଖ ମଧ୍ୟ ଏଥିରେ ଅଛନ୍ତି। ଘରୋଇ ଦର୍ଶକଙ୍କ ଲାଗି ନିର୍ମାଣ କରାଯାଇଥିବା ଏହି ଫିଲ୍ମରେ ଅନେକ ମେସେଜ୍ ରହିଥିବା ଶୁକ୍ଲା କହିଛନ୍ତି।

‘ଓ ମାଇଁ ଗଡ୍’ ଓ ‘୧୦୨ ନଟ୍ ଆଉଟ୍’ ଭଳି ଫିଲ୍ମ ଦେଇଥିବା ଶୁକ୍ଲା ଫିଲ୍ମଟିର ସଫଳତା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି। ପ୍ରଥମେ ନ୍ୟୁଜିଲାଣ୍ଡ ଓ ପରେ ପଞ୍ଜାବରେ ସୁଟିଂ ଶେଷହେବ।





ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି




# ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡ଼ା

ପୁରୀ ଅଫିସ,୯।୯

ଶ୍ରୀକ୍ଷେତ୍ରର ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡା ମଠ। ଶ୍ରୀମନ୍ଦିରର ସୁରକ୍ଷା ଓ ପୁରୀର ବିକାଶ ପାଇଁ ଚାଲିଥିବା ଉଚ୍ଛେଦ ଅଭିଯାନରେ ଲଙ୍ଗୁଳି ଓ ଏମାର ମଠ ପରେ ଧରାଶାୟୀ ହୋଇଛି ବଡ଼ ଆଖଡା ମଠ। ଠାକୁରଙ୍କ ବିଜେସ୍ଥଳୀ ଓ ମହନ୍ତଙ୍କ ଆସ୍ଥାନକୁ ବାଦ୍ ଦିଆଯାଇ ପ୍ରାୟ ୮୫ ବଖରା ଘରକୁ ମାଟିରେ ମିଶାଇ ଦିଆଯାଇଛି। ମଠ ଭଙ୍ଗା କାର୍ଯ୍ୟ ଚାଲିଥିବାରୁ ମହନ୍ତ ହରିନାରାୟଣ ଦାସ ସାମୟିକ ଭାବେ ନୀଳାଚଳ ଭକ୍ତ ନିବାସରେ ରହୁଥିବାବେଳେ ମଠର ବିଦ୍ୟାର୍ଥୀ ଏବଂ ଅନ୍ତେବାସୀଙ୍କ ରହଣି ଲାଗି ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। ମଙ୍ଗଳବାର ସାନଛତା ମଠ ଭଙ୍ଗାଯାଇପାରେ। ତେବେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହି ମଠରୁ ଜିନିଷପତ୍ର ଖାଲି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାସନର ଏଭଳି ଆଭିମୁଖ୍ୟ ଦେଖି ୭୫ ମିଟର ମଧ୍ୟରେ ରହୁଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତିତ ହୋଇପଡ଼ିଛନ୍ତି। କାହାର ପାଳି କେବେ ପଡୁଛି ତାହାକୁ ନେଇ ସେମାନେ ଦିନ ଗଣୁଛନ୍ତି।

ବଡ଼ ଆଖଡ଼ା ମଠ ଉଚ୍ଛେଦ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୭୫ ବଖରାରୁ ଊର୍ଦ୍ଧ୍ୱ ଭଙ୍ଗାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦ ବନ୍ଦ ରହିଥିଲା। ସୋମବାର ସକାଳୁ ପୁଣି ଅଭିଯାନ ଆରମ୍ଭ



ବଡ଼ ଆଖଡ଼ା ମଠ ଭଙ୍ଗାଯିବା ପରେ ଦୂରରୁ ସ୍ପଷ୍ଟ ଭାବେ ଶ୍ରୀମନ୍ଦିର ଦେଖାଯାଉଛି।

- ରହିଲା ଠାକୁରଙ୍କ ବିଜେସ୍ଥଳୀ, ମହନ୍ତଙ୍କ ବାସସ୍ଥାନ
- ଭଙ୍ଗାଗଲା ୮୫ ବଖରାରୁ ଊର୍ଦ୍ଧ୍ୱ ଘର
- ୭୫ ମିଟର ମଧ୍ୟରେ ଥିବା ମଠ ମହନ୍ତ ଚିନ୍ତିତ
- ଆଜି ହୋଇପାରେ ସାନଛତା ମଠ ଉଚ୍ଛେଦ

ହୋଇଥିଲା। ଦ୍ୱିତୀୟ ଦିନରେ ପ୍ରାୟ ୧୨ ବଖରାରୁ ଊର୍ଦ୍ଧ୍ୱ ଘର ସହିତ ଅଧାଭଙ୍ଗା ଅବସ୍ଥାରେ ଥିବା ପିଲର ଏବଂ ଅନ୍ୟାନ୍ୟ ନିର୍ମାଣକୁ ଭାଙ୍ଗିଦିଆଯାଇଛି। ଏହାପରେ ସେହି ସ୍ଥାନରୁ ଅଳିଆ ସଫା କରାଯାଉଛି।

ବଡ଼ ଆଖଡା ମଠରେ ୨ଟି ମନ୍ଦିରକୁ ସୁରକ୍ଷିତ ରଖାଯାଇଛି। ଗୋଟିକରେ ଶ୍ରୀହନୁମାନ ଏବଂ ଅନ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପୂଜା ପାଉଛନ୍ତି। ଗାଦିଘରେ ମଠର ପ୍ରତିଷ୍ଠାତା ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଏକ ପିତ୍ତଳ ବିଗ୍ରହ ଉପାସିତ ହେଉଛନ୍ତି। ତେଣୁ ଏହି ବିଜେସ୍ଥଳୀ ସହିତ ମହନ୍ତ ରହୁଥିବା ଆବାସସ୍ଥଳୀକୁ ପ୍ରଶାସନ ଭାଙ୍ଗି ନାହିଁ। କିନ୍ତୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାରୁ ମହନ୍ତ ଏବେ ନୀଳାଚଳ ଭକ୍ତ ନିବାସରେ ରହୁଛନ୍ତି। ବିଦ୍ୟାର୍ଥୀ ଓ ମଠ ଅନ୍ତେବାସୀଙ୍କ ପାଇଁ ବାଗେଡ଼ିଆ ଧର୍ମଶାଳାରେ ରହିବାର ବ୍ୟବସ୍ଥା କରିଛି ପ୍ରଶାସନ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ରବିବାର ବଡ଼ଆଖଡା ମଠ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାକି ରହିଯାଇଥିବା କେତେକ ନିର୍ମାଣକୁ ସୋମବାର ଭଙ୍ଗାଯାଇଛି। ମଠ ବିଜେସ୍ଥଳୀ, ଗାଦିଘରକୁ ସୁରକ୍ଷିତ ରଖାଯାଇଥିବା ବେଳେ ବ୍ୟବସାୟିକ କୋଠାଗୁଡ଼ିକୁ ଉଚ୍ଛେଦ କରାଯାଇଛି। ମଠ ଭିତରେ ସୁନ୍ଦର ମନ୍ଦିର ଥିଲେ ମଧ୍ୟ ପୂର୍ବରୁ ଭକ୍ତମାନେ ଏହାକୁ ଦେଖିପାରୁ ନ ଥିଲେ। କିନ୍ତୁ ଏବେ ଉଚ୍ଛେଦ ପରେ ଶ୍ରଦ୍ଧାଳୁମାନେ ମଠ ଠାକୁରଙ୍କୁ ମଧ୍ୟ ଦର୍ଶନ କରିପାରିବେ। ୭୫ ମିଟର ବାହାରେ ମଠର ଯେଉଁ ନିର୍ମାଣ ଉଚ୍ଛେଦ କରାଯାଇଛି ତାହା ତିଆରି କରାଯିବ।

ଅପରପକ୍ଷେ ୭୫ ମିଟର ମଧ୍ୟରେ ଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତାରେ ଅଛନ୍ତି। ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ମାପଚୁପ କରାଯାଇଥିବାରୁ ମହନ୍ତ ସଂଶୟ ଭିତରେ ରହିଛନ୍ତି। ଏହି ମଠର କିଛି ଅଂଶ ସୁରକ୍ଷିତ ଜୋନରେ ରହିଛି।

# ଭାରତ-ୟୁଏଇ ମିଶି ଅନେକ ମାଇଲଖୁଣ୍ଟ ପୂରଣ କରିଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୯ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁଏଇ ରାଷ୍ଟ୍ରପତି ଏଚ୍ଇ ଶିଖ୍ ଖଲିଫା ବିନ୍ ଜାୟଦ୍ ଅଲ୍ ନାହ୍ୟାନଙ୍କ ନେତୃତ୍ୱରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମିଶି ଅନେକ ଐତିହାସିକ ମାଇଲଖୁଣ୍ଟକୁ ପୂରଣ କରିଛନ୍ତି। ଉଭୟେ ଏହି ବନ୍ଧୁତ୍ୱକୁ ଆଗକୁ ନେବାସହ ପରସ୍ପର ସହଯୋଗୀ ହୋଇ ଉକ୍ତ କାର୍ଯ୍ୟକୁ ପ୍ରାଥମିକତା ଦେଇ କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା ଧର୍ମେନ୍ଦ୍ର ସୋମବାର ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ୍ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ସହ ସେଠାକାର ଇସ୍ପାତ ଶିଳ୍ପର ଅଧିକାରୀମାନଙ୍କ ସହ ବୈଠକ କରିବାପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ଅବସରରେ ଉଭୟଙ୍କ ମଧ୍ୟରେ ଉର୍ଜା କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗ ଏବଂ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବ୍ୟତୀତ ଦୁଇ ଦେଶ ମଧ୍ୟରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହ ୟୁଏଇରେ ଭାରତ ନିଜର ଉପସ୍ଥିତିକୁ ଅଧିକ ଦୃଢ କରିବା ପାଇଁ ଆଲୋଚନା ହୋଇଛି। ଏହି ଅବସରରେ ଦୁବାଇଠାରେ ୟୁଏଇ ଇସ୍ପାତ ଶିଳ୍ପର ପ୍ରତିନିଧି ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଇସ୍ପାତ କ୍ଷେତ୍ରରେ ଭାରତ ଓ ୟୁଏଇ ମଧ୍ୟରେ ବ୍ୟବସାୟିକ କ୍ଷମତାକୁ ସଫଳ କରିବା ଦିଗରେ ଚର୍ଚ୍ଚା ହୋଇଛି। ଭାରତରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ପାଇଁ ୟୁଏଇ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

## ସଂକ୍ଷେପରେ

### ଝରଣା ଘାଟିରେ ପାହାଡ ଧସିଲା

**୫ଘଣ୍ଟା ଗାଡିମୋଟର ଚଳାଚଳ ବନ୍ଦ**



**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.):** ଗଜପତି ଜିଲାର ନୂଆଗଡ ବ୍ଲକ କେରଡାଙ୍ଗଠାରୁ ନୂଆଗଡ ମଧ୍ୟରେ ଥିବା ଝରଣା ଘାଟି ରାସ୍ତାରେ ପାହଡ ଧସେଇବା ଯୋଗୁ ସୋମବାର ୫ଘଣ୍ଟା ଧରି ନୂଆଗଡରୁ କେରଡାଙ୍ଗ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ମାଟି ପଥର ରାସ୍ତା ଉପରକୁ ଖସି ଆସୁଥିବାର ଦେଖିବାକୁ ମିଳୁଛି। ତେବେ ସୋମବାର ସକାଳୁ ସକାଳୁ ଝରଣା ଘାଟି ରାସ୍ତାରେ ମାଟି ପଥର ଧସିଥିଲା। ମାଟି ଏବଂ ବଡବଡ ପଥର ସବୁ ରାସ୍ତା ଉପରକୁ ଚାଲି ଆସିଥିଲା। ଫଳରେ ଏହି ରାସ୍ତ ଦେଇ କେରଡାଙ୍ଗ, ମାଣିକପୁର, ଭାଲିଆ ସାହି, ରଙ୍ଗମୁଣ୍ଡା, କମଳାପୁର, ପାଳପୁର ଗ୍ରାମକୁ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଉପରୋକ୍ତ ଗ୍ରାମର ଲୋକେ ନୂଆଗଡକୁ ଆସିବାକୁ ହେଲେ ଏହା ହେଉଛି ଏକମାତ୍ର ରାସ୍ତା। ଘାଟିରେ ପାହାଡ ଧସିଥିବା ଖବର ପାଇ ଅଞ୍ଚଳବାସୀ ମିଳିତ ଭାବେ ଗାଡି ମୋଟର ଯିବାଭଳି ରାସ୍ତା ସଫେଇ କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

### ବଢୁଛି ବାଲିମେଳା ଡ୍ୟାମ ଜଳସ୍ତର

**ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମରେ ଜଳସ୍ତର ବଢ଼ିବାରେ ଲାଗିଛି। କିଛିଦିନ ହେଲା ମାଛକୁଣ୍ଡ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ଗେଟ୍ ଖୋଲାଯାଇ ପାଣି ଛଡାଯାଇଥିଲା। ଏହି ଜଳ ଏବେ ବାଲିମେଳା ଡ୍ୟାମରେ ପଶୁଥିବାରୁ ଡ୍ୟାମର ଜଳସ୍ତର ବଢିବାରେ ଲାଗିଛି। ଗତ ୭ତାରିଖ ଅପରାହ୍ନ ସୁଦ୍ଧା ବାଲିମେଳା ଡ୍ୟାମର ଜଳସ୍ତର ୧୪୯୯.୦୯ ଫୁଟ ଥିବାବେଳେ, ୮ ତାରିଖ ଅପରାହ୍ନ ସୁଦ୍ଧା ୧୫୦୦.୦୪ ଫୁଟ ହୋଇଥିଲା। ୯ ତାରିଖ ସୋମବାର ସକାଳେ ଜଳସ୍ତର ୧୫୦୧.୦୭ ଥିବା ବେଳେ ମଧ୍ୟାହ୍ନରେ ବୃଦ୍ଧି ପାଇ ୧୫୦୨.୧୦ ହୋଇଥିଲା। ଏବେ ଜଳଭଣ୍ଡାରର ଜଳପତନ ୧୫୦୨.୪୦ ରହିଛି। ସୂଚନାଯୋଗ୍ୟ ଯେ, ବାଲିମେଳା ଡ୍ୟାମର ଜଳଧାରଣ କ୍ଷମତା ୧୫୧୪ ଫୁଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସୁଇସ ଗେଟକୁ ଛାଡିଦେଲେ ଅନ୍ୟ କୌଣସି ଗେଟ୍ ବାଲିମେଳା ଡ୍ୟାମ ପ୍ରକଳ୍ପ ପକ୍ଷରୁ ଖୋଲାଯାଇନାହିଁ।

## ନୂଆ ମୋଟରଯାନ ଆଇନ ଲାଗୁ ପ୍ରସଙ୍ଗ

# ୩ମାସ କୋହଳ ହେଲା ନିୟମ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ରାଜ୍ୟରେ ଗତ ୧ତାରିଖରୁ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରାଯିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏହି ଅସନ୍ତୋଷକୁ ପ୍ରସମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମୋଟର ଯାନ ଆଇନ ବ୍ୟବସ୍ଥାକୁ ୩ମାସ ପର୍ଯ୍ୟନ୍ତ କୋହଳ କରିବାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଯାନବାହନଗୁଡ଼ିକର ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଂଶୋଧିତ ମୋଟର ଯାନକୁ କଡ଼ାକଡ଼ି ଲାଗୁ ନ କରି ଲୋକମାନଙ୍କୁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ଏନଫୋର୍ସମେଣ୍ଟ ଏଜେନ୍ସି ପୋଲିସ ଓ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗାଡ଼ି କାଗଜ ପ୍ରସ୍ତୁତ କରିବା ପାଇଁ ଅଧିକ କାଉଣ୍ଟର ଖୋଲିବା ସହ ବିଭିନ୍ନ ସର୍ବସାଧାରଣ ଅନୁଷ୍ଠାନଗୁଡିକରେ କ୍ୟାମ୍ପ ଖୋଲି ଲୋକମାନଙ୍କୁ ପର୍ଯ୍ୟାପ୍ତ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଲୋକମାନଙ୍କୁ ସଚେତନ କରିବା ସକାଶେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

- ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମିଳିଲା ସମୟ
- ଲୋକଙ୍କୁ ହଇରାଣ ନ କରିବାକୁ ପୋଲିସ, ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ



ଏଥିସହିତ ଜୀବନକୁ ବିପଦରେ ପକାଇବା ଭଳି ଗାଡି ନ ଚଳାଇବା ସହିତ ଟ୍ରାଫିକ ନିୟମକୁ ପାଳନ କରିବାକୁ ଯାନବାହନ ଚାଳକଙ୍କୁ ନିବେଦନ କରିଛନ୍ତି।

ରାଜ୍ୟରେ ସେପ୍ଟେମ୍ବର ୧ ତାରିଖରୁ ସଂଶୋଧିତ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ କରାଯାଇଛି। ଗାଡିର ଆନୁଷଙ୍ଗିକ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ନ ଥିଲେ ବହୁ ଜରିମାନା ଦେବାକୁ ପଡୁଛି। ଏପରିକି ୫୦ ହଜାର ଟଙ୍କାଯାଏ ମଧ୍ୟ ଜରିମାନା ଆଦାୟ କରାଯାଉଛି। ଏଭଳି ଜୋରଦାର ଧରପଗଡ଼ ସାଙ୍ଗକୁ ଅତ୍ୟଧିକ ଜରିମାନା ଲୋକମାନଙ୍କୁ ଅତିଷ୍ଠ କରିପକାଇଛି। ଏପରି କି ଅନେକଙ୍କ ମଧ୍ୟରେ କୋକୁଆ ଭୟ ଖେଳାଇ ଦେଇଛି। ବିନା କାଗଜ ପତ୍ରରେ ଚାଲୁଥିବା ଅନେକ ଯାନବାହାନକୁ ଲୋକମାନେ ଭୟରେ ବାହାର କରୁ ନ ଥିବା ଦେଖିବାକୁ ମିଳୁଛି। । ପ୍ରଦୂଷଣ ଓ ବୀମା ନ ଥିବା ଯାନବାହନ ମାଲିକ ସକାଳ ପାଇବା ମାତ୍ରେ ଲମ୍ବାଧାଡିରେ ଛିଡା ହେଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଗତ ଶନିବାର ଭୁବନେଶ୍ୱର ରାଜମହଲ ଛକରେ ଜନତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଖରିଫ୍ ଋତୁରେ ଧାନସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ରାଜ୍ୟର ଖରିଫ୍ ବିପଣନ ଋତୁ ୨୦୧୯-୨୦ରେ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଞ୍ଜୀକରଣ କାର୍ଯ୍ୟର ଅଗ୍ରଗତି, ତଦାରଖ ଓ ନିର୍ଭୁଲ୍ ତାଲିକା ପ୍ରସ୍ତୁତ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତଦନୁଯାୟୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ୧୬ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲାର ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ଆସନ୍ତା ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଜିଲାଗୁଡ଼ିକୁ ଗସ୍ତ କରି ପ୍ରାଥମିକ କୃଷି ସମବାୟ ସମିତି, ଏଲ୍ଏମ୍‌ପିସିଏସ୍ (ଲ୍ୟାମ୍ପ୍ସ), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପାଣି ପଞ୍ଚାୟତ କେନ୍ଦ୍ରମାନଙ୍କ ଦ୍ୱାରା ଚାଷୀମାନଙ୍କ ନାମ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ଅଧିକାରୀମାନେ ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ତଥ୍ୟ ଓ ଜମିପଟ୍ଟାର ସତ୍ୟତା ମଧ୍ୟ ଯାଞ୍ଚ କରିବେ। ସେହିପରି ପଞ୍ଜୀକୃତ ତଥ୍ୟଗୁଡ଼ିକ ନର୍ଭୁଲ୍ ଭାବରେ ସମବାୟ ସମିତି ବା ଗ୍ରାମପଞ୍ଚାୟତ, ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ପ୍ରକାଶିତ ହୋଇଛି କି ନାହିଁ ତାହା ତଦାରଖ କରିବେ। ଏହା ବ୍ୟତୀତ ପ୍ରକାଶିତ ତଥ୍ୟ ସମ୍ପର୍କରେ ଆପତ୍ତି ଥିଲେ ଅଭିଯୋଗ ପତ୍ର ଦାଖଲ କରିବା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ତଦାରଖ କରିବେ। ତଦାରଖ ଅଧିକାରୀମାନଙ୍କୁ ଜିଲା ଗସ୍ତର ଦୁଇଦିନ ମଧ୍ୟରେ ବିଭାଗରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ନିର୍ଭୁଲ୍ ତାଲିକା ପ୍ରସ୍ତୁତି ପାଇଁ ୧୬ ବରିଷ୍ଠ ଅଧିକାରୀଙ୍କୁ ଜିଲା ଦାୟିତ୍ୱ**

# ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିଲେ ୨ ଭଉଣୀ

**ଜଣେ ମୃତ, ଅନ୍ୟଜଣେ ଗୁରୁତର**

- ଭୁଲ୍‌ରେ ଏକ୍ସପ୍ରେସ୍ ଟ୍ରେନରେ ଉଠି ଯାଇଥିଲେ
- ହେମଗିର ଷ୍ଟେଶନରେ ଟ୍ରେନ ନ ଅଟକିବାରୁ ତଳକୁ ଡେଇଁ ପଡିଲେ



ଡାକ୍ତରଖାନାରେ ସାନ ଭଉଣୀ ସୁକେଶିନୀ।

ସୁନ୍ଦରଗଡ଼/ହେମଗିର, ୯।୯ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଦେଇ ଯାଇଥିବା ମୁମ୍ବାଇ-ହାଓଡା ରେଳପଥର କନିକାସ୍ଥିତ ହେମଗିର ରେଳଷ୍ଟେଶନ ନିକଟରେ ସୋମବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଦ୍ରୁତଗତିଯୁକ୍ତ ଏକ ଚଳନ୍ତା ଟ୍ରେନ୍‌ରୁ ୨ ଭଉଣୀ ଡେଇଁ ପଡିଛନ୍ତି। ଏଥିରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ବରଗଡ ଜିଲା ଟିକିଲି ଗ୍ରାମର ବିଦେଶିନୀ ମହାନନ୍ଦିଆ (୧୮)। ତାଙ୍କ ସାନ ଭଉଣୀ ସୁକେଶିନୀ ମହାନନ୍ଦିଆ (୧୪) ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁକେଶିନୀ ହେମଗିର କନ୍ୟାଶ୍ରମରେ ପଢନ୍ତି। ନୂଆଁଖାଇ ଛୁଟିରେ ସେ ଘରକୁ ଯାଇଥିଲେ। ଏଣୁ ତାଙ୍କୁ କନ୍ୟାଶ୍ରମରେ ଛାଡିବାକୁ ସାଙ୍ଗରେ ଧରି ବଡ ଭଉଣୀ ବିଦେଶିନୀ ହେମଗିର ଅଭିମୁଖେ ଆସୁଥିଲେ। ୨ ଭଉଣୀ ବରଗଡରୁ ଆସି ଝାରସୁଗୁଡା ରେଳ ଷ୍ଟେଶନରେ ପହଞ୍ଚି ଥିଲେ। ସେଠାରୁ ସେମାନେ ପାସେଞ୍ଜର ଟ୍ରେନରେ ହେମଗିର ଆସିବା ପାଇଁ ଛିଡା ହୋଇଥିଲେ। ହେଲେ ଭୁଲ୍‌ରେ ସେମାନେ ସାଉଥ୍‌ବିହାର-ପାଟନା ଏକ୍ସପ୍ରେସ ଟ୍ରେନ୍‌ରେ ଚଢି ଯାଇଥିଲେ। ଏହି ଟ୍ରେନଟିର କନିକାସ୍ଥିତ ହେମଗିର ଷ୍ଟେଶନରେ ରହଣି ନ ଥିବାରୁ ଅଟକି ନ ଥିଲା। ଫଳରେ ୨ ଭଉଣୀ ଡରି ଯାଇ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବଡଭଉଣୀ ବିଦେଶିନୀ ଓ ପରେ ସୁକେଶିନୀ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ବଡ ଭଉଣୀ ବିଦେଶିନୀଙ୍କ ମୃତ୍ୟୁ ଘଟିଥିଲା। ସୁକେଶିନୀଙ୍କ ମୁଣ୍ଡରେ ଗଭୀର ଅଘାତ ଲାଗିଥିଲା। ସୁକେଶିନୀଙ୍କୁ ପ୍ରଥମେ କନିକାରୁ ହେମଗିର ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କନିକା ଖଜୁରବନିଆରେ ଥିବା କନ୍ୟାଶ୍ରମରେ ସୁକେଶିନୀ ନମବ ଶ୍ରେଣୀରେ ପଢୁଥିଲେ। ତାଙ୍କର ଗୋଟିଏ ଛୋଟ ଭାଇ ମଧ୍ୟ ରହିଛି। ହେଲେ ବାପା, ମା' ଆଉ ପାରିରେ।

## କେନ୍ଦ୍ର ଦ୍ୱିତୀୟ ପାଳି ସରକାରର ୧୦୦ଦିନ ପୂରଣ

# ଓଡ଼ିଶା ଆସି ରିପୋର୍ଟ କାର୍ଡ ଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୯।୯(ବ୍ୟୁରୋ)

କେନ୍ଦ୍ରରେ ଭାଜପାର ଦ୍ୱିତୀୟ ପାଳି ସରକାରର ୧୦୦ ଦିନ ପୂରଣ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା ୧୦୦ ଦିନର ସଫଳତା ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡିଶାକୁ ଗତ ୧୦୦ଦିନ ମଧ୍ୟରେ ଦିଆଯାଇଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆୟୁଷ୍ମାନ ଭାରତ ଯୋଜନା ଏବଂ ବାତ୍ୟା ପ୍ରଭାବିତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବିରୋଧୀ କିନ୍ତୁ ଓଲଟା କେନ୍ଦ୍ର ଉପରେ ବର୍ଷିଛନ୍ତି।

ମନ୍ତ୍ରୀ ମାଣ୍ଡଭିୟା ସରକାରଙ୍କ ୧୦୦ ଦିନର ଦୃଢ଼ ପଦକ୍ଷେପ ଏବଂ ନିଷ୍ପତ୍ତି ସମ୍ବନ୍ଧୀୟ ଉଲ୍ଲେଖ ରହିଥିବା ଏକ ପୁସ୍ତକ 'ଜନ ସଂଯୋଗ'ର ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି ଯେ, ଏହି ସମୟ ମଧ୍ୟରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। "ଫନୀ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଓଡ଼ିଶାକୁ ସର୍ବାଧିକ ସହାୟତା ସ୍ୱରୂପ ୪,୬୭୮.୨୨ କୋଟି ଟଙ୍କାର ମଞ୍ଜୁରି ପ୍ରଦାନ କରାଯାଇଛି। ଫନୀ ଓଡ଼ିଶାକୁ ଛୁଇଁବା ପୂର୍ବରୁ ୩୪୦ କୋଟି ଟଙ୍କାର ଅଗ୍ରୀମ



ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା

ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ବାତ୍ୟା ବିଧ୍ୱସିତ ଅଞ୍ଚଳ ପରିଦର୍ଶନ କରିବା ପରେ ତୁରନ୍ତ ୧୦୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହାପରେ ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିଲା।" କମ୍ପେନ୍‌ସେଟୋରି ଆଫୋରଷ୍ଟେସନ ଫଣ୍ଡ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥୋରିଟି (କାମ୍ପା ଅନୁଦାନ) ଅନ୍ତର୍ଗତ ଓଡ଼ିଶାକୁ ୫୯୩୩.୯୮ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। କେନ୍ଦ୍ର ବଜେଟ ୨୦୧୯-୨୦ରେ ଓଡ଼ିଶା ପାଇଁ ରେଳବାଇ କ୍ଷେତ୍ରରେ ୫୯୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ନଦୀ ଜଳପଥର ବିକାଶ ଲାଗି ମହାନଦୀକୁ ଚିହ୍ନଟ କରାଯାଇଥିବା ବେଳେ ବ୍ରାହ୍ମଣୀ ପାଇଁ ମଧ୍ୟ ଡିପିଆର ପ୍ରସ୍ତୁତ ଚାଲିଛି ବୋଲି ସେ କହିଛନ୍ତି। ଗତ ପାର୍ଲାମେଣ୍ଟ ଅଧିବେଶନରେ ୩୦ଟି ବିଲ୍ ପାରିତ ହୋଇଥିବା ବେଳେ ୫୮ଟି ପୁରୁଣା ଆଇନର ବିଲୋପ କରାଯାଇଛି। ସେହିପରି ଦେଶର ପ୍ରତ୍ୟେକ କୃଷକଙ୍କ ବ୍ୟାଙ୍କ ଖାତାରେ ୬ ହଜାର ଟଙ୍କା ଲେଖାଏ ଜମା କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟରୁ ଅବସର ନେଇଥିବା ପ୍ରତ୍ୟେକ କୃଷକଙ୍କ ଲାଗି ମାସିକ ୩ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସରକାର ମଧ୍ୟ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ଛୋଟ ବ୍ୟବସାୟୀଙ୍କ ଲାଗି ପେନ୍‌ସନ ସୁବିଧା କରିଛନ୍ତି। ଶସ୍ତାରେ ଔଷଧ ପ୍ରଦାନ କରିବା ଲାଗି ଦେଶବ୍ୟାପୀ ୫,୫୦୦ ଜନ ଔଷଧୀ କେନ୍ଦ୍ର ଖୋଲାଯାଇଛି। ଖୁବଶୀଘ୍ର ଆଉ ୩ ଶହ ନୂତନ କେନ୍ଦ୍ର ଖୋଲାଯିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅର୍ଥନୈତିକ ମନ୍ଥରତା ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତର ଦେଇ ମାଣ୍ଡଭିୟା କହିଛନ୍ତି, ଏହା କ୍ଷଣସ୍ଥାୟୀ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ଜାରି ରହିଛି।

### କଂଗ୍ରେସ, ବିଜେଡି କଲେ ସମାଲୋଚନା

ମାତ୍ର ଭାରତ ଉପରେ ଏହାର ପ୍ରଭାବ ଖୁବ କମ୍ ପଡିଛି, ଚଳିତବର୍ଷ ଶେଷ ବେଳକୁ ଭାରତୀୟ ଅର୍ଥନୀତିରେ ସୁଧାର ଆସିବ। କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଶହେ ଦିନର ସଫଳତା ସମ୍ପର୍କରେ ବଖାଣିବାର ନୈତିକ ଅଧିକାର ଭାଜପାର ନାହିଁ। ସେମାନେ ଯେଉଁସବୁ ଜନବିରୋଧୀ କାର୍ଯ୍ୟ ସବୁ କରୁଛନ୍ତି ତା'ର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଓଡିଶାରୁ ଆହୁରି ୩ଟି ମନ୍ତ୍ରୀ ଦିଆଗଲେ ମଧ୍ୟ ରାଜ୍ୟର ବିକାଶ ହୋଇପାରିବନାହିଁ। ଓଡିଶା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟକ୍ରମ ସେମାନେ ହାତକୁ ନେଇ ନାହାନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ମୋଦିଙ୍କ ସଫଳତା ବୋଲି ସେ କହିଛନ୍ତି।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ





## ଜିଲା ଟିଠି
## ବରଗଡ଼

# ରାସ୍ତା ନିର୍ମାଣରେ ତ୍ରୁଟି

ଓଡ଼ିଶାର ସଡ଼କ ଦୁର୍ଘଟଣା ଯେ କେବଳ ଗାଡ଼ି ଚାଳକଙ୍କ ପାଇଁ ହୋଇଥାଏ, ତାହା ନୁହେଁ। ଏଥିରେ ଗାଁ ରାସ୍ତାଠାରୁ ଆରମ୍ଭ କରି ରାଜ୍ୟ ରାଜପଥ, ଜାତୀୟ ରାଜପଥର ମଧ୍ୟ ସହଭାଗିତା ରହିଛି। ଯଦି ପଥ ଠିକ୍ ନୁହେଁ, ତେବେ ଯେତେ ସତର୍କତାର ସହିତ ଚାଳକ ଗାଡ଼ି ଚଳାଇଲେ ମଧ୍ୟ ଦୁର୍ଘଟଣା ଘଟିବା ସ୍ୱାଭାବିକ। ଏହାକୁ କେହି ବି ଏଡ଼ାଇ ଦେଇ ପାରିବେ ନାହିଁ। ବରଗଡ଼ ଜିଲା ସୋହେଲାଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ଚାରିଥାକିଆ(ଫୋର୍‌ଲେନ୍) ରାଜପଥ କଥା ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଫୋରଲେନ୍ ହେବା ସତ୍ତ୍ୱେ ୮୮ କି.ମି. ଦୀର୍ଘ ଏହି ରାସ୍ତାରେ ଦୁର୍ଘଟଣା ଥମିବାର ନାଁ ନେଉନି। ସଡ଼କ ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା ପାଲଟିଛି। ଲୋକେ ମୃତାହତ ହେଉଛନ୍ତି। ବେପରୁଆ ଭାବେ ଗାଡ଼ି ଚାଳନା ଏହାର ଏକ କାରଣ ହୋଇଥିବାବେଳେ ଫୋରଲେନ ରାସ୍ତା ନିର୍ମାଣରେ କେତେକ ସ୍ଥାନରେ ରହିଥିବା ତ୍ରୁଟି ମଧ୍ୟ ସେଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ଫୋରଲେନ୍ ରାସ୍ତା ନିର୍ମାଣରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିଗତଦିନରେ ଖୋଦ୍ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନଏଚଏଆଇ) ଅଧିକାରୀଙ୍କ ସମେତ ଖଡ଼ଗପୁର ଆଇଟିଆଇର ବିଶେଷଜ୍ଞ ଟିମ୍ ଏଠାକୁ ଆସି ବିଭିନ୍ନ ସ୍ଥାନରେ ରହିଥିବା ତ୍ରୁଟି ଚିହ୍ନଟ କରିଥିଲେ। ଏଥିସହିତ ସେଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ମାତ୍ର ବର୍ଷ ପରେ ବର୍ଷ ବିତିଯାଉଛି, ହେଲେ ସେଥିରେ କିଛି ବି ସୁଧାର ଆସି ନାହିଁ। ଅନ୍ୟପକ୍ଷେ ଆଇନ ଅନୁଯାୟୀ ସ୍ପିଡ୍ ବ୍ରେକର୍ ପାଇଁ ରାଜପଥ ଉପରେ ହମ୍ପସ୍ ନିର୍ମାଣ କରାଯାଉନି। ହେଲେ ବିଭିନ୍ନ ସ୍ଥାନରେ ହମ୍ପସ ନିର୍ମାଣ କରାଯାଉଛି। ଯାହା କେବଳ ଦୁର୍ଘଟଣାର ବାହକ ସାଜି ନାହିଁ, ପ୍ରଦୂଷଣଠାରୁ ଆରମ୍ଭ କରି ଗାଡ଼ି ପ୍ରତି କ୍ଷତି ପହଞ୍ଚାଇବାରେ ସହାୟକ ହୋଇଛି। କଥା ଏତିକିରେ ସରି ନାହିଁ, ନୂତନ ମୋଟରଯାନ ଆଇନ ଅନୁଯାୟୀ, ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଯେଉଁ ଟୋଲଗେଟ୍‌ଗୁଡ଼ିକରେ ଯାଞ୍ଚ ଚାଲିଛି, ସେଥିମଧ୍ୟରୁ ୫ଟି ଟୋଲଗେଟ୍ ବହୁ ପୂର୍ବରୁ ଅବୈଧ ଘୋଷିତ ହୋଇସାରିଛି। ବରଗଡ଼ର ବରାହଗୋଡ଼ା ସମେତ ପିପିଲି, ଚଣ୍ଡିଖୋଲ ନିକଟ ଶେରଗଡ଼, ମଙ୍ଗୁଳି, ପାଣିକୋଇଲି ଟୋଲଗେଟ୍ ପୌରାଞ୍ଚଳର ୧୦କିମି ଦୂରରେ ରହିଛି। ଏହି ଟୋଲଗେଟ୍ ୨ଟି ଟୋଲପ୍ଲାଜାର ୬୦କିମି ଦୂରତା ମଧ୍ୟରେ ରହିଛି। ଫଳରେ ୨୦୧୬ ମସିହାରୁ ଏଭଳି ଟୋଲଗେଟ୍ ଅବୈଧ ବୋଲି ବହୁପୂର୍ବରୁ ଘୋଷିତ ହୋଇସାରିଛି। ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏ କଥାକୁ ସ୍ୱୀକାର ମଧ୍ୟ କରି ସାରିଛନ୍ତି। ଏପରି ସେହି ଟୋଲପ୍ଲାଜାକୁ ନିର୍ଦ୍ଧାରିତ ଦୂରତ୍ୱକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ ସେହି ଟୋଲଗେଟ୍‌ଗୁଡ଼ିକ ସ୍ଥାନାନ୍ତର ହୋଇପାରିନାହିଁ। ପୂର୍ବ ନିର୍ଦ୍ଦେଶକୁ ବେଖାତିର କରିଥିବା ଟୋଲଗେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ହୋଇନାହିଁ। ନୂଆ ମୋଟରଯାନ ଆଇନ ଅନୁସାରେ ଏବେ ସେହି ଅବୈଧ ଘୋଷିତ ଟୋଲଗେଟ୍‌ରେ ପୋଲିସ, ପରିବହନ ବିଭାଗ ଛପି ରହି ଯାଞ୍ଚ ଚଳାଉଛନ୍ତି। ଏଭଳି ଦୋଷ, ଦୁର୍ବଳତାକୁ ଲୁଚାଇବା ପାଇଁ ଲୋକଙ୍କ ଚାପରେ ଏବେ ରାଜ୍ୟ ସରକାର ମୋଟରଯାନ ଆଇନକୁ କୋହଳ କରିଥିବା ମନେ ହେଉଛି।

– ପ୍ରେମାନନ୍ଦ ଖମାରୀ

# ଭାରତରେ ମହିଳାଙ୍କ ଆତ୍ମହତ୍ୟା ଅଧିକ




ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ସାରା ବିଶ୍ୱରେ ୨୦୦୩ରୁ ପାଳନ କରାଯାଉଛି। ଆନ୍ତର୍ଜାତିକ ଆତ୍ମହତ୍ୟା ନିରୋଧୀ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଘର ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ଆତ୍ମହତ୍ୟା ରୋକିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିବଦ୍ଧତା ଆଣିବା ଓ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥାଏ ଏହି ଦିବସ। ୨୦୦୩ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ ଥିଲା–'ଆତ୍ମହତ୍ୟାକୁ ରୋକାଯାଇପାରିବ'। ସେବେଠାରୁ ୨୦୧୧ ସୁଦ୍ଧା ୪୦ଟି ଦେଶରେ ଆତ୍ମହତ୍ୟା ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଇପାରିଥିଲା। ଆତ୍ମହତ୍ୟା ଘଟଣା କ୍ରମଶଃ ବୃଦ୍ଧିପାଇଛି, କିନ୍ତୁ ୩୮ଟି ଦେଶ ଏଯାବତ ଆତ୍ମହତ୍ୟା ରୋକିବା ପାଇଁ ଜାତୀୟସ୍ତରରେ ଯୋଜନା କରିଛନ୍ତି।୨୦୧୯ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ୍ ରହିଛି 'ଆତ୍ମହତ୍ୟା ରୋକିବା ଲାଗି ମିଳିମିଶି କାମ କରିବା'।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡେ ଯେ, ବିଶ୍ୱରେ ୨୦୦୮, ୨୦୧୨ ଓ ୨୦୧୫ ରେ ପୁରୁଷଙ୍କ ତୁଳନାରେ ମହିଳାମାନେ ବେଶି ଆତ୍ମହତ୍ୟା କରିଥିଲେ। ଭାରତରେ ୧୯୯୦ରେ ଆତ୍ମହତ୍ୟା ୨୦.୩ ପ୍ରତିଶତ ରହିଥିଲା ଯାହା ୨୦୧୬ରେ ପହଞ୍ଚିଥିଲା ୩୬.୬ ପ୍ରତିଶତରେ। ସେହିପରି ପୁରୁଷଙ୍କ ଆତ୍ମହତ୍ୟା ପ୍ରତିଶତ ୧୮.୭ ରହିଥିବାବେଳେ ତାହା ୨୦୧୬ରେ ପହଞ୍ଚିଥିଲା ୨୪.୩ ପ୍ରତିଶତରେ। ପୁରୁଷଙ୍କ ତୁଳନାରେ ଭାରତରେ ମହିଳାମାନେ ବେଶି ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା କରିବାର ବିଭିନ୍ନ କାରଣ ରହିଛି। ଏକ ଆକଳନରୁ ଜଣାଯାଏ, ବିଶ୍ୱରେ ବର୍ଷକୁ ୧୦ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ଏହା ବିଶ୍ୱରେ ମୋଟ୍‌ରେ ହେଉଥିବା ମୃତ୍ୟୁର ୧.୪ ପ୍ରତିଶତ। ପ୍ରତି ୪୦ ସେକେଣ୍ଡରେ ଜଣେ କିମ୍ବା ଦିନକୁ ୩,୦୦୦ ଜଣ ଆତ୍ମହତ୍ୟା କରୁଛନ୍ତି। ୨୦୦୪ରେ ରହିଥିବା ଏହି ସଂଖ୍ୟା ୨୦୨୦ରେ ୧୫ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସାରା ବିଶ୍ୱରେ ମହିଳାଙ୍କ ଆତ୍ମହତ୍ୟା ହାର ବେଶି । ପୁରୁଷଙ୍କ ଅପେକ୍ଷା ୨–୩ ଗୁଣ ଅଧିକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି ମହିଳାମାନେ । ବିଶ୍ୱରେ ଯେତିକି ଲୋକ ଯୁଦ୍ଧ ଓ ହତ୍ୟା ଯୋଗୁ ମୃତ୍ୟୁର ଶିକାର ହେଉଛନ୍ତି ତା'ଠାରୁ ଅଧିକ ମୃତ୍ୟୁ ହେଉଛି ଆତ୍ମହତ୍ୟା କାରଣରୁ। ଆତ୍ମହତ୍ୟା କରିବାକୁ ୧୫ରୁ ୨୪ ବର୍ଷ ବୟସ ମଧ୍ୟରେ କିଶୋର ଓ ଯୁବକମାନେ ଅଧିକ ଉଦ୍ୟମ କରୁଛନ୍ତି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ଜଣାପଡିଛି। ବିଶ୍ୱରେ ପ୍ରତିବର୍ଷ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରୁ ୧,୩୫, ୦୦୦(୧୭ ପ୍ରତିଶତ) ଭାରତରେ ହେଉଛି। ବିଶ୍ୱ ଜନସଂଖ୍ୟାର ୧୭.୫ ପ୍ରତିଶତ ଲୋକ ରହୁଥିବା ଦେଶରେ ବିଶ୍ୱର ମୋଟ୍ ଆତ୍ମହତ୍ୟାର ୧୭ ପ୍ରତିଶତ ହେବା ଚିନ୍ତାଜନକ। ବିଶ୍ୱରେ ଯେତିକି ମହିଳା ଆତ୍ମହତ୍ୟା କରୁଛନ୍ତି ତା'ର ୩୭ ପ୍ରତିଶତ ହେଉଛନ୍ତି ଭାରତୀୟ ।

ଆତ୍ମହତ୍ୟା ବୃଦ୍ଧିର ମୁଖ୍ୟ କାରଣଗୁଡିକ ମଧ୍ୟରେ ଦାରିଦ୍ର୍ୟ, ବେକାରି, ପ୍ରିୟଜନଙ୍କୁ ହରାଇବା, ଯୁକ୍ତିତର୍କ, ଆଇନ ତଥା କାର୍ଯ୍ୟ ସମ୍ବନ୍ଧିତ ସମସ୍ୟାରୁ ଏହା ବେଶି ହେଉଛି। ବ୍ୟକ୍ତିଗତ,ସାମାଜିକ, ଆର୍ଥିକ ତଥା ପାରିବାରିକ ସମସ୍ୟା ଆତ୍ମହତ୍ୟାର କାରଣ ପାଲଟୁଛି। ଧନୀ ଦେଶଗୁଡିକରେ ମହିଳାଙ୍କ ତୁଳନାରେ ୩ ଗୁଣ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡିକରେ ପୁରୁଷ– ମହିଳା ଅନୁପାତ କମ୍ ରହିଛି। କିନ୍ତୁ ଆମେରିକାରେ ମହିଳାଙ୍କ ତୁଳନାରେ ୪ ଗୁଣ ପୁରୁଷ ଆତ୍ମହତ୍ୟା କରନ୍ତି ବୋଲି ୨୦୧୬ର କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ୨୦୧୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ କୁହାଯାଇଛି, ୧୫–୩୯ ବର୍ଷ ବୟସରେ ସାରା ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି।

ସାମାଜିକ ଓ ଧାର୍ମିକ ପ୍ରତିବନ୍ଧକ ଆତ୍ମହତ୍ୟାର କାରଣ ହେଉଛି। ବହୁ ଦେଶରେ ଆତ୍ମହତ୍ୟା ଉଦ୍ୟମକୁ ଅପରାଧ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ଯିଏ ଏହି ଉଦ୍ୟମ କରୁଛନ୍ତି ଏହାର ମୂଳ କାରଣ କ'ଣ ତାହା ଜାଣି ଆଲୋଚନା ପରିସରକୁ ପ୍ରାୟ ଆଣିବାର ଉଦ୍ୟମ କରାଯାଉନାହିଁ। ଏହାକୁ ପରିବାର ପକ୍ଷରୁ ଏକ କଳଙ୍କ ବୋଲି ବିଚାର କରି ଚାପିଦିଆଯାଉଛି। ଯେଉଁମାନେ ଆଇନ ପରିସରକୁ ଆସୁଛନ୍ତି ତାହା ବି ଫାଇଲ ତଳେ ରହିଯାଉଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ସାହାଯ୍ୟ ନେବାକୁ ଚାହୁଁ ନ ଥିବାରୁ ସେମାନେ ଯେଉଁ ସାହାଯ୍ୟ ପାଇବା କଥା ତାହା ପାଇପାରୁନାହାନ୍ତି। ଏଣୁ ଆତ୍ମହତ୍ୟା ନିରୋଧୀ ଅଭିଯାନ ବ୍ୟାପକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ସଚେତନତା ଅଭାବରୁ ହିଁ ହେଉଛି। ଏଥିପାଇଁ ଆତ୍ମହତ୍ୟାର କାରଣଗୁଡିକୁ ଠାବ କରାଯାଇଥିଲେ ବି ଏହା ପ୍ରତି ସଚେତନତା ସୃଷ୍ଟି କରିବା ପଥରେ ଥିବା ସାମାଜିକ ପ୍ରତିବନ୍ଧକକୁ ଦୂର କରିବା ଲାଗି ଖୋଲା ଆଲୋଚନାର ଆବଶ୍ୟକତା ରହିଛି।

ଶାରୀରିକ ତଥା ମାନସିକ ସମସ୍ୟା ଯଥା ବିଷାଦ ଆତ୍ମହତ୍ୟାର ଏକ ବଡ଼ କାରଣ ଭାବେ ସାରା ବିଶ୍ୱରେ ଉଭା ହୋଇଛି। ବିଶ୍ୱରେ ୩୦୦ ମିଲିୟନ ଲୋକ ବିଷାଦଗ୍ରସ୍ତ। ଭାରତରେ ମୋଟ ଜନସଂଖ୍ୟାର ୧୩.୭ ପ୍ରତିଶତ ମାନସିକ ସମସ୍ୟାରେ ରହିଛନ୍ତି। ୩୫ ବର୍ଷ ବୟସରୁ କମ୍ ଯୁବକଙ୍କ ମଧ୍ୟରେ ଏହା ବେଶି ଦେଖାଯାଉଛି। ବିଷାଦ ଓ ଅନ୍ୟ କାରଣ ପାଇଁ ଯୋଗୁ ଭାରତରେ୧୫ରୁ୨୯ ବର୍ଷ ବୟସ ମଧ୍ୟରେ ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି। କୃଷକ ଆତ୍ମହତ୍ୟା ବି ଏକ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏହା କେଉଁ କାରଣରୁ ବୃଦ୍ଧି ପାଉଛି ଓ କିଭଳି ରୋକାଯାଇପାରିବ ତାହା ଉପରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ତା ବ୍ୟବହାରକୁ ଜାଣି ତା'ର ପ୍ରତିକାର କ'ଣ କରାଯିବା ଦରକାର ତା'ଉପରେ ବ୍ୟାପକ ଭାବେ ଲୋକମାନଙ୍କୁ ସଚେତନ କରିବା ସହ ଏହାର ବିପଜ୍ଜନକ କାରଣକୁ ଲକ୍ଷ୍ୟ କରି ସୁରକ୍ଷା ଦିଗ ପ୍ରତି ସଚେତନ କରାଯିବା ଆବଶ୍ୟକ। ଏ ସବୁ ଦୃଷ୍ଟିରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

## ■ଅଧ୍ୟାପକଙ୍କୁ ହତ୍ୟା ଘଟଣା
# ଅଜ୍ଞାତ ସ୍ଥାନରେ ୱାର୍ଡେନଙ୍କୁ ଜେରା

- ■ସୁରାକ ପାଇଁ ଦେବଗଡ଼ରେ ପୋଲିସ ଟିମ୍
- ■ଅନ୍ୟ ଦିଗରେ ବି ତଦନ୍ତ ଜାରି

ସମ୍ବଲପୁର, ୯।୯ (ବ୍ୟୁରୋ)

ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ମୁରା ହାଇସ୍କୁଲ ଛାତ୍ରୀନିବାସ ୱାର୍ଡେନଙ୍କୁ ଗତ ୩ ଦିନ ହେଲା ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ସନ୍ଧ୍ୟା ହେଲେ ସୁଧାର ଗୃହରେ ତାଙ୍କୁ କଡ଼ା ସୁରକ୍ଷାରେ ରଖାଯାଉଛି। ପୁଣି ସକାଳେ ଜେରା କରାଯାଉଛି। ସୋମବାର ମଧ୍ୟ ୱାର୍ଡେନଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଇ ଜେରା କରାଯାଇଥିବା ଜଣାପଡ଼ିଛି। ପୋଲିସ ୱାର୍ଡେନଙ୍କୁ ସନ୍ଦେହରେ ଅଟକ ରଖିଛି। ଅନ୍ୟ ଦିଗରେ ମଧ୍ୟ ପୋଲିସ ତଦନ୍ତ କରୁଛି। ଜମିବାଡ଼ି ବିବାଦ କିମ୍ବା ଟଙ୍କା ନେଣଦେଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ମଧ୍ୟ ପୋଲିସ ସନ୍ଦେହ କରୁଛି। ଏଥିପାଇଁ ସମ୍ବଲପୁର ପୋଲିସର ଏକ ଟିମ୍ ଦେବଗଡ଼ ଜିଲା ବାଡ଼ିନାଳାସ୍ଥିତ ହୃଦାନନ୍ଦଙ୍କ ଗାଁରେ ପହଞ୍ଚି ତାଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ପଚରା ଉଚୁରା କରିଛି। ଅନ୍ୟପଟେ ଏହି ହତ୍ୟାକାଣ୍ଡରେ ପୋଲିସକୁ ସୁରାକ ମିଳିଛି, ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ହୃଦାନନ୍ଦଙ୍କୁ ହତ୍ୟା କରାଯାଇଥିଲା। ମୁରା ହାଇସ୍କୁଲ ପରିସରରେ ହୃଦାନନ୍ଦ ରହୁଥିବା କୋଠରିରୁ ତାଙ୍କ ରକ୍ତାକ୍ତ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ଏକ ରକ୍ତଲଗା ଠେଙ୍ଗା ଜବତ କରିଥିଲା। ହୃଦାନନ୍ଦଙ୍କ ଦୁଇ ହାତ ବନ୍ଧା ହୋଇଥିବାବେଳେ ମୁଣ୍ଡରେ ଗଭୀର କ୍ଷତ ରହିଥିଲା। ତାଙ୍କ ସମ୍ପର୍କୀୟ ଭାଇ ଗଗନ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ପରଦିନ ତାଙ୍କ ସ୍ତ୍ରୀ ଓ ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି।

ଆଜି କ'ଣ କେଉଁଠି
ସ୍ତମ୍ଭରେ କୌଣସି
କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ
ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ
ସହ ନିକଟସ୍ଥ ପ୍ରତିନିଧି କିମ୍ବା
ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ
ସହ ଯୋଗାଯୋଗ କରନ୍ତୁ।

# ୨ ମାଓବାଦୀ ମିଲିସିୟା ଗିରଫ




ମାଲକାନଗିରି, ୯।୯ (ସ୍ୱ.ପ୍ର.)

ସୋମବାର ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଆନଭାରମ ପୋଲିସ ୨ଜଣ ମାଓବାଦୀ ମିଲିସିୟାଙ୍କୁ ଗିରଫ କରିଛି। ସେମାନେ ହେଲେ କୋରା ସିଦ୍ଧୁରୁ ଓ ବନ୍ତଳା ବେଂଜି ବାବୁ। ଏହି ଦୁଇ ମାଓବାଦୀ ଆନ୍ଧ୍ର ଓଡିଶା–ବର୍ଡର ଜୋନାଲ କମିଟି ସଦସ୍ୟ ବୋଲି ଜଣାପଡିଛି। ଉଭୟଙ୍କ ଘର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ଗ୍ରାମରେ।

# ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ବିୟୋଗରେ ନବୀନ, ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀପ ଜଣେ ଅଭିଜ୍ଞ ଓ ନୀତି ଆଦର୍ଶ ସଂପନ୍ନ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତ ଓଡ଼ିଶା ସାମ୍ବାଦିକତା ପାଇଁ ବିରାଟ କ୍ଷତି। ଏହି ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗକୁ ସାନ୍ତ୍ୱନା ଜଣାଇଛନ୍ତି। ଅର୍ଥନୈତିକ ସାମ୍ବାଦିକତା ଓ ରାଜନୈତିକ ବିଶ୍ଳେଷଣ କ୍ଷେତ୍ରରେ ଦିଲ୍ଲୀପ ଶତପଥୀ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ୱର୍ଗତଃ ଶତପଥୀଙ୍କ ଦେହାନ୍ତରେ ସେ ମର୍ମାହତ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ କରି ଜଣାଇଛନ୍ତି।

**୯ମ ଜନ୍ମଦିନ ଶୁଭେଚ୍ଛା**



ଅଭିନୀତ ମେହେର
ଲାଉମୁଣ୍ଡା, ବିଜେପୁର, ଜିଲ୍ଲା–ବରଗଡ଼
ଆଜି ତୋର ନବମ ଜନ୍ମବାର୍ଷିକୀ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା: ହୀରାଚାନ୍ଦ ମେହେର, ମାଆ: ଲୋକେଶ୍ୱରୀ ମେହେର, ମାମୁ, ମାଇଁ, ଅଜା, ଆଈ ଓ ସମସ୍ତ ପରିବାରବର୍ଗ
ଧ–୧୪୨୮୬

**JAWAHAR NAVODAYA VIDYALAYA, SARANG**
DIST: DHENKANAL(ODISHA), Ph : 06768-267135
Email: jnvdhenkanal@gmail.com, Website: www.jnvdhenkanal.org
APPOINTMENT OF ODIA TEACHERS ON CONTRACT BASIS FOR JNVs OF PATNA REGION
Applications are invited to TGT(Odia) for the session 2019-20 in different JNVs of Patna region (Bihar, Jharkhand, West Bengal only)Purely on contract. The last date of submission of application forms is 10 A.M. of dt. 16.09.2019. For detail information visit our Vidyalaya website-**www.jnvdhenkanal.org.** The Candidate must be passed out graduation with 50% marks in aggregate and 50 % marks in odia language as elected subject with B.Ed. The criteria for selection will be purely on merit basis on educational qualification, CCA activities and experience. There will be no interview. The tentative merit list will be uploaded in the website of this Vidyalaya. The applicants will have to produce original documents for verification personally on dt- 16.09.2019 at 12.15 A.N. onwards. The final merit list will be intimated to the Deputy Commissioner, NVS, RO, Patna through Deputy Commissioner, NVS, RO, Bhopal for issue of posting order in different JNVs of Patna region.
PRINCIPAL, JNV, SARANG

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର


ସ୍କେବିରାଜ୍
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

CLASSIFIED DISPLAY

## ■ଜଗା ସୁସ୍ଥ, ପୂର୍ବପରି ରହିଛି କାଳିଆ ଅବସ୍ଥା
# କିଛି ମାସ ଚିକିତ୍ସା ପରେ ଜଗା ସ୍କୁଲ ଯିବ

କଟକ ଅଫିସ, ୯।୯

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ ହୋଇଯାଇଛି। ୧୪ ଜଣିଆ ଡାକ୍ତରୀ ଟିମ୍ ଉଭୟଙ୍କ ଖାଇବା, ଶୋଇବା ସହ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏସ୍‌ସିବିରେ ପହଞ୍ଚିବା ପରଠାରୁ ଜଗା ସୁସ୍ଥ ଥିବାବେଳେ କାଳିଆର ମାନସିକ ସ୍ଥିତିରେ ସୁଧାର ଆସୁନାହିଁ। ତାକୁ ସୁସ୍ଥ କରିବା ପାଇଁ ଡାକ୍ତରୀ ଟିମ୍ ଲାଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ଜଗା ପାଠ ପଢ଼ିବା ପାଇଁ ସମର୍ଥ ବୋଲି ଡାକ୍ତରୀ ଟିମ୍ ମତ ଦେଇଛନ୍ତି। ଏହି ଟିମ୍‌ରେ ୨ ଜଣ ଏମ୍‌ସ ଡାକ୍ତର ଅଛନ୍ତି। କାଳିଆର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଟିମ୍‌ର ଚିନ୍ତା ବଢ଼ିବାରେ ଲାଗିଛି। କାଳିଆ ଯେପରି ସଂକ୍ରମଣ ରୋଗରେ ଆକ୍ରାନ୍ତ ନ ହୁଏ ସେ ନେଇ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଛି। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଜଗା ସୁସ୍ଥ ଥିବାବେଳେ ପାଠ ପଢ଼ିବା ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି। କାଳିଆର ଅବସ୍ଥା ପୂର୍ବପରି ରହିଛି। ଆମ ପକ୍ଷରୁ ମଧ୍ୟ ଜଗା ପଢ଼ିବାକୁ ମତ ରଖାଯାଇଛି। ଏବେ ତାଙ୍କ ମା'ବାପାଙ୍କ ଉପରେ ପାଠପଢ଼ା ନିର୍ଭର କରେ। ଜଗା-କାଳିଆଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡା. ସୁଧାଂଶୁ ମିଶ୍ର କହିଛନ୍ତି, କାଳିଆଙ୍କୁ ମଝିରେ ମଝିରେ ଜ୍ୱର ଆସୁଛି। ଆଜି ଦିନରେ ଥରେ ଜ୍ୱର ହୋଇଥିଲା। କିନ୍ତୁ ତାହା ଭଲ ହୋଇଯାଇଛି। ଆଗାମୀ ଦିନରେ ପୁନର୍ବାର ଯେପରି ଜ୍ୱର ନ ହୁଏ ସେ ଦିଗରେ ଦୃଷ୍ଟି ଦିଆଯାଉଛି। କାଳିଆର ପେଟ ବାଟେ ତରଳ ଖାଦ୍ୟ ଖାଇବାକୁ ଦିଆଯାଉଛି। ଏବେ ସେ ସୁସ୍ଥ ଅଛନ୍ତି। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଆମ ଟିମ୍ ଦିନରାତି ଚେଷ୍ଟା ଚଳାଇଛନ୍ତି। ଜଗାକୁ ଆମିଷ, ନିରାମିଷ ଖାଦ୍ୟ ଦିଆଯାଉଛି।

**ମନେ ପଡ଼ନ୍ତି**

ପଞ୍ଚମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ବାଞ୍ଛାନିଧି ପଣ୍ଡା

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ରୋଜି
ସ୍ୱର୍ଗତା ଚାଉ (ନରେନ୍ଦ୍ର)

ଏମିତ ପାଠ ପଢ଼ନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
DIPLOMA PROGRAMME
-GNM (Nursing)
-ANM (Nursing)
-DMRT (X-Ray)
-DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
-MEDICAL LAB TECH.
-X-RAY TECH
-O.T TECH
-WARD TECH
-DIALYSIS TECH
ELIGIBILITY : MATRIC PASS
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

LEARN CCTV
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା

# ବାତିଲ ଶୁଭଙ୍କର

ଆଫଗାନିସ୍ତାନରେ ସ୍ଥିତି କାହିର କରିଥିବା ଆତଙ୍କବାଦୀ ସଙ୍ଗଠନ ତାଲିବାନ ସହ ଶାନ୍ତି ଚୁକ୍ତି କରିବା ଲାଗି ଆମେରିକା ବର୍ଷେ ହେବ ଚଳାଇ ଆସୁଥିବା ଉଦ୍ୟମ ବାତିଲ ହୋଇଛି। ୫ ସେପ୍ଟେମ୍ବର ୨୦୧୯ରେ କାବୁଲରେ ତାଲିବାନ ଆକ୍ରମଣରେ ଆଫଗାନିସ୍ତାନରେ ମୁତୟନ ହୋଇଥିବା ଆମେରିକା ସେନାର ଜଣେ ସୈନିକଙ୍କ ସମେତ ୧୨ ଜଣଙ୍କ ପ୍ରାଣହାନି ଘଟିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଆଲୋଚନାକୁ ରଦ୍ଦ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୱାଶିଂଟନ ନିକଟ କ୍ୟାମ୍ପ ଡାଭିଡ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ତାଲିବାନ ନେତାଙ୍କ ମଧ୍ୟରେ ଶାନ୍ତି କଥାବାର୍ତ୍ତା ହେବାର ଥିଲା। ତେବେ ଆଫଗାନିସ୍ତାନ ସରକାରଙ୍କ ପରାମର୍ଶ ନ ନେଇ ସିଧାସଳଖ ତାଲିବାନ ନେତାଙ୍କ ସହ ଯୋଗାଯୋଗ ସ୍ଥାପନ କରାଯାଉଥିବାରୁ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଥିଲେ। ଏଭଳି ସ୍ଥଳେ ଆମେରିକାର ସୈନ୍ୟଙ୍କୁ ହତ୍ୟା କରିଥିବା ତାଲିବାନ ସ୍ୱୀକାର କରିବା ପରେ ଏହି ଆତଙ୍କବାଦୀ ସଙ୍ଗଠନର ଶାନ୍ତି ପ୍ରତି ବିମୁଖଭାବ ଥିବା ଜଣାପଡ଼ିଯାଉଛି। ଖୋଦ୍ ଟ୍ରମ୍ପ ମଧ୍ୟ ବୁଝିପାରିଛନ୍ତି ଯେ ତାଲିବାନ କାହାର ନୁହେଁ। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଆଫଗାନିସ୍ତାନରେ ସୋଭିଏତ୍ ୟୁନିୟନର ଉପସ୍ଥିତିକୁ ପ୍ରତିହତ କରିବା ଲାଗି ଆମେରିକା ତାଲିବାନ ଭଳି ଦୁଷ୍ଟ ଶକ୍ତିକୁ ସୃଷ୍ଟି କରିଥିଲା। ସେତେବେଳେ ପାକିସ୍ତାନ ସମର୍ଥିତ ତାଲିବାନ ଉଗ୍ରପନ୍ଥୀମାନେ ଆମେରିକାର ବଳ ପାଇ ଆଫଗାନିସ୍ତାନରେ ବଳୀୟାନ ହୋଇଯାଇଥିଲେ। ଦେଶ ଶାସନକୁ ନିଜ ହାତକୁ ନେବା ଲାଗି ଆଫଗାନିସ୍ତାନରେ ଏହି ଆତଙ୍କବାଦୀ ସଙ୍ଗଠନ ନରସଂହାର ରଚିଥିଲା। ଏପରି କି ଚଳିତ ଶତାବ୍ଦୀର ପ୍ରାରମ୍ଭରେ ସେଠାରେ ସମାନ୍ତରାଳ ଶାସନ ଚାଲିଥିଲା। ସେହି ସମୟରେ ଅନ୍ୟ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ-କାଏଦା ଆଫଗାନିସ୍ତାନରେ ମୁଖ୍ୟ ଘାଟି ସ୍ଥାପନ କରିଥିଲା। ଆତଙ୍କବାଦକୁ ରୋକିବା ଲାଗି ଆମେରିକା ଯେତେବେଳେ ସେଠାରେ ଜୋରଦାର ଉଦ୍ୟମ କଲା, ସେତେବେଳେ ଅଲ୍-କାଏଦା ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲା। ୧୧ ସେପ୍ଟେମ୍ବର ୨୦୦୧ରେ ଏହି ସଙ୍ଗଠନ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଉପରେ ଆକ୍ରମଣ କରି ବିଶ୍ୱକୁ ଥରାଇ ଦେଇଥିଲା। ଏହା ପରେ ଆମେରିକା ସେଠାରେ ନିଜ ସୈନ୍ୟ ସଂଖ୍ୟା ବଢ଼ାଇ ଚାଲିଲା। ୨୦୦୯ ଶେଷ ଆଡ଼କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ୩୦,୦୦୦ ସୈନ୍ୟ ଆଫଗାନିସ୍ତାନକୁ ପ୍ରେରଣ କରିବା ଲାଗି ଘୋଷଣା କରିଥିଲେ। ୨୦୧୧ ଜୁଲାଇ ବେଳକୁ ସୈନ୍ୟ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ସେଠାରୁ ବହୁ ସୈନ୍ୟଙ୍କୁ ଅପସାରଣ କରାଯାଇସାରିଲାଣି। ଏବେ ମଧ୍ୟ ୧୪,୦୦୦ ସୈନ୍ୟ ଅଛନ୍ତି। ତନ୍ମଧ୍ୟରୁ ୫,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟଙ୍କୁ ପ୍ରତ୍ୟାହାର ଲାଗି ଟ୍ରମ୍ପ ଚିନ୍ତା କଲା ବେଳକୁ ତାଲିବାନ ଆକ୍ରମଣ ଘଟିଲା।

ତାଲିବାନ ସହ ଆମେରିକାର ଶାନ୍ତି ଆଲୋଚନା ରଦ୍ଦ ହେବା ପରେ ଏହା ଭାରତ ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି। ଆଜିର ପରିସ୍ଥିତି ଦେଖିଲେ କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଓ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ନିକଟରେ ଭାରତର ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡ଼ିପାରିବ ନାହିଁ ବୋଲି ଇସଲାମାବାଦ ମନା କରିଦେଇଛି। ଏହି ପରିପ୍ରେକ୍ଷୀରେ ବାହାର ରାଷ୍ଟ୍ର ସହ ବାଣିଜ୍ୟିକ କାରବାର ଲାଗି ଭାରତ ପାଇଁ ଆଫଗାନିସ୍ତାନ ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟିଛି। ସେହିପରି ଇରାନ୍‌ର ଛାବାହାର ବନ୍ଦରକୁ ଭାରତ ବିକଶିତ କରିଥିବାରୁ ସେହି ବାଟ ଦେଇ ବାଣିଜ୍ୟିକ କାରବାର ନୂଆଦିଲ୍ଲୀ ପାଇଁ ସୁଗମ ହେଉଛି। ଆଫଗାନିସ୍ତାନରେ ତାଲିବାନକୁ ପ୍ରତିହତ କରିବା ସକାଶେ ଆମେରିକା ସୈନ୍ୟ ପ୍ରମୁଖ ଭୂମିକା ନିଭାଉଛନ୍ତି। ଆମେରିକା ସେଠାରୁ ଅବଶିଷ୍ଟ ସୈନ୍ୟ ପ୍ରତ୍ୟାହାର କରିବ ନାହିଁ ବୋଲି ନିଷ୍ପତ୍ତି ନେବା ପରେ ନୂଆଦିଲ୍ଲୀ ଆଶ୍ୱସ୍ତ ହୋଇଥାଇପାରେ। ବିଶ୍ୱ ମାନଚିତ୍ରରେ ଭାରତକୁ ଦେଖିଲେ ପୂର୍ବ, ଉତ୍ତର ଓ ପଶ୍ଚିମ ପଟରେ ଇସଲାମିକ କ୍ଷତିଗ୍ରସ୍ତ ଦେଶଗୁଡ଼ିକ ଭାରତକୁ ଘେରି ରହିଛନ୍ତି। ପୂର୍ବରୁ ଜଣା ଯେ, ଇସଲାମିକ୍ ଷ୍ଟେଟ୍ (ଆଇଏସ୍)ର ଲକ୍ଷ୍ୟ ଥିଲା ଭାରତକୁ ମଧ୍ୟ ମୁସଲମାନ ଦେଶରେ ପରିଣତ କରିବା। ଅନ୍ୟପକ୍ଷରେ ଦେଖିଲେ ଗତ ନିର୍ବାଚନ ସମୟରେ ଟ୍ରମ୍ପ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, କ୍ଷମତାକୁ ଆସିଲେ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିବେ। କାରଣ ସେଠାରେ ମୁତୟନ ହୋଇଥିବା ସୈନ୍ୟ ଯୋଗୁ ଆମେରିକା ରାଜକୋଷକୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ସତ୍ତ୍ୱେ ଗଲ୍ଫ ଦେଶ ଉପରେ ପ୍ରଭାବ ବିସ୍ତାର କରିଆସିଥିବା ଆମେରିକା ପାଇଁ ଆଫଗାନିସ୍ତାନରେ ସୈନ୍ୟ ମୁତୟନର ଆବଶ୍ୟକତା ରହିଛି। ଏ କଥା ଜାଣି ମଧ୍ୟ ଟ୍ରମ୍ପ ନିଜ ଜିଦ୍ ଯୋଗୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ବର୍ତ୍ତମାନ ଶାନ୍ତି ଆଲୋଚନା ରଦ୍ଦ ହୋଇଥିବାରୁ ଆଫଗାନିସ୍ତାନ ସରକାର ପାଇଁ ଫଳପ୍ରଦ ହେବ। ଅନ୍ୟପକ୍ଷରେ ଟ୍ରମ୍ପ ଓ ତାଲିବାନ ନେତାଙ୍କ ମଧ୍ୟରେ ଗୁପ୍ତ ବୈଠକ ବାତିଲ ହୋଇଥିବାରୁ ପାକିସ୍ତାନ ସବୁଠାରୁ କ୍ଷତିଗ୍ରସ୍ତ ହୋଇପାରେ। କାରଣ ତାଲିବାନର ଭୟ ଦେଖାଇ ଆମେରିକାର ନିକଟବର୍ତ୍ତୀ ହେବାକୁ ପାକିସ୍ତାନ ଆଶା ବାନ୍ଧିଥିଲା। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ନିର୍ବାଚନକୁ ଆଖି ଆଗରେ ରଖି ସୈନ୍ୟ ପ୍ରତ୍ୟାହାର ନିମନ୍ତେ ତାଲିବାନ ସହ ଆଲୋଚନା କରିଥିଲେ। ଏହା ତାଙ୍କୁ ଆମେରିକୀୟ ଭୋଟରଙ୍କ ପାଖରେ ଲୋକପ୍ରିୟ କରିଥାଆନ୍ତା। କିନ୍ତୁ ତାଲିବାନ ଆକ୍ରମଣ ଯୋଗୁ ଆମେରିକୀୟ ସୈନ୍ୟ ନିହତ ହେବାରୁ ତାଙ୍କ ଆତଙ୍କବାଦ ବିରୋଧୀ ଅଭିମୁଖ୍ୟ ପ୍ରଶ୍ନବାଚୀରେ ଆସିଗଲା। ହୁଏତ ନିଜକୁ ଦୁର୍ବଳ ଦେଖାଇବା ଅଧିକ କ୍ଷତିକାରକ ହୋଇପାରେ ବୋଲି ଚିନ୍ତା କରି ଟ୍ରମ୍ପ ନିଷ୍ପତ୍ତି ବଦଳାଇ ଦେଲେ। ଫଳରେ ତାଲିବାନ ସହ ଆଲୋଚନା ଭାଙ୍ଗିଲା ଏବଂ ଭାରତୀୟ ବ୍ୟବସ୍ଥା ଆଉ କିଛି ଦିନ ଆଶ୍ୱସ୍ତ ରହିପାରିବ।

# କଶ୍ମୀରଃ ପାକିସ୍ତାନର ଦାବି ଓ ଧମକ



ବିପିନ ବିହାରୀ ମିଶ୍ର

କଶ୍ମୀର ବିଷୟରେ ପାକିସ୍ତାନ ବାରମ୍ବାର ଅନେକ ପ୍ରଶ୍ନ ଉଠାଉଛି। ଦାବି କରୁଛି ଓ ଯୁଦ୍ଧର ଧମକ ଦେଉଛି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଯିଏ କି ଜଣେ ଭଲ କ୍ରିକେଟ ଖେଳାଳି ଥିଲେ କିନ୍ତୁ ଛାତ୍ର ହିସାବରେ ଇଂଲଣ୍ଡର ଏକ ବିଶ୍ୱବିଦ୍ୟାଳୟଠାରୁ ସହପାଠୀଙ୍କ ଦ୍ୱାରା 'ବୋକା ଇମ୍ରାନ' ଆଖ୍ୟା ପାଇଥିଲେ, ସେ ପାର୍ଲାମେଣ୍ଟରେ ପାକିସ୍ତାନ-ଭାରତ ସମ୍ପର୍କରେ ଲମ୍ବା ଭାଷଣ ଦେଇଥିଲେ। କହୁ କହୁ କହିଲେ ଯେ, ପଡ଼ୋଶୀ ରାଜ୍ୟ ମଧ୍ୟରେ କାହିଁକି ସୁସମ୍ପର୍କ ସ୍ଥାପିତ ହୋଇପାରିବନି? ଉଦାହରଣ ଦେଇ କହିଲେ, ଏଇ ଦେଖନ୍ତୁ ଜର୍ମାନୀ ଓ ଜାପାନ କଥା- ଏ ଦୁଇଟି ଦେଶ ପଡ଼ୋଶୀ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ସେମାନେ ପରସ୍ପର ବିରୋଧରେ ଲଢ଼ିଥିଲେ। କିନ୍ତୁ ଏବେ ସେମାନଙ୍କ ମଧ୍ୟରେ ବେଶ୍ ଭଲ ବନ୍ଧୁତା ଅଛି। ଜର୍ମାନୀ ଓ ଜାପାନ ଶବ୍ଦ ବାରମ୍ବାର ଉଚ୍ଚାରଣ କରୁଥିବାରୁ କେହି କହିପାରିବେ ନାହିଁ ଯେ ପାଟିରୁ କଥା ଖସିଗଲା। ତାଙ୍କ ଦେଶର ହିନା ରବାନୀ ଯିଏ ଜଣେ ପୂର୍ବତନ ବୈଦେଶିକ ମନ୍ତ୍ରୀ, ସେ ପାକିସ୍ତାନ ପାର୍ଲାମେଣ୍ଟରେ ଇମ୍ରାନଙ୍କର ଇତିହାସ ଓ ଭୂଗୋଳ ଜ୍ଞାନ କେତେ ଦୁର୍ବଳ ତାହାକୁ ନେଇ ଆକ୍ଷେପ କରିଥିଲେ। ସେ କହିଲେ, ଜର୍ମାନୀ ହେଉଛି ୟୁରୋପରେ, ଜାପାନ ହେଉଛି ଏସିଆରେ। ପୁଣି ୨ୟ ମହାଯୁଦ୍ଧ ସମୟରେ ସେମାନେ କାନ୍ଧକୁ କାନ୍ଧ ମିଶାଇ ଇଂଲଣ୍ଡ ଓ ଆମେରିକା ବିରୋଧରେ ଲଢେଇ କରୁଥିଲେ। ଏଇ ପରିପ୍ରେକ୍ଷୀରେ ତାଙ୍କର ମନ୍ତବ୍ୟ କେତେ ହାସ୍ୟାସ୍ପଦ ଓ ଲଜ୍ଜାଜନକ ତାହା ଅନୁମାନ କରନ୍ତୁ। ସାରା ବିଶ୍ୱରେ ଆମେ ଲୋକହସା ହେଉଛୁ। ସେ ଏବଂ ତାଙ୍କର ରେଳମନ୍ତ୍ରୀ ବାରମ୍ବାର ଯୁଦ୍ଧ ଘୋଷଣା କରୁଛନ୍ତି। ରେଳମନ୍ତ୍ରୀ ଅନେକଦିନ ପୂର୍ବରୁ କହିଥିଲେ ଯେ, ଭାରତ-ପାକିସ୍ତାନ ଯୁଦ୍ଧ ହେଲେ ଆଉ ଭାରତର ମନ୍ଦିରରେ ଘଣ୍ଟି ବାଜିବ ନାହିଁ। ସେମାନଙ୍କ ସାଙ୍ଗକୁ କେତେକ କ୍ରିକେଟ ଖେଳାଳି ଅଣ୍ଟା ଭିଡି ବାହାରିଛନ୍ତି। ଜାଭେଦ ମିଆଁଦାଦ ଭଲ ବ୍ୟାଟିଂ କରୁଥିଲେ ଏବଂ ସେ କହିଛନ୍ତି ଭାରତୀୟଗୁଡା ଭୀରୁ। ବାସ୍ତବରେ ଭୀରୁ ବଦଳରେ ସେ ଏକ ଅତ୍ୟନ୍ତ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଥିଲେ, ଯାହା କେବଳ ତାଙ୍କ ମୁହଁରେ ଶୋଭାପାଏ। କାରଣ ସେ ହେଉଛନ୍ତି କୁଖ୍ୟାତ ଅନ୍ତର୍ଜାତୀୟ ଅପରାଧୀ ଦାଉଦ ଇବ୍ରାହିମ୍‌ଙ୍କ ସମୁଦି। ତେବେ ମୂଳ କଥା ଉପରକୁ ଆସିବା। ପାକିସ୍ତାନ ସରକାର ଉଠାଇଥିବା କେତେକ ପ୍ରଶ୍ନ:

୧- କଶ୍ମୀର ପାକିସ୍ତାନର ଓ ଭାରତ ତାକୁ ଛଡ଼େଇ ନେଇଛି। ଏହାର ଉତ୍ତର ହେଉଛି ଯେ, ପାକିସ୍ତାନର ଜନ୍ମ ହେଲା ୧୪ ଅଗଷ୍ଟ ୧୯୪୭ରେ। ସେତେବେଳେ କଶ୍ମୀର ଥିଲା ଏକ ଦେଶୀୟ ସ୍ୱୟଂଚାଳିତ ରାଜ୍ୟ। ସୀମା ନିର୍ଦ୍ଧାରଣ କମିଟିର ଅଧ୍ୟକ୍ଷ ରାଡକ୍ଲିଫ ଯେତେବେଳେ ସୀମା ଗାର କାଟିଲେ ସେଥିରେ ସେ କଶ୍ମୀରକୁ ପାକିସ୍ତାନ ଅନ୍ତର୍ଭୁକ୍ତ କରିନାହାନ୍ତି। ଆଇନ ଦୃଷ୍ଟିରୁ ନ ହେଲେ ମଧ୍ୟ ଭୌଗୋଳିକ ଦୃଷ୍ଟିରୁ କଶ୍ମୀର ଭାରତର ନ ଥିଲା କିମ୍ବା ପାକିସ୍ତାନର ନ ଥିଲା।

୨- ଯେହେତୁ ଏହା ମୁସଲମାନ ବହୁଳ ତେଣୁ ଏହା ପାକିସ୍ତାନରେ ମିଶିବା କଥା। ଭାରତ ଏହାକୁ ଆକ୍ରମଣ କରି ଜବରଦସ୍ତ ମାଡିବସିଛି। ଏହାର ଉତ୍ତର ହେଉଛି ଯେ, ସ୍ୱାଧୀନତା ପୂର୍ବରୁ ଇଂରେଜ ସରକାର ଏକ ଆଇନ କଲେ ଯାହାକୁ କଂଗ୍ରେସ ଓ ମୁସଲିମ ଲିଗ୍ ଗ୍ରହଣ କଲା। ସେତେବେଳେ ଭାରତରେ ମୋଗଲବନ୍ଦୀ ଓ ଦେଶୀୟ ରାଜ୍ୟ ଦୁଇପ୍ରକାର ଅଞ୍ଚଳ ଥିଲା। ମୋଗଲବନ୍ଦୀ ସିଧାସଳଖ ଇଂରେଜ ସରକାର ଅଧୀନରେ ଥିଲେ, ଯାହାକୁ ଶାସନ କରୁଥିଲେ ଗଭର୍ନର ଓ ଗଭର୍ନର ଜେନେରାଲ ଇତ୍ୟାଦି। ଦେଶୀୟ ରାଜ୍ୟ (ହାଇଦ୍ରାବାଦ, କଶ୍ମୀର, ମହୀଶୂର ଏବଂ ଓଡିଶାର ମୟୂରଭଞ୍ଜ ଓ କେନ୍ଦୁଝର ଇତ୍ୟାଦି) ରାଜା ମହାରାଜାଙ୍କ ଅଧୀନରେ ଥିଲା। ଇଂରେଜ ସରକାର ପଲିଟିକାଲ ଏଜେଣ୍ଟ ଓ ରେସିଡେଣ୍ଟଙ୍କ ମାଧ୍ୟମରେ ସେମାନଙ୍କ ଉପରେ ସୀମିତ ଅଧିକାର ଜାହିର କରୁଥିଲେ। ୧୯୪୭ର ସ୍ୱାଧୀନତା ଆଇନ (ଇଂରେଜ ସରକାର ପ୍ରଣୀତ) ଅନୁସାରେ ମୋଗଲବନ୍ଦୀ ସ୍ଥାନ ଧର୍ମବହୁଳତାକୁ ଦୃଷ୍ଟିରେ ରଖି ଭାଗ କରାଯିବ। କିନ୍ତୁ ଦେଶୀୟ ରାଜ୍ୟଗୁଡ଼ିକର ରାଜାମାନେ ମିଶ୍ରଣ ବିଷୟରେ ନିଷ୍ପତ୍ତି ନେବେ। ସର୍ଦ୍ଦାର ପଟେଲ ପ୍ରାଣପଣେ ଚେଷ୍ଟାକରି ୫୬୫ ଦେଶୀୟ ରାଜା ମହାରାଜାଙ୍କ ମଧ୍ୟରୁ ୫୬୨ଙ୍କୁ ପ୍ରବର୍ତ୍ତେଇ ଭାରତ ସଙ୍ଗେ ମିଶ୍ରଣ କରିଦେଲେ। ବାକି ରହିଲା ହାଇଦ୍ରାବାଦ, ଜୁନାଗଡ ଓ କଶ୍ମୀର। ପରେ ସର୍ବସାଧାରଣଙ୍କ ଇଚ୍ଛା ଏବଂ ହାଇଦ୍ରାବାଦ ଓ ଜୁନାଗଡରେ (ଉଭୟ ହିନ୍ଦୁବହୁଳ) ନୃଶଂସ ଅତ୍ୟାଚାର ଓ ହତ୍ୟାର ଖବର ପାଇ ଏବଂ ସେମାନଙ୍କ ଅସ୍ଥାୟୀ ସରକାରଙ୍କ ଇଚ୍ଛାକୁ ସମ୍ମାନ ଦେଇ ବଳ ପ୍ରୟୋଗ କରି ଏ ଦୁଇ ରାଜ୍ୟକୁ ଦଖଲ କରାଗଲା।

୩- ଭାରତ ଆକ୍ରମଣ କରି କଶ୍ମୀରକୁ ମାଡି ବସିଲା। ଏହାର ଉତ୍ତରରେ ଅନେକବାର କୁହାଯାଇଛି ଯେ, ବିଶ୍ୱଯୁଦ୍ଧ ପରେ ସୈନ୍ୟବାହିନୀରୁ ଛଟେଇ ହୋଇଥିବା ହଜାର ହଜାର ପାହାଡିଆ ଲୋକଙ୍କୁ ପାକିସ୍ତାନ ମେଜର ଜେନେରାଲ ଆକବର ଖାଁଙ୍କ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଯୋଗାଇଲା ଏବଂ ପାକିସ୍ତାନର ଉତ୍ତରପଶ୍ଚିମ ପ୍ରଦେଶର ବ୍ରିଟିଶ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏଇମାନଙ୍କୁ ଟ୍ରକ୍, ପେଟ୍ରୋଲ, ଖାଦ୍ୟଦ୍ରବ୍ୟ ଇତ୍ୟାଦି ଯୋଗେଇ ଦେଲେ ଓ ଇସାରା ଦିଆଗଲା ଯେ ଯିଏ ଯାହା ଲୁଟତରାଜ କରିବ ସେଇଟା ତା'ର ବ୍ୟକ୍ତିଗତ ସମ୍ପତ୍ତି ହେବ। ତେଣୁ ପାକିସ୍ତାନୀ (ପାକିସ୍ତାନ ନୁହେଁ) କଶ୍ମୀର ଆକ୍ରମଣ କଲେ ଓ ଶ୍ରୀନଗର ଆଡକୁ ଆଗେଇ ୧୨ ମାଇଲ ଦୂରରେ ରହିଲେ। ଭୟଭୀତ ହୋଇ ବା ଅନନ୍ୟୋପାୟ ହୋଇ ମହାରାଜା ହରି ସିଂ ଭାରତର ସାମରିକ ସାହାଯ୍ୟ ଭିକ୍ଷା କଲେ କିନ୍ତୁ ଭାରତ କହିଲା ଯେ ଯଦି କଶ୍ମୀର ଭାରତରେ ମିଶିବ ତେବେ ଆମେ କଶ୍ମୀରକୁ ରକ୍ଷା କରିବୁ। ଅକ୍ଟୋବର ୨୬, ୧୯୪୭ରେ ମହାରାଜା ହରି ସିଂ ଭାରତ ସଙ୍ଗେ ମିଶ୍ରଣ ଚୁକ୍ତିରେ ଦସ୍ତଖତ କଲେ ଓ ୨୭ ଅକ୍ଟୋବରରେ ଗଭର୍ନର ଜେନେରାଲ ମାଉଣ୍ଟ ବ୍ୟାଟେନ ତାହାକୁ ଗ୍ରହଣ କଲେ। ସଙ୍ଗେ ସଙ୍ଗେ ସୈନ୍ୟ ପଠାଗଲା ଓ କଶ୍ମୀରର ଦୁଇତୃତୀୟାଂଶ ହାସଲ କଲା ପରେ ପଣ୍ଡିତ ନେହେରୁ ଜାତିସଂଘକୁ ଗଲେ ପାକିସ୍ତାନ ବିରୋଧରେ ଅଭିଯୋଗ କରିବା ପାଇଁ। ସର୍ଦ୍ଦାର ପଟେଲଙ୍କୁ ନ ପଚାରି ଏଭଳି ଭୁଲ୍ ସେ କାହିଁକି କଲେ ତାହା ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇପାରେ। ସେ ବିଷୟରେ ପାକିସ୍ତାନ ବାରମ୍ବାର କହୁଛି ଯେ କଶ୍ମୀରରେ ଗଣଭୋଟ ହେଉ ବୋଲି ନିରାପତ୍ତା ପରିଷଦ ନିର୍ଦ୍ଦେଶ ଦେଇଛି। ଏହା ଆଂଶିକ ଭାବେ ସତ୍ୟ କିନ୍ତୁ ଗଣଭୋଟ କିଭଳି ହେବ ଓ କେଉଁ ପରିସ୍ଥିତିରେ ହେବ ଏବଂ କାହିଁକି ଭାରତ ରାଜି ହେଉନାହିଁ ସେ ବିଷୟରେ ସମସ୍ତେ ଅବଗତ ହେବା ଉଚିତ। ପ୍ରଥମ କଥା ହେଲା ୨୭ ଅକ୍ଟୋବର ୧୯୪୭ରେ ମାଉଣ୍ଟ ବ୍ୟାଟେନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ମାତ୍ରେ କଶ୍ମୀର ଭାରତର ଅଂଶ ହୋଇଗଲା। ତେଣୁ ଗଣଭୋଟ କରିବାର ପ୍ରଶ୍ନ ଉଠୁ ନାହିଁ, ଯଦିବା ନେହେରୁ ନିଜ ଆଡୁ ପ୍ରସ୍ତାବ ଦେଇଥିଲେ। ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଯେଉଁ ପ୍ରସ୍ତାବ ଦେଲା ତା'ର ଅଂଶ ୨(କ) ପାରା-୧ର ଶେଷ ଧାଡ଼ିରେ ଲେଖାଯାଇଛି ଯେ, ପାକିସ୍ତାନ କଶ୍ମୀରରୁ ତା'ର ସମସ୍ତ ସୈନ୍ୟ ଫେରେଇ ନେବ ବୋଲି ରାଜିହେଲା। ପାରା-୨ରେ ଲେଖାଗଲା ଯେ, ପାକିସ୍ତାନ ଯୁଦ୍ଧ ଉଦ୍ଦେଶ୍ୟରେ ପଶିଥିବା ପାହାଡ଼ି ସଶସ୍ତ୍ର ବାହିନୀ ଓ ଅନ୍ୟାନ୍ୟ ପାକିସ୍ତାନୀଙ୍କୁ ଫେରେଇନେବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ। ନିରାପତ୍ତା ପରିଷଦର ପ୍ରସ୍ତାବ (ଖ)ରେ ଲେଖାଯାଇଛି କି ଯେତେବେଳେ କମିଶନ ସନ୍ତୁଷ୍ଟ ହେବ ଯେ ପାକିସ୍ତାନ ତା'ର ସମସ୍ତ ସୈନ୍ୟ, ବେସାମରିକ ଅଧିକାରୀ, ନାଗରିକଙ୍କୁ ଫେରେଇ ନେଇଛି ତା' ପରେ ନିରାପତ୍ତା ପରିଷଦ ଭାରତକୁ କହିବ ତା'ର ଅଧିକାଂଶ ସୈନ୍ୟଙ୍କୁ ଫେରେଇନେବ ଓ ଭାରତ ଏଥିରେ ରାଜି ହେଲା। ଏହାର ଅର୍ଥ ହେଲା ଯେ ତଥାକଥିତ ଆଜାଦ କଶ୍ମୀରକୁ ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଖାଲି କରିବ ଓ ଭାରତ କିଛି ସୈନ୍ୟଙ୍କୁ ରଖିବ। ତୃତୀୟ ଭାଗରେ ଲେଖାଗଲା ଯେ ଏହାପରେ ଜମ୍ମୁ-କଶ୍ମୀର ଅଧିବାସୀଙ୍କ ଇଚ୍ଛା ଅନୁସାରେ କଶ୍ମୀରର ଭବିଷ୍ୟତ ନିର୍ଦ୍ଧାରଣ ହେବ। ଏହାପରେ ଜାତିସଂଘର କମିଶନ ଜାନୁୟାରୀ ୫, ୧୯୪୯ରେ ପ୍ରସ୍ତାବ ଦେଲେ ଯେ ନିରାପତ୍ତା ପରିଷଦର ୧୯୪୮ ଅଗଷ୍ଟ ୧୩ର ପ୍ରସ୍ତାବକୁ ଉଭୟ ଦେଶ ପାଳନ କଲା ପରେ ଗଣଭୋଟ ପ୍ରକ୍ରିୟା ଆରମ୍ଭ ହେବ। ଏ ବିଷୟରେ ଅନେକ ପ୍ରକ୍ରିୟା ଲେଖାଯାଇଛି ଯାହା ଅନ୍ୟତ୍ର ଆଲୋଚନା କରାଯାଇପାରେ। କିନ୍ତୁ ମୂଳ କଥା ହେଲା ପାକିସ୍ତାନ ତଥାକଥିତ ଆଜାଦ କଶ୍ମୀରରୁ ସୈନ୍ୟ ଫେରେଇବା ପରିବର୍ତ୍ତେ ସୈନ୍ୟ ଠୁଳ କରୁଛି ଓ ୧୯୮୯ ମସିହାଠାରୁ ସନ୍ତ୍ରାସବାଦ ଶିବିର ଖୋଲି ସେମାନଙ୍କୁ କଶ୍ମୀରକୁ ପଠାଉଛି। ବିଭିନ୍ନ ସମୟରେ ଜାତିସଂଘ ଆଲୋଚନାରେ ଆମର ବିଭାଗବିହୀନ ମନ୍ତ୍ରୀ ଓ ପରେ ରକ୍ଷାମନ୍ତ୍ରୀ ଭି.ପି. କ୍ରିଷ୍ଣା ମେନନ ଓ ତାଙ୍କ ପରେ ସ୍ୱତନ୍ତ୍ର ପ୍ରତିନିଧି ମହମ୍ମଦ କରିମ ଚଗଲା ବାରମ୍ବାର ଯୁକ୍ତି କରିଛନ୍ତି ଯେ ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଦ୍ୱାରା ନିଆଯାଇଥିବା ନିର୍ଦ୍ଦେଶକୁ ପାକିସ୍ତାନ ପାଳନ ନ କରି ଚାହୁଁଛି ଭାରତ ଏହି ନିର୍ଦ୍ଦେଶ ପାଳନ କରୁ। ନିରାପତ୍ତା ପରିଷଦ କହିଥିଲା ଯେ ଏଭଳି କୌଣସି ଅବସ୍ଥା ସୃଷ୍ଟି କରାଯିବା ଉଚିତ ନୁହେଁ ଯାହା ଅନ୍ୟ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ। ପାକିସ୍ତାନର ଏ ଚୁକ୍ତି ୧୯୬୫ରେ ଭାଙ୍ଗିଗଲା। ୧୯୫୮ରେ ଯେତେବେଳେ ସେନାପତି ଆୟୁବ ଖାଁ ଶାସନ ଦଖଲ କଲେ ସେ ଭାରତ ବିରୋଧରେ ଯୁଦ୍ଧ ହୁଙ୍କାର ଦେଇଥିଲେ। ପ୍ରତ୍ୟକ୍ଷ ଯୁଦ୍ଧରେ ହାରିଯିବାରୁ ବର୍ତ୍ତମାନ ପରୋକ୍ଷ ଯୁଦ୍ଧ (ସନ୍ତ୍ରାସବାଦ) କରାଯାଉଛି। କିନ୍ତୁ ଆମ ସରକାର ବିଶେଷତଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଫଳରେ ପାକିସ୍ତାନ ଏକଘରିଆ ହୋଇଛି ଓ ଆଣବିକ ଯୁଦ୍ଧର ଧମକ ଦେଉଛି। ଏ ଧମକର ଉତ୍ତର ପ୍ରାୟ କୋଡିଏ ବର୍ଷ ତଳେ ପ୍ରଧାନମନ୍ତ୍ରୀ ବାଜପେୟୀ ଦେଇଥିଲେ। ଜଣେ ପାକିସ୍ତାନୀ ସାମ୍ବାଦିକ ପଚାରିଲେ ପାକିସ୍ତାନ ଯଦି ଦିଲ୍ଲୀ, ବମ୍ବେ ଇତ୍ୟାଦି ସହରରେ ପରମାଣୁ ବୋମା ପକାଏ ଭାରତର କେତେ କ୍ଷତି ହେବ ଜାଣିପାରୁଛନ୍ତି ତ? ମୁରୁକିହସା ଦେଇ ବାଜପେୟୀ କହିଲେ, ହଁ ଜାଣିପାରୁଛି କିନ୍ତୁ ଏଥିରେ ଆନନ୍ଦିତ ହେବା ପାଇଁ ଜଣେ ବି ପାକିସ୍ତାନୀ ବଞ୍ଚିବେ ନାହିଁ।

ମୋ-୯୦୪୦୪୧୨୩୭୮

# ଅମାନବୀୟ ପରମ୍ପରା



ଦ୍ୱିତୀ ଚନ୍ଦ୍ର ସାହୁ

ହେମଗିରିରୁ ଝାରସୁଗୁଡ଼ା ଫେରୁଥାଉ। ବନ୍ଧୁ ଶିବାଶିଷ ହଠାତ୍ ଏକ ନିଛାଟିଆ ସ୍ଥାନରେ ଗାଡ଼ିର ବ୍ରେକ୍ କଷିଲେ। ମୋବାଇଲ ଚାଟିଂରୁ ନଜର ହଟାଇ ଦେଖିଲି ବିଶ୍ରାମାଗାର ସାମ୍ନାରେ ଜଣେ ଝିଅ ଏକାକୀ ଠିଆହୋଇ କାନ୍ଦୁଛି। ବନ୍ଧୁ ଗାଡ଼ିରୁ ଓହ୍ଲାଇ ତା' ନିକଟକୁ ଗଲେ। ପଛେ ପଛେ ମୁଁ। ପୂର୍ବରୁ ପରିଚିତ ସେଇ ଝିଅକୁ କାନ୍ଦିବାର କାରଣ ପଚାରିଲେ ସେ। ତା'ପରେ ସେ ଯାହା କହିଲା ମୁଁ ହତଚକିତ ହୋଇଗଲି। ଝିଅଟି କାଳେ ଉଦୁଲିଆରେ ଭିନ୍ନ ଜାତିର ପୁଅ ସହ ଚାଲିଯାଇଥିଲା। ଆଉ ତା'ର ବାପା ମରିବା ଖବର ଶୁଣି ନିଜ ଗାଁକୁ ଯାଇଥିଲା। କିନ୍ତୁ ଜାତି ଭାଇ 'ବିସର' କରିଦେଇଥିବାରୁ ତାକୁ ଘର ଭିତରକୁ ପୂରେଇ ଦେଲେନି କି ବାପାକୁ ଟିକେ ଛୁଇଁ ମୁଣ୍ଡିଆ ମାରିବାର ସୁଯୋଗ ଦେଲେନି। ଗାଁ ଭାଇଙ୍କ ନିକଟରେ ବହୁ କାକୁତିମିନତି ହେଲା। ତଥାପି ତାକୁ ସୁଯୋଗ ଦିଆଗଲାନି। ଶେଷରେ ନିରାଶ ହୋଇ ତାକୁ ଫେରିବାକୁ ପଡ଼ିଲା। ତାକୁ ସାନ୍ତ୍ୱନା ଦେଇ ପୁଣି ଗାଡ଼ିକୁ ଫେରିବା ପରେ କାହାଣୀକୁ ଟିକେ ଖୋଲି କହିଲେ ବନ୍ଧୁ।

ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କିଛି ସମ୍ପ୍ରଦାୟରେ ଏବେ ବି ଅନେକ ରୂଢ଼ିବାଦୀ ପରମ୍ପରା ଚାଲୁରହିଛି। ସମାଜ ବହୁ ଆଗେଇଛି। ବହୁ ପ୍ରଥା ଓ ପରମ୍ପରା ବଦଳିଛି। କିନ୍ତୁ ଯୁଗ ସହ ତାଳ ଦେଇ ସମାଜରେ ବସା ବାନ୍ଧିଥିବା କିଛି ଅଲୋଡ଼ା ପରମ୍ପରା ଚାଲୁରହିଛି। ଜାତିର ଶୃଙ୍ଖଳା ନାମରେ ଅମାନବୀୟ ପ୍ରଥା ଚାଲୁଛି। ସେହି କ୍ରମରେ 'ବିସର' ହେଉଛି କାଳେ ଏମିତି ଏକ ହୃଦୟଥରା ପରମ୍ପରା। ଗଣ୍ଡ, ଭୂୟାଁ, ଗୌର, ସଉରା ଭଳି କେତେକ ସମ୍ପ୍ରଦାୟରେ ବଢ଼ିଲା ପୁଅ କି ଝିଅ ଯଦି ଭଲ ପାଇ ଅନ୍ୟ ଜାତିର ପୁଅ କିମ୍ବା ଝିଅ ସହ ଉଦଲିଆ ବିହା ହୋଇଗଲା ତ କଥା ସରିଲା। ତା'ର ପରିଣାମ ସେଇ ପୁଅ ଝିଅ ତ ଭୋଗିବେ, ତା' ସହିତ ସେମାନଙ୍କ ପରିବାରକୁ ବି ଭୋଗିବାକୁ ପଡ଼ିବ। ସେଇ ପରିବାରକୁ ପ୍ରଥମେ ସମାଜ ବାଛନ୍ଦ କରିବ। ଜାତିରୁ ଅଛୁଆଁ ହୋଇଯିବେ ସେମାନେ। ପରିବାର ଲୋକ 'ବିସର' ଜରିଆରେ ଗାଁ ଭାଇଙ୍କୁ ଭୋଜିଭାତରେ ଆପ୍ୟାୟିତ କଲେ ଯାଇ ମୁକ୍ତି। ଜାତିର ପୂଜକ ଜରିଆରେ ପୂଜାପାଠ ସହ ଆମିଷ ଛୁଆଁରେ ସମ୍ପନ୍ନ ହୁଏ ପ୍ରାୟଶ୍ଚିତ୍ତ। ମୃତ ଲୋକଙ୍କ ପାଇଁ ଯାହାସବୁ ପାଳନ କରାଯାଏ ସେସବୁ ପ୍ରଥା ବଞ୍ଚିଥିବା ଲୋକଟି ପାଇଁ ମଧ୍ୟ କରାଯାଏ। କହିବାକୁ ଗଲେ ସେଇ ସନ୍ତାନକୁ ସମାଜରୁ ମୃତ ଘୋଷଣା କରାଯାଏ। ମୃତ୍ୟୁଲୋକରେ ମିଶେଇ ଦିଆଯାଏ।

'ବିସର' ପରେ ପରିବାର ସମାଜରେ ମିଶିଯାଏ ଅଥଚ ଘରୁ ଗୋଡ଼ ବାହାର କରିଥିବା ସନ୍ତାନ ପାଇଁ ସବୁଦିନ ଲାଗି ଘରବାହୁଡ଼ା ବାଟ ବନ୍ଦ ହୋଇଯାଏ। କୌଣସି ପରିସ୍ଥିତିରେ ସେ ଆଉ ଫେରିପାରେନା। ନିଜ ଆପଣାର ଲୋକଠାରୁ ଘର ବାହାରେ ରହି ଇତର ଲୋକ ପରି ବ୍ୟବହାର ପାଏ ସେ ସବୁକାଳେ। ଏବେ ବି ଅନେକ ଜାତି ଭିତରେ ବହୁ ପ୍ରଥା ରହିଛି ଯାହା ମାନବିକତାକୁ ହତ୍ୟା କରୁଛି। ବ୍ୟକ୍ତିଗତ ସ୍ୱାଧୀନତା ନିକଟରେ ଜାତିର ସ୍ୱେଚ୍ଛାଚାରିତା ଭାରି ପଡୁଛି। ନିଆଁ ପାଣିର ଡର, ଜାତି ଭାଇଙ୍କ ସହଯୋଗ ଓ ସମର୍ଥନ ହରାଇବାର ଭୟ ଜାତିବାଦକୁ ଅଧିକ ପ୍ରଶ୍ରୟ ଦେଉଥିବା ପରିତାପର ବିଷୟ। ଏଇକ୍ରମରେ ଆଉ ଏକ ତଥ୍ୟ ଯୋଡ଼ିଲେ ବନ୍ଧୁ। ଯଦି କୌଣସି କାରଣବଶତଃ ମାଳୀ ସମ୍ପ୍ରଦାୟର ଲୋକ ଅନୁସୂଚିତ ଜାତିର ଲୋକଙ୍କଠାରୁ ମାଡ଼ ଖାଇଲା ତ ଜାଣ ତା' ମୁଣ୍ଡରେ ବି ବିପଦ ଛିଡିଲା। ମାଡ଼ ସହ ଜାତି ଭାଇର ନିର୍ଯାତନାକୁ ବି ବିଚରା ଲୋକଟିକୁ ସହିବାକୁ ହୁଏ। ସେଇ ମୁହୂର୍ତ୍ତରୁ ଉକ୍ତ ବ୍ୟକ୍ତି ଜାତିରୁ ଅଲଗା ଗଣାହେବ। ପାରମ୍ପରିକ ପ୍ରଥାରେ ପୂଜାପାଠ ସହ ଭୋଜିଭାତରେ ଆପ୍ୟାୟିତ ନ କଲା ଯାଏ ସେ ଜାତିରୁ ପୃଥକ୍ ରହିବାକୁ ବାଧ୍ୟ।

ଅବଶ୍ୟ ଆଜିକାଲି କେତେକ ସ୍ଥାନରେ ଜାତିପ୍ରଥା ଓ ପରମ୍ପରାକୁ ଅଣଦେଖା କରି କିଛି ପରିବାର ସାଦରେ ନିଜ ସନ୍ତାନଙ୍କ ପସନ୍ଦକୁ ସ୍ୱୀକୃତି ଦେଉଛନ୍ତି। ଜାତିବାଦକୁ ନେଇ ଭୋଟ ରାଜନୀତି ଜୋର ଚାଲିଥିବାବେଳେ ଏଭଳି ଅମାନବୀୟ ପରମ୍ପରା ବିରୋଧରେ ନେତାମାନେ ନୀରବ ରହିବା ଯେମିତି ଲାଗୁଛି ଆଉ ଏକ ରାଜନୀତି। ଜାତି ନାମରେ କିଛି ମୁଣ୍ଡିଆଳ ଚଳାଇଥିବା କୋଉ ଅମଳର ଏଭଳି ପରମ୍ପରା ମାନବିକ ଅଧିକାରକୁ ଉଲ୍ଲଂଘନ କରୁଛି ସତ, ହେଲେ ସଚେତନତା ଅଭାବରୁ ଅନେକ ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁନି। ବଞ୍ଚି ଥାଉ ଥାଉ ଶବ ପାଲଟିଯାଉଛନ୍ତି ସେମାନେ। ଜାତି ପାଇଁ ଏଇ ଜିଅନ୍ତା ଶବମାନେ ଜୀବନତମାମ ଅକଥନୀୟ ଦୁଃଖ ଓ ଯାତନାରେ ଶଢୁଛନ୍ତି ନିଜ ଭିତରେ। ବିପଦ ଆପଦରେ, ଭଲମନ୍ଦରେ କାନ୍ଧକୁ କାନ୍ଧ ମିଳେଇ ଜାତିଭାଇ ଠିଆ ହେବାର ଦୁର୍ବାର ଆଶା ଓ ସମ୍ଭାବନାରେ ଅଧିକ ସମ୍ବେଦନଶୀଳ ହୋଇ ଆମ ଦ୍ୱାରା ଗଠିତ ତଥାକଥିତ ଜାତି ଶେଷରେ ପ୍ରଥା ନାମରେ ନିଜ ଜାତିର ଲୋକଙ୍କ ପ୍ରତି କେମିତି ନିର୍ଦ୍ଦୟ ହୋଇପାରୁଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଗୋଟିଏ ଆଶ୍ୱାସନାର ବିଷୟ ଯେ, ଜାତିର ନିୟମକୁ ଭାଙ୍ଗୁଥିବା ଝିଅପୁଅଙ୍କର ଜିଇ ଥାଉ ଥାଉ ଶୁଦ୍ଧିକ୍ରିୟା କରାଯାଉ ପଛେ ସେମାନଙ୍କୁ ଅନର କିଲିଂର ସାମ୍ନା କରିବାକୁ ପଡୁନି, ଯାହା ଅନ୍ୟ କେତେକ ରାଜ୍ୟରେ ଘଟୁଛି।

ମୋ- ୯୫୫୬୨୮୭୭୭୫

## ଏଇ ଭାରତରେ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସାରା ଦେଶରେ ଟ୍ରାଫିକ ନିୟମକୁ କଡ଼ାକଡି କରାଯାଇ ଜରିମାନା ଆଦାୟ କରାଯାଉଛି। ମାତ୍ର ଟ୍ରାଫିକ ନିୟମ ଉପରେ ଗୁରୁଗ୍ରାମର ଜ୍ୟାକବ୍‌ପୁରା ନିବାସୀ ଧର୍ମବୀର ହିନ୍ଦୁସ୍ଥାନୀ ତାଙ୍କ ପୁଅ ଓ ଝିଅଙ୍କ ସହ ସଚେତନତା ଆଣିବାରେ ଯେଭଳି ଚେଷ୍ଟା କରିଆସୁଛନ୍ତି ତାହା ପ୍ରଶଂସନୀୟ। ଧର୍ମବୀର ଜଣେ ଓକିଲ। ଗୁରୁଗ୍ରାମର ବିଭିନ୍ନ ଛକରେ ସେ ବ୍ୟାନର୍ ଧରି ଠିଆହୋଇ ଦୀର୍ଘ ୮ ବର୍ଷ ହେବ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରିଆସୁଛନ୍ତି। ପ୍ରଥମେ ସେ ଏକାକୀ ଏହି କାର୍ଯ୍ୟ କରୁଥିଲେ, ଏବେ ୮ ବର୍ଷର ପୁଅ ପାର୍ଥ ଓ ୧୦ ବର୍ଷର ଝିଅ ଭାବିକା ସ୍କୁଲରୁ ଛୁଟି ହୋଇ ଆସିବା ପରେ ପିତାଙ୍କ ସହ ଟ୍ରାଫିକ ନିୟମ ଉପରେ ସଚେତନ କରିବା ଲାଗି ବହାରିଯାଉଛନ୍ତି। ପିତା, ପୁତ୍ର ଓ ଝିଅ ସହରର ଅଲଗା ଅଲଗା ସ୍ଥାନକୁ ଯାଇ ଏହି କାର୍ଯ୍ୟ କରୁଛନ୍ତି। ଧର୍ମବୀରଙ୍କୁ ସୋନା ଚୌକ, ଆକାଶପୁରୀ ଚୌକ ଓ ପୁରୁଣା ଗୁରୁଗ୍ରାମର ରାସ୍ତାରେ ଦେଖିବାକୁ ମିଳେ। ଛୁଟିଦିନରେ ଝିଅ-ପୁଅଙ୍କୁ ସାଙ୍ଗରେ ନେଇ ଧର୍ମବୀର ବାହାରିଯାଆନ୍ତି ରାସ୍ତାରେ ଥିବା ଖାଲଖମା ଭର୍ତ୍ତି କରିବାକୁ। ନିଜ ସମ୍ବଳ ମଧ୍ୟରେ ସେ ଏହା କରୁଛନ୍ତି। ଧର୍ମବୀର ଯାହା ରୋଜଗାର କରନ୍ତି ସେଥିରୁ କିଛି ଅଂଶ ରାସ୍ତା ମରାମତିରେ ବ୍ୟୟ କରିଥାନ୍ତି। ଏହି କାର୍ଯ୍ୟକୁ ଦେଖି ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ ଅଥରିଟି ବା ଜିଲା ଆଇନ ସେବା ପ୍ରାଧିକରଣ ଧର୍ମବୀରଙ୍କୁ ତାଙ୍କର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛନ୍ତି। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବି ତାଙ୍କୁ ସାମିଲ କରାଯାଇଛି। ଏହା ବ୍ୟତୀତ ତିନି ମାସରେ ୩୦ଟି ସ୍କୁଲ ଓ କଲେଜକୁ ଯାଇ ସ୍ୱଚ୍ଛତା ଏବଂ ଟ୍ରାଫିକ ନିୟମ ପ୍ରତି ସଚେତନ କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ସ୍ୱାଧୀନତା ଦିବସରେ ସମ୍ମାନିତ ମଧ୍ୟ କରାଯାଇଛି।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ। (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | E | | | B | 4 | | 6 | | 0 | | | |
| | | | | 7 | | 3 | | 5 | | 9 | | | C | 4 |
| D | 9 | | | | | | | | | C | 2 | 0 | | |
| | | | D | 5 | | | | | 3 | 4 | E | 8 | | 9 |
| | 3 | 2 | | 6 | | 8 | | | | B | | 7 | | |
| A | | | | 0 | | | | 6 | | | | E | | |
| 5 | | | | C | | | | | | E | | B | | 1 |
| | 4 | 7 | | A | | 5 | 1 | | D | 0 | | | | |
| 9 | | | | | | | 2 | | | | | | | |
| | 8 | | 9 | | E | 7 | B | | 1 | | | A | | D |
| | | C | | B | 8 | 1 | | A | | | | | | 7 |
| | | 5 | 0 | | 2 | | | | C | 1 | 4 | | | |
| | | | | | 5 | 9 | D | | | | 8 | 2 | | |
| | | | C | D | | 2 | | E | A | | 6 | | 8 | |
| | | | 6 | | 7 | | | | | 5 | | 9 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | 4 | 5 | A | 9 | B | 7 | 3 | 8 | D | 1 | 2 | C | E |
| 7 | 8 | D | 4 | 1 | C | 9 | E | 2 | 6 | B | 5 | A | 3 | 0 |
| 5 | B | 1 | D | E | 6 | 8 | C | A | 0 | 3 | 2 | 9 | 7 | 4 |
| C | E | 9 | 3 | 2 | B | 1 | 6 | 0 | 4 | 7 | A | 8 | 5 | D |
| 2 | 3 | A | 7 | 0 | 8 | 5 | D | 4 | E | C | 9 | 6 | 1 | B |
| B | 2 | E | 1 | D | 3 | 7 | A | 9 | 5 | 6 | 4 | 0 | 8 | C |
| D | 0 | C | 8 | 4 | 7 | E | 2 | B | 1 | A | 3 | 5 | 6 | 9 |
| 3 | 5 | 6 | B | C | E | 0 | 8 | 1 | 2 | 9 | 7 | D | 4 | A |
| 9 | 1 | 8 | A | 6 | 0 | C | 4 | 5 | D | E | B | 3 | 2 | 7 |
| 4 | A | 7 | 9 | 5 | 2 | 6 | 3 | D | C | 8 | 0 | E | B | 1 |
| 6 | 4 | 0 | 2 | 7 | 5 | 3 | 9 | E | B | 1 | D | C | A | 8 |
| A | C | B | 6 | 8 | 4 | D | 5 | 7 | 9 | 2 | E | 1 | 0 | 3 |
| 8 | D | 2 | E | B | A | 4 | 1 | 6 | 3 | 0 | C | 7 | 9 | 5 |
| E | 9 | 5 | C | 3 | 1 | A | 0 | 8 | 7 | 4 | 6 | B | D | 2 |
| 1 | 7 | 3 | 0 | 9 | D | 2 | B | C | A | 5 | 8 | 4 | E | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଯୋଗ୍ୟଙ୍କୁ ବାଦ୍ ଦିଆଯାଉ

ମହାଶୟ,

କଟକ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକା ପ୍ରସ୍ତୁତିରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରାଯିବା ଆଦୌ ଗ୍ରହଣୀୟ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଚଳନ କଲେ ମଧ୍ୟ ପ୍ରକୃତ ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା କରାଯାଉଛି। ତଦନ୍ତ କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଲୁଟୁଛି ସାହାରା

ମୁଁ ସାହାରା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିମିଟେଡରେ ସ୍ଥାୟୀ ଜମା ସାର୍ଟିଫିକେଟ ନଂ.୩୫୧୦୦୧୦୧୧୮୨୬ ଓ ୩୫୧୦୦୧୦୧୧୮୨୭ରେ ୨୫,୦୦୦ ଟଙ୍କା ଲେଖାଏ ମୋଟ ୫୦,୦୦୦ ଟଙ୍କା ଜମା ରଖିଥିଲି। ୮ ବର୍ଷ ପରେ ମୋର ସ୍ଥାୟୀ ଜମା ସାର୍ଟିଫିକେଟର ଅବଧି ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏବଂ ଗତ ଫେବୃୟାରୀ ମାସରୁ ମୁଁ ଆବଶ୍ୟକ ସବୁ କାଗଜପତ୍ର ଦାଖଲ କରିସାରିଥିଲେ ମଧ୍ୟ ମୋତେ ସଂପୃକ୍ତ ସଂସ୍ଥାର ମ୍ୟାନେଜର ଚିତ୍ତରଞ୍ଜନ ଗଡନାୟକ (ମୋ-୯୮୬୧୦୦୮୧୩୬) ଟଙ୍କା ଦେଉନାହାନ୍ତି ଓ ତାକୁ ପୁନଃନିବେଶ କରିବାକୁ କହୁଛନ୍ତି। ମୁଁ ଜଣେ ୯୦ ବର୍ଷର ବୃଦ୍ଧ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ। ଚିକିତ୍ସା ପାଇଁ ମୋର ଟଙ୍କା ଦରକାର। ଆଉ କେତେ ଦିନ ବଞ୍ଚିବି ଯେ ପୁନଃନିବେଶ କରିବି। କୋର୍ଟଙ୍କ ଆଶ୍ରୟ ନେବା ଛଡ଼ା ମୋ ପାଖରେ ଆଉ ଉପାୟ ନାହିଁ। ପାଠକମାନେ ଏ ଲୁଟେରା ଠକସଂସ୍ଥା ପ୍ରତି ସଚେତନ ରୁହନ୍ତୁ।

ସୁଖେନ୍ଦୁ ମୋହନ ଦାସ, ମୋ-୯୪୩୭୫୪୪୯୩୯, ପ୍ଲଟ-୭୫୨, ସାରଦା ମଠ, ଲିଙ୍ଗରାଜ ଟେମ୍ପୁଲ ରୋଡ, ଓଲ୍ଡ ଟାଉନ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ସମ୍ବଲପୁର,୯।୯ (ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଡକାୟତି ଉଦ୍ୟମ କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହମ୍ମଦ ରଫିକ, ଲିଙ୍ଗରାଜ କୋକ, ବଣ୍ଟି ସୁନା, ମୁନା ମେହେର, ସୁମିତ କୁର୍ମି। ସେମାନଙ୍କ ନିକଟରୁ ଲହା ରଡ, ଛୁରୀ, ଭୁଜାଲି ଆଦି ମାରଣାସ୍ତ୍ର ଜବତ ହୋଇଛି। ଏ ନେଇ ଥାନରେ ଏକ ମାମଲା (ନଂ. ୩୬୪/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିଲା। ସାଇପୋନ ନିକଟରେ ଗିରଫମାନଙ୍କୁ ଏକାଠି ଦେଖି ପୋଲିସ ପଚରାଉଚୁରା କରିଥିଲା। ପୋଲିସକୁ ସନ୍ଦେହ ହେବାରୁ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଥିଲା ।

### କର୍ଡୋଲାରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ଚିପିଲିମା, ୯।୯ (ଡି.ଏନ.ଏ)
କର୍ଡୋଲାରେ ଖୁଦୁରୁକୁଣି ଓଷା ଉଦଯାପିତ ହୋଇଛି। ସମସ୍ତ ପୂଜାକାର୍ଯ୍ୟକୁ ପଣ୍ଡିତ ପ୍ରଫୁଲ୍ଲ ନାୟକ ସମ୍ପାଦନ କରିଥିଲେ। ବରଗଡ ପଙ୍କଜିନୀ ମେହେର, କୁନା ଡନସନା, ନିରମା ପ୍ରଧାନ, ପୁଷ୍ପାଞ୍ଜଳି ସେଟ, ସୀମା ମହାଲିଙ୍ଗ, ରୀମା ସେଟ, ରଶ୍ମିତା ମେହେର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଚିପିଲିମା ଗାଁ, ଚାରପାଲି, ଭେଲୁଆପାଲି, କୁଡାପାଲିରେ ମଧ ଖୁଦୁରୁକୁଣୀ ଓଷା ପାଳିତ ହୋଇଛି।

### ଦୁର୍ଗାପୂଜା ପାଇଁ ନୂଆ କର୍ମକର୍ତ୍ତା

କୁଚିଣ୍ଡା, ୯।୯ (ଡି.ଏନ.ଏ.)
କୁଚିଣ୍ଡା ମନ୍ଦିର ଛକ ସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୯୨ତମ ଶାରଦୀୟ ଦୁର୍ଗା ପୂଜାକୁ ଆକର୍ଷଣୀୟ ରୂପେ ପାଳନ କରିବା ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ପର୍ଶୁରାମ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉଦୟ ପ୍ରତାପ ସିଂ, ସତୁଲ୍ୟ ମହାନ୍ତି, ରାଜେନ୍ଦ୍ର ସୋନୀ, ପ୍ରଫୁଲ୍ଲ ବେହେରା, ଗଣେଶରାମ ଅଗ୍ରୱାଲ, ଗିରିଜା ସାହୁ, ଗଗନ ଶର୍ମା, ରଞ୍ଜନ ମହାପାତ୍ର, କୋଷାଧକ୍ଷ ସଞ୍ଜିତ ଶର୍ମା ବିଭିନ୍ନ ଦାୟିତ୍ୱ ତୁଲାଇବେ। ନବୀନ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର...






ସୋମବାର ଜେଲ ଛକଠାରେ ହେଲମେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଓଏସଇଏ ସମ୍ବଲପୁର ୟୁନିଟ ସଭ୍ୟମାନେ ଗୋଲାପ ଫୁଲ ଦେଉଛନ୍ତି (ବାମ)। ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି ।

### ବିଜେଡିର ସାଙ୍ଗଠନିକ ବୈଠକ

# ଆଦର୍ଶ ହେବ ରେଢ଼ାଖୋଲ ବିଧାନସଭା ମଣ୍ଡଳୀ

ସମ୍ବଲପୁର,୯।୯(ବ୍ୟୁରୋ)

ରେଢାଖୋଲ ବିଧାନ ସଭାରେ ଗତ ସାଧାରଣ ନିର୍ବାଚନରେ ବିଜଡି ଭଲ ପ୍ରଦର୍ଶନ କରିଛି। ଅଧିକ ସଂଖ୍ୟାରେ ଭୋଟ ହାର ବଢିଛି। ହେଲେ ଏଥିରେ ଦଳୀୟ କମକର୍ତ୍ତାମାନଙ୍କୁ ପାଇଁ କାମ ସରି ନାହିଁ। ଆଗମୀ ଦିନରେ ପଞ୍ଚାୟତ ନିର୍ବାଚନ ଓ ଏନଏସି ନିର୍ବାଚନ ହେବ। ଏହା ସହ ଦଳକୁ ଆହୁରୀ ମଜଭୁତ କରିବାକୁ ହେବ। ତେଣୁ ୱାଡସ୍ତରେ ସଭ୍ୟ ସଂଖ୍ୟା ଦ୍ୱିଗୁଣିତ କରାଯାଉ ବୋଲି ମହାନଗର ନିଗମ ଧନୁପାଲିଠାରେ ବୈଠକରେ ସମ୍ବଲପୁର ଜିଲା ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ ଅଧକ୍ଷତା କରି କହିଥିଲେ। ରେଢାଖୋଲ ବିଧାନ ସଭା ମଣ୍ଡଳୀର ବିଜେଡି କର୍ମକର୍ତ୍ତାମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସେ ଅହୁରୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ପଞ୍ଚାୟତସ୍ତର ଓ ୱାର୍ଡସ୍ତରରେ ନୂତନ ସଭ୍ୟ ସଂଗ୍ରହ କରା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୱାର୍ଡସ୍ତରରେ ୪ ଜଣିଆ ଟିମ ଗଠନ କରାଯିବ । ୩ ଜଣ ଯୁବକ ଓ ଜଣେ ଯୁବତୀଙ୍କୁ ନେଇ ଏହି ଟିମ ରହିବ। ପ୍ରତ୍ୟେକ ପରିବାରକୁ ଯାଇ ଦଳରେ ସାମିଲ ହେବାକୁ ଅନୁରୋଧ କରିବେ । ତାଙ୍କ ଆଧାର କାର୍ଡ ସହ ଲିଙ୍କ ମଧ କରାଯିବ ବୋଲି କହିଥିଲେ। ଏହି ଅବସରରେ




ସମ୍ବଲପୁର ମହାନଗର ନିଗମ ବିଜେଡିର ବୈଠକ ।

**ଦଳ ମଜଭୁତ ପାଇଁ ଦ୍ୱିଗୁଣିତ କର ସଭ୍ୟ ସଂଖ୍ୟା**

ରେଢାଖୋଲ ବିଧାୟକ ରୋହିତ ପୂଜାରୀ ରାଜ୍ୟ କହିଥିଲେ ଯେ, ରେଢାଖୋଲ ବିଧାସଭାରେ ଅଧିକ ଅଞ୍ଚଳରେ ଜଙ୍ଗଲ ରହିଛି। ସରକାରଙ୍କ ଯୋଜନାଗୁଡିକ କିଭଳି ଭାବେ ସେମାନଙ୍କ ପାଖରେ ପହଞ୍ଚିବ ସେ ନେଇ ନେଇ କର୍ମୀମାନଙ୍କୁ ଦେଖିବାକୁ ହେବ। ସରକାରୀ ଯୋଜନାର ଲାଭ ପାଇଲେ ଅଞ୍ଚଳରେ ବିକାଶ ହେବ। କର୍ମୀମାନେ ନିର୍ବାଚନ ବିଜୟରେ ଉତ୍ସାହ ନ ହୋଇ ଅଧିକ ସଭ୍ୟ ସଂଗ୍ରହ କରିବାକୁ ହେବ। ଅଞ୍ଚଳର ସମସ୍ୟାଗୁଡିକୁ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମାଧାନ କଲେ ସେମାନଙ୍କ ପ୍ରିୟଭାଜନ ହୋଇ ପାରିବା । ଦଳ ମଜଭୁତ କରିବାରେ କର୍ମୀମାନଙ୍କ ମୁଖ୍ୟ ଭୂମିକା ରହିଥାଏ। ଏକଜୁଟ ହୋଇ କାମ କରି ଏକ ଆଦର୍ଶ ବିଧାନ ସଭା ମଣ୍ଡଳୀ କରିବାକୁ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପି ରଞ୍ଜନ ବେହେରା, ନାକଟିଦେଉଳ ବ୍ଲକ ବିଜେଡି ସଭାପତି ମୂଳିଆ ରାଉଲ, ଝୁଜୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୯।୯ (ବ୍ୟୁରୋ)

**ହୀରାକୁଦ ଡ୍ୟାମ**

ସମ୍ବଲପୁର ହୀରାକୁଦ ଡ୍ୟାମରୁ ସୋମବାର ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି। ରାତି ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୨ ହଜାର ୦୦୩ କ୍ୟୁସେକ ପାଣି ନିଷ୍କାସନ ହେଉଛି । ସେହିପରି ପ୍ରତି ସେକେଣ୍ଡରେ ଡ୍ୟାମକୁ ୩ ଲକ୍ଷ ୧୦ ହଜାର ୨୩୬ କ୍ୟୁସେକ ପାଣି ପ୍ରବେଶ କରୁଛି । ପାୱାର ଚ୍ୟାନାଲରେ ୧୮ ହଜାର ୪୭୧, ବିଭିନ୍ନ କେନାଲରେ ୧୫ ହଜାର ୦୦୨ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ସେହିପରି ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୫୧ ହଜାର ୪୦୦, ପର୍ଥଲାରେ ୧ଲକ୍ଷ ୪୭ ହଜାର ୧୨୦, ଖଇରମାଲରେ ୫ଲକ୍ଷ ୬୯ ହଜାର, ବରମୂଳାରେ ୬ ଲକ୍ଷ ୩୭ ହଜାର ଓ ମୁଣ୍ଡଳିରେ ୭ଲକ୍ଷ ୪୮ ହଜାର ୫୦୮ କ୍ୟୁସେକ ଜଳ ପ୍ରବାହିତ ହେଉଛି । ହୀରାକୁଦ ଡ୍ୟାମ ଉପର ମୁଣ୍ଡରେ ବର୍ଷା ପରିମାଣରେ କମିଛି । ହେଲେ ଉପର ମୁଣ୍ଡରୁ ଡ୍ୟାମ ଭିତରକୁ ବନ୍ୟାଜଳ ପ୍ରବେଶ କରୁଛି । ଡ୍ୟାମରେ ଜଳସ୍ତର ୬୨୫.୪୫ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି ।

# ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ଚିପିଲିମା, ୯।୯ (ଡି.ଏନ.ଏ.)

ଭାରତୀ କଳା ବିକାଶ କେନ୍ଦ୍ର ପରିସରରେ ଚଳିତ ବର୍ଷର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ରୂପରେଖ ପାଇଁ ଅଧକ୍ଷ ଅଲେଖ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୯ ତାରିଖ ସନ୍ଧ୍ୟାରେ ଭାରତୀ କ୍ଲବରେ ଭେଟଘାଟ ଅନୁଷ୍ଠିତ ହେବ ବୋଲି ସ୍ଥିର କରା ଯାଇଛି।

# ଉତ୍ସର୍ଗର ପ୍ରତିଷ୍ଠା ଦିବସ




ସୋମବାର ସମ୍ବଲପୁର ଉତ୍ସର୍ଗର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ଓ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ।

ସମ୍ବଲପୁର, ୯।୯ (ବ୍ୟୁରୋ)

ସାମାଜିକ ଅନୁଷ୍ଠାନ ଉତ୍ସର୍ଗର ୩୫ତମ ପ୍ରତିଷ୍ଠା ଦିବସ ସୋମବାର ରାତିରେ ଗେଟି ରୋଡସ୍ଥିତ ନିଜସ୍ୱ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଓ ଡା. ଭାବଗ୍ରାହୀ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବଲାଙ୍ଗୀର ଜିଲା ବାଦିମୁଣ୍ଡା ପିଏଚସି ଡା. ଶେଖରଲାଲ ପ୍ରଧାନ ଓ ସମ୍ବଲପୁର ଜିଲା ସଦର ଡାକ୍ତରଖାନା ଅବସରପ୍ରାପ୍ତ ଟେକନିସିଆନ୍ ପ୍ରତାପ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଶରୀର ଦାନ କରିଥିବା ପ୍ରଫୁଲ୍ଲ କୁମାର ମିଶ୍ର, ପଦ୍ମିନୀ ପୁରୋହିତ, ଗଙ୍ଗାଧର ପ୍ରଧାନ, ବିନୋଦ ବିହାରୀ ତ୍ରିପାଠୀଙ୍କ ପରିବାର ଏବଂ ମୃତ୍ୟୁପରେ ଶରୀର ଦାନ କରିବାକୁ ଇଚ୍ଛା ପତ୍ରରେ ସ୍ୱିକୃତୀ ପ୍ରଦାନ କରିଥିବା ଲକ୍ଷ୍ମୀ ବାଗ, ଡା. କାମଦେବ ସାହୁ, ନଳିନୀ ମିଶ୍ର, କ୍ଷୀରୋଦ କୁମାର ନାଥ, କୁମୁଦିନୀ ଦେଇ, ତପସ୍ୱିନୀ ସାହୁ, ରମାକାନ୍ତ ପ୍ରଧାନ, ସୁମନ୍ତ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସର୍ଗ ଆବାହକ ପ୍ରଶାନ୍ତ କୁମାର ପାଢୀଯୋଶୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସରୋଜ ଦାଶ ବିବରଣୀ ପାଠ, ରଜନୀ ନାଗ ଅତିଥି ପରିଚୟ ପ୍ରଦାନ, ଶ୍ୱିପ୍ତିକ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲି, ମାନେଶ୍ୱର, ଚିପିଲିମା ଅଞ୍ଚଳରୁ ଡାକ୍ତର, ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ଶିକ୍ଷାବିତ, ଚାଷୀ, ଲେଖକ, ଗବେଷକ, ବରିଷ୍ଠ ନାଗରିକ ଯୋଗଦେଇଥିଲେ। ହରିଶଙ୍କର ମେହେର ଓ ରତ୍ନନାରାୟଣ ମିଶ୍ର ମାନପତ୍ର ପାଠ କରିଥିଲେ । ଡା. ବିଜୟ ପ୍ରଧାନ ଓ ଲକ୍ଷ୍ମଣ ପାଣିଗ୍ରାହୀ ସମ୍ବର୍ଦ୍ଧନା କାଯରୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ୧୯୮୪ ସେପ୍ଟେମ୍ବର ୯ ତାରିଖରେ ଉତ୍ସର୍ଗ ପ୍ରତିଷ୍ଠା କରାଯାଇଥିଲା । ସେହି ସମୟରେ ୬୪ ଜଣ ସଭ୍ୟ ଥିବା ବେଳେ ବର୍ତ୍ତମାନ ତାହା ୧ ହଜାର ୧୮୦ରେ ପହଞ୍ଚିଛି । ଗରିବ, ନିସହାୟ, ଦୁଃସ୍ଥ ମାନବ ସେବାରେ ଉତ୍ସର୍ଗର ନିରନ୍ତର କାର୍ଯ୍ୟ ଯୋଗୁ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛି ।

### ଶୌଚ ଯାଇଥିବା ଯୁବତୀଙ୍କୁ ବଳାତ୍କାର

ରେଙ୍ଗାଲି, ୯।୯ (ଡି.ଏନ.ଏ.)
ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ କତରବଗା ଗ୍ରାମରେ ଶୌଚ ପାଇଁ ଯାଇଥିବା ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ସେହି ଗ୍ରାମର ନିତ୍ୟାନନ୍ଦ ସେଠ (୨୨)। ଗତ ୬ ତାରିଖ ଗ୍ରାମର ଏହି ଯୁବତୀ ଜଣକ ସକାଳୁ ସକାଳୁ ଘର ପାଖରେ ଶୌଚ ପାଇଁ ଯାଇଥିଲେ। ହେଲେ ଏତିକି ବେଳେ ଯୁବତୀଙ୍କୁ ଏକା ଦେଖି ଅଭିଯୁକ୍ତ ବଳାତ୍କାର କରିଥିଲେ। ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବାରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ବଳାତ୍କାର ମାମଲା ରୁଜୁ କରି ତଦନ୍ତ କରୁଥିଲା । ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟ ଯୁବତୀ ଏବଂ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ ଶେଷରେ ପୋଲିସ କୋର୍ଟ ଚାଲାଣ କରିଛି।

# ଶୁଣ୍ଢି ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୯।୯ (ବ୍ୟୁରୋ)

ନୂଆଁଖାଇ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ । ଯୁବପୀଢ଼ି ଏହି ପ୍ରାଚୀନ ପରମ୍ପରାକୁ ବଜାଇ ରଖିବା ଉଚିତ । ସମ୍ବଲପୁର ଶୁଣ୍ଢି ସମାଜ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟରେ ଅବସରପ୍ରାପ୍ତ ଡ. ଲଳିତ ମୋହନ ବେହେରା ଏହା କହିଥିଲେ। ସଭାପତି ହରିଶଙ୍କର ନାଏକ ଅତିଥି ସ୍ୱାଗତ କରିଥିଲେ। ପ୍ରଦେଶ ଉପସଭାପତି ପୃଥ୍ୱୀରାଜ ବେହେରା ଯୁବ ପୀଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. ଦାଶରଥୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ମହିଳା ମଣ୍ଡଳ ଗଠନ କରାଯାଇଥିଲା । ଆରତି ବେହେରାଙ୍କୁ ପ୍ରଭାରୀ ସଂଯୋଜିକା, କୁମୁଦିନୀ ସାହୁ, ରୀତାରାଣୀ ସାମନ୍ତରାୟ, ବୀଣାପାଣି ବେହେରା, ଭାନୁମତୀ ସାମନ୍ତରାୟ, ସ୍ୱର୍ଣ୍ଣଲତା ବେହେରା, ସୁନୀତା ବେହେରା, ପ୍ରିୟଦର୍ଶିନୀ ବେହେରାଙ୍କୁ ସଦସ୍ୟା ଭାବେ ମନୋନୀତ କରାଯାଇଥିଲା । କୋଷାଧକ୍ଷ ଖଡିରତ୍ନ ବେହେରା, ହରେକୃଷ୍ଣ ସାମନ୍ତରାୟ, ରମଣି ରଞ୍ଜନ ବେହେରା, ଗୌରହରି ବେହେରା, ଧ୍ରୁବେଇ ସାହୁ, ପ୍ରଦୋଷ ବେହେରା, ଗୋପାଳକୃଷ୍ଣ ସାମନ୍ତରାୟ, ଜଗବନ୍ଧୁ ବେହେରା, ପ୍ରହ୍ଲାଦ ବେହେରା, ଧ୍ରୁବଚରଣ ସାହୁ, ଅଜିତ ସାମନ୍ତରାୟ, ଜିତେନ୍ଦ୍ର ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ ।




ସମ୍ବଲପୁର ଶୁଣ୍ଢି ସମାଜର ନୂଆଁଖାଇ ଭେଟଘାଟରେ ଅତିଥି, କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ।

# ବିରାଟ ମେଧା ବୃତ୍ତି ପାଇଁ ପଞ୍ଜୀକରଣ




ସୋମବାର ସମ୍ବଲପୁର ବିରାଟ ଅନୁଷ୍ଠାନ ପରିସରରେ (ବାମରୁ) ଅଧାପକ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଓ ଅଧକ୍ଷ ରାହୁଲ ରାଜ ମେଧାବୃତ୍ତି ପଞ୍ଜୀକରଣ ପତ୍ର ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର, ୯।୯ (ବ୍ୟୁରୋ)
ବିରାଟ ମେଧାବୃତ୍ତି- ୨୦୨୦ ଶିକ୍ଷା ବର୍ଷ ଲାଗି ସୋମବାର ପଞ୍ଜୀକରଣ ଆରମ୍ଭ ହୋଇଛି । ବିରାଟ ଅଧକ୍ଷ ରାହୁଲ ରାଜ ସୂଚନା ଦେଇ କହିଥିଲେ ଯେ, ଚଳିତବର୍ଷ ଛାତ୍ରୀଛାତ୍ରଙ୍କ ସୁବିଧା ସକାଶେ ୨୦୨୦ ମେଧାବୃତ୍ତିକୁ ୫ଟି ପର୍ଯ୍ୟାୟରେ କରାଯିବ। ଆସନ୍ତା ନଭେମ୍ବର ୩, ୧୦, ୧୭, ୨୪ ଓ ଡିସେମ୍ବର ୧ ତାରିଖ ପ୍ରତ୍ୟେକ ରବିବାର ସକାଳ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା କରାଯିବ । ସହଯୋଗନଗର ଛକସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ସମସ୍ତ ପରୀକ୍ଷା ହେବ । ଚଳିତବର୍ଷ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ମେଧା ବୃତ୍ତିରେ ଅଂଶଗ୍ରହଣ କରିପାରିବେ । ଷଷ୍ଠରୁ ନବମ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ବିରାଟ ଫାଉଣ୍ଡେଶନ କାର୍ଯ୍ୟକ୍ରମ, ଦଶମ ଶ୍ରେଣୀର କୃତୀମାନଙ୍କୁ ଦ୍ୱିବର୍ଷୀୟ ପାଠ୍ୟକ୍ରମ, ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏକବର୍ଷ ପାଠ୍ୟକ୍ରମ ଓ ଦ୍ୱାଦଶ ଶ୍ରେଣୀ କୃତୀମାନଙ୍କୁ ଏକ ବର୍ଷ ଟାର୍ଗେଟ ବ୍ୟାଚ ପାଠ୍ୟକ୍ରମରେ ପ୍ରବେଶ ମିଳିବ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ମେଧାବୃତ୍ତି ଦିଆଯିବ। ଅପରପକ୍ଷେ ଅନଲାଇନ ପ୍ରତିଯୋଗୀତାକୁ ଦୃଷ୍ଟିରେ ରଖି ଟପର୍ ପ୍ରତିଯୋଗୀଙ୍କୁ ଗୋଟଏ ଲେଖାଏଁ ଟ୍ୟାବଲେଟ କମ୍ପ୍ୟୁଟର ଓ ଅନ୍ୟ କୃତୀ ଛାତ୍ରୀଛାତ୍ରମାନଙ୍କୁ ସ୍ମାର୍ଟ ଫୋନ ସହ ନଗଦ ରାଶି ପୁରସ୍କାର ଦିଆଯିବ ବୋଲି ରାହୁଲ ରାଜ ଖବରଦାତାଙ୍କୁ କହିଛନ୍ତି । ଅଧାପକ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୯।୯ (ବ୍ୟୁରୋ)

ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନୂଆଁଖାଇ ଭେଟଘାଟ ରବିବାର ରାତିରେ ଟାଙ୍ଗରପାଲିସ୍ଥିତ ବନଭେନନ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ନୃତ୍ୟ ଗୀତରେ କାର୍ଯ୍ୟକ୍ରମ ହୋଇଥିଲା । ଅନୁଷ୍ଠାନ ସଭାପତି ଅରୁଣ ପଟ୍ଟୱାରୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାୟକ, ସମ୍ବଲପୁର ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ଯଶବୀର ସିଂ ହୁରା ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ଧନଜୀ ଭାଇ, ଉପସଭାପତି ଅରୁଣ ମୁଖାର୍ଜୀ, ମିଡିଆ ପ୍ରଭାରୀ ଦାମୋଦର କର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ବ୍ୟବସାୟୀ ସଂଘ, ଏଲଆଇସି ଅଧିକାରୀ ସଂଘର କର୍ମକର୍ତ୍ତା ଯୋଗଦେଇ ନୂଆଁଖାଇ ବାର୍ତ୍ତା ଦେଇଥିଲେ ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

### ଲଗାଣ ବର୍ଷାର କ୍ଷୟକ୍ଷତି ରିପୋର୍ଟ

# ମାନେଶ୍ୱର ବ୍ଲକରେ ସର୍ବାଧିକ ଘର ଭାଙ୍ଗିଲା

ସମ୍ବଲପୁର,୯।୯ (ବ୍ୟୁରୋ)

ସମ୍ବଲପୁର ଜିଲାରେ ୨ ଦିନ ଧରି ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସୋମବାର ଜିଲାର ସବୁ ତହସିଲ ଅଫିସରୁ ରିପୋର୍ଟ ସଂଗ୍ରହ କରାଯାଇଛି । ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମାନେଶ୍ୱର ବ୍ଲକରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ରାସ୍ତା ଧୋଇଯିବା ସହ ଫସଲ ନଷ୍ଟ ହୋଇଛି। ସେହିପରି ୭୨ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଓ ଅନେକ ଲୋକଙ୍କ ଘର ଆଂଶିକ ଭାଙ୍ଗିଛି । ସହିପରି ରେଙ୍ଗାଲି ବ୍ଲକରେ ସମ୍ପୂର୍ଣ୍ଣ ୨୦, ଆଂଶିକ ୧୫, ଝୁଜୁମୁରା ବ୍ଲକରେ ଆଂଶିକ ୧୩, ସମ୍ବଲପୁର ମହାନଗର ନୀଗମ ଆଂଶିକ ୯୦, ସମ୍ପୂର୍ଣ୍ଣ ୫, ଧନକଉଡା ବ୍ଲକରେ ୧୨, ରେଢାଖୋଲ ବ୍ଲକରେ ୪୦ ଆଂଶିକ ଓ ସମ୍ପୂର୍ଣ୍ଣ ଭାବେ ୨ ଘର ଭାଙ୍ଗିଥିବା ରିପୋର୍ଟ ଦିଆଯାଇଛି । ସେମାନଙ୍କୁ ନିୟମ ଅନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ସଂକ୍ଷେପରେ

ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ୪ ନିଖୋଜ ଘଟଣା

### ଜଣଙ୍କ ମୃତଦେହ ଉଦ୍ଧାର

ପରଜଙ୍ଗ, ୯।୯ (ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ରୋଡ୍ ପଞ୍ଚାୟତ କୁନ୍ଦନଦେଈପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ଡଙ୍ଗାବୁଡ଼ି ଘଟଣାରେ ଜଣଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ କୁନ୍ଦନଦେଈପୁରର ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ପୁଅ ବିଶ୍ୱଜିତ। ସକାଳେ ସାଆନ୍ଦା ଫାଣ୍ଡି ପାଣିଗେଙ୍ଗୁଟିଆ ଗ୍ରାମ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟ କାଉଁସି ଗଛଗୁଡିକରେ ମୃତଦେହ ଲାଖିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସାନଭାଇ ବିଭୂତିଙ୍କ ଅଭିଯୋଗ କ୍ରମେ ପରଜଙ୍ଗ ଥାନାରେ ନଂ. ୩୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୂଳ ପରିବେଶ ଖେଳିଯାଇଥିଲା। ବିଶ୍ୱଜିତଙ୍କ ସ୍ତ୍ରୀ ଇପ୍ସିତା ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ୱଜିତ ମାତ୍ର ୪ ମାସ ତଳେ ମେ ୧୭ରେ ମୁଣ୍ଡେଇଲୋ ଗ୍ରାମରେ ବିବାହ କରିଥିଲେ। ଜିଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ସ୍ଥାନୀୟ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ ନିଖୋଜ ଥିବା ଅନ୍ୟ ୩ ଜଣଙ୍କ ପତ୍ତା ମିଳିପାରିନାହିଁ। ଓଡ୍ରାଫ ଟିମ,ଏନଡିଆରଏଫ, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ତଲାସି ଅଭିଯାନ ଚଳାଇଛନ୍ତି।

### ୫ ହଜାର ଟଙ୍କା ପାଇଁ ହତ୍ୟା, ଅଭିଯୁକ୍ତ ଗିରଫ

ସଜନାଗଡ଼, ୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ବାଘମରା ଗ୍ରାମରେ ୫ ହଜାର ଟଙ୍କା ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ପୋଲିସ ମୃତଦେହକୁ ଜବତ କରି ଛାନଭିନ କରିବା ପରେ ହତ୍ୟାକାଣ୍ଡର କାରଣ ପଦାକୁ ଆସିଛି। ବାବୁରାମ ସିଂ (୪୦) ନାମକ ଜଣେ ଯୁବକଙ୍କୁ ପିଟି ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଚୁନୁ ସିଂ(୩୦)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଘମରା ଗ୍ରାମର ଜଣେ ମହିଳା ଏକ ଆପରାଧିକ ମାମଲାରେ ଗିରଫ ହୋଇ ଏବେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଛନ୍ତି। ସେ ଜେଲ ପରିସରରେ କାମଧନ୍ଦା କରି ତାଙ୍କ ପୁଅ ବାବୁରାମ ସିଂ (୪୦) ପାଖକୁ ୫ହଜାର ଟଙ୍କା ପଠାଇଥିଲେ। ଜଣେ ସମ୍ପର୍କୀୟ ଚୁନୁ ସିଂ ଏହି ଟଙ୍କା ଆଣିଥିଲେ। ବାବୁରାମଙ୍କୁ ସେ ଟଙ୍କା ନ ଦେବାରୁ ଏନେଇ ଗତ ୫ତାରିଖରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ଚୁନୁ ଉତ୍ତ୍ୟକ୍ତ ହୋଇ ବାବୁରାମଙ୍କୁ ମାରପିଟ୍ କରିବା ସହ ଏକ ଶିଳପୁଆ ଆଣି ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ବାବୁରାମ ରକ୍ତାକ୍ତ ହୋଇ ଚେତା ହରାଇ ବସିଥିଲେ। ଏହାପରେ ଚୁନୁ ତାଙ୍କୁ ନେଇ ଗାଁର ଭାଗବତ ଟୁଙ୍ଗି ଘରେ ଛାଡି ଚାଲିଯାଇଥିଲେ। ପରଦିନ ସକାଳେ ଗାଁ ଲୋକେ ଭାଗବତ ଟୁଙ୍ଗି ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାବୁରାମ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାବୁରାମଙ୍କ ଉପରେ ପାଣି ଛିଞ୍ଚିଯିବାରୁ ତାଙ୍କ ଚେତା ଫେରିଥିଲା। ସେ ସମସ୍ତ ଘଟଣା ଗ୍ରାମବାସୀଙ୍କ ସମ୍ମୁଖରେ କହିଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ନୀଳଗିରି ଡାକ୍ତରଖାନାକୁ ନେଇଯାଇଥିଲେ। ଅଭିଯୁକ୍ତ ଚୁନୁ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ। ନୀଳଗିରି ଡାକ୍ତରଖାନାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଚୁନୁ ଓ ଅନ୍ୟମାନେ ବାବୁରାମଙ୍କୁ ବାଲେଶ୍ୱର ନ ନେଇ ଗାଁକୁ ଆଣି ଜଣେ ପଡ଼ୋଶୀଙ୍କ ଘରେ ରଖିଥିଲେ। ପୁନଶ୍ଚ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ୮ ତାରିଖରେ ନୀଳଗିରି ମେଡ଼ିକାଲକୁ ଆଣି ଚିକିତ୍ସା କରାଇ ସେମାନେ ଗାଁକୁ ନେଇଯାଇଥିଲେ। ପଡୋଶୀଙ୍କ ଘରେ ଥିବା ବେଳେ ୮ ତାରିଖ ରାତିରେ ବାବୁରାମଙ୍କ ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ମୃତ୍ୟୁ ଖବର ଜଣାପଡିବା ପରେ ନୀଳଗିରି ପୋଲିସ ଆସି ପହଞ୍ଚିଥିଲା। ମୃତକଙ୍କ ସାନଭାଇ ବିଦେଶୀ ସିଂ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ଏକ ମାମଲା (ନଂ. ୨୧୩/୧୯) ରୁଜୁ କରିଛି। ଏହାସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଚୁନୁଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ନୀଳଗିରି ଆଇଆଇସି ନଳିତା ମୋଦି ପ୍ରକାଶ କରିଛନ୍ତି।

# ଖୋଲିଲା ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା'

ଭୁବନେଶ୍ୱର ୯।୯(ବ୍ୟୁରୋ)

ଆଦିବାସୀମାନଙ୍କ ବିଭିନ୍ନ ସାମଗ୍ରୀର ବ୍ୟାପକ ବ୍ୟବସାୟ ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍(ଟିଡିସିସିଓଏଲ୍) ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା' ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହାକୁ ଉଦ୍‌ଘାଟନ କରିଥିଲେ। ରୂପାଲି ଛକସ୍ଥିତ ଟିଡିସିସିଓଏଲ୍ ପରିସରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ଗ୍ରାହକମାନେ ଓଡ଼ିଶା ଜନଜାତିମାନଙ୍କ ବିଭିନ୍ନ ସାମଗ୍ରୀ ଯଥା ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟ, ଜନଜାତି ହସ୍ତତନ୍ତ, ହସ୍ତକଳା, ହସ୍ତଶିଳ୍ପ, ଅଳଙ୍କାର, ମସଲା, ଚିତ୍ରକଳା ଓ ଖାଦ୍ୟ ସାମଗ୍ରୀ ଆଦି ସୁବିଧାରେ ପାଇପାରିବେ। ମାଣ୍ଡିଆ ବିସ୍କୁଟ୍, ପିଠା, ମାଣ୍ଡିଆରେ ପ୍ରସ୍ତୁତ ପାଉଁରୁଟି ବା ବ୍ରେଡ୍ ଭଳି ସ୍ୱାସ୍ଥ୍ୟ ହିତକର ଜନଜାତି ଖାଦ୍ୟର ବ୍ୟାପକ ବଜାର ସୃଷ୍ଟି ନିମନ୍ତେ ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିବା ଟିଡିସିସିଓଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ମାନସୀ ନିମ୍ଭାଲ୍ ସୂଚନା ଦେଇଛନ୍ତି।

ଟିଡିସିସିଓଏଲ୍ ତରଫରୁ ରାଜ୍ୟର ୬ ଜିଲାରେ ଏଭଳି ୧୧ଟି ସ୍ୱତନ୍ତ୍ର ଷ୍ଟୋର୍ ଖୋଲାଯାଇଛି। ଏହାବ୍ୟତୀତ ଏକ ଭ୍ରାମ୍ୟମାଣ ଷ୍ଟୋର୍ 'ଟ୍ରାଇବାଲ୍ସ ଅନ୍ ହ୍ୱିଲ୍ସ'ର ବ୍ୟବସ୍ଥା କରାଯାଇଛି। ଏହି ଷ୍ଟୋର୍‌ଗୁଡ଼ିକରୁ ଗ୍ରାହକମାନେ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଖାଦ୍ୟ ସାମଗ୍ରୀ ଏବଂ ଘରକରଣା ସାମଗ୍ରୀ କିଣିପାରିବେ। ପୂର୍ବରୁ ଏ ସବୁ ସାମଗ୍ରୀ ଟ୍ରାଇବାଲ ମ୍ୟୁଜିୟମ୍ ସହ ଭୁବନେଶ୍ୱରର ଅନ୍ୟାନ୍ୟ ଦୁଇଟି ସ୍ଥାନରେ ମିଳୁଥିବାବେଳେ ଏବେ ଏହାକୁ ବିଶ୍ୱସ୍ତରୀୟ ବଜାର ପାଇଁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାଇଛି। ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଯେପରି ରାଜ୍ୟର ଜନଜାତିମାନଙ୍କ ସାମଗ୍ରୀ ପହଞ୍ଚିପାରିବ ଓ ତାହାର ଉପାଦେୟତା ସମ୍ପର୍କରେ ଲୋକେ ଜାଣିପାରିବେ ତାହାକୁ ଦୃଷ୍ଟିରେ ରଖି ଉତ୍କୃଷ୍ଟମାନର ପ୍ୟାକେଜିଂ କରାଯାଇଛି। ସେହିଭଳି ଗ୍ଲୋବାଲ୍ ମାର୍କେଟ୍ ସୁଯୋଗ ସୃଷ୍ଟି କରିବାକୁ ଇ-କମର୍ସ ପ୍ଲାଟଫର୍ମ ଉପରେ ଗୁରୁତ୍ୱ ଦିଆଯାଇଛି। www.adi-sha.in ୱେବ୍‌ସାଇଟ୍‌ରେ ସମସ୍ତ ସାମଗ୍ରୀ ବିକ୍ରିବଟା ପାଇଁ ରଖାଯାଇଛି। ତେବେ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ଆଗାମୀ ଦିନରେ ଏହାକୁ ପର୍ଯ୍ୟଟନ ସହ ଯୋଡ଼ାଯିବାକୁ ଯୋଜନା ରହିଛି। ଟୁରିଜିମ୍ ପଏଣ୍ଟ କରାଯିବା ସହ ପର୍ଯ୍ୟଟକମାନେ କିଭଳି ଆଦିଶା ଆଉଟ୍‌ଲେଟ୍‌କୁ ଆସିପାରିବେ ସେଥିଲାଗି ବ୍ୟବସ୍ଥା କରାଯିବ। ଆଦିଶାର ସେଲ୍ସ ଏକ୍‌ଜିକ୍ୟୁଟିଭ୍‌ମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ଗ୍ରାହକଙ୍କୁ ସମସ୍ତ ସାମଗ୍ରୀର ବିସ୍ତୃତ ବିବରଣୀ ପ୍ରଦାନ କରିବେ। ଏହି ସାମଗ୍ରୀଗୁଡ଼ିକ କେମିତି ପ୍ରସ୍ତୁତ ହେଉଛି, କେଉଁଠାରୁ ଆସୁଛି, ଏହାର ମହତ୍ତ୍ୱ କ'ଣ ଓ ଔଷଧୀୟ ଗୁଣ କ'ଣ ରହୁଛି ଆଦି ସମ୍ପର୍କରେ ସେମାନେ ଗ୍ରାହକମାନଙ୍କୁ ବୁଝାଇବେ। ଏବେ ୬ଟି ଜିଲାରେ ଷ୍ଟୋର୍ ରହିଥିବାବେଳେ ଆଗାମୀ ଦିନରେ ପ୍ରତ୍ୟେକ ଜିଲାରେ ଏବଂ ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରେ ଷ୍ଟୋର ଖୋଲିବାର ଯୋଜନା ରହିଛି। ଏହାଦ୍ୱାରା ଜନଜାତି ଚାଷୀମାନେ ସିଧାସଳଖ ଲାଭବାନ୍ ହୋଇପାରିବେ ବୋଲି ନିମ୍ଭାଲ୍ ସୂଚନା ଦେଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ପରେ ଆଦିବାସୀ ମହିଳାମାନେ ବିଭିନ୍ନ ଷ୍ଟଲ ବୁଲି ଦେଖୁଛନ୍ତି।

### ବିଶ୍ୱ ବଜାରରେ ପହଞ୍ଚିବ କୋରାପୁଟ କଫି

ରାଜ୍ୟ ଏବଂ ରାଜ୍ୟ ବାହାରେ କୋରାପୁଟ କଫିର ବିଶେଷ ଚାହିଦା ରହିଛି। ଏହାର ସ୍ୱାଦ ଅନ୍ୟ ଅଞ୍ଚଳରେ ମିଳୁଥିବା କଫି ଠାରୁ ବେଶ୍ ନିଆରା ହୋଇଥିବାବେଳେ ଏଥିରେ ଯେଉଁ ଔଷଧୀୟ ଗୁଣ ରହୁଛି ତାହା ଆଉ କେଉଁ କଫିରେ ଦେଖିବାକୁ ମିଳେନା। ଦିନକୁ ଦିନ କୋରାପୁଟ କଫିର ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଚାଷୀଙ୍କ ସଂଖ୍ୟା ମଧ ବଢୁଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ କଫିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛି ଟିଡିସିସିଓଏଲ୍। ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ ସହ ବୈଜ୍ଞାନିକ ପଦ୍ଧତିରେ ପ୍ୟାକେଜିଂ କରାଯାଇଛି। ପ୍ରଥମଥର ପାଇଁ ଆଦିଶା ବ୍ରାଣ୍ଡ୍‌ରେ ଏହି କଫି ବିକ୍ରି ହେବାସହ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଏହାସହ ଭୁବନେଶ୍ୱରରେ ଥିବା ଆଦିଶା ଷ୍ଟୋର୍‌ରେ କୋରାପୁଟ କଫି ପାଇଁ ସ୍ୱତନ୍ତ୍ର କ୍ୟାଫେଟେରିଆ ପ୍ରତିଷ୍ଠା ହେବ। ଜନଜାତିମାନଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ଚେୟାରରେ ବସି ଲୋକେ ଏହି ବିଶ୍ୱପ୍ରସିଦ୍ଧ କୋରାପୁଟିଆ କଫିର ମଜା ନେଇପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା' ଚାହେଁ ପେଟକୁ**
**ମାଇପ ଚାହେଁ ଅଣ୍ଟାକୁ**
**ବେପାରୀ ଚାହେଁ କଣ୍ଟାକୁ**
**ମାଛୁଆ ଚାହେଁ ଟେଣ୍ଟାକୁ**
**ଭିକାରି ଚାହେଁ ବଣ୍ଟାକୁ।**

ପିଲାଟି ଖାଇଛି କି ନାହିଁ ମା' ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲଭାବେ ଜାଣିପାରିଥାଏ। ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ଓଜନରେ କାଳେ କମ୍‌ବେଶି ହୋଇ ନ ଯିବ ସେଥିଲାଗି ବେପାରୀ ଦଣ୍ଡି ଉପରେ ଦୃଷ୍ଟି ରଖିଥାଏ। ମାଛଧରାଳି କାଳେ ମାଛ ଖସି ନ ଯିବ ସେଥିଲାଗି ଟେଣ୍ଟା ଉପରେ ସତର୍କ ଦୃଷ୍ଟି ରଖିଥାଏ। ସେହିପରି ଭିକାରି ପରର ହାତ ଟେକାକୁ ସବୁବେଳେ ଚାହିଁ ବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମା'ଝିଅ ଦିହେଁ ମନ୍ଦିର ଗଲେ**
**ଯେଝା କଥା ଯେଝା ମନାସିଲେ।**

ମନ୍ଦିର ଗଲେ ସଭିଏଁ ନିଜର ଦୁଃଖ କଷ୍ଟ କଥା ଈଶ୍ୱରଙ୍କ ଆଗରେ ଜଣାଇଥାନ୍ତି। ନିଜେ କିପରି ଭଲରେ ରହିବ, ଭଲରେ ଚଳିବ ସେନେଇ ଗୁହାରି କରିଥାନ୍ତି। ଆତ୍ମୀୟଙ୍କ କଥା ଭୁଲି ନିଜର ସୁଖ ମନାସିଥାନ୍ତି। ପରୋକ୍ଷରେ ସ୍ୱାର୍ଥର ବଶ ମଣିଷ। ସବୁବେଳେ ସେ ନିଜ କଥା ବା ନିଜ ଗୁଣ କଥା ଚିନ୍ତା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

OFFICE OF THE HINJILICUT MUNICIPAL COUNCIL
HINJILICUT, (GM), PH: 06811-280025, e-mail id - hinjilicutmunicipality@gmail.com
Letter No.2141/2019 Bid Identification No.HIN-MUN-03/2019-20 Date: 07.09.2019
Bid document consisting of work, estimated cost, cost of Tender Paper, E.M.D., time of completion class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in. Total number of civil works : 2 Nos., Estimated cost for civil works : Rs.59,10,125/- (per each), Date & time of availability of Bid documents in the portal : Dt.08.09.2019 of 11.00 A.M. to dt: 23.09.2019 of 6.00 P.M. for online bidding., Last date of receipt of Bid through online : dt:23.09.2019 upto 6.00 P.M., Online receipt of tender documents : dt:23.09.2019 upto 6.00 P.M., Submission of original Bid document : Dt: 25.09.2019 through Registered or Speed Post., Date of opening of BId : dt: 26.09.2019 at 11.00 A.M. Sd./- Executive Officer, Hinjilicut Municipality

omfed
The Odisha State Co-operative Milk Producers' Federation Limited
D-2, Sahidnagar, Bhubaneswar - 751007
Ph. No.- 0674-2540273, 2546030, 2544576, 2546121, 2540417
www.omfed.com Website:www.omfed.com, Email ID : omfed@yahoo.com
TENDER NOTICE FOR ENGAGEMENT OF SECURITY AGENCIES
Sealed Tenders are invited from registered reputed and experienced Security Agencies for deployment of Security personnel at Omfed Corporate Office and its Dairies / Units. Tender documents shall be made available at Omfed Corporate Office on payment of **Rs. 6720/-** (Rupees Six Thousand Seven Hundred Twenty) only (inclusive of GST) in Cash/Demand Draft in favour of OMFED payable at Bhubaneswar on any working day between **1000 hours to 1400 hours from 10.09.2019 to 21.09.2019** or can be downloaded from website : **www.omfed.com**. The cost of Tender Paper of **Rs. 6720/-** in shape of Demand Draft must be accompanied with sealed tenders which will be received upto **1400 hours on 21.09.2019 (Saturday)** and shall be opened on the same day at **1500 hours** at Omfed Corporate Office in the presence of interested bidders. OMFED reserves the right to cancel any or all the offers without assigning any reason thereof. **Managing Director**

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
ସଚ୍ଚାପ୍ରେମୀ ନିରାଶ କାହିଁକି?
9899587663
8743922900

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜେନ୍ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ ହିନ୍ଦୁସ୍ଥାନ ଡିଜିଟାଲ କମ୍ପାନୀର ଉପକରଣ ବସାଇ ଅଗ୍ରୀମ 20,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ୨ ଚାକିରି + ବାଇକ୍
Plot No - 14/271, Devaraja Mohalla, Bangalore, Karnataka 570001
9499452368

ଫ୍ରି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ, ମାର୍କିଟ, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

DHANLAXMI FINANCE PVT. LTD.
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କିଟିଂ, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
9499135756
H.No. 10, Mandi Road, Bathinda, Punjab

LOAN
ଟଙ୍କା ନେଇନ୍ତୁ - ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କେଟିଂ, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853

GTL Telecom Network Company
ଖାଲିଥିବା ଜମି ଓ ଛାତ ଉପରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ
9348700276
8676907143

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

ଲୋନ! ଲୋନ! ଲୋନ
୧ ରୁ 40 ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କେଟିଂ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
1% ସୁଧ 40% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

Dhanalaxmi Finance
Regd. No.-U6519TNI98PLC00855
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

EDUCATION
ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### କାଦୋପଡ଼ା ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

**ପାଟଣାଗଡ଼,୯।୯(ଡି.ଏନ.ଏ.):** ପାଟଣାଗଡ଼ କାଦୋପଡ଼ାଠାରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜାର ଏକ ପ୍ରସ୍ତୁତି ବୈଠକ ଗୋଲାପରାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ମହାଦେବ ମେହେର, ଉପ ସଭାପତି ଗୋକୁଳ ମେହେର, ସମ୍ପାଦକ ଜୟନ୍ତ ମେହେର, ସହ ସମ୍ପାଦକ ସନ୍ୟାସୀ ବାଗ, କୋଷାଧ୍ୟକ୍ଷ ସୁବାସ ମେହେରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରି ଦାୟିତ୍ୱ ଦିଆଯାଇଛି। ବୈଠକରେ ପୂଜାକୁ କିପରି ଆକର୍ଷଣ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏପରି କି ରାବଣ ପୋଡି ମୁଖ୍ୟ ଆକର୍ଷଣ ରହିଥିବା ବେଳେ ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କୁ ଭୋଗ ବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭୂପେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଦେବରାଜ ପାଣିଗ୍ରାହୀଙ୍କୁ ପରବାସୀ ଶିକ୍ଷା ସମ୍ମାନ

**ପାଟଣାଗଡ଼,୯।୯(ଡି.ଏନ.ଏ.):** ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପାଣିଗ୍ରାହୀଙ୍କୁ ଚଳିତ ବର୍ଷ ମର୍ଯ୍ୟାଦାଜନକ ପରବାସୀ ଶିକ୍ଷା ସମ୍ମାନ ୨୦୧୯ ପ୍ରଦାନ କରାଯାଇଛି। ଆଗଲପୁର ଡୁଡୁକାଠାରେ ଅନୁଷ୍ଠିତ ପରବାସୀ କୁଟୁମ୍ ନୂଆଁଖାଇ ଭେଟ୍‌ଘାଟ୍ ୨୦୧୯ ଅବସରରେ ଅତିଥିଙ୍କ ସହ ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରୀ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଦେବରାଜଙ୍କୁ ସମ୍ମାନିତ କରିଥିଲେ। ଏନେଇ ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଏମ୍‌ପିଙ୍କ ସଇଁନ୍ତଳା ବ୍ଲକ ପ୍ରତିନିଧି ମନୋନୀତ

**ଟିକ୍ରାପଡ଼ା,୯।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ପାଇଁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତିନିଧି ଭାବେ ଅକ୍ଷୟ ରଣା ମନୋନୀତ ହୋଇଛନ୍ତି। ଏ ନେଇ କର୍ମୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟାର କିପରି ସମାଧାନ ହୋଇପାରିବ ସେନେଇ ଉଦ୍ୟମ ଜାରି ରହିବ ବୋଲି ଅକ୍ଷୟ ପ୍ରକାଶ କରିଛନ୍ତି।

### ଖୁଦୁରୁକୁଣୀ ଭସାଣି ଉତ୍ସବ

**ଖପ୍ରାଖୋଲ,୯।୯(ଡି.ଏନ.ଏ.):** ସ୍ଥାନୀୟ ଡୁମେରତଲିଏନ ମନ୍ଦିର ପଛପଟେ ଯୁବତୀମାନଙ୍କ ଦ୍ୱାରା ମା' ଖୁଦୁରୁକୁଣିଙ୍କ ପୂଜା କରାଯାଉଥିଲା। ସୋମବାର ମା'ଖୁଦୁରୁକୁଣିଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ମାଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଗାଁ ପୋଖରୀରେ ବିସର୍ଜନ କରାଯାଇଥିଲା । ଖୁଦୁରୁକୁଣି ଓଷା କମିଟିର ରଶ୍ମିତା ଦଣ୍ଡସେନା, ମୀରାବାଇ କୁଅଁର, ରଞ୍ଜିତା ଦଣ୍ଡସେନା, ରେବତୀ, ଚୁମକି, ନୀରୁ, ଶ୍ରଦ୍ଧା, ଝିଲି, ରୀତା, ମୁସ୍କାନ, ରାଖୀ, ସୁଷମା, ସଙ୍ଗୀତା, ମନିଷା, ଯଜ୍ଞ, କୁନି ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ଦେଓଗାଁ,୯।୯(ଡି.ଏନ.ଏ.):** ଦେଓଗାଁ ସାହୁପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ସୁମନ୍ତ କୁମାର ସାହୁ, ସମ୍ପାଦକ ଶେଷଦେବ ମେହ୍ଲି, କୋଷାଧ୍ୟକ୍ଷ ରମେଶ କୁମାର ସାହୁ ଏବଂ ସଭ୍ୟ ଭାବେ ହିଂମାଶୁ ସାହୁ, ଆଶିଷ ବାରିକ, ମଦନ ସାହୁ, ସୁବୋଧ ସାହୁଙ୍କୁ ମନୋନିତ କରାଯାଇଥିଲା।

ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ

# ମଣିଷ ଗଢ଼ିବା ହିଁ ଶ୍ରେଷ୍ଠ ଶିକ୍ଷା

**ଟିଟିଲାଗଡ଼,୯।୯(ଡି.ଏନ.ଏ.)**

ଟିଟିଲାଗଡ଼ ଅଞ୍ଚଳରେ ଉଚ୍ଚତର ଶିକ୍ଷା ପାଇଁ ଦୀର୍ଘଦିନର ଆନ୍ଦୋଳନ ପରେ ୧୯୬୮ ସେପ୍ଟେମ୍ବର ୯ରେ ଡିଏଭି ମହାବିଦ୍ୟାଳୟର ସ୍ୱପ୍ନ ସାକାର ହୋଇଥିଲା। ସୋମବାର ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି ମଞ୍ଚ ସଞ୍ଚାଳନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ସ୍ମୃତିଚାରଣ କରିଛନ୍ତି। ପ୍ରାରମ୍ଭରେ ଅତିଥି ବୃନ୍ଦ ଆଚାର୍ଯ୍ୟ ଦୟାନନ୍ଦ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ସହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନେଇ ମୁଖ୍ୟ ଭୂମିକା ନିର୍ବାହ କରିଥିବା ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଡ. ଭକ୍ତବନ୍ଧୁ ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷା ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଓଡ଼ିଶା ନାଗରିକ ମଞ୍ଚର ସଭାପତି ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା, ବିଶିଷ୍ଟ ସ୍ତମ୍ଭକାର ଶଶିଭୂଷଣ ରଥ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶତପଥୀ ସନ୍ଥ କବି ଭିମ ଭୋଇ, ଉତ୍କଳମଣୀ ଗୋପବନ୍ଧୁ ଦାଶ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶିକ୍ଷା ନିର୍ଦ୍ଦେଶନ ଉପରେ ଆଲୋଚନା କରିବା ସହ ଭଲ ମଣିଷ ଗଢିବା ହିଁ ଶ୍ରେଷ୍ଠ ଶିକ୍ଷା ବୋଲି କହିଥିଲେ। ସମ୍ମାନୀତ ଅତିଥି ରଥ ସାମ୍ପ୍ରତିକ ପରିସ୍ଥିତିରେ କିଛି ବହି ଲେଖି କବି ତଥା ଲେଖକ ମାନ୍ୟତା ପାଇଁ ଆଗଭର ହେଉଛନ୍ତି, ଏପରିପ୍ରେକ୍ଷୀରେ ନିଜ ସାମାଜିକ ମୂଲ୍ୟବୋଧ, କର୍ତ୍ତବ୍ୟନିଷ୍ଠା ପ୍ରତି ମାନବ ସମାଜ ଅବଲୋକନ କଲେ ସମାଜ ପ୍ରତି ଠିକ୍ ନିର୍ଦ୍ଦେଶନ ହେବ ବୋଲି କହିଥିଲେ।

ମୁଖ୍ୟଅତିଥି ମନ୍ତ୍ରୀ ସାହୁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉପଦେଶ ଦେବା ସହ ଦେଶ ଗଠନ ପ୍ରତି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ କହିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶିଲ ପାଢୀ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମେଜର ଡ. ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ କଲେଜର ଏନସିସି ସ୍କ୍ୱାଡ ଅତିଥି ବୃନ୍ଦଙ୍କୁ ଗାର୍ଡ ଅଫଅନର ପ୍ରଦାନ କରି ମଞ୍ଚକୁ ପାଛୋଟି ଆଣିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିଜିତ ଘୋଷ, ବନ୍ଦନା କର, ସସ୍ମିତା ପାଣିଗ୍ରାହୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନ ସଂଗ୍ରାମୀ ଗଜାନନ ମିଶ୍ର, ଡ. ଗୋବର୍ଦ୍ଧନ ସାହୁ, ପ୍ରାକ୍ତନ ଡିଏଭି କଲେଜ ଅଧ୍ୟକ୍ଷ ଡ. ସୀତାରାମ ପାଣିଗ୍ରାହୀଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ତଥା ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ।




ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଚିତ୍ରାଙ୍କନ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୯।୯**

ବଲାଙ୍ଗୀର ରେଲୱେ ଷ୍ଟେସନ ରୋଡ୍ ତେଲିଗୋଠପଡ଼ାସ୍ଥିତ ଚିତ୍ର-ସଙ୍ଗୀତ ଶିକ୍ଷାନୁଷ୍ଠାନ କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟଠାରେ ସାଂସ୍କୃତିକ, ଅର୍ଥନୈତିକ ଏବଂ ସାମାଜିକ ଅନୁଷ୍ଠାନ ଖଦ୍ୟୋତ ପକ୍ଷରୁ ସହରର ବିଭିନ୍ନ ବିଦ୍ୟାଳୟମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଳାଧାମ ଅନୁଷ୍ଠାନ ଅଧ୍ୟକ୍ଷ ଦିଲୀପ କୁମାର ସିଂଦେଓଙ୍କ ତତ୍ତ୍ୱାବଧାନରେ ଖଦ୍ୟୋତ ଉପସଭାପତି ଆକୁଳ ବେହେରା, ସମ୍ପାଦକ ରବୀଚନ୍ଦ୍ର ପଶାୟତ, ବରିଷ୍ଠ ସଦସ୍ୟ ଭକ୍ତଚରଣ ନାଏକ, ନଳିନୀ ସିଂଙ୍କ ସହଯୋଗିତାରେ ପ୍ରତିଯୋଗିତା ହୋଇଥିଲା । ଆଗାମୀ ଦିନରେ ଖଦ୍ୟୋତର ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।




ଖଦ୍ୟୋତ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ କାର୍ଯ୍ୟକାରୀ କମିଟି ପୁନର୍ଗଠିତ

**ବଲାଙ୍ଗୀର ଅଫିସ,୯।୯**

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ (ଆଲୁମ୍ନି ଆସୋସିଏଶନ୍) ପୁର୍ନଗଠନ କରାଯାଇଛି । ଗତ ୪ ତାରିଖ ସାଧାରଣ ପରିଷଦ ନିଷ୍ପତ୍ତି ଅନୁସାରେ ସଭାପତି ଓ ସାଧାରଣ ସମ୍ପାଦକଙ୍କ ଉଦ୍ୟମକ୍ରମେ ସଂଘ ନିୟମାବଳୀ ଅନୁଯାୟୀ ଏହି ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଲଳିତ କୁମାର ନାୟକ, କାର୍ଯ୍ୟନିର୍ବାହୀ ସଭାପତି ଭାବେ କଲେଜ ଅଧ୍ୟକ୍ଷ ବିନୟ କୁମାର ଜେନା, ଉପସଭାପତି ଭାବେ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ସାଧାରଣ ସମ୍ପାଦକ ଭାବେ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ଭାବେ ଡ. ଶ୍ରୀକର ମିଶ୍ର ଓ ଯୁଗ୍ମ ସଚିବ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମହେଶ ପଟ୍ଟନାୟକ କାର୍ଯ୍ୟ କରିବେ। ଏପରି କି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ରତନ ମହାରଣା, ଶିଳ୍ପଦ୍ୟୋଗୀ ପ୍ରଭାସ ପାଣିଗ୍ରାହୀ, ପୂର୍ବତନ ଛାତ୍ରନେତା ଅନନ୍ତ ଦାସ, ମନୀଷ ମିଶ୍ର, ମନୋରଞ୍ଜନ ଯୋଷୀ ରହିଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକାରୀ ସଦସ୍ୟ ଭାବେ ଆଇନଜୀବୀ ପ୍ରିୟରଞ୍ଜନ ବହିଦାର, ଆଇନଜୀବୀ ଗୌରୀଶଙ୍କର ପଣ୍ଡା, ଶିକ୍ଷାବିତ ପ୍ର. ସନ୍ତୋଷ ରଥ, ସମାଜକର୍ମୀ ବୀରେନ୍ଦ୍ର ବନଛୋର ମନୋନୀତ ହୋଇଛନ୍ତି। ପ୍ଲାଟିନମ୍ ଜୁବୁଲି ପାଳନ କମିଟି ସଂଯୋଜକ ଭାବେ ବିଶିଷ୍ଟ ସଙ୍ଗଠକ ହରି ନାରାୟଣ ପୂଜାରୀ କାର୍ଯ୍ୟ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। କଲେଜ ପ୍ଲାଟିନମ୍ ଜୁବୁଲି କମିଟିର ସମସ୍ତ ସବ୍‌କମିଟି ଖୁବ ଶୀଘ୍ର ଗଠିତ ହେବ ବୋଲି ସୂଚନା ଦିଆଯାଇଛି। ନବଗଠିତ କାର୍ଯ୍ୟକାରୀ କମିଟି ପ୍ରଥମ ବୈଠକ ଶନିବାର ଅପରାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା।




ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ସଦସ୍ୟ।

# ଦଳିତ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୯।୯**

ବଲାଙ୍ଗୀର ଜିଲାର ଦଳିତ ସମାଜକୁ ନେଇ ସୂର୍ଯ୍ୟମଣି ସୁନାଙ୍କ ଆବାହକତ୍ୱରେ ଠିକାଦାରପଡ଼ା ଶ୍ରମିକ ଭବନରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଦଳିତ ଶିକ୍ଷକ ସଂଘ ସଭାପତି ବାସୁଦେବ ମୁଗ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟାକ ସମାଜପ୍ରେମୀ ଯୋଗ ଦେଇଥିଲେ । ନୂଆଁଖାଇ ଏଠିକାର ମୂଳ ଅଧିବାସୀଙ୍କ ଆଦି ପର୍ବ ହୋଇଥିବାବେଳେ ଏଥିରେ ଧୀରେ ଧୀରେ ପ୍ରଭାବ କମିବାକୁ ଲାଗୁଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଆଗାମୀ ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଟାଉନ ହଲ୍‌ଠାରେ ଦଳିତ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ କମିଟି ଗଠନ କରାଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ନେପାଳ ଚନ୍ଦ୍ର ବାଗ, ଆବାହକ ବାସୁଦେବ ମୁଗ୍ରୀ, ବିଜୟ ଚନ୍ଦ୍ର ବାରିକ, ସଭ୍ୟ ଭାବେ ଶମ୍ଭୁ ନାଗ, ତ୍ରିଲୋଚନ ନନ୍ଦ, ଦ୍ରୋଣ କୁମ୍ଭାର, ସୁନୀଲ ମୁଗ୍ରୀ, କିଶୋର କୁମ୍ଭାର, ତରଣୀସେନ ଦୀପ, ବୃନ୍ଦାବନ ନାଗ, ଲୀଳାମୟୀ ସୁନା, ରଶ୍ମି ବାଗ, ଘନଶ୍ୟାମ କୁମ୍ଭାର, ପ୍ରେମ ନାଗ, ହିମାଂଶୁ ନାଗ, ବିହାରୀ ଦିପ, ପବିତ୍ର ନାଗଙ୍କୁ ମନୋନିତ କରାଯାଇଛି । କାର୍ଯ୍ୟକ୍ରମରେ ହେବାକୁ ଥିବା ଆର୍ଥିକ କାରବାର ପାଇଁ ସୂର୍ଯ୍ୟମଣି ସୁନାଙ୍କୁ ଦାୟିତ୍ୱ ଦିଆଯାଇଛି। କାର୍ତ୍ତିକେଶ୍ୱର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଡ଼ାସିଂହାରେ ନୂଆଁଖାଇ ଭେଟ୍‌ଘାଟ୍

**ଦେଓଗାଁ,୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦରବ୍ଲକ ଅଧୀନ କୁଡ଼ାସିଂହାରେ ସାର୍ବଜନିନ ସାଂସ୍କୃତିକ କଳାପରିଷଦପକ୍ଷରୁନୂଆଁଖାଇଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତସ୍ତରୀୟ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ବାସୁଦେବ ସା, ନବୀନ କୁଅଁର, ବ୍ରହ୍ମାନନ୍ଦ ବନଛୋର, ସ୍ୱରୂପା ସିଂ, ଶ୍ରୀପଦା ଷଡଙ୍ଗୀ ଯୋଗେଦେଇଥିଲେ। ଡା.ଲଳିତ କୁମାର ସାହୁଙ୍କ ପରିଚାଳନା ତଥା ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ବରିଷ୍ଠ ଲୋକ କଳାକାର ଯୁଗେଶ୍ୱର ପାତ୍ର, ଅରକ୍ଷୀତ ସାହୁ ଓ ବୃନ୍ଦାବନ ପୁଟୋଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କପିଳ ନନ୍ଦ, କମିଟି ଉପ ସଭାପତି ନାରାୟଣ ନାଥ, ବିରଞ୍ଚି ପଧାନ ପ୍ରମୁଖ ଯୋଗଦେଇ ପଞ୍ଚାୟତସ୍ତରୀୟ ନୃତ୍ୟଗୀତରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜୟ ମାଝି, ହୃଷୀକେଶ ନାଏକ ଏବଂ ଭୁବନେଶ୍ୱର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ପାରମ୍ପରିକ ନୃତ୍ୟ, ଦୁଲୁଦୁଲି ତଥା ନବୀନ କୁଅଁର ଓ ସାଥୀଙ୍କ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମକୁ ରାଧେଶ୍ୟାମ ପଥାଲ, ରବୀନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ପ୍ରକାଶ ସାହୁ, ସୁରେଶ ସାହୁ, ବୁଲୁ ସାହୁ, ଚିତ୍ତରଞ୍ଜନ ପଧାନ, ମନୋଜ ଝାଙ୍କର ତଥା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କଡ଼ାସିଂହାରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର କଳାକାରଙ୍କୁ ସମ୍ମାନିତ କରୁଛନ୍ତି।

# ଟିକ୍ରାପଡ଼ା ନବରାତ୍ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୯।୯**

ବଲାଙ୍ଗୀର ସହରର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଗାନ୍ଧୀ ପାଠାଗାରରେ ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ କରିବାକୁ ପାଠାଗାର ସଭାପତି ଭଗବାନ ବର୍ଗର୍ତ୍ତିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ ନେଇ ପ୍ରଣୟ ଗଡତ୍ୟା ସଭାପତି, ଆନିଶ ସାହୁ ସମ୍ପାଦକ ଏବଂ ସତ୍ୟନାରାୟଣ ଶତପଥୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। କମିଟିରେ ଭଗବାନ ବର୍ଗର୍ତ୍ତୀ, ପ୍ରକାଶ ନେପାକ, ରାଜେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ସାହୁ, ପ୍ରଦୀପ ସାହୁ, ଶିବେନ୍ଦ୍ର ସାହୁ, ସନ୍ତକ ବହିଦାର, ରାଜେନ୍ଦ୍ର ପାଣି, ହୃଦୟ ରଞ୍ଜନ ସାହୁ, ରିଆଜ୍ ଖାନ ସଦସ୍ୟ ମନୋନୀତ ହୋଇଛନ୍ତି । ବିଗତ ବର୍ଷର ଆୟବ୍ୟୟ ବିବରଣୀ ବୈଠକରେ ଉପସ୍ଥାପନ କରାଯାଇଥିଲା। ଗତବର୍ଷ ଦୁର୍ଗାପୂଜା ଆୟୋଜନରେ ସହଯୋଗ ପାଇଁ ପଡ଼ାବାସୀ ତଥା ସମସ୍ତ ବଦାନ୍ୟ ବ୍ୟକ୍ତିଙ୍କୁ ପାଠାଗାର ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ ନିମନ୍ତେ ବୈଠକରେ ଉପସ୍ଥିତ ମଣ୍ଟୁ ପଟ୍ଟନାୟକ, ସଦାଶିବ ଶତପଥ, ମହମ୍ମଦ ଅକବର, ନେତ୍ରାନନ୍ଦ ନନ୍ଦ, ଅଜିତ ପଣ୍ଡା, ବୁବୁ ବଡିଆ, ପ୍ରମୋଦ ସାହୁ, ସୁଧାକର ନନ୍ଦ, ପ୍ରମୋଦ ପ୍ରଧାନ, ଭକ୍ତ ପୋଡ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପୂଜାକୁ ଅଧିକ ଆକର୍ଷଣ ଏବଂ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ହିନ୍ଦୀ ଶର୍ଟଫିଲ୍ମ ସର୍କସର ସ୍କ୍ରିନ୍ ପ୍ଲେ

**ବଲାଙ୍ଗୀର ଅଫିସ, ୯।୯**

ହିନ୍ଦୀ ସର୍ଟଫିଲ୍ମ ସର୍କସର ସ୍କ୍ରିନ୍ ପ୍ଲେ କାର୍ଯ୍ୟକ୍ରମ ସ୍ଥାନୀୟ ସାମ୍ବାଦକ ଭବନଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସିର୍ଟ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବଲାଙ୍ଗୀରର ଯୁବ ପ୍ରତିଭା ତଥା ବଲିଉଡ୍‌ର ସିନେ ଅଭିନେତା ଦେବତୋଷ ଦର୍ଜୀ ଫିଲ୍ମ ଉପରେ ସୂଚନା ଦେଇଥିଲେ। ଦେବତୋଷ ପୂର୍ବରୁ ବହୁଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର ଜଜ୍‌ମେଣ୍ଟାଲରେ ଅଭିନୟ କରି ଚର୍ଚ୍ଚିତ ହୋଇସାରିଛନ୍ତି। ଜଣେ ମଞ୍ଚ ଓ ସିନେ ଅଭିନେତା ଭାବେ ଦେବତୋଷଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି। ତାରିକ୍ ବାସୁଦେବାଙ୍କ ନିର୍ଦ୍ଦେଶିତ ସର୍କସ ଫିଲ୍ମର ସ୍କ୍ରିନ୍ ପ୍ଲେ କାର୍ଯ୍ୟକ୍ରମରେ ଦେବତୋଷଙ୍କ ମାତା, ପିତା ଏବଂ ପରିବାର ଲୋକଙ୍କ ସହ ବଲାଙ୍ଗୀରର କଳାକାର ଓ କଳାପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦେବତୋଷ ଦର୍ଶକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।




ସର୍କସ ଶର୍ଟ ଫିଲ୍ମ ଉପରେ ଅଭିନେତା ଦେବତୋଷ ଦର୍ଜୀ ସୂଚନା ଦେଉଛନ୍ତି।

# ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବିଲି ପାଳନ

**ବଲାଙ୍ଗୀର ଅଫିସ, ୯।୯**

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ଶିକ୍ଷାକେନ୍ଦ୍ରରେ ପରିଣତ କରାଯିବ: ଏମ୍‌ପି
- ସହବନ୍ଧିତ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ହାସଲ ସନ୍ତୋଷଜନକ: ନରସିଂହ

ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବୁଲି ପାଳନ ସକାଶେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ପାଟଣାଗଡ଼ ରାଜଖମାରଠାରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍‌ର ଏହି ପ୍ରତିନିଧି ଦଳ ଭେଟି କଲେଜର ପ୍ଲାଟିନମ୍ ଜୁବିଲି ଓ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ଆଲୋଚନା କରିଥିଲେୟ। ଏହି ଅବସରରେ ଘୋଷିତ ରାଜେନ୍ଦ୍ର ସହବନ୍ଧିତ ବିଶ୍ୱବିଦ୍ୟାଳୟକୁ ଏକ ଜାତୀୟସ୍ତରର ଉତ୍କର୍ଷ ଶିକ୍ଷାକେନ୍ଦ୍ର (ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ)ରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଏମ୍‌ପି ସିଂଦେଓ ଆସୋସିଏଶନ୍ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳଙ୍କ ଅନୁରୋଧ ରକ୍ଷା କରି ଦିନେ ଦୁଇଦିନ ମଧ୍ୟରେ ସେ କଲେଜ ପରିଦର୍ଶନରେ ଆସି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ମାନବ ସମ୍ବଳର ବିକାଶ ଦିଗରେ ପ୍ରତ୍ୟକ୍ଷ ଅବଗତ ହେବ ବୋଲି ଜଣାପଡିଛି। ଆଲୋଚନା ବେଳେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ରହି ପ୍ରତିନିଧି ଦଳକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ପ୍ରତିନିଧି ଦଳ ବଲାଙ୍ଗୀ ବିଧାୟକ ନରସିଂହ ମିଶ୍ରଙ୍କୁ ତାଙ୍କ କ୍ଲବ୍‌ପଡ଼ା ବାସଭବନରେ ସାକ୍ଷାତ କରି କଲେଜର ପ୍ଲାଟିନମ୍ ଜୁବିଲି ଓ ଘୋଷିତ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବ ଉପସ୍ଥାପିତ ଦାବି ଅନୁସାରେ ଏକକ ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ ରାଜେନ୍ଦ୍ର କଲେଜକୁ ସହବନ୍ଧିତ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ମିଳିଥିବାରୁ ବିଧାୟକ ମିଶ୍ର ସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଜୁବିଲି ପାଳନରେ ଆଲୁମ୍ନି ଆସୋସିଏଶନକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନର କାର୍ଯ୍ୟକାରୀ କମିଟି ପୁନର୍ଗଠିତ ହୋଇଛି। ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ପ୍ଲାଟିନମ୍ ଜୁବିଲି ସମାରୋହ ଆୟୋଜନ ପ୍ରକ୍ରିୟାରେ ଯଥାସମ୍ଭବ କଲେଜର ଅଧିକାଂଶ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି । ଅବିଭକ୍ତ ବଲାଙ୍ଗୀର ଜିଲାର ୩୦ଟି ବିଭିନ୍ନ ସ୍ଥାନରେ ଖୁବଶୀଘ୍ର ପୌରାଞ୍ଚଳ ଓ ବ୍ଲକସ୍ତରୀୟ ସଭାମାନ କରାଯାଇ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯିବ ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ, ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଓ ଜୁବିଲି ସଂଯୋଜକ ହରିନାରାୟଣ ପୂଜାରୀ ଜଣାଇଛନ୍ତି।




ଘୋଷିତ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ।



ରାମ ନାମ ପାପୀମାନଙ୍କ
ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି

## ସଂକ୍ଷେପରେ

### ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ବୈଠକ

ଦେବଗଡ,୯।୯(ଡି.ଏନ.ଏ.): ସ୍ଥାନୀୟ ଟାଉନ କ୍ଲବଠାରେ ସୋମବାର ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫୋରମ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମଣ କୁମାର ପ୍ରଧାନ ରାମଚନ୍ଦ୍ର ମହାପାତ୍ର, ଯୋଗେଶ୍ୱର ବିଶ୍ୱାଳ, ଲଳିତ ମୋହନ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଦେବଗଡ ଜିଲାରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏସବୁ ସମସ୍ୟା ଏଗୁଡିକ କିଭଳି ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋଚନ କରି ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜାତୀୟ ରାଜପଥର ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ୪୯ ଜାତୀୟ ରାଜପଥ ତୁରନ୍ତ ମରାମତି କରିବା ଉପରେ ଫୋରମ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଭାରତର ଗଣତନ୍ତ୍ର ଶୀର୍ଷକ ବକ୍ତୃତାମାଳା, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷ, ପୂର୍ବାହ୍ନ ୧୦ଟା ।

# ୭୦ ଲକ୍ଷ ଟଙ୍କାର ବାଣ, ବାରୁଦ ଜବତ

**ବେଆଇନ ବାଣ କାରଖାନାରେ ଚଢ଼ାଉ**

■ ୩ ଗିରଫ, ୭ ମାମଲା ରୁଜୁ

ଆସିକା,୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଥାନା ନଳବଣ୍ଟା ଗ୍ରାମରେ ବେଆଇନ ଭାବେ ଚାଲିଥିବା ୭ ବାଣ କାରଖାନା ଉପରେ ପୋଲିସ ସୋମବାର ଚଢ଼ାଉ କରିଥିଲା । ସେଠାରୁ ବିପୁଳ ପରିମାଣର ବାଣ ଓ ବାରୁଦ ଜବତ କରାଯାଇଛି । ଜବତ ବାଣ ଓ ବାରୁଦର ମୂଲ୍ୟ ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି । ଏହି ଘଟଣାରେ ଉକ୍ତ ଗ୍ରାମର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସନ୍ତୋଷ କୁମାର ପାଢୀ, ଦିବାନ ସେଠୀ ଓ ବିପ୍ର ସେଠୀ। କାରଖାନାରୁ ଫେରାର୍ ଥିବା ଅନ୍ୟ ୬ ଜଣଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥରେ ଥିବା ନଳବଣ୍ଟା ଗ୍ରାମରେ ପ୍ରସ୍ତୁତ ହେଉଥିବା ବାଣର ଚାହିଦା ରହିଛି। ଏହାର ସୁଯୋଗ ନେଇ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ସାହିବସ୍ତିରେ ଥିବା ଘର ଓ ଗ୍ରାମ ସଂଲଗ୍ନ ପରିତ୍ୟକ୍ତ ସ୍ଥାନରେ କୁଡିଆ କରି ରୀତିମତ ବାଣ ପ୍ରସ୍ତୁତି ଚଳାଇ ଆସୁଛନ୍ତି । ବାଣ ପ୍ରସ୍ତୁତିରେ ପିଲାଙ୍କଠାରୁ ଆରମ୍ଭ କରି ମହିଳାମାନଙ୍କୁ ମଧ ନିୟୋଜିତ କରାଯାଉଛି । ବିଭିନ୍ନ ସମୟରେ ବାଣ ପ୍ରସ୍ତୁତ ବେଳେ ବିସ୍ଫୋରଣ ଘଟି ବହୁ ଧନଜୀବନ ନଷ୍ଟ ହୋଇଥିବା ମଧ ନଜିର ରହିଛି । ଆଗକୁ ଦଶହରା ଓ ଦିପାବଳୀ ଆସୁଥିବାରୁ

ଜୋରଦାର ବାଣ ପ୍ରସ୍ତୁତି ଚାଲିଛି। ଏଥିରେ ରୋକ ଲଗାଇବା ପାଇଁ ପୋଲିସ ତତ୍ପର ହୋଇଛି। ସୋମବାର ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୬ ଅଧିକାରୀ ଓ ୨ ପ୍ଲାଟୁନ ସଶସ୍ତ୍ର ପୋଲିସ ନଳବଣ୍ଟା ଗ୍ରାମରେ ଚାଲିଥିବା ବାଣ କାରଖାନାରେ ଚଢ଼ାଉ କରିଥିଲେ। ଆସିକା ତହସିଲଦାର ଆଶୁତୋଷ ଗୌରବକର ମାଜିଷ୍ଟ୍ରେଟ ଭାବେ ଉକ୍ତ ଚଢାଉ ବେଳେ ଉପସ୍ଥିତ ଥିଲେ । ମୋଟ ୭ଟି କାରଖାନା ଉପରେ ଚଢ଼ାଉ କରାଯାଇ ପ୍ରସ୍ତୁତ ହୋଇ ରହିଥିବା କୁମ୍ଭି, ମଥାପି, ହାବେଳି, ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ଫୋଟକା ବାଣ ଏବଂ ବହୁ ପରିମାଣର ଗନ ପାଉଡର, ସୁରାଖାର, ଗନ୍ଧକ, ଅଙ୍ଗାର ଆଦି ଜବତ କରାଯାଇଛି। ଜବତ ବାଣ ଓ ବାରୁଦକୁ ୭ଟି ପିକଅପ୍ ଭ୍ୟାନ ଯୋଗେ ଅଣାଯାଇ ଥାନା ପଛପଟେ ରଖାଯାଇଛି। ଏ ନେଇ ପୃଥକ ୭ ମାମଲା (ନଂ.୩୦୭, ୩୦୮, ୩୦୯, ୩୧୦, ୩୧୧, ୩୧୨ ଓ ୩୧୩/୧୯) ରୁଜୁ କରାଯାଇଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନଳବଣ୍ଟାରେ ବେଧଡକ ଭାବେ ଚାଲିଥିବା ବାଣ କାରଖାନାରେ ପୂର୍ବରୁ ରୀତିମତ ପୋଲିସ ଚଢାଉ କରୁଥିଲେ ମଧ ଏତେ ପରିମାଣର ବାଣ ଓ ବାରୁଦ କେବେ ଜବତ ହୋଇ ନ ଥିଲା ।



ଜବତ ହୋଇଥିବା ବାଣ ଓ ବାରୁଦକୁ ଆସିକା ଥାନା ପରିସରରେ ରଖାଯାଇଛି।

# ବନ ବିଭାଗ ପକ୍ଷରୁ ବାର୍‌ହା ମୃତଦେହ ଜବତ, ୩ ଗିରଫ

ଦେବଗଡ, ୯।୯ (ଡି.ଏନ.ଏ.)



ଦେବଗଡ ବନଖଣ୍ଡ ରିଆମାଳ ଫରେଷ୍ଟ ରେଞ୍ଜ ତଥା କୁଣ୍ଢେଇଗୋଳା ସେକ୍ସନ ଅଧୀନ ନୂଆଁପଡା ଜଙ୍ଗଲରୁ ବନ ବିଭାଗ ଏକ ମୃତ ବାର୍‌ହା ଜବତ କରାଯିବା ସହ ୩ ଜଣ ଶିକାରୀଙ୍କୁ ଗିରଫ କରିଛି । ଖବର ମୁତାବକ ରବିବାର ସନ୍ଧ୍ୟାରେ କେତେକ ଶିକାରୀ ନୂଆଁପଡା ଜଙ୍ଗଲରୁ ଏକ ବାର୍‌ହା ଶିକାର କରି ମାଂସ ଭାଗ କରିବା ପାଇଁ ଗାଁକୁ ବୋହି ଆଣୁଥିଲେ । ଖବର ପାଇ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ରିଆମାଳ ଫରେଷ୍ଟ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ ଓ କୁଣ୍ଢେଇଗୋଳା ଫରେଷ୍ଟର ପ୍ରିତମ କୁମାର ସାହୁ ସଦଳବଳେ ସେଠାରେ ଚଢାଉ କରିଥିଲେ । ଚଢାଉ ସମୟରେ ବନ ବିଭାଗ କର୍ମଚାରୀମାନେ ଗୁଳିବିଦ୍ଧ ମୃତ ବାର୍‌ହାକୁ ଜବତ କରିବା ସହ ଏ ଘଟଣାରେ ସମ୍ପୃକ୍ତ ନୂଆଁପଡା ଗ୍ରାମର ବେଦବ୍ୟାସ ବେହେରା (୪୫), ସିଲୁ ବେହେରା (୨୭)ଙ୍କୁ ଗିରଫ କରିଥିଲା । ବନବିଭାଗ କର୍ମଚାରୀମାନଙ୍କୁ ଦେଖି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ବ୍ୟବହୃତ ବନ୍ଧୁକ ସହ ସେଠାରୁ ଫେରାର ହୋଇଯାଇଥିଲେ । ବନବିଭାଗ ପକ୍ଷରୁ ପ୍ରାଣୀଚିକିତ୍ସକଙ୍କ ସହାୟତାରେ ବାର୍‌ହା ମୃତଦେହ ବ୍ୟବଚ୍ଛେଦ କରାଯାଇ ମାଟିରେ ପୋତି ଦିଆଯାଇଥିଲା । ଏ ନେଇ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯିବା ସହ ଘଟଣା ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ ସୋମବାର କୁଣ୍ଢେଇଗୋଳା ଥାନା ପୋଲିସ ସହ ମିଳିତ ଭାବେ ଚଢାଉ କରାଯାଇ ଉକ୍ତ ଗ୍ରାମରୁ ମନମୋହନ ଧଳ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡିଛି।

# ମାତୃକ୍ଷେତ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକୋତ୍ସବ

ସମ୍ବଲପୁର, ୯।୯ (ବ୍ୟୁରୋ)

ମଣିଷର ଅସ୍ତିତ୍ୱ ଓ ଚେତନାସ୍ତରରେ ବିବର୍ତ୍ତନ ଅବଶ୍ୟମ୍ଭାବୀ । ଭବିଷ୍ୟତ ଲାଗି ସମଗ୍ର ଜଗତ ପ୍ରତ୍ୟେକ ସ୍ତରରେ ବିପ୍ଳବ ଆରମ୍ଭ କରି ଦେଇଛି । ନିମ୍ନ ଚେତନାର ଦାସତ୍ୱରୁ ମୁକ୍ତ ହୋଇ ପାରିଲେ, ନିରନ୍ତର ବିଶୁଦ୍ଧତାର ଅଭ୍ୟାସ ଜାରି ରଖିଲେ, ମଣିଷ ଜୀବନର ପୂର୍ଣ୍ଣତା ପହଞ୍ଚି ପାରିବ । ବିଶିଷ୍ଟ ସାଧକ ଅନାଦ ଚରଣ ସ୍ୱାଇଁ ଉଦୀୟମାନ ମାତୃକ୍ଷେତ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଂଶତମ ପ୍ରତିଷ୍ଠା ଦିବସରେ ବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି। ପରିଚାଳନା କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଶିକ୍ଷା କେନ୍ଦ୍ର ଅଧକ୍ଷ ଉଗ୍ରସେନ ପୋଢ଼ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ସୂଚନା ପ୍ରଦାନ କରିଥିଲେ । ମାତୃକ୍ଷେତ୍ର ଟ୍ରଷ୍ଟ ସଦସ୍ୟ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାଯର୍‌ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପ୍ରଫେସର ଅରୁଣ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ ।



ଉଦୟମାନ ମାତୃକ୍ଷେତ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

■'ଟା' ଖଟି, ଦେବଗଡ଼ ପୋଲିସ

# ସଂଶୋଧିତ ମୋଟର ଯାନ ଆଇନ ସଚେତନତା କାର୍ଯ୍ୟକ୍ରମ



ଜନସାଧାରଣଙ୍କୁ ସଚେତନ କରାଯାଉଛି ।

ଦେବଗଡ,୯।୯(ଡି.ଏନ.ଏ.)

ନୂତନ ମୋଟର ଯାନ ସଂଶୋଧନ ଆଇନ-୨୦୧୯ ଅନୁଯାୟୀ ଟ୍ରାଫିକ ନିୟମ ଖିଲାପକାରୀଙ୍କ ପାଇଁ ବର୍ଦ୍ଧିତ ଜରିମାନାକୁ ନେଇ ସମଗ୍ର ଦେଶରେ କୋକୁଅ ଭୟ ସୃଷ୍ଟି ହୋଇଥିବା ବେଳେ ଦେବଗଡ ଜିଲାରେ ମଧ ଏହାର ପ୍ରଭାବ ପଡିଛି । ଦେବଗଡ ଜିଲାରେ ଏହି ଆଇନକୁ ଲାଗୁ କରା ନ ଯାଇ କିଛିଦିନ ପୂର୍ବେ ଜିଲା ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସୋମବାର ପୁଣି ଥରେ ଲିଫଲେଟ ବଣ୍ଟନ କରି ସଚେତନତା ସୃଷ୍ଟି କରାଯାଉଛି । ଦେବଗଡ ଜିଲା ପୋଲିସ ପକ୍ଷରୁ ଦେବଗଡ ପୌରାଞ୍ଚଳର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ଛକରେ ପଥଚାରୀ ଓ ବାଇକ୍ ଆରୋହୀଙ୍କୁ ଯାନବାହନଗୁଡିକୁ ଉପରୋକ୍ତ ଆଇନ ସମ୍ପର୍କୀତ ଲିଫଲେଟ ବଣ୍ଟନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଦେବଗଡ ଥାନା ଏସ୍ଆଇ ବୁଦ୍ଧଦେବ ମାଝି, ଏଏସ୍ଆଇ ବୁଲୁ ବେହେରା, ପୁରୁଷୋତମ ବେହେରା, ବିପିନ ଗଡନାୟକଙ୍କ ସମେତ ଅନ୍ୟମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ । ସେହିପରି 'ଟା' ଦେବଗଡ ପକ୍ଷରୁ ସଦସ୍ୟମାନେ ଏକ ଅଭିନବ ଉପାୟରେ ହେଲମେଟ ଲଗାଇ ଜନସାଧାରଣଙ୍କୁ ହେଲମେଟ ଓ ସିଟବେଲ୍ଟ ଲଗାଇବା ପାଇଁ ଏକ ନଗର ପରିକ୍ରମା କରିବା ସହ ବିଭିନ୍ନ ଛକରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଟି ସଭାପତି ସୁଶାନ୍ତ ନନ୍ଦ, ପୃଥ୍ୱୀରାଜ ପଟ୍ଟନାୟକ, ସୁଧିର ବ୍ରହ୍ମା, ରାଜେନ୍ଦ୍ର ଆଚାର୍ଯ୍ୟ, ସୁଶାନ୍ତ ଦ୍ୱିବେଦୀ, ଚନ୍ଦନ ଦ୍ୱିବେଦୀ, ସିକି ମିଶ୍ର, ମୁନା ନାୟକ, ମନୋଜ ମହାପାତ୍ର, ମାନସ ଦ୍ୱିବେଦୀ, ପିଲୁ ରାଜେଜ ନାୟକ, ପଞ୍ଚାନନ ଆଚାର୍ଯ୍ୟଙ୍କ ସମତେ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସଚେତନତା କରିଥିଲେ ।

## ଆଜି ବସିବ କୃଷି ବିଭାଗ ବୈଠକ

# ବଢ଼ିପାରେ ଓମ୍‌ଫେଡ ଦୁଗ୍ଧ ମୂଲ୍ୟ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଓଡ଼ିଶାରେ ଚାଷ ସହିତ ଗୋପାଳନ ଏକ ପ୍ରମୁଖ ବେଉସା। ଗୋପାଳନ କରୁଥିବା ସର୍ବାଧିକ ଚାଷୀ ଓମ୍‌ଫେଡକୁ କ୍ଷୀର ବିକ୍ରି କରିଥାଆନ୍ତି। କିନ୍ତୁ ଏବେ ଏହି ଚାଷୀମାନେ କ୍ଷତି ସହୁଥିବା କଥା ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ପୂର୍ବ ଅପେକ୍ଷା ଗୋଖାଦ୍ୟର ଦର ବୃଦ୍ଧି ପାଇଛି, ମାତ୍ର ସେହି ଅନୁଯାୟୀ ଦୁଗ୍ଧ ଦର ବୃଦ୍ଧି ପାଉନାହିଁ। ନିକଟ ଅତୀତରେ ଘରୋଇ ଉତ୍ପାଦ କିଣା ଦରରେ ଲିଟର ପିଛା ୪ ଟଙ୍କା ଏବଂ ବିକ୍ରି ଦରରେ ୩ ଟଙ୍କା ବୃଦ୍ଧି କରିଛନ୍ତି। ପୂର୍ବରୁ ଗତ ଅଗଷ୍ଟ ୨୨ରେ ଏନେଇ ଓମ୍‌ଫେଡ ଅଧକ୍ଷ ଚାଷୀଙ୍କ ପକ୍ଷରୁ ସରକାରଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ଦୁଗ୍ଧ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିବା ପାଇଁ ଏହି ପ୍ରସ୍ତାବରେ ଦାବି କରାଯାଇଛି। ମାତ୍ର ମୂଲ୍ୟ ଅପରିବର୍ତ୍ତିତ ରହିଥିବାରୁ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଏହାସହିତ ଉତ୍ପାଦନ ଖର୍ଚ୍ଚ ଯଥା- ଔଷଧ, ଖାଦ୍ୟ ପରିପୂରକ, ସର୍ବନିମ୍ନ ମଜୁରି ଓ ଦୁଧିଆଳି ପଶୁଙ୍କ ମୂଲ୍ୟ ମଧ ବୃଦ୍ଧି ପାଇବାରେ ଲାଗିଛି। ଉତ୍ପାଦନ ମୂଲ୍ୟ ଯଥେଷ୍ଟ ଅଧିକ ହେଉଥିବାରୁ ଚାଷୀ ନିରୁତ୍ସାହିତ ହେଉଥିବା ଦେଖିବାକୁ ମିଳିଛି। ଗୋପାଳନରେ କ୍ଷତି ହେଉଥିବାରୁ ପରୋକ୍ଷରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କୁ ଲିଟର ପିଛା ୪ ଟଙ୍କା ଅଧିକ ସହାୟତା ଦିଆଗଲେ ଦୈନିକ ୫ ଲକ୍ଷ ଲିଟର ଉତ୍ପାଦନ ହିସାବ ଅନୁଯାୟୀ ବର୍ଷକୁ ଅଧିକ ୭୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଏନେଇ ମଙ୍ଗଳବାର କୃଷି ଭବନରେ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏକ ବୈଠକ ବସିବ ବୋଲି ଜଣାପଡିଛି। ଏହି ବୈଠକରେ ଓମ୍‌ଫେଡ ଚାଷୀଙ୍କ ଦୁଗ୍ଧମୂଲ୍ୟ ବୃଦ୍ଧି କରିବା ପ୍ରସଙ୍ଗ ଆଲୋଚନା ହେବ ବୋଲି ଆଶା କରାଯାଉଛି।

# ଆଇଆଇଏମର ଏମଓୟୁ ସ୍ୱାକ୍ଷର

ସମ୍ବଲପୁର, ୯।୯ (ବ୍ୟୁରୋ)

ସମ୍ବଲପୁର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ସୋମବାର ଏମଓୟୁ ସ୍ୱାକ୍ଷର କରିଛି। ଭାରତୀୟ କମ୍ପାନୀ ସଚିବ ସଂସ୍ଥାନ ନୂଆଦିଲ୍ଲୀ (ଆଇସିଏସଆଇ) ସହ ଆଇଆଇଏମ ପରିସରରେ ଚୁକ୍ତି ସ୍ୱାକ୍ଷର ହୋଇଛି । ଏହି ଅବସରରେ ଆଇଆଇଏମ ନିର୍ଦ୍ଦେଶକ ମହାଦେଓ ଜୟସୱାଲ, ଆଇସିଏସଆଇ ନିର୍ଦ୍ଦେଶକ ଏସକେ ଜେନା, ପରିଚାଳନା ସଦସ୍ୟ ଅଜୟ କୁମାର ମାଝି, ୟୁସି ମିଶ୍ର ଉପସ୍ଥିତ ରହିଥିଲେ। ଏମଓୟୁ ଅନୁସାରେ ଆଇଆଇଏମରେ ପୋଷ୍ଟ ଗ୍ରାଜ୍ୟୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମ୍ୟାଣ୍ଟ (ପିଜିଡିଏମ) ୨ ବର୍ଷ ପାଠ୍ୟକ୍ରମରେ ଟପ୍ପର ହୋଇଥିବା ଛାତ୍ରଙ୍କୁ ପୁରସ୍କୃତ କରାଯିବ । ଚଳିତ ପାଠ୍ୟକ୍ରମରୁ ଏହି ସୁଯୋଗ ଛାତ୍ରୀଛାତ୍ରମାନଙ୍କୁ ଦିଆଯିବ । ଏହି ଅବସରରେ ଆଇସିଏସଆଇ ନିର୍ଦ୍ଦେଶକଙ୍କୁ ଆଇଆଇଏମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।





# ପାଣିକୁଣ୍ଡରେ ବୁଡ଼ି ଶିଶୁ ମୃତ

**ବୋରିଗୁମ୍ମା,୯।୯(ଡି.ଏନ୍.ଏ.):** କୋରାପୁଟ ଜିଲା ବୋରିଗୁମ୍ମା ଦିଣ୍ଡାରାଜାଗୁଡ଼ାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ପାଖରେ ଥିବା ପାଣିକୁଣ୍ଡରେ ବୁଡ଼ିଯାଇ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ଦିଣ୍ଡାରାଜା ଗ୍ରାମର କୃପାସିନ୍ଧୁ ଗୌଡ଼ଙ୍କ ୩ ବର୍ଷର ପୁଅ ଶିବ। ସୋମବାର ମଧାହ୍ନରେ କୃପାସିନ୍ଧୁଙ୍କ ସ୍ତ୍ରୀ ଘରକାମରେ ବ୍ୟସ୍ତ ଥିବାବେଳେ ଶିବ ଘର ବାହାରକୁ ଚାଲିଯାଇଥିଲା। ଘର ବାହାରେ ଥିବା ପାଣିକୁଣ୍ଡରେ ସେ ପଡ଼ିଯିବା ପରେ ସେଥିରେ ବୁଡ଼ି ତାର ମୃତ୍ୟୁ ହୋଇଥିଲା। କୃପାସିନ୍ଧୁଙ୍କ ସ୍ତ୍ରୀ ପରେ ପୁଅକୁ ଖୋଜିଖୋଜି କରି ପାଣିକୁଣ୍ଡରୁ ତାକୁ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# କଂଗ୍ରେସ ଗଢ଼ିବ କ୍ୟାଡର ବେସ୍ ସଙ୍ଗଠନ

ଭୁବନେଶ୍ୱର,୯।୯(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ସାରା ଦେଶରେ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ସମାନଭାବେ ରାଜ୍ୟରେ ମଧ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଲା। ଦଳକୁ ରାଜ୍ୟ ରାଜନୀତିରେ ଦ୍ୱିତୀୟ ସ୍ଥାନରୁ ଖସି ତୃତୀୟ ସ୍ଥାନରେ ରହିବାକୁ ପଡିଛି। ତଥାପି ମଧ ଏ ପର୍ଯ୍ୟନ୍ତ ଦଳ ଦୁର୍ବଳ ସ୍ଥିତିରୁ ନିଜକୁ କାଢି ଉପରକୁ ନେବାକୁ ପ୍ରୟାସ ଆରମ୍ଭ କରିପାରିନାହିଁ। ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସମସ୍ତ ନିର୍ବାଚନ କମିଟିକୁ ଭାଙ୍ଗି ଦିଆଯାଇଥିବା ବେଳେ ସଭାପତି ଏବଂ କାର୍ଯ୍ୟକାରୀ ସଭାପତିଙ୍କ ସମେତ ରାଜ୍ୟ ପ୍ରଭାରୀ ପଦରେ ପରିବର୍ତ୍ତନ କରାଯାଇନାହିଁ। ହେଲେ ଦଳର ଉପରସ୍ତରରୁ ବର୍ତ୍ତମାନ ଏକ ବଡ ଧରଣର ସାଙ୍ଗଠନିକ ନିଷ୍ପତ୍ତି ନିଆଯାଉଥିବା ଜଣାପଡିଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଭଳି କଂଗ୍ରେସ ମଧ ଏକ ସମାନ୍ତରାଳ ସଙ୍ଗଠନ କରିବାକୁ ଯୋଜନା କରୁଥିବା ଜଣାପଡିଛି। କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ଯେ, ଅନ୍ୟ କ୍ୟାଡର ବେସ୍ ଦଳର ନକାରାତ୍ମକ ଚିନ୍ତାଧାରାର ସମ୍ମୁଖୀନ ହେବା ପାଇଁ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ପ୍ରକ୍ରିୟା ଆରମ୍ଭ କରାଯିବ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ଆଦର୍ଶଗତ ଚିନ୍ତାଧାରା ସୃଷ୍ଟି କରିବା ଏବଂ ସଚେତନ କରିବା ଲାଗି ଚିନ୍ତା କରାଯାଉଛି। ଆର୍‌ଏସ୍‌ଏସ୍ ସମେତ ସମସ୍ତ ବିରୋଧୀ କ୍ୟାଡର ଯେଉଁମାନେ ନକାରାତ୍ମକ ପ୍ରଚାର କରୁଛନ୍ତି ସେମାନଙ୍କୁ ସମ୍ମୁଖୀନ କରିବା ପାଇଁ ଏକ ସଙ୍ଗଠନ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ବିଜେଡି ମଧ ବିଜୁ ଯୁବ ବାହିନୀ ନାମରେ ଏକ ସଙ୍ଗଠନ ସରକାରୀ ଅର୍ଥରେ ତିଆରି କରି କାର୍ଯ୍ୟକ୍ରମ ଜାରି ରଖିଛି। ମାତ୍ର କଂଗ୍ରେସ ପକ୍ଷରୁ ଏଭଳି ଏକ ଚିନ୍ତା କରାଯିବା ପରେ ରାଜ୍ୟର ଉଭୟ ଭାଜପା ଏବଂ ବିଜେଡି ନେତାମାନେ ଏହାକୁ ସମାଲୋଚନା କରିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆଜି ନିଶ୍ଚିତଭାବେ ଖୁସିର କଥା, ଆମ ଦଳର ଯେଉଁ ସାଙ୍ଗଠନିକ ବ୍ୟବସ୍ଥା ରହିଛି ତାକୁ ଅନ୍ୟ ରାଜନୈତିକ ଦଳଗୁଡିକ ଶିଖୁଛନ୍ତି। କଂଗ୍ରେସ ଏବଂ ଅନ୍ୟ ରାଜନୈତିକ ଦଳଗୁଡିକ ଶିଖୁଛନ୍ତି ଠିକ୍ ଅଛି ହେଲେ ବିନା କୌଣସି ନୀତି, ଚିନ୍ତାଧାରାରେ ନିଜର ରାଜନୈତିକ ସଙ୍ଗଠନ ତିଆରି କଲେ ମଧ ଏହା ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି। ବିଜେଡି ନେତା ପ୍ରତାପ ଦେବ କହିଛନ୍ତି, ସେମାନଙ୍କ କ୍ୟାଡର ଯାହା ଥିଲା ତାକୁ ଦୀର୍ଘ ୪ ଦଶନ୍ଧି ଧରି ସେମାନେ ସରକାର କରୁଥିଲେ। ଏହା ସେମାନେ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ସାଙ୍ଗଠନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଏବେ ସେମାନେ କିଛି ନୂଆ ଚିନ୍ତା କରିଛନ୍ତି, ସେମାନଙ୍କ ଚ୍ୟାଲେଞ୍ଜକୁ ଆମେ ନିହାତି ସ୍ୱୀକାର କରିବୁ ବୋଲି ପ୍ରତାପ କହିଛନ୍ତି।

# କମଳା ଚାଷ ସମ୍ପର୍କିତ ସଚେତନତା କର୍ମଶାଳା

ଦେବଗଡ,୯।୯(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଳା ସେବା ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର କମଳା ଚାଷ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ନାଗପୁରସ୍ଥିତ ଏନଆର୍‌ସିବିର ଡ. ସୁନୀଲ କୋଣ୍ଡେ, ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ଦିଲୀପ କୁମାର ଦାଶ, ମାର୍କେଟିଂ କନସଲଟାଣ୍ଟ ଚୌଧୁରୀ ବରଦା ପ୍ରଶନ୍ନ ଦାସ, ଓଡିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ ଓ କୁଣ୍ଢେଇଗୋଳା ସେବା ସମବାୟ ସମିତି ସଭାପତି ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଉକ୍ତ ଅଞ୍ଚଳରେ କରାଯାଉଥିବା ଉନ୍ନତ ମାନର କମଳା ଚାଷ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଗଛରୁ ବହୁ ସଂଖ୍ୟାରେ କମଳା ଝଡି ପଡୁଥିବା, ଚୋପା ଉପରେ ମାଟିଆ ଦାଗ ଦେଖାଦେବା କାରଣ ଓ ନିରାକରଣ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ସେହିପରି ଉପସ୍ଥିତ କୃଷି ବୈଜ୍ଞାନିକମାନେ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ମୁତାବକ କମଳା ଗଛ, ଡାଳ ରେଣ୍ଟ ରାସାୟନିକ ସାର ଚାଷ ପ୍ରୟୋଗ ଜଳସେଚନ ବ୍ୟବସ୍ଥା ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ଚାଷୀମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ଉକ୍ତ ଅଞ୍ଚଳର ବହୁ କମଳା ଚାଷୀ ଯୋଗଦେଇଥିଲେ ।



କମଳାଚାଷ ସଚେତନତା କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଚାଷୀମାନେ।



"ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।
- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଟିଟିଲାଗଡ଼,୯।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ଇଚଗାଁ ନିକଟରେ ସୋମବାର ଏକ ମୋପେଡ଼ ଦୁର୍ଘଟଣାରେ ଚାଳକ କୁଞ୍ଜ ଆଡଯୁଆଡ(୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଣନିଧି ବିଶି ଗୁରୁତର ଆହତ ହୋଇ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଏନେଇ ସିନ୍ଧେକେଲା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ବିଲରେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବନ୍ତ, ୯।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବିଟିପୁର ଗ୍ରାମର ଚାଷୀ ଅଜୟ ସେଠୀ(୪୮) ସୋମବାର ବିଲରେ କାମ କରୁଥିବା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଜୟ ନିଜ ବିଲରେ କାମ କରିବାକୁ ଯାଇଥିଲେ। ବିଲ ନିକଟରେ ଏକ ଗଛ ମୂଳେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।



ଦେଓଗାଁ ମାଷ୍ଟରପଡ଼ାରେ ନାଗବାଚା ଯାତ୍ରା ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଦେଓଗାଁରେ ନାଗବାଚା ଯାତ୍ରା

ଦେଓଗାଁ,୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ମାଷ୍ଟରପଡ଼ାରେ ସ୍ଥାନୀୟ ନାଗେଶ୍ୱର ଯୁବକ ସଂଘ ପକ୍ଷରୁ ସୋମବାର ନାଗବାଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁରୁ ଭାବେ ଫଟାମଣ୍ଡାର ଶିବ ଶତପଥୀ, ଅମୂଲ୍ୟ ବାଗ ଦାୟିତ୍ୱ ତୁଲାଇଥିଲେ। ଯାତ୍ରାରେ ସ୍ଥାନୀୟ ପାଖପାଖ ଅଞ୍ଚଳର ମାନସିକଧାରୀଙ୍କ ଭିଡ଼ ଜମିଥିଲା । ମୁଖ୍ୟ ଦେହୁରିଆ ଭାବେ ପରକ୍ଷିତ ଗୁରୁ ରହିଥିବା ବେଳେ ମହାଦେବବାବା, ନାଗବାଚା, ଚଣ୍ଡିଦେବୀ,ହନୁମାନ, କାଳୀଦେବୀ, ଭୈରୁ, ମା'ସମଲେଇଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ଦେହରେ କାଳିଶି ପ୍ରବେଶ ପରେ ପାରମ୍ପାରିକ ବାଦ୍ୟରେ ନୃତ୍ୟ କରିବା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଉତ୍ସବରେ ସଭାପତି ଆଦିତ୍ୟ ସା, ସମ୍ପାଦକ କାର୍ତ୍ତିକ ମଲ୍ଲିକ, କୋଷାଧ୍ୟକ୍ଷ ଖେତୁ ବେହେରା, ଉପସଭାପତି ମନୋଜ ସା, ସୁଦାମ ଚରଣ ସାହୁ, ଜଗନ୍ନାଥ ବରର୍ଗୀ, ନଳ ବାଗ, ନୀଳ ବାଗ, ଗୋବିନ୍ଦ ବାଗଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୯।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଜଣେ ୧୬ବର୍ଷ ବୟସ୍କା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ସୋମବାର ଅଭିଯୁକ୍ତ ଯୁବକ ପୁଙ୍ଗା ସୋରେନ (୨୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖରେ ନାବାଳିକା ଜଣକ ରାଇରଙ୍ଗପୁର ବଜାରକୁ ଡ୍ରେସ କିଣିବାକୁ ଆସି ସନ୍ଧ୍ୟାରେ ଘରକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସାଇକେଲ୍‌ରେ ଯାଉଥିବା ଅଭିଯୁକ୍ତ ପୁଙ୍ଗା ତାଙ୍କୁ ସାଇକେଲରେ ବସାଇ ନେଇ ଆସିଥିଲେ। ବାଟରେ ଥିବା ଏକ ପରିତ୍ୟକ୍ତ ଘରେ ନାବାଳିକାଙ୍କୁ ପୁଙ୍ଗା ବଳାତ୍କାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣକ କାନ୍ଦି କାନ୍ଦି ଫେରୁଥିବା ବେଳେ ଗ୍ରାମବାସୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରଦିନ ଏଥିନେଇ ଗ୍ରାମବାସୀ ଏକ ବୈଠକ କରିଥିଲେ। ବୈଠକରେ ପୀଡ଼ିତା ନାବାଳିକାଙ୍କୁ ବିବାହ କରିବା ସକାଶେ ପୁଙ୍ଗାଙ୍କୁ କୁହାଯାଇଥିଲା। ବୈଠକରେ ପୁଙ୍ଗା ବିବାହ ପାଇଁ ରାଜି ନ ହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିନେଇ ଥାନାରେ ଏକ ମାମଲା (ନଂ. ୧୦୩/୧୯) ରୁଜୁ ହୋଇଥିଲା। ସୋମବାର ପୋଲିସ ଗିରଫ ଯୁବକ ପୁଙ୍ଗା ଏବଂ ପୀଡ଼ିତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତରୀମାଇନା କରାଇଛି।



ସୁନାମୁଦିଠାରେ ହକି ଖେଳାଳି ଚୟନ ଶିବିରରେ ଜିଲା ହକି ସଂଘ କାର୍ଯ୍ୟକର୍ତ୍ତା, କୋଚ୍ ଓ ଖେଳାଳିମାନେ।

ଆନ୍ତଃଜିଲା ହକି ପ୍ରତିଯୋଗିତା

# ବଲାଙ୍ଗୀର ହକି ଦଳର ଖେଳାଳି ଚୟନ ଶିବିର

ବଲାଙ୍ଗୀର ଅଫିସ,୯।୯

ହକି ଓଡିଶା ଆନୁକୂଲ୍ୟରେ ଆସନ୍ତା ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମରେ ଆନ୍ତଃଜିଲା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବଲାଙ୍ଗୀର ହକି ଦଳ ଯୋଗଦାନ କରିବ। ଏନେଇ ବଲାଙ୍ଗୀର ଜିଲା ପାଟଣାଗଡ଼ ନିକଟସ୍ଥ ସୁନାମୁଦି ହାଇସ୍କୁଲ ଖେଳପଡ଼ିଆରେ ସୋମବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ। ହକି ଓଡ଼ିଶା କଟକର ଉପସଭାପତି ତଥା ଆର୍ନ୍ତଜାତୀୟ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ଶିବିରର ଉଦ୍‌ଘାଟନ କରିଥିଲେ। ହକି ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଛନ୍ତି ସୁନାମୁଦି ହାଇସ୍କୁଲର ଖେଳ ଶିକ୍ଷକ ମାଧବ ଚନ୍ଦ୍ର ଦାଶ ଓ ହକି କୋଚ ଖୁସିରାମ ମଲ୍ଲିକ । ଏଥିରେ ୨୭ ଜଣ କ୍ରୀଡାବିତ୍ ଯୋଗଦେଇଛନ୍ତି । ବଲାଙ୍ଗୀର ଦଳ ପ୍ରଥମ ମ୍ୟାଚ ୧୯ ତାରିଖରେ ଖେଳାଯିବ ବୋଲି ଜଣାପଡିଛି । ଶିବିରରୁ ୧୮ ଜଣ ଖେଳାଳିଙ୍କୁ ଚୟନ କରାଯିବ ଓ ସେମାନେ କଟକ ଯିବେ ବୋଲି ଜିଲା

# ଫୁଲୁଛି ନଦୀଜଳ

ଭୁବନେଶ୍ୱର, ୯।୯(ବ୍ୟୁରୋ)



କଟକ ଜିଲା ବାଙ୍କୀଠାରେ ମହାନଦୀରେ ଆସିଥିବା ବନ୍ୟା ଜଳ।

- ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ବଢୁଛି
- ୧୨ରୁ ବଢ଼ିବ ବର୍ଷା
- ସ୍ୱାଭାବିକଠାରୁ ଅଧିକ ବର୍ଷିଲାଣି ମୌସୁମୀ

ରାଜ୍ୟର ପ୍ରମୁଖ ନଦୀରେ ବନ୍ୟାଜଳ ଫୁଲିବାରେ ଲାଗିଛି । କେତେକ ନଦୀରେ ବନ୍ୟାଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ବନ୍ୟାପାଣି ବଢ଼ି ଚାଲିଛି। ଦିନେ ଦୁଇଦିନ ମଧ୍ୟରେ ବର୍ଷା ପରିମାଣ ବୃଦ୍ଧି ହେଲେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୨ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୧୩ ଏବଂ ୧୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ନଦୀରେ ବନ୍ୟାଜଳ ପୁଣି ଫୁଲିବ ବୋଲି ଅନୁମାନ କରାଯାଉଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ବଂଶଧରା, ଋଷିକୁଲ୍ୟା ଓ ବୁଢାବଳଙ୍ଗ ନଦୀର ବନ୍ୟା ଜଳ ସ୍ଥିର ରହିଛି। ମହାନଦୀର ଟିକରପଡା ଓ ନରାଜଠାରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ କୁଶଭଦ୍ରାର ନିମାପଡା, ଦେବୀ ନଦୀର ଆଳିପିଙ୍ଗଳ, ବ୍ରାହ୍ମଣୀର ଇନ୍ଦୁପୁର, ସୁବର୍ଣ୍ଣରେଖାର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଛି। ତେବେ ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ହୀରାକୁଦରେ ଜଳସ୍ତର ୬୨୫.୫୪ ଫୁଟ ରହିଥିବା ବେଳେ ରେଙ୍ଗାଲି ୧୨୨.୫୨ ମିଟର, ବାଲିମେଳା ୧୫୦୧.୭ ଫୁଟ, ମାଛକୁଣ୍ଡ ୨୭୪୮.୪ ଫୁଟ, ଅପରକୋଲାବ ୮୫୫.୫ ମିଟର, ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୪୦.୮୩ ମିଟର ଜଳ ସ୍ତର ରହିଛି। ବନ୍ୟାଜଳ ବୃଦ୍ଧି ପାଉଥିଲେ ମଧ୍ୟ ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ରାଜ୍ୟରେ ୧୦୦୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୬.୬ ମିଲିମିଟର। ଅର୍ଥାତ ସ୍ୱାଭାବିକଠାରୁ ୫ ମିଲିମିଟର ଅଧିକ ବର୍ଷା ହୋଇଛି। କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୪୪ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ୨୧, କଳାହାଣ୍ଡି ୧୮, କନ୍ଧମାଳ ୧୭, ପୁରୀ ୨୦, ରାୟଗଡା ୧୪, ସୁବର୍ଣ୍ଣପୁର ୧୯, ନବରଙ୍ଗପୁର ୧୧, ବରଗଡ ୧୫, ବୌଦ୍ଧ ୧୮ ଏବଂ ବଲାଙ୍ଗୀର ଜିଲାରେ ୧୮ ମିଲିମିଟର ଅଧିକ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪, ସୁନ୍ଦରଗଡ ୧୧, ବାଲେଶ୍ୱର ୪.୪, ତାଳଚେରରେ ୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଆଇନଜୀବୀ ରାମ ଜେଠମାଲନିଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର ଅଫିସ, ୯।୯

ପ୍ରଖ୍ୟାତ ଆଇନଜୀବୀ, ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ବାର୍ କାଉନସିଲ ଅଫ୍ ଇଣ୍ଡିଆର ପୂର୍ବତନ ଚେୟାରମେନ୍ ରାମ ଜେଠମାଲନିଙ୍କ ବିୟୋଗରେ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜିଲା ଦୌରା ଜଜ୍ ଶ୍ୟାମସୁନ୍ଦର ଦାଶ, ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ, ଜୟକୃଷ୍ଣ ସାହୁ, ଭବାନୀଶଙ୍କ ଶତପଥୀ ସ୍ୱର୍ଗତ ଜେଠମାଲନିଙ୍କ କର୍ମମୟ ଜୀବନ, ରାଜନୀତି ଓ ବୃତ୍ତିଗତ ଜୀବନ ଉପରେ ଆଲୋକପାତ କରିଥିଲେ । ଉଭୟ ରାଜନୀତି ଓ ମକଦ୍ଦମା ପରିଚାଳନା କ୍ଷେତ୍ରରେ ସ୍ୱର୍ଗତ ଜେଠମାଲନିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ତାଙ୍କ ବିୟୋଗରେ ଆଇନସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ। ଓକିଲ ସଂଘ ସମ୍ପାଦକ ଅମନ ନାଗ, ଉପସଭାପତି ବାସୁଦେବ ବାରିକଙ୍କ ସମେତ ଆଇନଜୀବୀ ରତନ ମହାରଣା, ଜଗଦୀଶ ପ୍ରଧାନ, ଅରବିନ୍ଦ ପୂଜାରୀ, ସନ୍ତୋଷ ପାଢ଼ୀ ଜେଠମଲାନୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।



ବିଧାୟକ ନରସିଂହ ମିଶ୍ର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

ଭୁଲିଆ ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

# ଉତ୍ସର୍ଗୀକୃତ କାର୍ଯ୍ୟ ସମୃଦ୍ଧ ସମାଜ ନିର୍ମାଣ କରିବ

ବଲାଙ୍ଗୀର ଅଫିସ, ୯।୯

ବଲାଙ୍ଗୀର ଟାଉନ୍ ହଲଠାରେ ଭୁଲିଆ ସମାଜ ପକ୍ଷରୁ ରବିବାର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ଯୁବ ଭୁଲିଆ ସମାଜ ଆନୁକୂଲ୍ୟରେ ଡ.ଯୁଗଳ କିଶୋର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ବକ୍ତା ଭାବେ ଡ.ଲକ୍ଷ୍ମଣ କୁମାର ମେହେର ଯୋଗ ଦେଇଥିଲେ। ଉତ୍ସର୍ଗୀକୃତ ଭାବନା ଓ କାର୍ଯ୍ୟରେ ସମୃଦ୍ଧ ସମାଜ ନିର୍ମାଣ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ବିଧାୟକ ମିଶ୍ର କବି ଗଙ୍ଗାଧରଙ୍କୁ ସମସ୍ତଙ୍କ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ । ବକ୍ତା ଡ. ମେହେର ନୂଆଁଖାଇ ତିହାର ଓ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ସନ୍ତୋଷ ମେହେର ଓ ସମ୍ପାଦକ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଭାରେ ଚିତ୍ରଶିଳ୍ପୀ ଲୀନା ମେହେର, ବିଧାୟକ ସରୋଜ ମେହେର, ସଙ୍ଗୀତ ପ୍ରତିଭା ସମ୍ପଦ ମେହେର, କିକ୍‌ବକ୍ସର ସୁବ୍ରତ ମେହେର, ସମାଜିକ କର୍ମୀ ରୀତାଞ୍ଜଳି ମେହେର, ମଞ୍ଜୁବାଳା ମେହେର, ବିଜୟ ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଭୁଲିଆ ସମାଜ ବିକାଶ ପରିଷଦର ଦୀନବନ୍ଧୁ ମେହେର, ପାଟଣାଗଡ଼ କେନ୍ଦ୍ର ବୋର୍ଡ ସଭାପତି ବୃନ୍ଦାବନ ମେହେର, ବେଲପଡ଼ା କେନ୍ଦ୍ର ବୋର୍ଡର ଡାଲିମ୍ବ ମେହେର, ଘନଶ୍ୟାମ ମେହେର, ଗୋପାଳ ମେହେରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ବଲାଙ୍ଗୀର ଫୁଟବଲ ଲିଗ୍, ସାଇଟ୍-ମହୀପୁର ମ୍ୟାଚ ଡ୍ର

ବଲାଙ୍ଗୀର ଅଫିସ,୯।୯

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ ସ୍ପୋର୍ଟର୍ସ ସୋସାଇଟି ଏବଂ ୱାସି ମହୀପୁର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଅମୀମାଂସିତ ରହିଥିଲା। ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ସଭାପତି ଡା.ଶଶୀଭୂଷଣ ସାହୁ, କ୍ରୀଡ଼ାବିତ ଲୋକନାଥ କୁମୁରା, ଫୁଟବଲ କୋଚ ପରାସର ବାଗ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦ ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ସଦସ୍ୟ ସୌମେନ୍ଦ୍ର ପରିଚ୍ଛା, କ୍ରୀଡ଼ା ସଂସଦ ପୂର୍ବତନ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସିଂ, ଆଥ୍‌ଲେଟ ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ, ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ ମଞ୍ଚାସୀନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦେବାଶିଷ ବାଗ, ସୁଧାଂଶୁ ସେଠ, ରାଜେନ୍ଦ୍ର ସେଠ, ଶରତ ନନ୍ଦ ଓ ସୁନୀଲ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ମଙ୍ଗଳବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଜେଏସ୍‌ସି ଖଲିଆପାଲି ଏବଂ ଜିୱାଡିସି ନକ୍ସାସର ଓ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ସାଇଟ୍ ସ୍ପୋର୍ଟର୍ସ ସୋସାଇଟି ଏବଂ ନବଜ୍ୟୋତି ୟୁଥ୍ କ୍ଲବ ଚୁଡାପାଲି ମଧ୍ୟରେ ଖେଳ ହେବ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।



ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଉଭୟ ଦଳର ଖେଳାଳୀଙ୍କ ସହ ଅତିଥି, ଆୟୋଜକ।

ଦାଉ ସାଧିଲା ଲଘୁଚାପ ବରଷା

# ବାସହୀନ ହେଲେ ଅନେକ ପରିବାର

ଲାଠୋର, ୯।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲାରେ ଦିନାକେତେ ହେଲା ଲଘୁଚାପ ପରଭାବରେ ଭରଷା ଲାଗି ରହିଛେ। ବରଷା ପାଏନ୍‌ରେ ଅନେକ୍ ପରିବାରର ଘରଦୁଆର ଭାଂଗି ବେସାହାରା ହେଇଯାଇଛନ୍। ସେନ୍‌ତା ଅନେକ ଲୁକ୍‌କର ଘର ଭିତରେ ଆଁଠେ ପାଏନ୍ ପଶି ସବୁ ଜିନିଷପାତି, ଧାନ୍‌ଚାଉଲ ଖରାପ ହେଇଯାଇଛେ। ହେଲେ ଇ ଦିଗେ ପରଶାସନ ତତ୍‌ପର ନାଇଁଥିବାର ଲୋକ୍ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁର ମହାଦେବ ମନ୍ଦିର ପଡ଼ାର ତେଜରାମ ଶବରଙ୍କର ଘର ପୂରାପୂରି ଭାଂଗି ଯାଇଛେ। ଏନ୍‌ତାଥି ପରିବାର ଲୋକ୍ ବେସାହାରା ହେଇଯାଇଛନ୍। ତେଜରାମଙ୍କର ପରିବାର କହେଲେ ମାଏକିନା ପୁଷ୍ପାଞ୍ଜଳି, ଦୁଇ ପୁଓ ଧନଞ୍ଜୟ, ଖଗେଶ୍ୱର ଆର ବୁରୁଧି ବାପ୍‌କେ ନେଇ ସଁସାର। ବାପ୍‌ଅଜା ଅମଲରୁ ୧ ଏକର ୫୦ ଡେସିମିଲ ଜମି ରହିଛେ। ସବୁ ଜମି ଚାଷ୍ କଲାଲେଖେଁ ନୁହେ। ଗଲା ୩ ବଛର ହେଲା ପଏସା କଉଡ଼ ଅଭାବୁ ତେଜରାମ ଚାଷ୍‌ବାସ ନାଇଁ କରିପାରି। ଏନ୍‌ତାଥି ସେ କୁଲିମଜୁରି କରି କୁଟୁମ ପୁଷୁଛନ୍। ଟଁକା ପଏସା ଅଭାବୁ ସେ ଆଏଜ୍‌ତକ ଭଲ ଘରଖଁଡ଼େ ତିଆରି ନାଇଁପାରି। କୁଟୁମବସିଆ ଗୁଟେ ଖପର ଘରେ ରହୁଥିଲେ। ହେଲେ ଇ ଲଘୁଚାପ ବରଷାରେ ତାକର ଘରଟା ପୂରା ମାଡ଼ି ବସିଛେ। ଏନ୍‌ତାଥି ପରିବାରଟା ନିଆଁସି ପାଲଟିଯାଇଛେ। ତେଜରାମ ଉପେ ଶୂଇନ୍ ହେଇ କୁଟୁମକେ ଶାଶ୍ ଘରେ ଛାଡ଼ିଦେଇଛନ୍। ସେ ନିଜେ ଇନେ ସେନେ ରହି କୁଲିମଜୁରି କରୁଛନ୍। ସେନ୍‌ତା ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ସୁମତି ସୁନା, ହେର୍ଣ୍ଣା ସୁନା, ବିନୋଦ ସୁନା ଆର ମଣି ସୁନାଙ୍କର ଘରେ ପାଏନ୍ ପଶି ବେହାଲ କରି ପକେଇଛେ। ଇ ଗରିବ ପରିବାରମାନେ ପରହର କାମ୍‌ବୁତା କରବାର ସଂଗେ ବିହାବରପନ୍, ଉଛବ୍‌ରେ ବଜାବଜେଇ ପେଟ୍ ପାଲୁଛନ୍। ପକାଘର ଇ ପରିବାରମାନକର ଲାଗି ଆଏଜ୍ ବି ସାତ୍‌ସପନ ହେଇ ରହିଛେ। ଆଏଜ୍‌କେ ୩୦ ବଛର ହେଲା ଇ ଗରିବ୍ ପରିବାରମାନେ ମାଏଟ୍ ଖପରଘରଟେ ଲେଖେଁ କରି ମୁଡ଼ ଗୁଁଜିଛନ୍। ହେଲେ ଇ ଝରି ବରଷାରେ ଘରମାନକର ଅବସ୍‌ତା ଏନ୍‌ତା ହେଇଛେ ଯେ, ଘରେ କାହିଁ ଶୁଖା ଜାଗାଟେ ନାଁଇଁନ। ଅନେକ୍ ପରିବାରର କାଁଥିମାନ ପାଏନ୍ ଖାଇ ବିପଦ୍ ଅବସ୍‌ତାରେ ରହିଛେ। କେତେବେଲେ କାଁଥିମାନ ମାଡ଼ି ବସ୍‌ବା କିଛି କହି ନାଇଁହୁଏ। ଭଏରେ ଅନେକ୍ ପରିବାର ନିଜର କୁଟୁମ୍‌ମାନକୁ ଲାଗେଲେସର ଘରମାନକୁ ପଠେଇ ଦେଇଥିବାର କହିଛନ୍। ସରକାରଙ୍କର ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଯୋଜନାରେ ସାମିଲ ହେବାର ଲାଗି ଇ ଗରିବ୍ ପରିବାରମାନେ ପଁଚେତ୍‌ନୁ ବ୍ଲକ ତକ୍ ଦଉଡି ଦଉଡି ନିରାଶ ହେଇଛନ୍। ଏନ୍‌ତା ପରିସ୍ଥିତିରେ ଜିଲା ପରଶାସନ ଇ ଗରିବ୍ ପରିବାରମାନକର ଉପରେ ଦୃଷ୍ଟି ଦେଇ ଘରଭଂଗା ସଂଗେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଦାବି ହେଉଛେ।



ବରଷାରେ ତେଜରାମ ଶବରଙ୍କର ଭାଂଗି ଯାଇଥିବାର ଘର।



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଫେସ୍‌ୱାଶ୍

**ମୁହଁ ଫ୍ରେଶ୍ ଓ ସୁନ୍ଦର ଦେଖାଯିବାକୁ ହେଲେ ମହିଳା କେତେକ'ଣ ଉପାୟ ଆପଣାଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଏହି କେମିକାଲ୍ ଫେସ୍‌ୱାଶ ବ୍ୟବହାର କରିବା ଦ୍ୱାରା ତ୍ୱଚା ଲାଗି ଏହା କ୍ଷତିକାରକ ହୋଇଥାଏ। ଏଥିପାଇଁ ଆପଣ କିଛି ଘରୋଇ ଉପଚାର ଆପଣାଇବା ଦ୍ୱାରା ଏହା ତ୍ୱଚାର କୌଣସି କ୍ଷତି କରି ନ ଥାଏ। ଜାଣନ୍ତୁ ଏ ସମ୍ପର୍କରେ....**

**ଲେମ୍ବୁ ଓ ମହୁ ଫେସ୍‌ୱାଶ୍**
ମହୁ ଓ ଲେମ୍ବୁ ତ୍ୱଚା ପାଇଁ ଏକ ଆଣ୍ଟିସେପ୍ଟିକ୍ ଏବଂ ମଶ୍ଚରାଇଜର ପରି କାମ କରିଥାଏ। ଏହା ମୃତ କୋଶକୁ ଦୂର କରିଥାଏ। ଦୁଇଚାମଚ ମହୁରେ ଏକ ଚାମଚ ଲେମ୍ବୁ ରସକୁ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ପ୍ରଥମେ ହାତ ପାପୁଲିରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ଏହା ଶୁଖିଗଲା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଆଲୋଭେରା ଫେସ୍‌ୱାଶ**
ଏକ ପାତ୍ରରେ ଆଲୋଭେରା ଜେଲ୍ ନିଅନ୍ତୁ। ଦୁଇ ଚାମଚ (ବଡ଼) ଗୋଲାପ ଜଳ,ଦୁଇ ଚାମଚ (ବଡ଼) ବାଦାମ ତେଲ ଓ ୫-୧୦ ଟୋପା ଲାଭେଣ୍ଡର ତେଲ ସହିତ ଭିଟାମିନ୍ 'ଇ' କ୍ୟାପ୍‌ସୁଲ୍ ମିଶାଇ ଏକ ଏୟାର ଟାଇଟ୍ କଣ୍ଟେନରରେ ଭର୍ତ୍ତି କରି ରଖି ଦିଅନ୍ତୁ। ଏହାକୁ ଲଗାଇବାକୁ ହେଲେ ପ୍ରଥମେ ମୁହଁକୁ ଧୋଇ ଦିଅନ୍ତୁ । ଏହାପରେ ଏଥିରୁ ଅଳ୍ପ କିଛି ନେଇ ମୁହଁରେ ହାଲ୍‌କା ମସାଜ୍ କରନ୍ତୁ। ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଫେସ୍‌ୱାଶ ଲଗାଇବା ପୂର୍ବରୁ କଣ୍ଟେନରକୁ ଭଲଭାବେ ହଲାଇବାକୁ ଭୁଲନ୍ତୁ ନାହିଁ।

**ନଡ଼ିଆତେଲ ଫେସ୍‌ୱାଶ**
ନିଜ ମୁହଁରେ ନଡିଆ ତେଲ କେଇବୁନ୍ଦା ଲଗାନ୍ତୁ। ଏହାକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ମୁହଁରେ ଥିବା ପୋରସ୍‌କୁ ଖୋଲିବାକୁ ହେଲେ ଏକ ସଫା ଟାୱେଲ ନେଇ ତାକୁ ଗରମ ପାଣିରେ ବୁଡାଇ ସାରିବା ପରେ ମୁହଁକୁ ଭଲଭାବେ କଭର କରନ୍ତୁ । ୧୫-୩୦ ସେକେଣ୍ଡ ପରେ ଟାୱେଲ କାଢ଼ି ଦିଅନ୍ତୁ। ଏହା ପରେ ୱେଟ ଟିସୁ ପେପର ସାହାଯ୍ୟରେ ମୁହଁକୁ ଭଲଭାବେ ପୋଛି ଦିଅନ୍ତୁ।

**ଆପଲ ସାଇଡର ଓ ସିର୍‌କା ଫେସ୍‌ୱାଶ**
ଯଦି ଆପଣଙ୍କ ତ୍ୱଚା ସେନ୍‌ସିଟିଭ୍ ତେବେ ମୁହଁକୁ ଆପଲ ସାଇଡର ସିର୍‌କା ସହିତ ଧୋଇବାକୁ ଚେଷ୍ଟା କରନ୍ତୁ। ଆପଲ ସାଇଡର ସିର୍‌କା ଓ ପାଣି ୧:୨ ଭାଗରେ ମିଶାନ୍ତୁ। ଏହାକୁ ଭଲଭାବେ ଶେକ୍ କରି ଦିଅନ୍ତୁ। ଏବେ ଏହାକୁ ନିଜ ମୁହଁରେ ଲଗାନ୍ତୁ। କଟନ ବଲ କିମ୍ବା ନିଜ ଆଙ୍ଗୁଠି ସାହାଯ୍ୟରେ ଏହାକୁ ବ୍ୟବହାର କରନ୍ତୁ। ମୁହଁକୁ ଏବେ ଶୁଖିବାକୁ ଛାଡି ଦିଅନ୍ତୁ। ଯଦି ଆପଣଙ୍କୁ ଡ୍ରାଏ ଲାଗୁଥାଏ ତେବେ ଆପଣ ମଶ୍ଚରାଇଜର ଲଗାଇପାରିବେ।





ଡା. ଲିପ୍‌ସା ମିଶ୍ର



# ସର୍ଭିକାଲ ମ୍ୟୁକସ୍ ଓ ଅପ୍ରଜନନତା

ସର୍ଭିକାଲ ମ୍ୟୁକସ୍‌ର ପ୍ରାଥମିକ କାର୍ଯ୍ୟ ହେଉଛି ଫାଲୋପିଆନ୍ ନଳୀକୁ ଶୁକ୍ରାଣୁ ଯିବାବେଳେ ତାହାକୁ ସୁରକ୍ଷା ପ୍ରଦାନ କରିବା ଏବଂ ଭାଜିନାରେ ଥିବା ପ୍ରାକୃତିକ ଅମ୍ଳୀୟ ପରିବେଶଠାରୁ ସେମାନଙ୍କୁ ରକ୍ଷାକରିବା। ଏହା ସୁରକ୍ଷିତ ଭାବରେ ଶୁକ୍ରାଣୁକୁ ଡିମ୍ବାଣୁ ପାଖରେ ପହଞ୍ଚାଇଥାଏ, ଯାହା ଯୋଗୁ ଗର୍ଭଧାରଣ ହୋଇଥାଏ ଓ ଜଣେ ମହିଳା ଗର୍ଭଧାରଣ କରିଥାନ୍ତି। ଯଦିଓ ଏହାକୁ ମାତ୍ର ୧୫-୨୦ ପ୍ରତିଶତ ଭାବେ ଗଣନା କରାଯାଏ, ହଷ୍ଟାଇଲ ସର୍ଭିକାଲ ମ୍ୟୁକସ୍ ହେଉଛି ମହିଳାଙ୍କ ଅପ୍ରଜନନତାର କାରଣଗୁଡ଼ିକ ମଧ୍ୟରୁ ଗୋଟିଏ।

**ସର୍ଭିକାଲ ମ୍ୟୁକସ୍ ସାଧାରଣତଃ କ'ଣ କରିଥାଏ :** ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥଗୁଡ଼ିକ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ। ଏହାଛଡ଼ା ଇଷ୍ଟ୍ରୋଜେନ୍ ପ୍ରଭାବରେ ମୋଟା ଓ ଅଠାଳିଆ ମ୍ୟୁକସ୍ ପରିଷ୍କାର ଓ ତନ୍ତୁମୟ ହୋଇଯାଏ।

କିନ୍ତୁ ବେଳେବେଳେ ସର୍ଭିକାଲ ମ୍ୟୁକସ୍ ଭଲଠାରୁ ଅଧିକ କ୍ଷତି କରିଥାଏ, ତେଣୁ ଗର୍ଭଧାରଣ ସମୟରେ ଶୁକ୍ରାଣୁକୁ ସୁରକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଏହା ପ୍ରତିକୂଳ ଓ ବିପଦପୂର୍ଣ୍ଣ ହୋଇଥାଏ। ଏହାଛଡ଼ା ବେଳେ ବେଳେ ସର୍ଭିକାଲ ମ୍ୟୁକସ୍‌ରେ ଆଣ୍ଟିସ୍ପର୍ମ ଆଣ୍ଟିବଡି ଉପସ୍ଥିତ ଥାଆନ୍ତି, ଯେଉଁ କାରଣରୁ ଶୁକ୍ରାଣୁକୁ ଏକ ବାହ୍ୟ ଆକ୍ରମକ ପାଇଁ ଇମ୍ୟୁନୋ ବ୍ୟବସ୍ଥା ଭୁଲ୍ କରିଥାଏ। ତେଣୁ ଏହା ଶୁକ୍ରାଣୁର ପ୍ରବାହକୁ ବନ୍ଦ କରିଦେଇଥାଏ ଅଥବା ଶୁକ୍ରାଣୁକୁ ଅନେକାଂଶରେ ନଷ୍ଟ କରିଦେଇଥାଏ, ଯାହା ଦ୍ୱାରା ସେମାନେ ଅଧିକ ସମୟ କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ମାଧ୍ୟମିକ ଅପ୍ରଜନନତାର କାରଣ ହୋଇପାରେ କିମ୍ବା ପୂର୍ବର ସଫଳତାର ସହିତ ଗର୍ଭଧାରଣ ପରେ ଗର୍ଭଧାରଣ କରିବାକୁ ଅକ୍ଷମତା ପ୍ରକାଶ କରିଥାଏ।

> "ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ।"






### ଉଦ୍ଦେଶ୍ୟ

ପ୍ରଜନନତାର ଉଦ୍ଦେଶ୍ୟ ହେଉଛି ମ୍ୟୁକସ୍‌ର ଗୁଣବତ୍ତାକୁ ପୁନଃ ସଂରକ୍ଷିତ କରିବା, ଯାହା ଏହିପରି ହୋଇପାରେ:
- ମାସର ଉପଯୁକ୍ତ ସମୟରେ ଶୁକ୍ରାଣୁ ପରିବହନକୁ ସୁଗମ କରିବା।
- ଅମ୍ଳୀୟ ଭାଜିନାଲ ପରିବେଶ ଠାରୁ ଶୁକ୍ରାଣୁକୁ ରକ୍ଷା କରିବା।
- ସର୍ଭିକାଲ କେନାଲରେ ଶୁକ୍ରାଣୁକୁ ସଂରକ୍ଷିତ ରଖିବା ଓ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ଥିର ସ୍ରୋତରେ ଏହାକୁ ନିଷ୍କାସନ କରିବା।
- ଅସାଧାରଣ ଓ ଅସୁସ୍ଥ ଶୁକ୍ରାଣୁଗୁଡ଼ିକୁ ଛାଣି ବାହାର କରିବା।
- ଶ୍ୱେତ ରକ୍ତକଣିକାଠାରୁ ଶୁକ୍ରାଣୁକୁ ରକ୍ଷା କରିବା, ଯାହା ଏହାକୁ ନଷ୍ଟ କରିପାରେ।
- ଶୁକ୍ରାଣୁକୁ ପୋଷକ ଯୋଗାଇଦେବା।
- ଗର୍ଭାଶୟକୁ ବୀଜାଣୁମାନଙ୍କ ସୃଷ୍ଟିଠାରୁ ଦୂରେଇ ରଖିବା।

**ସର୍ଭିକାଲ ମ୍ୟୁକସ୍ ପ୍ରତିକୂଳ ହେବାର କାରଣ କ'ଣ**
ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ପାଇଁ ଅନେକ କାରଣ ଦାୟୀ । ଏହାର ନିମ୍ନୋକ୍ତ କାରଣ ରହିଛି।

**ନିମ୍ନମାନର ଖାଦ୍ୟ:** ଏହା ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ହେବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ। ଜଣେ ମହିଳାଙ୍କ ପାଇଁ ସନ୍ତୁଳିତ, ପୋଷକଯୁକ୍ତ ଖାଦ୍ୟ ଗ୍ରହଣ ଓ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ପାଇଁ ପ୍ରତିଦିନ ପ୍ରଚୁର ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ଅତ୍ୟଧିକ ଦୁଗ୍ଧଜାତ ଉତ୍ପାଦ ଖାଉଛନ୍ତି ତେବେ ଆପଣଙ୍କ ସର୍ଭିକାଲ ମ୍ୟୁକସ୍ ଅତ୍ୟଧିକ ମୋଟା ହୋଇଯିବ।

**ଚିକିତ୍ସା:** ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌ର ଅନ୍ୟ ଏକ କାରଣ ହେଉଛି କେତେକ ବିଶେଷ ଗ୍ରୁପ୍‌ର ଚିକିତ୍ସା। ଉଦାହରଣ ସ୍ୱରୂପ, ଆଣ୍ଟିହିଜ୍‌ନାମିନ୍ସ ଅନେକ ମହିଳାଙ୍କ କ୍ଷେତ୍ରରେ ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ସୃଷ୍ଟିର କାରଣ ହୋଇଥାଏ।

**ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌କୁ କିପରି ଦୂର କରିପାରିବେ:** ପୋଷ୍ଟକୋସିଆଲ୍ ପରୀକ୍ଷା ହେଉଛି ଶୁକ୍ରାଣୁ-ମ୍ୟୁକସ୍ ମଧ୍ୟରେ ସମ୍ବନ୍ଧ ସୃଷ୍ଟି କରିବା ପାଇଁ ପ୍ରାଥମିକ ଉପକରଣ। ବିଶେଷଭାବେ ଯଦି ଅନ୍ୟାନ୍ୟ ପରୀକ୍ଷା ସାଧାରଣ ହୋଇଥାଏ ଓ ଅପ୍ରଜନନତାର ଅବିଶ୍ଳେଷଣୀୟ କାରଣକୁ ଦୃଢ଼ କରିଥାଆନ୍ତି, ତେବେ ଏହା ହେଉଛି ସର୍ଭିକାଲ ମ୍ୟୁକସ୍ ଅସୁବିଧାକୁ ଦୂର କରିବା ନିମନ୍ତେ ଏକ ପରୀକ୍ଷା। ଏହି ପରୀକ୍ଷା ଦର୍ଶାଏ ଯେ, ଯଦି ମ୍ୟୁକସ୍‌ର ରାସାୟନିକ ପଦାର୍ଥ ଶୁକ୍ରାଣୁ ବଞ୍ଚି ରହିବା ପାଇଁ ଉପଯୁକ୍ତ ଏବଂ କୌଣସି ମୃତ କିମ୍ବା ଧୀରେ ଯାଉଥିବା ଶୁକ୍ରାଣୁର ସନ୍ଧାନ ମିଳେ, ତେବେ ଏହା ମ୍ୟୁକସ୍‌ର ପ୍ରତିକୂଳତାକୁ ସୂଚାଇଥାଏ।
- ଯଦି ସର୍ଭିକ୍ସକୁ ଯାଇଥିବା ଶୁକ୍ରାଣୁ ଉତ୍ତମ ମାନର କିମ୍ବା ପରିମାଣର ହୋଇଥାଏ।
- ଯଦି ମ୍ୟୁକସ୍ ମଧ୍ୟରେ ଶୁକ୍ରାଣୁର ଗତିଶୀଳତା ବଳିଷ୍ଠ ହୋଇଥାଏ।
- ଯଦି କୌଣସି ଅଂଶୀଦାରଙ୍କଠାରେ କୌଣସି ପ୍ରକାରର ସଂକ୍ରମଣର ସୂଚନା ମିଳୁଛି ଏବଂ ଯଦି ପରୀକ୍ଷାର ଫଳ ପ୍ରତିକୂଳ ମ୍ୟୁକସ୍‌ର ଉପସ୍ଥିତିକୁ ସୂଚାଏ, ତେବେ ଗର୍ଭଧାରଣର ସଫଳତା ହାର ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ବିନ୍ (ଆଇୟୁଆଇ) ମାଧ୍ୟମରେ ବୃଦ୍ଧି ହୋଇପାରିବ।

**ଚିକିତ୍ସା :** ସାଧାରଣ ପ୍ରଜନନ ଲାଗି , ଶୁକ୍ରାଣୁ ସର୍ଭିକାଲ ମ୍ୟୁକସ୍ ମଧ୍ୟରେ ଦୁଇଦିନ ମୁକ୍ତ ଭାବରେ ବଞ୍ଚିରହିପାରୁଥିବା ଦରକାର। କିନ୍ତୁ ଠିକ୍ ସମୟରେ ସର୍ଭିକାଲ ମ୍ୟୁକସ୍ ଅସାଧାରଣ ଅମ୍ଳୀୟ ହୋଇଯାଏ ଏବଂ ପିଏଚ୍‌ରେ ଏହି ପରିବର୍ତ୍ତନ ଅନେକ ସମୟରେ ଶୁକ୍ରାଣୁର ବଞ୍ଚି ରହିବାକୁ କ୍ଷୀଣ କରିଥାଏ। ଯଦି ସର୍ଭିକ୍ କାରଣରୁ ହେଉଥିବା ରୋଗ ଏକମାତ୍ର କାରଣ ହୋଇଥାଏ, ତେବେ ପ୍ରଥମ ଚିକିତ୍ସା ଭାବେ ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ବିନ୍ (ଆଇୟୁଆଇ)କୁ ସର୍ବଦା ପ୍ରାଥମିକତା ଦିଆଯାଏ। ଚିକିତ୍ସା ସମୟରେ ମହିଳାଙ୍କ ୟୁଟେରସ୍ ମଧ୍ୟରେ ସର୍ଭିକାଲ ମ୍ୟୁକସ୍ ଉପରେ ସ୍ଥାନିତ କରାଯାଇପାରେ ଏବଂ ପ୍ରଜନନତାକୁ ବୃଦ୍ଧି କରିବା ପାଇଁ ଫାଲୋପିଆନ ନଳୀ ପାଖକୁ ଆସିଥାଏ। ଏହା ହେଉଛି ଶସ୍ତା ଓ ସମୟ ରକ୍ଷା କରୁଥିବା ଚିକିତ୍ସା ଏବଂ ଆଇୟୁଆଇର କାର୍ଯ୍ୟ ହେଉଛି ଏହା ଫାଲୋପିଆନ୍ ନଳୀରେ ପହଞ୍ଚୁଥିବା ଶୁକ୍ରାଣୁର ସଂଖ୍ୟାକୁ କ୍ରମାଗତ ଭାବେ ବୃଦ୍ଧି କରିଥାଏ। ଆଇୟୁଆଇ ଓଭୁଲେସନ୍ ସମ୍ବନ୍ଧିତ ଔଷଧ ସହିତ ସର୍ବଦା ଜଡ଼ିତ ରହିଥାଏ, ଯେପରିକି ଫଲିକିଲ୍ ତ୍ୱରାନ୍ୱିତ କରୁଥିବା ହର୍ମୋନ୍, ଯାହା ସଫଳତା ହାରକୁ ଆହୁରି ବଢ଼ାଇଥାଏ।

ଯଦି କୌଣସି କାରଣରୁ ସକାରାତ୍ମକ ଫଳାଫଳ ଦେଖାଇବା ପାଇଁ ଆଇୟୁଆଇ ଚିକିତ୍ସା ଅସଫଳ ହୁଏ, ତେବେ ଦମ୍ପତିଙ୍କୁ ଭିଟ୍ରୋ ପ୍ରଜନନ କରାଇବା ପାଇଁ ସ୍ଥିର କରାଯାଏ। ଏଥିରେ ଏକ ପରୀକ୍ଷାଗାରରେ ଶୁକ୍ରାଣୁ ସହିତ ଡିମ୍ବାଣୁକୁ ପ୍ରଜନନ କରାଯାଏ। ଏହାପରେ ଭ୍ରୁଣ ଗୁଣବତ୍ତାବିଶିଷ୍ଟ ହେବା ପରେ ଏହାକୁ ସର୍ଭିକ୍ସ ମାଧ୍ୟମରେ ଗର୍ଭାଶୟ ମଧ୍ୟରେ ସ୍ଥାନିତ କରାଯାଏ। ମ୍ୟୁକସ୍‌ର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ଅନ୍ୟାନ୍ୟ ଚିକିତ୍ସା ମଧ୍ୟରେ ଇଷ୍ଟ୍ରୋଜେନ ଥେରାପି ରହିପାରେ।

*-ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*

ଫ୍ୟାଶନ୍

## ଡେନିମ୍ ଜ୍ୟାକେଟ୍

**ଆପଣ ଜାଣିଛନ୍ତି କି କେବଳ ଶୀତଦିନ ନୁହେଁ, ବର୍ଷାଦିନରେ ବି ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ। ତା' ସହ ନିଜ ଲୁକ୍ ବଦଳାଇ ପାରିବେ ... .......**

**ପ୍ଲେନ୍ ଜମ୍ପସୁଟ୍**
ପ୍ଲେନ୍ ଜମ୍ପସୁଟ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। ଏହାକୁ କୌଣସି ବି ସମର ଆଉଟିଂରେ ପିନ୍ଧିପାରିବେ।

**ଓଭର ସାଇଜ ଡେନିମ୍ ଜ୍ୟାକେଟ୍**
ଓଭର ସାଇଜ ଜ୍ୟାକେଟ୍ ଆପଣ କୌଣସି ବି ଟପ୍ ସହିତ ପିନ୍ଧିପାରିବେ। ଆପଣ ଫ୍ରିଲ କିମ୍ବା ଲେୟାର୍ସ ଥିବା ଟପ୍ ଯଦି ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ଆପଣଙ୍କ ଲୁକ୍‌କୁ ଖରାପ କରି ନ ଥାଏ।



**ଡ୍ରେସ୍ ସହ ପିନ୍ଧନ୍ତୁ**
ସେ ଲମ୍ବା ଡ୍ରେସ୍ ହେଉ କି ଶର୍ଟ, ଡେନିମ୍ ଜ୍ୟାକେଟ୍ ଦୁଇଟିଯାକରେ ଭଲ ମାନିଥାଏ। କାଜୁଆଲ କିମ୍ବା ସମର ଡ୍ରେସ୍ ସହିତ ଭଲ ଦେଖାଯାଏ। ଏଥିରେ ଶର୍ଟ ଷ୍ଟାଇଲ ଥିବା ଜ୍ୟାକେଟ୍ ସୁନ୍ଦର ଲାଗିଥାଏ। ନର୍ମାଲ ଓ କ୍ରପ୍ ଦୁଇ ପ୍ରକାର ଟପ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ ଚାଲିଛି। ଏମିତିରେ ଯେତେବେଳେ କ୍ରପ୍ ଟପ୍ ଉପରେ ଜ୍ୟାକେଟ୍ ପିନ୍ଧିବାକୁ ଭାବୁଥାନ୍ତି ତାହା ସାଇଜ ଟିକେ ଲମ୍ବା ହେଲେ ଭଲ।

# ପିଲାଙ୍କ ସ୍ମରଣଶକ୍ତି କିପରି ବଢ଼ାଇବେ

**କେତେଜଣ ଅଭିଭାବକଙ୍କ ଚିନ୍ତା ଥାଏ ଯେ ସେମାନଙ୍କ ପିଲା ପଢୁଥିବା ପାଠ ଏବଂ ଲେଖୁଥିବା ପାଠକୁ ସହଜରେ ମନେ ରଖିପାରେନି। ସେମାନେ ଏହାର ପଛରେ ଥିବା ସତ୍ୟତାକୁ ବୁଝିପାରନ୍ତି ନାହିଁ। ପିଲା ପଢ଼ା ହୋଇଥିବା ପାଠକୁ କିପରି ସହଜରେ ମନେରଖିବ ଏଥିପାଇଁ କିଛି ସରଳ ଉପାୟ ରହିଛି। ସେ ସମ୍ପର୍କରେ ଟିପ୍ସ...**

- ସବୁ ଜିନିଷ ମନେରଖିବାକୁ ହେଲେ ତାଙ୍କୁ ମନ ଭିତରେ ସେହି ଜିନିଷ ସବୁବେଳେ ଭାବିବା ଦ୍ୱାରା ତାହା ସହଜରେ ମନେରହିଥାଏ। ପିଲା ଯାହାବି ପଢୁଛି ଆପଣ ତାକୁ ଭିଜୁଆଲ ଗେମ୍ସ,ପ୍ଲେ କାର୍ଡ୍ସ ଓ କିଛି ଏମିତି ଜିନିଷର ସହାୟତା ନେଇପାରିବେ। ଏହାଦ୍ୱାରା ପିଲାକୁ ଶିଖିବା ପାଇଁ ସହଜ ହେବ।
- ପିଲାକୁ ଟିଚରଙ୍କ ସହ କିପରି ମିଶି ପଢ଼ିବାକୁ ହେବ ସେ ବିଷୟରେ ତା'ମନରେ ଧାରଣା ସୃଷ୍ଟି କରନ୍ତୁ। ଏହି କଥାକୁ ପିଲାଟିକୁ ବେଶ୍ ସରଳ ଏବଂ ଥଣ୍ଡା ମିଜାଜ୍‌ରେ ବୁଝାନ୍ତୁ। ଯେତେବେଳେ ପିଲାକୁ ପଢ଼ାଉଛନ୍ତି ଉଚ୍ଚ ସ୍ୱରରେ ଆପଣ କହିବା ସହିତ ପିଲାକୁ ମଧ୍ୟ ଉଚ୍ଚ ସ୍ୱରରେ କହିବାକୁ କୁହନ୍ତୁ।
- ପିଲାକୁ ଖାଦ୍ୟ ଖୁଆଇବା ସମୟରେ ଯେପରି ଅଳ୍ପ ଅଳ୍ପ କରି ଦିଆଯାଏ ସେମିତି ପଢ଼ାଇବା ସମୟରେ ସେହି ଉପାୟ ଅବଲମ୍ବନ କରନ୍ତୁ। କାହାଣୀ କବିତା ମାଧ୍ୟମରେ ପିଲାକୁ ପାଠ ପଢ଼ାନ୍ତୁ।
- ଲେଟରକୁ ସବୁ ଅଲଗା ଅଲଗା ରଙ୍ଗ କରି ପଢ଼ାଇବା ଦ୍ୱାରା ତାହା ପିଲାଙ୍କୁ ଆକର୍ଷିତ କରିଥାଏ ଏବଂ ପଢ଼ିବା ପାଇଁ ଆଗ୍ରହ ବଢ଼ିଥାଏ।





ଖାଦ୍ୟରୁଚି

## ସେଓ ପକୋଡା

**ଆବଶ୍ୟକ ସାମଗ୍ରୀ**
ଦୁଇଟି ସେଓ, ବେସନ ୪ ଚାମଚ, ଚାଉଳଗୁଣ୍ଡ ଦୁଇଚାମଚ,ଆବଶ୍ୟକ ତେଲ ଡିପ୍ ଫ୍ରାଏ କରିବାକୁ ,ନାଲିଲଙ୍କା ଗୁଣ୍ଡ ଏକ ଚାମଚ,ଚାର୍ଟ ମସଲା ଏକ ଚାମଚ,ବେକିଂ ସୋଡା ଅଳ୍ପ ପରିମାଣର,ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ସେଓକୁ ପିସ୍ ଆକାରରେ କାଟି ଦିଅନ୍ତୁ। ପୁଣି ଏକ ପାତ୍ର ନିଅନ୍ତୁ ସେଥିରେ ବେସନ,ଚାଉଳଗୁଣ୍ଡ,ନାଲି ଲଙ୍କାଗୁଣ୍ଡ,ଚାର୍ଟମସଲା ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ନା ପତଳା ଘୋଳ କରିବେ ନା ମୋଟା । ପୁଣି ଏକ ପ୍ୟାନ୍‌ରେ ତେଲ ପକାଇ ଗରମ କରନ୍ତୁ। ବଟରରେ ବେକିଂ ସୋଡା



ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଯେତେବେଳେ ତେଲ ଗରମ ହୋଇଯିବ କଟାହୋଇଥିବା ସେଓକୁ ଘୋଳରେ ବୁଡ଼ାଇ ପ୍ୟାନ୍‌ରେ ପକାଇ ଡିପ୍ ଫ୍ରାଏ କରନ୍ତୁ। ଏହାକୁ ପେପର ନାପ୍‌କିନ୍‌ରେ କାଢ଼ି ଗରମ ଗରମ ପରଷନ୍ତୁ।

## ସଂକ୍ଷେପରେ

### ଋଣ, ଏଫ୍‌ଡି ସୁଧ ହାର ହ୍ରାସ କଲା ଏସ୍‌ବିଆଇ




**ନୂଆଦିଲ୍ଲୀ,୯-୯:** ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ସମସ୍ତ ଅବଧିର ମାର୍ଜିନାଲ କଷ୍ଟ୍ ଅଫ୍ ଲେଣ୍ଡିଂ(ଏମ୍‌ସିଏଲ୍‌ଆର୍) ସୁଧ ହାରକୁ ୧୦ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୧% ହ୍ରାସ କରିଛି। ନୂଆ ସୁଧ ହାର ମଙ୍ଗଳବାରଠାରୁ ଲାଗୁ ହେବ। ତେବେ ବ୍ୟାଙ୍କ ଫିକ୍ସଡ ଡିପୋଜିଟ୍ ବା ସ୍ଥାୟୀ ଜମା ଉପରେ ମଧ ସୁଧ ହାର ୦.୨୦%ରୁ ୦.୨୫% ପର୍ଯ୍ୟନ୍ତ କମାଇଛି। ଗୃହ, ଗାଡ଼ି ସମେତ ସମସ୍ତ ପ୍ରକାର ଋଣ ଉପରେ ଏମ୍‌ସିଏଲ୍‌ଆର୍ ସୁଧ ହାର ଏଣିକି ୮.୨୫ ପରିବର୍ତ୍ତେ ୮.୧୫%କୁ ହ୍ରାସ ପାଇଛି। ଏସ୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ୫ଥରରେ ୦.୪୦% ଏମ୍‌ସିଏଲ୍‌ଆର୍ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ ହ୍ରାସ କରିବା ପରେ ଏସ୍‌ବିଆଇ ସମେତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଆଇଡିବିଆଇ ବ୍ୟାଙ୍କ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ମଧ ଋଣ ଉପରେ ସୁଧ ହାର କମାଇଛି।

### ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି



**ନୂଆଦିଲ୍ଲୀ,୯-୯:** ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି ପାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସିବିଆଇସି) ପକ୍ଷରୁ ଜାରି ସୂଚନା ମୁତାବକ ଜିଏସ୍‌ଟିଆର୍-୯, ଜିଏସ୍‌ଟିଆର୍-୯ଏ ଏବଂ ଜିଏସ୍‌ଟିଆର୍-୯ସି ଫର୍ମ ଦାଖଲ କରୁଥିବା ଟିକସଦାତା ଏଣିକି ନଭେମ୍ବର ୩୦ ପର୍ଯ୍ୟନ୍ତ ଏହାକୁ ଦାଖଲ କରିବା ଲାଗି ସୁଯୋଗ ପାଇବେ ବୋଲି ସିବିଆଇସି ପକ୍ଷରୁ ଏକ ଟୁଇଟ୍ କରାଯାଇଛି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ଲାଗି ଜିଏସ୍‌ଟି ରିଟର୍ନ ଦାଖଲ କରିବାର ଶେଷ ଅବଧି ଅଗଷ୍ଟ ୩୧ ଯାଏ ଥିଲା। ସମସ୍ତ ପଞ୍ଜୀକୃତ ବ୍ୟବସାୟୀଙ୍କୁ ଜିଏସ୍‌ଟିଆର୍-୯ ଫର୍ମ ଜରିଆରେ ନିଜର ବାର୍ଷିକ ରିଟର୍ନ ଦାଖଲ କରିବାକୁ ପଡିଥାଏ। ଏଥିରେ ଭିନ୍ନ ଭିନ୍ନ ଟିକସ ସ୍ଲାବ୍ ଅନୁସାରେ କ୍ରୟ-ବିକ୍ରୟ ତଥ୍ୟ ପ୍ରଦାନ କରିବାକୁ ପଡେ। ସମୟସୀମା ବୃଦ୍ଧି ପାଇବା କାରଣରୁ ଏଣିକି ବ୍ୟବସାୟୀଙ୍କୁ ରିଟର୍ନ ଦାଖଲ କରିବାକୁ ଯଥେଷ୍ଟ ସମୟ ମିଳିଯିବ। କାରଣ ଜିଏସ୍‌ଟିଆର୍-୯, ୯ଏ ଓ ୯ସି ଫର୍ମ ପୂରଣ କରିବାରେ ଅସୁବିଧା ହେଉଛି।

### ଏନ୍‌ବିଏଫ୍‌ସି ସମସ୍ୟା ଟଳି ନ ପାରେ

**ନୂଆଦିଲ୍ଲୀ, ୯-୯:** ବର୍ତ୍ତମାନ ନଗଦ ସମସ୍ୟା ସହ ଜୁଝୁଥିବା ଦେଶର ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) କ୍ଷେତ୍ରର ସମସ୍ୟାରେ ଶୀଘ୍ର ସମାଧାନ ଆସିବାର ସମ୍ଭାବନା ନାହିଁ। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହି ସମସ୍ୟା ନ ଟଳି ପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ମାନ୍ଦାବସ୍ଥା ଯୋଗୁ ଉକ୍ତ କ୍ଷେତ୍ରର ଅଭିବୃଦ୍ଧି ହାର ୧୫%ରୁ ଖସି ୧୦-୧୨% ରହିବ ବୋଲି ଇଣ୍ଡିଆ ରେଟିଂସ ପକ୍ଷରୁ ରିପୋର୍ଟରେ ପ୍ରକାଶ ପାଇଛି। ଏହି କ୍ଷେତ୍ର ଲାଗି ରେଟିଂକୁ ସ୍ଥିରରୁ ସକରାତ୍ମକ କରାଯାଇଛି। ବଜାରର ଯାନ ବିକ୍ରିରେ ମାନ୍ଦାବସ୍ଥା,ଗ୍ରାମୀଣ ଢାଞ୍ଚାଗତ ନିର୍ମାଣରେ ପ୍ରଭାବ ରହିଛି। ବଜାର ସ୍ଥିତି ଭଲ ନ ଥିବାରୁ ଏପରି ସ୍ଥଳେ ଏନ୍‌ବିଏଫ୍‌ସିଗୁଡିକ ସୁଚିନ୍ତିତ ଭାବେ ଯୋଜନା ସହ ଆଗକୁ ବଢ଼ିବା ନେଇ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

### କୁଶଳୀ ହେବେ ୨୦ ହଜାର ନିର୍ମାଣ ଶ୍ରମିକ

**ନୂଆଦିଲ୍ଲୀ, ୯-୯:** ଦେଶର ୨୦ ହଜାର ନିର୍ମାଣ ଶ୍ରମିକଙ୍କୁ କୁଶଳୀ କରି ଗଢି ତୋଳିବା ଲାଗି ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କାଉନସିଲ(ଏନ୍‌ଏସ୍‌ଡିସି) ଏବଂ ରିୟଲ ଇଷ୍ଟେଟ ସଂଘ କ୍ରେଡାଇ ମିଳିତ ହୋଇ କାର୍ଯ୍ୟ କରିବେ। ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର କୌଶଳ ବିକାଶ ଏବଂ ଉନ୍ନତିକରଣକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କ୍ରେଡାଇ କହିଛି। ୨୦୧୧ରୁ କ୍ରେଡାଇ କୌଶଳ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି। ବିଭିନ୍ନ କମ୍ପାନୀଗୁଡିକର କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ନିଆଯାଉଛି। ଏଦିଗରେ ଏନ୍‌ଏସ୍‌ଡିସି ଏବଂ କ୍ରେଡାଇ ମିଳିତ ଭାବେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ସୂଚନା ରହିଛି।

---

> ଉନ୍ନତ ସ୍ୱାସ୍ଥ୍ୟସେବା ତଥା ପ୍ରତିଷେଧକ ବ୍ୟବସ୍ଥା ଯୋଗାଇବା ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଅଧିକ ଗୁରୁତ୍ୱ ଦେଉଛି। କମ୍ପାନୀର ଉତ୍ପାଦକତା ବଢ଼ାଇବା ଲକ୍ଷ୍ୟରେ ନୂଆ କାରଖାନା ପ୍ରତିଷ୍ଠା କରାଯାଇଛି।
> **– ଆଦାର ପୁନାୱାଲା, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସିଇଓ**



> ଓୟୋ ଦେଶର ଟିୟର ୨ ଓ ୩ ସହରରେ ନିଜର ଉପସ୍ଥିତି ବୃଦ୍ଧି କରିବା ସହ ଅଦ୍ୟାବଧି ୫୦୦ ସହରରେ ସେବା ଯୋଗାଉଛି।
> **– ଆଦିତ୍ୟ ଘୋଷ, ଓୟୋ ହୋଟେଲ୍ସ ଆଣ୍ଡ ହୋମ୍ସ ଇଣ୍ଡିଆ ସିଇଓ**



---

**ମୋଦି ସରକାରଙ୍କ ୧୦୦ ଦିନ**

# ନିବେଶକଙ୍କୁ ୧୪ ଲକ୍ଷ କୋଟି କ୍ଷତି

**ନୂଆଦିଲ୍ଲୀ, ୯-୯**

କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତାକୁ ଫେରିଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ୧୦୦ ଦିନ ପୂରଣର ସଫଳତାକୁ ବଖାଣୁଛି। ତେବେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି କାରଣରୁ ଦେଶର ପୁଞ୍ଜିବଜାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ମଧ୍ୟରେ ଷ୍ଟକ୍ ମାର୍କେଟ ନିବେଶକ ୧୪ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ହେବା ପରେ ପୁଞ୍ଜିବଜାରର ଆଶା ବଢିଯାଇଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ ପରେ ବଜାରରେ ଉତ୍ସାହ ଦେଖିବାକୁ ମିଳିଲା ନାହିଁ। କ୍ରମାଗତ ଶେୟାର ବିକ୍ରି ଯୋଗୁ ନିବେଶକ ବିଶାଳ କ୍ଷତି ସହିବାକୁ ବାଧ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ସରକାରଙ୍କ ଏହି ୧୦୦ ଦିନ ପୁଞ୍ଜିବଜାର ଲାଗି ନିରୁତ୍ସାହଜନକ ରହିଛି।

**ଲାଭ ଦେଇଛି ମାତ୍ର ୧୪% ଶେୟାର**

ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥା ଏବଂ ପୁଞ୍ଜିବଜାରର ସମସ୍ୟା ଦୂର କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେତେକ ଘୋଷଣା କରିଥିଲେ। ମାତ୍ର ନିବେଶକମାନଙ୍କ ଉପରେ ଏହାର ସେଭଳି ପ୍ରଭାବ ପଡିଥିବା ଭଳି ମନେ ହେଉନାହିଁ। ବଜାର ବିଶେଷଜ୍ଞମାନେ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ଆସିଥିବା ମାନ୍ଦାବସ୍ଥା ସମୟାନୁବର୍ତ୍ତୀ ବା ଚକ୍ରୀୟ। ଏହା ଆପେ ଆପେ ଦୂର ହେବ। ଏଥିଲାଗି ସମୟ ମଧ ଲାଗିବ। ଏପରି ସମୟରେ ନିବେଶକମାନେ ବଜାର ଉପରେ ଭରଷା ରଖିବା ସହ କିଛି ସମୟ ଅପେକ୍ଷା କରିବାକୁ ହେବ। ଚଳିତବର୍ଷ ମେ ୩୦ରେ ପ୍ରଧାନମନ୍ତ୍ରୀ ମୋଦି ଶାସନ ଭାର ସମ୍ଭାଳିଥିବା ବେଳେ ଏହି ସମୟରେ ଦେଶର ପୁଞ୍ଜି ବଜାରରେ ମାତ୍ର ୧୪% ଶେୟାର ଲାଭ ଦେବାକୁ ସକ୍ଷମ ହୋଇଛି।

**ମୋଟ ବଜାର ପୁଞ୍ଜୀକରଣ ୧୪୦ ଲକ୍ଷ କୋଟି**

ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସକ୍ରିୟ ଥିବା ୨,୬୬୪ କମ୍ପାନୀ ମଧ୍ୟରୁ ୨୨୯୦ କମ୍ପାନୀର ମୋଟ ବଜାର ପୁଞ୍ଜୀକରଣ ମଧ୍ୟରୁ ୯୬% ପର୍ଯ୍ୟନ୍ତ କ୍ଷତି ହୋଇଛି। ୪୨୨ କମ୍ପାନୀର ଶେୟାର କାରବାର ୪୦%ରୁ ଅଧିକ ଖସିଛି। ୧୩୭୨ କମ୍ପାନୀର କାରବାର ୨୦%ରୁ ଅଧିକ କ୍ଷତି ସହିଥିବା ବେଳେ ୧୮୭୨ କମ୍ପାନୀଙ୍କ କାରବାରରେ ୧୦%ରୁ ଅଧିକ ଝଟକା ଲାଗିଛି। ଏହି ସମୟରେ ସେନସେକ୍ସ ତାଲିକାଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୪.୧୫ ଲକ୍ଷ କୋଟି ଟଙ୍କା କମି ୧୪୦ ଲକ୍ଷ କୋଟି ଟଙ୍କା ରହିଛି।

**ଧୈର୍ଯ୍ୟ ରଖିବା ଲାଗି ନିବେଶକଙ୍କୁ ପରାମର୍ଶ**

ଦେଶର ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଥିବା ବେଳେ ନିବେଶକମାନେ ଭୟଭୀତ ନ ହୋଇ ବଜାର ଉପରେ ଭରଷା ଓ ଧୈର୍ଯ୍ୟ ରଖିବା ଲାଗି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ରିସର୍ଚ୍ଚ ମୁଖ୍ୟ ଦୀପକ ଯଶାନୀ କହିଛନ୍ତି। ମୋଦି ସରକାର ରାଜନୈତିକ ଏବଂ ସାମାଜିକ ପ୍ରସଙ୍ଗ ଉପରେ ଭଲ ପ୍ରଦର୍ଶନ କରିଛନ୍ତି। ଆର୍ଥିକ ସ୍ଥିତି ବିଚାର କଲେ ବିତ୍ତୀୟଧାରାକୁ ନଜରରେ ରଖି ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହାଦ୍ୱାରା ଅର୍ଥ ବ୍ୟବସ୍ଥାର ଗତି ତ୍ୱରାନ୍ୱିତ ହେବ ନାହିଁ ବୋଲି ଯଶାନୀ ମତ ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଅନେକେ ଏବେ ଯୁକ୍ତି କରୁଥିବା ବେଳେ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସରକାର ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ଏପରି ସ୍ଥିତିରେ ନିବେଶକ ସଂଯମ ରକ୍ଷା କରିବାର ଆବଶ୍ୟକତାକୁ ଉପଲବ୍ଧି କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

**ଖରାପ ସ୍ଥିତିରେ ଅର୍ଥ ବ୍ୟବସ୍ଥା**

ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ ଖରାପ ସ୍ଥିତି ଦେଇ ଗତି କରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫%କୁ ଖସିଆସିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। ଦେଶର ପ୍ରାୟ ସବୁ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବରେ ରହିଥିବା ଦେଖିବାକୁ ମିଳିଛି।




**କାମ କଲାନି ଅର୍ଥମନ୍ତ୍ରୀଙ୍କ ଉପାୟ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପୁଞ୍ଜିବଜାର ଉପରେ ଆସିଥିବା ପ୍ରଭାବକୁ କମ୍ କରିବା ଲାଗି କେତେକ ଘୋଷଣା କରିଥିଲେ ମଧ ଏହା କାମ କଲା ନାହିଁ। ଫରେନ ପୋର୍ଟଫୋଲିଓ ଇନଭେଷ୍ଟର(ଏଫ୍‌ପିଆଇ) ଏବଂ ଇନ୍‌ଷ୍ଟିଚ୍ୟୁଶନାଲ ନିବେଶକଙ୍କ ଅସନ୍ତୋଷକୁ ବିଚାର କରି ବଜେଟରେ ଘୋଷଣା ହୋଇଥିବା ସରଚାର୍ଜ ପ୍ରତ୍ୟାହାର କରି ନିଆଯାଇଛି। ମାତ୍ର ଏହାର ପ୍ରଭାବ ନିବେଶକଙ୍କ ଉପରେ ପଡିବା ଭଳି ପ୍ରତୀୟମାନ ହେଉ ନାହିଁ। ସରକାର ସରଚାର୍ଜ ଲାଗୁ କରିବା ଯୋଗୁ ୧୦୦ ଦିନ ଭିତରେ ବିଦେଶୀ ନିବେଶକମାନେ ୩୧,୭୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ମୋଦି ସରକାରଙ୍କ ପ୍ରତ୍ୟାବର୍ତ୍ତନ ନେଇ ନିବେଶକ ପୁଞ୍ଜିବଜାର ଉପରେ ସକାରାତ୍ମକ ଆଶା ରଖିବା ସହ ଫେବୃୟାରୀରୁ ମେ ମାସ ମଧ୍ୟରେ ୮୩,୦୦୦ କୋଟି ଟଙ୍କା ନିବେଶ କରିଥିଲେ। ଅପରପକ୍ଷରେ ମାନ୍ଦାବସ୍ଥା ଦୂରକରିବା ଲାଗି ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ନିବେଶକଙ୍କୁ ସନ୍ତୁଷ୍ଟ କରି ନ ଥିବା ଉପରୋକ୍ତ ସ୍ଥିତିକୁ ଦେଖିଲେ ବୁଝାପଡୁଛି।

**୮% କମିଛି ସେନସେକ୍ସ, ନିଫ୍ଟି**

ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସେନସେକ୍ସ ଏବଂ ନିଫ୍ଟିରେ କାରବାର ୮% ହ୍ରାସ ଘଟିଛି। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଶେୟାର କାରବାର ସର୍ବାଧିକ ପ୍ରଭାବିତ ହୋଇଛି। ସେମାନଙ୍କ ଏକ ଚତୁର୍ଥାଂଶ ପୁଞ୍ଜି ହ୍ରାସ ପାଇଛି। ନିବେଶକ ଆଶଙ୍କା ଗ୍ରସ୍ତ ଥିବାବେଳେ ସେମାନଙ୍କ ପୁଞ୍ଜିକୁ ସୁରକ୍ଷିତ ଶେୟାରରେ ନିବେଶ କରୁଛନ୍ତି। ଉକ୍ତ କ୍ଷେତ୍ରରେ ନିବେଶକ ଆଇଟି ଏବଂ ଫାର୍ମା ଭଳି କ୍ଷେତ୍ରକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ଯୋଗଦାନ ରଖୁଥିବା ଅଟୋମୋବାଇଲ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ର ଏହି ସମୟରେ ଖରାପ ସ୍ଥିତି ଦେଇ ଗତି କରୁଥିବା ଜଣାପଡିଛି।

---

# ଏଭରେଡିକୁ କିଣିବ ଡ୍ୟୁରାସେଲ୍

**ନୂଆଦିଲ୍ଲୀ,୯-୯**

ଋଣରେ ବୁଡ଼ି ରହିଥିବା ଦେଶର ଶୀର୍ଷ ବ୍ୟାଟେରି କମ୍ପାନୀ ଏଭରେଡିକୁ ଆମେରିକା କମ୍ପାନୀ ଡ୍ୟୁରାସେଲ୍ କିଣିବାକୁ ଯାଉଛି। ବିଶ୍ୱର ଶୀର୍ଷ ଧନୀଙ୍କ ମଧ୍ୟରେ ପରିଗଣିତ ୱାରେନ ବଫେଙ୍କ କମ୍ପାନୀ ୱର୍କଶାୟର ହ୍ୟାଥ୍‌ୱେର ଏକ ସହଯୋଗୀ କମ୍ପାନୀ ଡ୍ୟୁରାସେଲ୍ ଇଙ୍କ୍ ବି.ଏମ୍ ଖୈତାନଙ୍କ ଫ୍ଲାଗ୍‌ସିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ୍‌ର ବ୍ୟାଟେରୀ ଓ ଫ୍ଲାଶ୍‌ଲାଇଟ୍ ବ୍ୟବସାୟକୁ କିଣିବ। ଏହି କିଣିବା ଦୌଡରେ ଡ୍ୟୁରାସେଲ୍ ଏନର୍ଜାଇଜର ହୋଲ୍ଡିଙ୍ଗ୍‌କୁ ପଛରେ ପକାଇ ଦେଇଛି। ସୂଚନାଥାଉ କି, ଋଣ ବୋଝ ଯୋଗୁ ଦେଶର କେତେକ ଶୀର୍ଷ କମ୍ପାନୀ ଜେଟ୍ ଏୟାରୱେଜ୍, କିଙ୍ଗ୍‌ଫିଶର୍ ଏୟାରଲାଇନ୍ସ, ରିଲାଏନ୍ସ ଟେଲିକମ୍ ପ୍ରମୁଖଙ୍କ ଅଣ୍ଟା ଭାଙ୍ଗି ଗଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଡ୍ୟୁରାସେଲ୍ ୧୬୦୦ରୁ ୧୭୦୦ କୋଟି ଟଙ୍କାରେ ଏଭରେଡିକୁ କିଣିବ। କମ୍ପାନୀର କାରଖାନା, ଯୋଗାଣ ନେଟ୍‌ୱର୍କ ଏବଂ ଏଭରେଡି ବ୍ରାଣ୍ଡକୁ ଆମେରିକା କମ୍ପାନୀ କିଣିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସମ୍ପୂର୍ଣ୍ଣ ଭାବେ ନଗଦରେ ହେବାକୁ ଥିବା ଏହି ସ୍ଲମ୍ପ ସେଲ୍ ଡିଲ୍‌କୁ ନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଘୋଷଣା କରାଯିବ। ଏହି କିଣାବିକା ଯୋଗୁ ଏଭରେଡି ଏହାର ଋଣ ପରିଶୋଧ କରିବାକୁ ସୁଯୋଗ ପାଇବ। ସୂଚନାଥାଉ କି, ଏଭରେଡି ସହ ଉଭୟ ଡ୍ୟୁରାସେଲ୍ ଏବଂ ଏନର୍ଜାଇଜରର ଆଲୋଚନା ଚାଲିଥିଲା। ଆମେରିକ ଓ ଚାଇନା ବଜାର ପାଇଁ ଏଭରେଡି ବ୍ରାଣ୍ଡ ଅଧିକାର ଏନର୍ଜାଇଜର ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ସ୍ଲମ୍ପ ସେଲ୍‌ରେ ବିକ୍ରି କରାଯାଉଥିବା ସମ୍ପତ୍ତିକୁ ବିଭିନ୍ନ ଅଂଶରେ ସ୍ୱତନ୍ତ୍ର ଭାବେ ମୂଲ୍ୟାଙ୍କନ କରାଯାଇ ନ ଥାଏ।




# ନିର୍ଦ୍ଦେଶକଙ୍କ ପାଇଁ ଲାଗୁ ହେଲା ଆଚାର ସଂହିତା

**ନୂଆଦିଲ୍ଲୀ,୯-୯**

ବ୍ୟାଙ୍କିଙ୍ଗ୍ ସେକ୍ଟରରେ କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି ଆଣିବା ଲାଗି କେନ୍ଦ୍ର ସରକାର ଅଣ ଅଫିସରସ୍ତରୀୟ ନିର୍ଦ୍ଦେଶକଙ୍କ ପାଇଁ ଆଚାର ସଂହିତା ଲାଗୁ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ ପକ୍ଷରୁ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏମ୍‌ଡିଙ୍କ ନିକଟକୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଛି। ଏଥିରେ କୁହାଯାଇଛି ଯେ, ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକଙ୍କ ପେସାଦାରୀ ଏବଂ ନୈତିକ ବ୍ୟବହାରକୁ ଆଧାର କରି ତାଙ୍କର ପ୍ରଦର୍ଶନ ସମ୍ପର୍କରେ ବାର୍ଷିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ପତ୍ରରେ କୁହାଯାଇଛି ଯେ, କମ୍ପାନୀରେ କାର୍ଯ୍ୟରତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଲାଗି ସେବି ପକ୍ଷରୁ ଏକ ଆଚାର ସଂହିତା ପୂର୍ବରୁ ଲାଗୁ କରାଯାଇସାରିଛି। ଏହାଦ୍ୱାରା ସେମାନଙ୍କର ପ୍ରଦର୍ଶନର ମୂଲ୍ୟାଙ୍କନ ସମ୍ଭବ ହୋଇପାରୁଛି। ତେବେ ସେବିର ଉକ୍ତ ନିଷ୍ପତ୍ତି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ଲାଗୁ ହୋଇପାରୁନାହିଁ, କାରଣ ଏହା କମ୍ପାନୀ ଆଇନ ଅଧୀନକୁ ଆସୁନାହିଁ। ସେହିପରି ବ୍ୟାଙ୍କିଙ୍ଗ୍ କମ୍ପାନୀଜ ଆଇନରେ ମଧ ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଅଣ କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ସମେତ ଅଣ ଅଧିକାରୀସ୍ତରୀୟ ନିର୍ଦ୍ଦେଶକଙ୍କ କାର୍ଯ୍ୟଧାରା ସମ୍ପର୍କରେ ସେଭଳି ସ୍ପଷ୍ଟ କିଛି ଉଲ୍ଲେଖ କରାଯାଇନାହିଁ। ଆଚାର ସଂହିତାରେ ନିର୍ଦ୍ଦେଶକଙ୍କ ପାଇଁ କେତେକ କରଣୀୟ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। କମ୍ପାନୀ ସହ ନିଜେ କୌଣସି କାରବାରରେ ସମ୍ପୃକ୍ତ ରହିଛନ୍ତି କି ନା ସେ ସମ୍ପର୍କରେ ସମ୍ପୃକ୍ତ ନିର୍ଦ୍ଦେଶକ ବୋର୍ଡ ସହ ପ୍ରାକ୍ ଆଲୋଚନା ସାରିନେବାକୁ ହେବ ବୋଲି ଆଚାର ସଂହିତାରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି।

**ଧର୍ମଘଟରେ ବ୍ରିଟିଶ୍ ଏୟାରୱେଜ ପାଇଲଟ**

# ୧୫୦୦ ଉଡ଼ାଣ ରଦ୍ଦ, ୭୦୪ କୋଟି କ୍ଷତି

**ନୂଆଦିଲ୍ଲୀ,୯-୯**

ବ୍ରିଟେନର ବିମାନ କମ୍ପାନୀ ବ୍ରିଟିଶ୍ ଏୟାରୱେଜର ପାଇଲଟ ସୋମବାର ଓ ମଙ୍ଗଳବାର ଧର୍ମଘଟରେ ସାମିଲ ହୋଇଛନ୍ତି। ଏୟାରଲାଇନର ୧୦୦ବର୍ଷର ଇତିହାସରେ ଏହା ସର୍ବବୃହତ ଧର୍ମଘଟ ମନେ କରାଯାଉଛି। ଏହି କାରଣରୁ କମ୍ପାନୀର ପ୍ରାୟ ୧୫୦୦ ଉଡ଼ାଣ ରଦ୍ଦ ହୋଇସାରିଛି। ବେତନ ବିବାଦକୁ କେନ୍ଦ୍ର କରି ପାଇଲଟମାନେ ଦୁଇଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଖବରକାଗଜ 'ଦ ଟେଲିଗ୍ରାଫ୍'ର ରିପୋର୍ଟ ଅନୁସାରେ ପାଇଲଟଙ୍କ ଧର୍ମଘଟ ଯୋଗୁ ପ୍ରାୟ ୨ ଲକ୍ଷ ୮୦ ହଜାର ଲୋକ ପ୍ରଭାବିତ ହେବେ ଓ କମ୍ପାନୀ ପ୍ରାୟ ୭୦୪ କୋଟି ଟଙ୍କା ଅର୍ଥାତ୍ ୮୦ ମିଲିୟନ ପାଉଣ୍ଡ କ୍ଷତି ସହିବାକୁ ଯାଉଛି। ଧର୍ମଘଟ ଯୋଗୁ ନ୍ୟୁୟର୍କ, ଦିଲ୍ଲୀ, ହଂକଂ ଓ ଜୋହାନ୍ସବର୍ଗର ସମସ୍ତ ଉଡ଼ାଣ ପ୍ରଭାବିତ ହୋଇଛି। ଉଡ଼ାଣ ରଦ୍ଦ ହୋଇଥିବାର ସୂଚନା ପାଇଥିଲେ ଯାତ୍ରୀମାନେ ଏୟାରପୋର୍ଟ ନ ଯିବାକୁ ବ୍ରିଟିଶ ଏୟାରୱେଜ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଥାଉ କି, ବ୍ରିଟିଶ ଏୟାରଲାଇନ ପାଇଲଟ ଆସୋସିଏଶନ ଅଗଷ୍ଟ ୨୩ରେ ଧର୍ମଘଟ ଡାକରା ଦେଇଥିଲା।

---

# ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ପ୍ୟାକେଜିଂ ବନ୍ଦ କରିବ ଆମାଜନ




**ନୂଆଦିଲ୍ଲୀ, ୯-୯**

ଆମାଜନ ଇଣ୍ଡିଆ ପକ୍ଷରୁ ୨୦୨୦ ଜୁନ ସୁଦ୍ଧା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପ୍ୟାକେଜିଂ ବ୍ୟବହାର ପରିତ୍ୟାଗ କରିବାର ଘୋଷଣା କରାଯାଇଛି। କମ୍ପାନୀ ପେପର କୁସନ୍ସ ବ୍ୟବହାର କରିବାକୁ ଯୋଜନା ରଖିଛି। ଆମାଜନ ଦେଶରେ ଥିବା ଏହାର ଫୁଲଫିଲ ସେଣ୍ଟରଗୁଡିକରେ ଏୟାର ପିଲୋ ଏବଂ ବବଲ ରାପ୍ ଭଳି ସାମଗ୍ରୀ ବ୍ୟବହାର କରିବ। ପେପର କୁସନ୍ସ ବ୍ୟବହାର ଦ୍ୱାରା ନେବା ଆଣିବା କରିବା ସମୟରେ ସାମଗ୍ରୀ ସୁରକ୍ଷିତ ହୋଇ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଗୁଡିକ ପରିବେଶ ଉପଯୋଗୀ ଏବଂ ପୁନଃବ୍ୟବହାର କ୍ଷମ ହୋଇ ପାରିବ। ପରିବେଶ ଉପଯୋଗୀ ପ୍ୟାକେଜିଂ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କଷ୍ଟମର ଫୁଲ୍‌ଫିଲ୍‌ମେଣ୍ଟ ଉପସଭାପତି ଅଖିଳ ସକ୍ସେନା କହିଛନ୍ତି।

# ଭୁବନେଶ୍ୱରରେ ଲୁଇ ଫିଲିପରେ ପଞ୍ଚମ ଷ୍ଟୋର

**ଭୁବନେଶ୍ୱର, ୯-୯**

ପୁରୁଷ ପରିଧାନ କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ଲୁଇ ଫିଲିପ ପକ୍ଷରୁ ଭୁବନେଶ୍ୱରରେ ଏହାର ପଞ୍ଚମ ଷ୍ଟୋର ଶୁଭାରମ୍ଭ ହୋଇଛି। ଡିଏନ୍ ରେଗାଲିଆ ମଲ୍‌ରେ ଏହା ୧୧୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଉକ୍ତ ଷ୍ଟୋର ଦ୍ୱାରା ରାଜ୍ୟରେ ଲୁଇ ଫିଲିପ ଷ୍ଟୋର ସଂଖ୍ୟା ୬ରେ ପହଞ୍ଚିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂତନ ଅଭିଯାନ ଷ୍ଟେ ଅନ୍ କ୍ରସଡ ଆରମ୍ଭ କରାଯାଇଛି। ଭୁବନେଶ୍ୱର ବଜାରର ଚାହିଦାକୁ ଧ୍ୟାନରେ ରଖି ଏହି ଷ୍ଟୋରଟିକୁ ଶୁଭାରମ୍ଭ କରାଯାଇଥିବା ଲୁଇ ଫିଲିପ ସିଓଓ ଫରିଦା କଲିଆଦାନ ସୂଚନା ଦେଇଛନ୍ତି। ଏଠାରେ ଗ୍ରାହକ ଫର୍ମାଲ, ସେମିକାଜୁଆଲ, ବିବାହ ପୋଷାକ, ଆସେସୋରିଜ ଲାଭ କରିପାରିବେ। ସେହିଭଳି ସୁଟ, ସାର୍ଟ, ଟ୍ରାଉଜର, ଟି-ସାର୍ଟ,ଜିନ୍ସ ଉପଲବ୍ଧ।

---

**ସତ୍ୟମ୍ ମାମଲାରେ ସେବିକୁ ସ୍ୟାଟ୍‌ର ଝଟକା**

# ପିଡବ୍ଲ୍ୟୁସି ଉପରେ ଲାଗିଥିବା କଟକଣା ଉଠିଲା

**ମୁମ୍ବାଇ,୯-୯**




ସତ୍ୟମ୍ କମ୍ପ୍ୟୁଟର ଦୁର୍ନୀତି ମାମଲାରେ ପୁଞ୍ଜିବଜାର ନିୟାମକ ସେବିକୁ ଜୋରଦାର ଝଟକା ଲାଗିଛି। ପ୍ରତିଭୂତି ଅପିଲୀୟ ନ୍ୟାୟାଧିକରଣ(ସ୍ୟାଟ୍) ୭୮୦୦ କୋଟି ଟଙ୍କାର ସତ୍ୟମ୍ ଦୁର୍ନୀତି ମାମଲାରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ(ପିଡବ୍ଲ୍ୟୁସି) ଉପରେ ଲାଗିଥିବା ୨ ବର୍ଷର କଟକଣାକୁ ହଟାଇ ଦେଇଛନ୍ତି। ସେବି ପକ୍ଷରୁ ଏହି କଟକଣା ଜାରି କରାଯାଇଥିଲା। ଏହି ମାମଲାରେ ପିଡବ୍ଲ୍ୟୁସିରୁ ଆଂଶିକ ଭାବେ ୧୩ କୋଟି ଟଙ୍କା ଫେରାଇ ନେବାକୁ ସ୍ୟାଟ୍ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୦୯ ଜାନୁୟାରୀରେ ସତ୍ୟମ୍ ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇଥିଲା। କମ୍ପାନୀ ପ୍ରତିଷ୍ଠାତା ତଥା ଏମ୍‌ଡି ରାମଲିଙ୍ଗା ରାଜୁ ଦୁର୍ନୀତିରେ ସାମିଲ ଥିବା ସ୍ୱୀକାର କରିଥିଲେ। ସତ୍ୟମ୍‌ର ଅଡିଟ ଦାୟିତ୍ୱରେ ଥିବା ପିଡବ୍ଲ୍ୟୁସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେବି ପକ୍ଷରୁ ଉକ୍ତ କଟକଣା ଜାରି କରାଯାଇଥିଲା। ଏହି ମାମଲାର ଶୁଣାଣି କରି ସ୍ୟାଟ୍ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କୌଣସି ଅଡିଟ୍ କମ୍ପାନୀ ବିରୋଧରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଅଡିଟ୍ ଦାୟିତ୍ୱ ତୁଲାଇବାରେ ଅବହେଳା କରିବା ଦ୍ୱାରା ଏହା ସ୍ପଷ୍ଟ ହୋଇନାହିଁ ଯେ, ଉକ୍ତ କମ୍ପାନୀ ଦୁର୍ନୀତିରେ ସାମିଲ ଥିଲା। ଅଡିଟର ଗୁଣବତ୍ତା ଓ ଯାଞ୍ଚ କରିବାର ଅଧିକାର ସେବି ହାତରେ ନାହିଁ ବୋଲି ରାୟରେ ଉଲ୍ଲେଖ କରାଯାଇଛି।

# ବଜାରରେ ନୂଆ ଟାଟା ଇଣ୍ଟ୍ରା




**ଭୁବନେଶ୍ୱର, ୯-୯**

ଟାଟା ମୋଟର୍ସ ପକ୍ଷରୁ ନୂଆ ବାଣିଜ୍ୟିକ ଯାନ ଟାଟା ଇଣ୍ଟ୍ରା ଭୁବନେଶ୍ୱର ବଜାରରେ ପ୍ରବେଶ କରିଛି। ଏହା କମ୍ପାକ୍ଟ ଟ୍ରକ ବର୍ଗରେ ସାମିଲ ହୋଇଥିବା ବେଳେ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଛି। ଏହା କମ୍ ମୂଲ୍ୟର ଓନରଶିପ ଏବଂ ପରଫରମାନ୍ସ ପ୍ରଦାନ କରୁଛି। ଟାଟାର ପ୍ରିମିୟମ ଡିଜାଇନ ବୈଶିଷ୍ଟ୍ୟ ସହ ଏହା ଆସିଛି। ନୂଆ ମଡ୍ୟୁଲାର ପ୍ଲାଟଫର୍ମରେ ଭି୧୦ ଏବଂ ଭି ୨୦ ପ୍ଲାଟଫର୍ମରେ ଯାନଟି ଉପଲବ୍ଧ। ୧୩୯୬ ସିଏମ୍ ଡିଆଇ ଇଞ୍ଜିନ, ୫୨ କେଡବ୍ଲ୍ୟୁ ପାୱାର, ୧୪୦ ଏନ୍‌ଏମ୍ ଟର୍କ, ଗିୟର ସିଫ୍ଟ ଆଡଭାଇଜର, ସର୍ବୋତ୍ତମ ଇନ୍ଧନ ଗୁଣବତ୍ତା ସହ ଏହା ବଜାରକୁ ଆସିଛି। କମ୍ପାନୀର ଅଧିକୃତ ଡିଲରଶିପଗୁଡିକରେ ଯାନଟି ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡ଼ିଶା କମ୍ପାନୀ ଲାଗି ଫୋକସ ବଜାର ହୋଇ ଥିବାରୁ ନୂଆ ଯାନଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ବାଣିଜ୍ୟିକ ଯାନ ୟୁନିଟ ସଭାପତି ଗିରିଶ ୱାଘ ସୂଚନା ଦେଇଛନ୍ତି।



"ଅଷ୍ଟ୍ରେଲିଆ ଆଶେସ ଟାଇଟଲ ବଜାୟ ରଖିବା ପଛରେ କେବଳ ଷ୍ଟିଭ ସ୍ମିଥ୍ ନୁହନ୍ତି, ଦଳର ବୋଲରମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି।

–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ଟେଷ୍ଟ ଚାମ୍ପିୟନଶିପ୍ ନୁହେଁ ଟି୨୦ ବିଶ୍ୱକପ୍। ଯୁବ ଖେଳାଳିଙ୍କୁ ସୁଯୋଗ ଦେଇ ବେଞ୍ଚ ଷ୍ଟ୍ରେନ୍ଥ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍

## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍ନୁକର ନିଶାନ୍ତଙ୍କୁ ହରାଇଲେ ଆଦର୍ଶ



ଭୁବନେଶ୍ୱର,୯।୯(କ୍ରୀଡ଼ା ପ୍ରତିନିଧି): ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ସୋମବାର ପଞ୍ଚମ ଦିବସରେ ଓଡ଼ିଶାର ପୂର୍ବତନ ସିନିୟର ସ୍ନୁକର ଚାମ୍ପିୟନ ନିଶାନ୍ତ ବିଶ୍ୱାଳଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଝାଡ଼ଖଣ୍ଡ ଜୁନିୟର ଚାମ୍ପିୟନ ଆଦର୍ଶ ବର୍ମା ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଆଦର୍ଶ ତାଙ୍କର ପୂର୍ବ ମ୍ୟାଚରେ ଓଡ଼ିଶାର ଦେବୀ ପ୍ରସାଦଙ୍କଠାରୁ ୱାକ୍‌ଓଭର ପାଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗର କିଙ୍ଗସୁକ୍ ଶାହ ୩-୧ରେ ଓଡ଼ିଶାର ଆର୍.କେ. ବାରିକ, ଓଡ଼ିଶାର ମହମ୍ମଦ ରାଜା ୩-୧ରେ ନିଜ ରାଜ୍ୟର ଶ୍ୟାମ ଅଗ୍ରୱାଲ, ଜାକିର ଖାଁ ୩-୧ରେ ରଣଜିତ ପତିଙ୍କୁ ପରାସ୍ତ କରିଛନ୍ତି।

### ଓଡ଼ିଶାକୁ ୭ ସ୍ୱର୍ଣ୍ଣ

କଟକ ଅଫିସ,୯।୯: ବିହାରର ପାଟନାଠାରେ ଇନଡୋର ଜାତୀୟ ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜୁନିୟର, ସବ୍‌ଜୁନିୟର, ସିନିୟର ବର୍ଗର ମୁକାବିଲା ହୋଇଥିଲା। ଏଥିରେ ଓଡ଼ିଶା ଦଳକୁ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ସମେତ ମୋଟ ୯ଟି ପଦକ ମିଳିଛି। ସବ୍‌ଜୁନିୟର ବାଳିକା ବର୍ଗ ସିଙ୍ଗଲ୍ସରେ ହରୁର ସିନ୍ଧୁ ସ୍ୱର୍ଣ୍ଣ ପଦକ, ଜୁନିୟର ବାଳକ ବର୍ଗ ସିଙ୍ଗଲ୍ସରେ ସଗନଦୀପ ସିଂ ସ୍ୱର୍ଣ୍ଣ, ଜୁନିୟର ବାଳିକା ଡବଲ୍ସରେ ରେଶ୍ମା କୁମାରୀ ମିଞ୍ଜ୍-ଦୀପିକା ଖେସ୍ ସ୍ୱର୍ଣ୍ଣ, ଖୁସ୍‌ପ୍ରୀତ କୌର-ସୋନାଲି ସ୍ୱାଇଁ ରୌପ୍ୟ ପଦକ, ଜୁନିୟର ବାଳକ ଡବଲ୍ସରେ କରନବୀର ସିଂ-ପ୍ରିଦ୍ଧମାନ ସିଂ ରୌପ୍ୟ ପଦକ ଜିତିଛନ୍ତି। ସିନିୟର ମହିଳାରେ ସଂଯୁକ୍ତା ଡୁଙ୍ଗଡୁଙ୍ଗ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ଡବଲ୍ସରେ ମଞ୍ଜୁଳା ଖେସ୍ ଓ ପ୍ରମିଳା ପ୍ରଭା ମିଞ୍ଜ୍‌ଙ୍କ ଯୋଡ଼ି ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଜୁନିୟର ମିକ୍ସ ବିଭାଗରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ପ୍ରିଦ୍ଧମାନ ସିଂ, ଅରବିନ୍ଦର ସିଂ, ସୋନାଲି ସ୍ୱାଇଁ, ମଞ୍ଜୁଳା ଖେସ୍ ଏହି ପ୍ରତିଯୋଗିତାକୁ ଓହ୍ଲାଇଥିଲେ। ଓପନ ମିକ୍ସ କାଟେଗୋରିରେ ମଧ୍ୟ ଓଡ଼ିଶାକୁ ସ୍ୱର୍ଣ୍ଣପଦକ ମିଳିଥିଲା। ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନାଡାଲଙ୍କୁ ୧୯ତମ ଗ୍ରାଣ୍ଡସ୍ଲାମ୍

ନ୍ୟୁୟର୍କ, ୯।୯(ଏଏଫ୍‌ପି)

କ୍ଲେ କୋର୍ଟର ବାଦ୍‌ଶାହା କୁହାଯାଉଥିବା ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ରୁଷିଆର ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ୭-୫, ୬-୩, ୫-୭, ୪-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ତାଙ୍କ କ୍ୟାରିୟରର ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସ୍ପେନର ଏହି ୩୩ ବର୍ଷୀୟ ବାମହାତୀ ଟେନିସ ଖେଳାଳି ରୋଜର ଫେଡରରଙ୍କ ସର୍ବକାଳୀନ ପୁରୁଷ ଗ୍ରାଣ୍ଡସ୍ଲାମ ସଫଳତା ରେକର୍ଡ ସମକକ୍ଷ ହେବା ଲାଗି ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଫେଡରର ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁନଶ୍ଚ ପ୍ରତିଯୋଗିତାର ଇତିହାସରେ ନାଡାଲ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହିସାବରେ ନ୍ୟୁୟର୍କ ଚାମ୍ପିୟନ ହୋଇଛନ୍ତି। ସବୁଠାରୁ ବୟସ୍କ ଖେଳାଳି ଭାବେ ଚାମ୍ପିୟନ ହେବାର ରେକର୍ଡ କେନ୍ ରୋଜ୍‌ୱେଲଙ୍କ ନାମରେ ରହିଛି। ସେ ୧୯୭୦ରେ ୩୫ବର୍ଷ ବୟସରେ ଟାଇଟଲ ବିଜୟୀ ହୋଇଥିଲେ। ନାଡାଲ କହିଛନ୍ତି, ରବିବାର ମୋ ଟେନିସ କ୍ୟାରିୟରର ସବୁଠାରୁ ଆବେଗପୂର୍ଣ୍ଣ ରାତି ଥିଲା। ଆର୍ଥର ଆଶେ ଷ୍ଟାଡିୟମରେ ନାଡାଲ ଚାମ୍ପିୟନ ଭାବେ ୩.୮୫ ନିୟୁତ ଡଲାର ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୦, ୨୦୧୩ ଏବଂ ୨୦୧୭ରେ ୟୁଏସ ଓପନ ଟ୍ରଫି ହାତେଇବାରେ ସଫଳ ହୋଇଥିଲେ। ନାଡାଲଙ୍କ ଏହା ଥିଲା ୫ମ ୟୁଏସ ଓପନ ଏବଂ ମୋଟ ଉପରେ ୨୭ତମ ଗ୍ରାଣ୍ଡସ୍ଲାମ ଫାଇନାଲ। ୩୦ ବର୍ଷ ବୟସ ହେବାପରେ ୫ ପ୍ରମୁଖ ଟାଇଟଲ ଜିତିବାରେ ସେ ପ୍ରଥମ ପୁରୁଷ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୁନଶ୍ଚ ସ୍ପେନର ଏହି ଷ୍ଟାର ଟେନିସ ଖେଳାଳି ୧୯୪୯ରେ ଟେଡ୍ ସ୍ରୋଡରଙ୍କ ପରେ ପ୍ରଥମ ଖେଳାଳି ଭାବେ ଫାଇନାଲରେ ପ୍ରଥମ ଦୁଇ ସେଟ ଜିତିବା ଏବଂ ପରବର୍ତ୍ତୀ ୨ ସେଟ୍‌ରେ ପରାଜିତ ହୋଇ ୫ମ ସେଟ୍‌ରେ ବିଜୟ ଲାଭ କରି ଟାଇଟଲ ହାସଲ କରିବାରେ ପ୍ରଥମ ଖେଳାଳି। ଫାଇନାଲ ମ୍ୟାଚ ଦୀର୍ଘ ୪ ଘଣ୍ଟା ୫୦ ମିନିଟ ଧରି ଚାଲିଥିଲା। ୟୁଏସ ଓପନ ଇତିହାସରେ ସବୁଠାରୁ ଦୀର୍ଘତମ ଫାଇନାଲ ରେକର୍ଡର ସମକକ୍ଷ ହେବା ଲାଗି ଆଉ ୪ମିନିଟ ଆବଶ୍ୟକ ପଡୁଥିଲା। ଏଠାରେ ଦୀର୍ଘତମ ଫାଇନାଲ ଖେଳି ଟାଇଟଲ ଜିତିବା ରେକର୍ଡ ଉଭୟ ମ୍ୟାଟ୍ସ ୱିଲାଣ୍ଡର (୧୯୮୮) ଏବଂ ଆଣ୍ଡି ମୁରେ (୨୦୧୨)ଙ୍କ ନାମରେ ରହିଛି। ସର୍ବାଧିକ ୫ଥର ୟୁଏସ ଓପନ ଜିତିବା ରେକର୍ଡ ୩ଜଣ ଖେଳାଳି ଫେଡରର, ଜିମ୍ମି କନ୍‌ର୍ସ ଏବଂ ପିଟ୍ ସାମ୍ପ୍ରାସଙ୍କ ନାମରେ ରହିଛି। ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହଜ କଥା ନୁହେଁ ବୋଲି ମେଡଭେଡେଭ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୫ମ ସିଡ୍ ୨୩ ବର୍ଷୀୟ ମେଡଭେଡେଭ ଯଦି ବିଜୟ ଲାଭ କରିଥାନ୍ତେ ତେବେ ଜୁଆନ ମାର୍ଟିନ ଡେଲପେଟ୍ରୋ (୨୦୦୯ ୟୁଏସ୍ ଓପନ)ଙ୍କ ପରେ ସର୍ବକନିଷ୍ଠ ପୁରୁଷ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇପାରିଥାନ୍ତେ। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ଏହି ଖେଳାଳି ତାଙ୍କ କ୍ୟାରିୟର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମେଡ୍‌ଭେଡେଭ ସିନ୍‌ସିନାଟିଠାରେ ଚାମ୍ପିୟନ ହୋଇଥିବାବେଳେ ମଣ୍ଟ୍ରିଲ, ୱାଶିଂଟନ ଏବଂ ୟୁଏସ ଓପନରେ ରନର୍ସ ଅପ୍ ହୋଇଛନ୍ତି।




ୟୁଏସ୍ ଓପନ୍ ଟ୍ରଫି ସହ ରାଫାଲ ନାଡାଲ

### ନାଡାଲଙ୍କ ଗ୍ରାଣ୍ଡସ୍ଲାମ ତାଲିକା

ଅଷ୍ଟ୍ରେଲିଆନ ଓପନ୍– ୨୦୦୯
ଫ୍ରେଞ୍ଚ ଓପନ୍– ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯
ୱିମ୍ବଲଡନ– ୨୦୦୮, ୨୦୧୦,
ୟୁଏସ୍ ଓପନ୍: ୨୦୧୦, ୨୦୧୩, ୨୦୧୭, ୨୦୧୯

# ଅମୋଲ ମଜୁମ୍‌ଦାର ଦକ୍ଷିଣ ଆଫ୍ରିକା ବ୍ୟାଟିଂ କୋଚ୍



ନୂଆଦିଲ୍ଲୀ, ୯।୯ (ପି.ଟି.)

ମୁମ୍ବାଇ ଷ୍ଟଲ୍‌ୱାର୍ଟ ଅମୋଲ ମଜୁମ୍‌ଦାର ସୋମବାର ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଅକ୍ଟୋବର ୨ରୁ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳିବ। ୪୪ ବର୍ଷୀୟ ଅମୋଲ ପ୍ରଥମ ଶ୍ରେଣୀ କ୍ରିକେଟରେ ୪୮.୧୩ ଆଭରେଜରେ ୧୧, ୧୬୭ ରନ କରିଛନ୍ତି। କିନ୍ତୁ ସେ ଭାରତ ତରଫରୁ ଖେଳିବା ଲାଗି କେବେ ସୁଯୋଗ ପାଇନାହାନ୍ତି। ମୋତେ ଗତ ସପ୍ତାହରେ ଅଫର ଆସିଥିଲା। ମୁଁ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲି। ଏହା ମୋ ପାଇଁ ବଡ଼ ସୁଯୋଗ ଥିଲା ବୋଲି ମଜୁମ୍‌ଦାର କହିଛନ୍ତି। ଆସାମ ଏବଂ ପରେ ଆନ୍ଧ୍ର ପାଇଁ ଖେଳିବା ପୂର୍ବରୁ ଅମୋଲ ମୁମ୍ବାଇ ତରଫରୁ ଅଧିକ ଦିନ ଧରି ପ୍ରତିନିଧିତ୍ୱ କରିଛନ୍ତି। ସେ ଲିଷ୍ଟ 'ଏ' କ୍ରିକେଟରେ ୩୨୮୬ ରନ ସ୍କୋର କରିଛନ୍ତି। ସେ ମଧ୍ୟ ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଏବଂ ନେଦରଲାଣ୍ଡ୍ସ ଜାତୀୟ ଦଳର ବ୍ୟାଟିଂ କୋଚ ଭାବେ କାର୍ଯ୍ୟ କରିସାରିଛନ୍ତି। ଅମୋଲଙ୍କୁ କେବଳ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନିଯୁକ୍ତି ମିଳିଛି। ଅକ୍ଟୋବର ୨ରୁ ବିଶାଖାପାଟଣାଠାରେ ପ୍ରଥମ ଟେଷ୍ଟ ଖେଳାଯିବାକୁ ଥିବାବେଳେ ଅନ୍ୟ ଦୁଇଟି ପୁଣେ (ଅକ୍ଟୋବର ୧୦ରୁ ୧୪) ଏବଂ ରାଞ୍ଚି (ଅକ୍ଟୋବର ୧୯ରୁ ୨୩)ଠାରେ ଖେଳାଯିବ।

# ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ

## ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା

ଭୁବନେଶ୍ୱର, ୯।୯ (ସ୍ପୋର୍ଟ୍ସ ବ୍ୟୁରୋ)

ବ୍ରହ୍ମପୁରରେ ଦୁଇ ଦିନ ଧରି ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ବାଳିକା ବିଭାଗରେ ୧୫ ସ୍ୱର୍ଣ୍ଣ, ୬ରୌପ୍ୟ, ୪ ବ୍ରୋଞ୍ଜ ଜିତିଥିବାବେଳେ ୬ଜଣ ନୂଆ ରାଜ୍ୟ ରେକର୍ଡ କରିଛନ୍ତି। ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିମାନେ ହେଲେ ବୀଣା ସୋରେନ, ମୋତି ଜାନି, ଦେବକି ଖିଲୋ, ଅପରାଜିତା ଭୂୟାଁ, ଏମ୍. କୀର୍ତ୍ତି ଏବଂ କେ. ଅଭିଷିକ୍ତା। ସୋମବାର ଖୋର୍ଦ୍ଧା ଜିଲା ଭାରୋତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲ ତରଫରୁ ବିଜେତା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିବା ସଂଘର ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ କୋଚ୍ ପି. ଧର୍ମାରାଓ, ଚନ୍ଦ୍ରଶେଖର ସାହୁ, ଲକିରାଣୀ ପାତ୍ର, କିରଣ ଡିଗଲ, ସୌମ୍ୟ ଖୁଣ୍ଟିଆ, ଶୁଭକାନ୍ତ ମଲିଆ, ବିବେକାନନ୍ଦ ସାହୁ, କାଜିମ୍ ପଞ୍ଜାବୀ ଏବଂ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କୁ ଅଭିନନ୍ଦନ ଜଣାଯାଇଛି।



ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଆରମ୍ଭ



କ୍ରୀଡ଼ା ସଚିବ ବିଶାଲ ଦେବଙ୍କ ସହିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନରେ ବାହାରିଥିବା ଅଭିଯାତ୍ରୀ ଦଳ।

ଭୁବନେଶ୍ୱର,୯।୯(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର କ୍ରୀଡ଼ା ଓ ଯୁବ ବ୍ୟାପାର ସେବା ବିଭାଗ ସଚିବ ବିଶାଲ ଦେବ ୪ର୍ଥ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ଯୁବ ଆରୋହଣକାରୀଙ୍କୁ କ୍ରୀଡ଼ା ସଚିବ ଶୁଭେଚ୍ଛା ଜଣାଇବା ସହ ଶୁଭକାମନା କରିଛନ୍ତି। 'ଯୁବ ଆରୋହଣକାରୀଙ୍କ ପାଇଁ ହିମାଳୟାନ ଅଭିଯାନ ଏକ ବଡ଼ ଚ୍ୟାଲେଞ୍ଜ ହେବ' ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ୨୦୧୬ଠାରୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ପ୍ରତିବର୍ଷ ହିମାଳୟାନ ଅଭିଯାନ ଆୟୋଜନ କରାଯାଇ ଆସୁଛି। ଯୁବା ପର୍ବତାରୋହୀଙ୍କୁ ଶୃଙ୍ଖଳା, ନେତୃତ୍ୱ ନେବାର ଦକ୍ଷତା ଓ ଟିମ୍ ସ୍ପିରିଟ୍ ଶିଖାଇବା ଦୁଃସାହସିକ ଅଭିଯାନର ଲକ୍ଷ୍ୟ। ମନୋନୀତ ହୋଇଥିବା ପ୍ରାର୍ଥୀମାନେ ଫିଟ୍‌ନେସ ଟେଷ୍ଟ ପରୀକ୍ଷା ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। ପର୍ବତାରୋହୀଙ୍କଠାରୁ ମିଳୁଥିବା ପ୍ରତ୍ୟୁତ୍ତର ଆମକୁ ହିମାଳୟ ଅଭିଯାନ ଜାରି ରଖିବାକୁ ପ୍ରୋତ୍ସାହିତ କରୁଛି ବୋଲି କ୍ରୀଡ଼ା ସଚିବ ଏହି ଅବସରରେ କହିଛନ୍ତି।

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ସହଯୋଗରେ ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଚଳିତ ମାସ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଲେହ ଅଞ୍ଚଳରେ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି (୨୦,୧୮୭ ଫୁଟ)ଠାରେ ଅନୁଷ୍ଠିତ ହେବ। ଚୟନ ପାଇଁ ଆୟୋଜିତ ଦୁଇ ପର୍ଯ୍ୟାୟ ବିଶିଷ୍ଟ ପ୍ରସ୍ତୁତି କ୍ୟାମ୍ପରୁ ଶେଷରେ ୧୦ ବାଳକ ଓ ୫ ବାଳିକା ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଜଣାଶୁଣା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ମାଉଣ୍ଟ ଷ୍ଟକ ଗସ୍ତ କରିବେ। ପ୍ରଥମ ଭାରତୀୟ ମହିଳା ମାଉଣ୍ଟ ଏଭରେଷ୍ଟ ପର୍ବତାରୋହଣକାରୀ ପଦ୍ମଶ୍ରୀ ବଚେନ୍ଦ୍ରୀ ପାଲ ଏହାକୁ ଗାଇଡ୍ କରିବେ। ଏହି ପ୍ରୋଗ୍ରାମକୁ ସୁପରିଚାଳନା କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗର ପ୍ରୋଗ୍ରାମ ଅଫିସର ହରେଶ କୁମାର ମିଶ୍ର ଅଭିଯାତ୍ରୀ ଦଳଙ୍କ ସହ ଲେହସ୍ଥିତ ବେସ୍ କ୍ୟାମ୍ପକୁ ଗସ୍ତ କରିବେ ବୋଲି ଜଣାପଡ଼ିଛି।

# ତାମିଲନାଡୁ, ମିଜୋରାମ ଚାମ୍ପିୟନ

## ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍

କଟକ ଅଫିସ,୯।୯

ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ୪୬ତମ ସଂସ୍କରଣ ସୋମବାର ସନ୍ଧ୍ୟାରେ ଏଠାରେ ଉଦ୍‌ଯାପିତ ହୋଇଛି। ବାଳକ ବର୍ଗରେ ମିଜୋରାମ ଓ ବାଳିକା ବର୍ଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳିକା ବର୍ଗରେ କର୍ଣ୍ଣାଟକ ଓ ବାଳକ ବର୍ଗରେ ମହାରାଷ୍ଟ୍ର ତୃତୀୟ ସ୍ଥାନ ହାସଲ କରିଥିଲେ।

ବାଳକ ବର୍ଗର ଫାଇନାଲରେ ମିଜୋରାମ ପଞ୍ଜାବକୁ ଭେଟିଥିଲା। ଏହି ମ୍ୟାଚ୍‌ଟି ଶେଷ କ୍ୱାର୍ଟର ପର୍ଯ୍ୟନ୍ତ ରୋମାଞ୍ଚକର ହୋଇଥିଲା। ପ୍ରଥମ କ୍ୱାର୍ଟରରେ ପଞ୍ଜାବ ୧୩-୧୨ ପଏଣ୍ଟରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ମିଜୋରାମ ସପକ୍ଷରେ ଯାଇଥିବା ବେଳେ ଏହି କ୍ୱାର୍ଟର ୨୨-୨୧ ପଏଣ୍ଟରେ ଶେଷ ହୋଇଥିଲା। ପୁନର୍ବାର ୩ୟ କ୍ୱାର୍ଟରରେ ପଞ୍ଜାବ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ୩୫-୩୪ ପଏଣ୍ଟରେ ଅଗ୍ରଣୀ ନେଇଥିଲା। ଗୋଟିଏ ଲେଖାଏ ପଏଣ୍ଟ ଅଗ୍ରଣୀରେ କ୍ୱାର୍ଟର ଗୁଡ଼ିକ ଶେଷ ହେଉଥିବା ବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଉଭୟ ଦଳ ପାଇଁ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତା ମୂଳକ ପାଲଟିଥିଲା। ହେଲେ ମିଜୋରାମ ଅନ୍ତିମ କ୍ୱାର୍ଟରରେ ୧୭ ପଏଣ୍ଟ ସଂଗ୍ରହ କରିବା ସହ ପଞ୍ଜାବକୁ ପଛରେ ପକାଇ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ଟି ୫୧-୪୬ ପଏଣ୍ଟରେ ଶେଷ ହୋଇଥିଲା। ବାଳିକା ବର୍ଗର ଫାଇନାଲରେ ତାମିଲନାଡୁ ୮୫-୬୭ ପଏଣ୍ଟରେ ମହାରାଷ୍ଟ୍ରକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ୧୮-୧୮ ପଏଣ୍ଟ ସଂଗ୍ରହ କରିଥିଲେ। ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ତାମିଲନାଡୁ ଅଗ୍ରଣୀ ନେଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସଭାପତି ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ ସଭାପତି ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରା, ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ବିଧାୟକ ଇଂ ମହମ୍ମଦ ମୋକିମ, ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ ସମ୍ପାଦକ ଚନ୍ଦ୍ରମୁଖୀ ଶର୍ମା, କୋଷାଧ୍ୟକ୍ଷ ଡ. ଭି. ରଘୋଥମନ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ।

# ରେକର୍ଡ ସମକକ୍ଷ ରାମୋସ

ଗିଜୋନ(ସ୍ପେନ),୯।୯ (ଏଏଫ୍‌ପି)

ସର୍ଗିଓ ରାମୋସ ସ୍ପେନ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଫୁଟବଲ୍ ମ୍ୟାଚ୍ ଖେଳିବାର ରେକର୍ଡର ସମକକ୍ଷ ହୋଇଛନ୍ତି। ରବିବାର ଫାରୋ ଦ୍ୱୀପ ବିପକ୍ଷ ୟୁରୋ ୨୦୨୦ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେର୍ଗିଓ ଜାତୀୟ ଦଳ ପକ୍ଷରୁ ୧୬୭ ତମ ଥର ପାଇଁ ପ୍ରତିନିଧିତ୍ୱ କରିଥିଲେ। ସମାନ ସଂଖ୍ୟକ ମ୍ୟାଚ୍ ଆଇକର କାସିଲାସ ଖେଳିଥିଲେ। ରିୟଲ ମାଡ୍ରିଡ୍ ସେଣ୍ଟର ବ୍ୟାକ ରାମୋସ ୧୪ ବର୍ଷ ତଳେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ।



କଟକ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଜାତୀୟ ସବ୍‌ଜୁନିୟର ବାସ୍କେଟ୍ ବଲ୍ ପ୍ରତିଯୋଗିତାରେ ବାଳିକାବର୍ଗ ଚାମ୍ପିୟନ ତାମିଲନାଡୁ ଦଳ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବାଳକବର୍ଗ ଚାମ୍ପିୟନ ମିଜୋରାମ ଦଳର ଖେଳାଳି।



"ଅଷ୍ଟ୍ରେଲିଆର ଆଶେସ ସଫଳତା ପରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ଘଟଣା କ୍ରମେ ମନରୁ ନିଷ୍ପ୍ରଭ ହୋଇଯିବା।
–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର



"ୟୁଏସ୍ ଓପନ ଜିତିପାରି ନ ଥିଲେ ହେଁ ଗତ ୬ ସପ୍ତାହ ଧରି ହାର୍ଡକୋର୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ବହୁତ ଖୁସୀ।
–ଡାନିଲ ମେଡ୍‌ଭେଡେଭ୍, ରୁଷୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ନବୀଙ୍କ ଅବସର



ଚିଟ୍ଟାଗଙ୍ଗ,୯।୯(ପି.ଟି.): ଆଫଗାନିସ୍ତାନ ପୂର୍ବତନ ଅଧିନାୟକ ମହମ୍ମଦ ନବୀ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ଏଠାରେ ସୋମବାର ଶେଷଥିବା ଘରୋଇ ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ୩୪ ବର୍ଷୀୟ ନବୀଙ୍କ ଶେଷ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ବାଂଲାଦେଶକୁ ୨୨୪ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଏହି ଭେଟେରାନ ଖେଳାଳିଙ୍କୁ ବିଜୟ ଭେଟି ଦେଇଛି। ଗତ ୧୮ ବର୍ଷ ହେବ ଆଫଗାନିସ୍ତାନ ପାଇଁ କ୍ରିକେଟ ଖେଳି ଆସୁଥିବା ଅଭିଜ୍ଞ ଅଲରାଉଣ୍ଡର ନବୀ ୩ଟି ଟେଷ୍ଟ ଖେଳି ୩୩ ରନ ଓ ୮ ଉଇକେଟ୍ ଅକ୍ତିଆର କରିଛନ୍ତି। ଗତ ବର୍ଷ ଭାରତ ବିପକ୍ଷରେ ସେ ଟେଷ୍ଟ ଖେଳିଥିଲେ ଓ ଏହା ଆଫଗାନିସ୍ତାନ ପାଇଁ ପ୍ରଥମ ଟେଷ୍ଟ ମ୍ୟାଚ୍ ଥିଲା। ଟେଷ୍ଟରୁ ଅବସର ନେଉଥିଲେ ମଧ ସେ ଦିନିକିଆ ଓ ଟି୨୦ ଖେଳିବା ଜାରି ରଖିବେ। ନବୀ ୧୨୧ଟି ଦିନିକିଆରୁ ୨, ୬୯୯ ରନ ସଂଗ୍ରହ କରିବା ସହ ୧୨୮ଟି ଉଇକେଟ ହାସଲ କରିଛନ୍ତି। ସେହିପରି ସେ ୬୮ ଟି୨୦ ମ୍ୟାଚ୍‌ରୁ ୧, ୧୬୧ ରନ୍ ୬୯ ଉଇକେଟ ନେଇଛନ୍ତି। ବାଂଲାଦେଶ ବିଜୟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିବା ରଶିଦ୍ ଖାଁ ଟ୍ରଫିକୁ ନବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

### ପଣ୍ଟିଂ, କ୍ଲାର୍କଙ୍କୁ ପଛରେ ପକାଇଲେ ଟିମ୍ ପେନ୍

ମାଞ୍ଚେଷ୍ଟର,୯।୯: ବର୍ତ୍ତମାନ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ ଟିମ୍ ପେନ୍‌ଙ୍କୁ ଅପେକ୍ଷା କରିଛି ଏକ ବଡ଼ ସଫଳତା। ଯେଉଁ ସଫଳତାକୁ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଓ ମାଇକେଲ କ୍ଲାର୍କ ହାସଲ କରିପାରି ନ ଥିଲେ, ତାହାକୁ ପେନ ହାତେଇବାକୁ ନିଶ୍ଚିତ କରିଛନ୍ତି। ଗତ ୧୮ ବର୍ଷ ମଧ୍ୟରେ ପ୍ରଥମ ଅଷ୍ଟ୍ରେଲିଆନ ଅଧିନାୟକ ଭାବେ ସେ ଆଶେସ ଟ୍ରଫିକୁ ଆଣିବାକୁ ଯାଉଛନ୍ତି। ବଲ ଟାମ୍ପରିଂ ବିବାଦ ପରେ ହଠାତ୍ ଦଳର ନେତୃତ୍ୱ ପେନଙ୍କୁ ମିଳିଥିଲା। ଇଂଲଣ୍ଡରେ ଆଶେସ ସିରିଜ୍ ଜିତିଥିବା ଅଧିନାୟକଙ୍କ ତାଲିକାରେ ସେ ସ୍ଥାନ ପାଇଛନ୍ତି। ଏଥିରେ ମାର୍କ ଟେଲର, ଷ୍ଟିଭ ୱା ଓ ଡନ ବ୍ରାଡମ୍ୟାନଙ୍କ ଭଳି ଅଧିନାୟକ ରହିଛନ୍ତି। ଉଲ୍ଲେଖଥାଉ କି, ଓଲ୍ଡ ଟ୍ରାଫର୍ଡଠାରେ ଅନୁଷ୍ଠିତ ୪ର୍ଥ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୮୫ ରନ୍‌ରେ ଜିତି ନେଇଛି। ଏଥିସହିତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨-୧ ବ୍ୟବଧାନରେ ଆଗୁଆ ରହିଛି। ଅନ୍ତିମ ଟେଷ୍ଟର ଫଳାଫଳ ଯାହାହେଉ ନା କାହିଁକି, ତାହା ସିରିଜ୍ ନିର୍ଣ୍ଣୟ କରିପାରିବ ନାହିଁ।

# କଳିଙ୍ଗରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ସମେତ ଅନେକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରି ସାରିଥିବା କଳିଙ୍ଗ ଷ୍ଟାଡିୟମ ଉପରେ ଏବେ ପୁଣି କ୍ରୀଡ଼ାପ୍ରେମୀଙ୍କ ନଜର। ଏଠାରେ ଆଗାମୀ ନଭେମ୍ବରରେ ଆୟୋଜିତ ହେବ ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସ ମ୍ୟାଚ। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳର ମ୍ୟାଚ ଏଠାରେ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ସୁଇଜରଲାଣ୍ଡର ଲାଉସାନେସ୍ଥିତ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍ଆଇଏଚ୍)ର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଡ୍ର ଉଠାଣ ପରେ ଏହା ଚୂଡ଼ାନ୍ତ ହୋଇଛି। ଡ୍ର ଅନୁସାରେ ପରସ୍ପରକୁ ଭେଟିବାକୁଥିବା ଦଳ ଗୁଡ଼ିକ ୨ଟି ଲେଖାଏ ମ୍ୟାଚ ଖେଳିବେ। ବିଜେତା ଦଳ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଦଳ ଘରୋଇ ପରିବେଶରେ ମ୍ୟାଚ ଖେଳିବା ନିୟମ ଥିବାରୁ ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଭାରତୀୟ ପୁରୁଷ ଦଳ ରୁଷିଆ ଏବଂ ମହିଳା ଦଳ ଆମେରିକାକୁ ଭେଟିବ। ଲୋ ର୍ୟାଙ୍କିଙ୍ଗପ୍ରାପ୍ତ ରୁଷିଆକୁ ଭେଟିବାକୁ ଯାଉଥିବାରୁ ଭାରତୀୟ ପୁରୁଷ ଦଳପାଇଁ ଅଭିଯାନ ସହଜ ହେବ ବୋଲି ବିବେଚନା କରାଯାଉଛି। ତେବେ ମହିଳା ଦଳକୁ ଆମେରିକା ନିକଟରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୮ ଥର ଅଲିମ୍ପିକ୍ ଚାମ୍ପିୟନ ଭାରତ ବର୍ତ୍ତମାନ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ଥିବାବେଳେ ରୁଷିଆର ର୍ୟାଙ୍କିଙ୍ଗ୍ ୨୨। ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦–୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ଅନ୍ତର୍ଜାତୀୟ ମହିଳା ହକି ର୍ୟାଙ୍କିଙ୍ଗରେ ଭାରତ ଏବେ ୯ମ ସ୍ଥାନରେ ରହିଛି। ଆମେରିକା ୪ଟି ସ୍ଥାନ ତଳେ ଥିଲେ ହେଁ କଡ଼ା ଟକ୍କର ଦେବାକୁ ସକ୍ଷମ। ଶେଷଥରପାଇଁ ଭାରତ ଓ ଆମେରିକା ଲଣ୍ଡନ ବିଶ୍ୱକପରେ ପରସ୍ପରକୁ ଭେଟିଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧–୧ ଗୋଲରେ ଡ୍ର ରହିଥିଲା। ତେଣୁ ରାଣୀ ରାମପାଲଙ୍କ ଭାରତ ପାଇଁ ଅଭିଯାନ ନିଶ୍ଚିତ କଷ୍ଟସାଧ ହେବ।

ଭାରତୀୟ ପୁରୁଷ ହକି ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଦଳର ଅଲିମ୍ପିକ୍ସ ଟିକେଟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। "ଆମେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ପ୍ରତିଶ୍ରୁତିବଦ୍ଧ। ଅଭ୍ୟାସ ସମୟରେ ଆମେ ଡିଫେନ୍ସରେ ରହିଥିବା ତ୍ରୁଟିକୁ ସୁଧାରୁଛୁ। ଟ୍ରେନିଂ ସହିତ କିଛି ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳି ଆମେ କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତ ହୋଇଛୁ" ବୋଲି ରିଡ୍ କହିଛନ୍ତି। "ଆମେ ରୁଷିଆ ଦଳକୁ ଆଦୌ ହାଲ୍‌କା ଭାବେ ନେଉନାହୁଁ। କେବଳ ରୁଷିଆ ନୁହେଁ, ଆମେ କୌଣସି ଟୁର୍ନାମେଣ୍ଟରେ କୌଣସି ବି ଦଳକୁ ହାଲ୍‌କା ଭାବେ ନ ନେବାକୁ କୋଚ୍ ରିଡ୍ ପରାମର୍ଶ ଦେଇଛନ୍ତି। ପ୍ରତିପକ୍ଷ ଦଳକୁ ଆମେ ସବୁବେଳେ ସମ୍ମାନ ଦେଇଥାଉ। ରୁଷିଆ ଏକ ଭଲ ଦଳ। ତେଣୁ ଆତ୍ମସନ୍ତୋଷ ଲାଭ କରିବାର ପ୍ରଶ୍ନ ଉଠୁନାହିଁ। ଏହା ଅଲିମ୍ପିକ୍ କ୍ୱାଲିଫାୟର ହୋଇଥିବାରୁ ରୁଷିଆ ଏଥର ଭଲ ପ୍ରସ୍ତୁତ ହୋଇ ଆସିଥିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ସୁଯୋଗ ପାଇଲେ ଏହି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ। ତେଣୁ ଆମେ ଆମ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ" ବୋଲି ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ମହିଳା ହକି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। "ଭାରତୀୟ ଦଳ ଗତ କିଛିମାସ ଧରି ଉତ୍ତମ ପ୍ରଦର୍ଶନ କରି ଆସୁଛି। ସମସ୍ତ ଖେଳାଳି ଆତ୍ମବିଶ୍ୱାସରେ ଅଛନ୍ତି ଏବଂ ଘରୋଇ ପରିବେଶରେ କ୍ୱାଲିଫାୟର୍ସ ଖେଳିବାକୁ ବ୍ୟଗ୍ର" ବୋଲି ମାରିଜନେ କହିଛନ୍ତି। ଅଲିମ୍ପିକ୍ କ୍ୱାଲିଫାୟର୍ସ ବ୍ୟତୀତ ଭାରତୀୟ ମହିଳା ଦଳ ଚଳିତ ମାସରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। "ଆମେ ଭଲଭାବେ ପ୍ରସ୍ତୁତ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱୀ କିଏ ତାହାକୁ ନେଇ ଚିନ୍ତା କରୁନାହୁଁ। କେବଳ ମ୍ୟାଚ ଉପରେ ଆମର ଫୋକସ ରହିବ। ଆମକୁ କ୍ରମାଗତ ମ୍ୟାଚ ଖେଳିବାର ଅଛି। ତେଣୁ ଆମର ଯେଉଁ ବିଭାଗ ଦୁର୍ବଳ ଅଛି ତାହାକୁ ସୁଧାରି ମ୍ୟାଚ ଜିତିବାକୁ ଚେଷ୍ଟା କରିବୁ" ବୋଲି ଅଧିନାୟିକା ରାଣୀ ରାମପାଲ ପ୍ରକାଶ କରିଛନ୍ତି।

ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଅନ୍ୟ ପୁରୁଷ ଦଳ ଗୁଡ଼ିକ ମଧ୍ୟରେ ନେଦରଲାଣ୍ଡ୍ସ ଘରୋଇ ପରିବେଶରେ ପାକିସ୍ତାନକୁ ଭେଟିବ। ସେହିପରି ଅଷ୍ଟ୍ରିଆକୁ ଜର୍ମାନୀ, ମାଲେସିଆକୁ ଗ୍ରେଟ୍ ବ୍ରିଟେନ, ଫ୍ରାନ୍ସକୁ ସ୍ପେନ, କୋରିଆକୁ ନ୍ୟୁଜିଲାଣ୍ଡ ଏବଂ ଆୟର୍ଲାଣ୍ଡକୁ କାନାଡ଼ା ଘରୋଇ ପରିବେଶରେ ଭେଟିବ। ମହିଳା ବିଭାଗରେ ରୁଷିଆକୁ ଅଷ୍ଟ୍ରେଲିଆ, ଇଟାଲିକୁ ଜର୍ମାନୀ, ଚିଲିକୁ ଗ୍ରେଟ୍ ବ୍ରିଟେନ, କୋରିଆକୁ ସ୍ପେନ, କାନାଡ଼ାକୁ ଆୟର୍ଲାଣ୍ଡ ଏବଂ ବେଲଜିୟମ ସହିତ ଚାଇନା ଘରୋଇ ପରିବେଶରେ ମ୍ୟାଚ ଖେଳିବ।



କଳିଙ୍ଗ ଷ୍ଟାଡିୟମ୍।

- ଭାରତୀୟ ପୁରୁଷ ଦଳ ରୁଷିଆକୁ ଭେଟିବ
- ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା
- ନଭେମ୍ବର ୧, ୨ରେ ପୁରୁଷ ଏବଂ ମହିଳା ବିଭାଗ ମ୍ୟାଚ

### କିଏ କାହାକୁ ଭେଟିବ

ଘରୋଇ-ବାହାର ପରିବେଶ

**ପୁରୁଷ ବିଭାଗ**

ନେଦରଲାଣ୍ଡ୍ସ -ପାକିସ୍ତାନ
ଭାରତ-ରୁଷିଆ
ଜର୍ମାନୀ-ଅଷ୍ଟ୍ରିଆ
ଗ୍ରେଟ୍ ବ୍ରିଟେନ-ମାଲେସିଆ
ସ୍ପେନ-ଫ୍ରାନ୍ସ
ନ୍ୟୁଜିଲାଣ୍ଡ-ଦକ୍ଷିଣ କୋରିଆ
କାନାଡ଼ା-ଆୟର୍ଲାଣ୍ଡ

**ମହିଳା ବିଭାଗ**

ଅଷ୍ଟ୍ରେଲିଆ-ରୁଷିଆ
ଜର୍ମାନୀ-ଇଟାଲି
ଗ୍ରେଟ୍ ବ୍ରିଟେନ-ଚିଲି
ସ୍ପେନ- ଦକ୍ଷିଣ କୋରିଆ
ଆୟର୍ଲାଣ୍ଡ-କାନାଡ଼ା
ଭାରତ-ଆମେରିକା
ଚାଇନା-ବେଲଜିୟମ

■ ବିଶ୍ୱ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ରାଖାଲ, ରମେଶ

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ଦକ୍ଷିଣ କୋରିଆର ଇଞ୍ଚଅନଠାରେ ଚଳିତମାସ ୧୭ରୁ ୨୨ ପର୍ଯ୍ୟନ୍ତ ବିଶ୍ୱ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ ୪ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ୨ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ। କୋରିଆ ହୁଇଲଚେୟାର ଫେନ୍‌ସିଂ ସଂଘ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିପାରିଲେ ପ୍ରତିଯୋଗୀଙ୍କ ପାଇଁ ଟୋକିଓ ପାରାଅଲିମ୍ପିକ୍ସରେ ଭାଗନେବାର ସୁଯୋଗ ସୃଷ୍ଟି ହୋଇପାରିବ। ଚଳିତବର୍ଷ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିବାରୁ ରାଖାଲ ଓ ରମେଶଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ରାଖାଲ ଜାତୀୟ ପ୍ରତିଯୋଗିତାରେ ଦଳଗତ ୨ଟି ସ୍ୱର୍ଣ୍ଣ ଏବଂ ରମେଶ ବ୍ୟକ୍ତିଗତ ଏବଂ ଦଳଗତ ବିଭାଗରେ ମୋଟ ୩ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାପାଇଁ ପ୍ରତିଯୋଗୀଙ୍କୁ ନିଜର ସମସ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଏଥିପାଇଁ ପାଖାପାଖି ୨ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ରାଖାଲ ପ୍ରକାଶ କରିଛନ୍ତି। ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ୨ ପ୍ରତିଯୋଗ ହେଲେ ସନ୍ଦୀପ ଗୌରବ ଓ ବିନୟ ସାବ୍‌ଲେ।



ଭି. ରମେଶ ରାଓ ଓ ରାଖାଲ କୁମାର ସେଠୀ।

# ହ୍ୟାଟ୍ରିକ ବିଜୟ ସେମିରେ ଭାରତ

### ୧୯ ବର୍ଷରୁ କମ୍ ଏସିଆ କପ୍

କଲମ୍ବୋ, ୯।୯

ଶ୍ରୀଲଙ୍କାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଗ୍ରୁପ୍–ଏ'ର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୩ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ କୁଏତ୍ (୭ ଉଇକେଟ୍) ଓ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ (୬୦ ରନ୍)କୁ ପରାସ୍ତ କରିଥିବା ଭାରତ ଏଥିସହ ଟୁର୍ନାମେଣ୍ଟରେ ଲଗାତର ୩ୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଗ୍ରୁପ୍–ଏ'ରେ ଶୀର୍ଷ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛି। ପରାଜୟ ସତ୍ତ୍ୱେ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିଛି। ଗୁରୁବାର ଭାରତ ପ୍ରଥମ ସେମିଫାଇନାଲ ଖେଳିବ। ମଙ୍ଗଳବାର ଗ୍ରୁପ୍–ବି'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହେବ।

ସ୍ଥାନୀୟ କଲମ୍ବୋ କ୍ରିକେଟ୍ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଲୋ–ସ୍କୋରିଂ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଦୁଇ ଭାରତୀୟ ବୋଲର ସୁଶାନ୍ତ ମିଶ୍ର ଓ ଅଥର୍ବ ଆଙ୍କୋଲେକରଙ୍କୁ ସାମ୍ନା କରି ନ ପାରି ୪୦.୧ ଓଭରରେ ୧୨୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଫର୍‌ହାନ ଜଖିଲ (୨୯), ସେଦିକୁଲ୍ଲା ଅଟଲ୍ (୨୫), ଉଇକେଟ୍‌କିପର ମହମ୍ମଦ ଇଶାକ୍ (୧୪) ଓ ଆବିଦୁଲ୍ଲା ତନିୱାଲ (୩୯)ଙ୍କୁ ଛାଡ଼ିଦେଲେ ବାକି ୮ଜଣ ବ୍ୟାଟ୍ସମ୍ୟାନ ୨ ଅଙ୍କବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ। ମଧ୍ୟଗତିର ବୋଲର ସୁଶାନ୍ତ ମିଶ୍ର (୯.୧–୨–୨୦–୫) ଓ ବାମହାତୀ ସ୍ପିନର ଆଙ୍କୋଲେକର (୯–୩–୧୬–୪) ମାରାତ୍ମକ ବୋଲିଂ କରିଥିଲେ। ପୂର୍ଣ୍ଣକ ତ୍ୟାଗୀଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୩୮.୪ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ଅର୍ଜୁନ ଆଜାଦ୍ (୨୧), ସାଲିଲ୍ ଆରୋରା (୨୯) ଓ ଶାଶ୍ୱତ ରାୱତ (୨୯) ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାପର ୪ ଜଣ ଖେଳାଳି ଅଧିନାୟକ ଧ୍ରୁବ ଜୋରେଲ (୦), ବରୁଣ ଲାଭାଣ୍ଡେ (୬), ତିଲକ ବର୍ମା (୧) ଓ ଆଙ୍କୋଲେକର (୭) ଶୀଘ୍ର ଆଉଟ୍ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ କରଣ ଲାଲ୍ ୧୩ ଓ ତ୍ୟାଗୀ ୧୧ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନୁର୍ ଅହମ୍ମଦ ସର୍ବାଧିକ ୪ଟି ଉଇକେଟ୍ ନେଇଥିଲେ।



୫ ଉଇକେଟ୍ ହାସଲକାରୀ ସୁଶାନ୍ତ ମିଶ୍ର।

■ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଉଦ୍‌ଯାପିତ

# ସର୍ବାଧିକ ପଏଣ୍ଟ ପାଇ ଭୁବନେଶ୍ୱର ପ୍ରଥମ

ଧର୍ମଶାଳା,୯।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକସ୍ଥିତ ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟାଏକୋଣ୍ଡୋ ସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ବିଧାୟକ ମୋହନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତିନିଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲ୍ଲାରୁ ୨୦୬ ଜଣ ବାଳିକା ଓ ୩୪୦ ବାଳକଙ୍କୁ ମିଶାଇ ମୋଟ ୫୪୬ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ। ଏହାକୁ ୨୦ଜଣ ଅଫିସିଆଲ ପରିଚାଳନା କରିଥିଲେ। ସବ୍‌ଜୁନିୟର ବାଳିକା ବିଭାଗରେ ଭୁବନେଶ୍ୱର ୩୧ ପଏଣ୍ଟ ଓ ବାଳକ ବିଭାଗରେ କେନ୍ଦୁଝର ୩୭ ପଏଣ୍ଟ ପାଇଛି। ଜୁନିୟର ବାଳିକା ବିଭାଗରେ ଭୁବନେଶ୍ୱର ୨୮ ପଏଣ୍ଟ ଓ ବାଳକ ବିଭାଗରେ ଭୁବନେଶ୍ୱର ୪୬ ପଏଣ୍ଟ ହାସଲ କରିଛି। ସିନିୟର ବାଳିକା ବିଭାଗରେ ଭୁବନେଶ୍ୱର ୨୮ ପଏଣ୍ଟ ଓ ବାଳକ ବିଭାଗରେ କେନ୍ଦ୍ରାପଡା ୩୬ ପଏଣ୍ଟ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସର୍ବାଧିକ ୨୬୫ ପଏଣ୍ଟ ପାଇ ପ୍ରଥମ, କେନ୍ଦ୍ରାପଡା ୧୮୭ ପଏଣ୍ଟ ପାଇ ଦ୍ୱିତୀୟ ଓ କେନ୍ଦୁଝର ୧୨୨ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଯାଜପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସମୀର କୁମାର ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଯୋଗଦେଇଥିଲେ।



ବିଧାୟକ ମୋହନ ମାଝୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ଆଫଗାନିସ୍ତାନର ଐତିହାସିକ ବିଜୟ



ଟ୍ରଫି ସହ ଅଧିନାୟକ ରଶିଦ ଖାଁ।

ଚିଟ୍ଟାଗଙ୍ଗ (ବାଂଲାଦେଶ), ୯।୯ (ଏଏଫପି)

ଅଧିନାୟକ ତଥା ରଶିଦ ଖାଁଙ୍କ ଚମତ୍କାର ବୋଲିଂ ବଳରେ ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶକୁ ୨୨୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଐତିହାସିକ ବିଜୟ ହାସଲ କରିଛି। ୩୯୮ ରନର ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୭୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ସୋମବାର ନାଟକୀୟ ଖେଳ ଦେଖିବାକୁ ମିଳିଥିଲା। ବିଜୟ ପାଇଁ ଆଫଗାନିସ୍ତାନକୁ ୪ ଉଇକେଟ୍ ଓ ବାଂଲାଦେଶକୁ ଆହୁରି ୨୬୨ ରନ ଆବଶ୍ୟକ ହେଉଥିବାବେଳେ ବର୍ଷା କିନ୍ତୁ ସବୁ ଓଲଟପାଲଟ କରିଦେଇଥିଲା। ଦିବସର ପ୍ରଥମ ଓ ୨ୟ ସେସନ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଅନ୍ତିମ ସେସନରେ ବର୍ଷା ଛାଡ଼ିବା ପରେ ଖେଳ ଆରମ୍ଭ ହୋଇଥିବାବେଳେ ଆଫଗାନିସ୍ତାନ ୧୭.୨ ଓଭରରେ ବଳକା ୪ ଉଇକେଟ୍ ଅକ୍ତିଆର କରି ବାଂଲାଦେଶକୁ ୧୭୩ ରନରେ ସୀମିତ ରଖିବା ସହ ସ୍ମରଣୀୟ ବିଜୟ ହାସଲ କରିଥିଲା। ପୂର୍ବଦିନର ଅପରାଜିତ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଶାକିବ ଅଲ୍ ହାସନ ନିଜ ସ୍କୋରରେ ଆଉ ୫ ରନ ଯୋଡ଼ି ୪୪ ରନରେ ଆଉଟ୍ ହେବାପରେ ଘରୋଇ ଦଳର ଡ୍ର' ଆଶା ମଉଳି ଯାଇଥିଲା। ଦ୍ୱିତୀୟ ଇନିଂସରେ ୬ ସହ ମ୍ୟାଚ୍‌ରେ ମୋଟ୍ ୧୧ ଉଇକେଟ୍ ହାସଲ କରି ଲେଗ୍–ସ୍ପିନର ରଶିଦ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୨୦ ବଲ୍ ବାକି ରହିଥିବାବେଳେ ସୌମ୍ୟ ସରକାରଙ୍କୁ ଆଉଟ୍ କରି ରଶିଦ୍ ଆଫଗାନିସ୍ତାନ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଆଫଗାନିସ୍ତାନ ଟେଷ୍ଟ ଇତିହାସରେ ୩ ମ୍ୟାଚ୍‌ରୁ ୨ୟ ବିଜୟ ଲାଭ କରିଛି। ଏହାପୂର୍ବରୁ ଦଳ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଏଥିସହ ଆଫଗାନିସ୍ତାନ କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିବାରେ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଛି। ଅଷ୍ଟ୍ରେଲିଆ ୧୮୭୯ରେ ୩ ମ୍ୟାଚ୍ ଖେଳି ୨ ବିଜୟ ଲାଭ କରିଥିଲା।

**ସଂକ୍ଷିପ୍ତ ସ୍କୋର:**

**ଆଫଗାନିସ୍ତାନ ପ୍ରଥମ ଇନିଂସ–** ୩୪୨/୧୦
**ବାଂଲାଦେଶ ପ୍ରଥମ ଇନିଂସ–** ୨୦୫/୧୦
**ଆଫଗାନିସ୍ତାନ ୨ୟ ଇନିଂସ–** ୨୬୦/୧୦
**ବାଂଲାଦେଶ ୨ୟ ଇନିଂସ–** ୧୭୩/୧୦, ୬୧.୪ ଓଭର (ଇସଲାମ ୪୧, ଶାକିବ ୪୪, ମୁଶଫିକର ୨୩, ସୌମ୍ୟ ସର୍କାର ୧୫, ରଶିଦ ୬/୪୯)

### ରଶିଦ୍‌ଙ୍କ କୃତିତ୍ୱ

- ସର୍ବକନିଷ୍ଠ ଅଧିନାୟକ ଭାବେ ଟେଷ୍ଟ ମ୍ୟାଚ୍ ଜିତିବାର କୀର୍ତ୍ତିମାନ ରଶିଦ ଖାଁ (୨୦ ବର୍ଷ, ୩୫୦ ଦିନ)ଙ୍କ ନାମରେ ଲିପିବଦ୍ଧ ହୋଇଛି।
- ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ୧୦ ଉଇକେଟ୍ ସହ ୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ବିଶ୍ୱର ପ୍ରଥମ କ୍ରିକେଟର।
- ପ୍ରଥମ ଦେଶ ଭାବେ ବାଂଲାଦେଶ ୧୦ଟି ଭିନ୍ନ ଦେଶଠାରୁ ଟେଷ୍ଟ ମ୍ୟାଚ୍‌ରେ ପରାଜୟବରଣ କରିଛି।
- ରହମତ୍ ଶାହ (୧୦୨) ଆଫଗାନିସ୍ତାନର ପ୍ରଥମ ଟେଷ୍ଟ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

### କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିଥିବା ଦେଶ

| ଦେଶ | ମ୍ୟାଚ୍ |
|---|---|
| ଅଷ୍ଟ୍ରେଲିଆ | ୩ |
| ଆଫଗାନିସ୍ତାନ | ୩ |
| ଇଂଲଣ୍ଡ | ୪ |
| ପାକିସ୍ତାନ | ୯ |
| ୱେଷ୍ଟଇଣ୍ଡିଜ | ୧୨ |
| ଦକ୍ଷିଣ ଆଫ୍ରିକା | ୧୩ |
| ଶ୍ରୀଲଙ୍କା | ୨୦ |
| ଭାରତ | ୩୦ |
| ଜିମ୍ବାୱେ | ୩୧ |
| ନ୍ୟୁଜିଲାଣ୍ଡ | ୫୫ |
| ବାଂଲାଦେଶ | ୬୦ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୧୯ Sambalpur, Tuesday, September 10 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଅଜିତ୍


ଚିନୁ


ଚିନ୍ମୟ


ଆକାଶ


ଟିଙ୍କୁ


ଆଲୋକ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# କଫ୍ ସିରପ୍ ଚାଲାଣ, ୪ ଗିରଫ

- ଛତିଶଗଡ଼ରୁ ଲମ୍ବିଛି ଚେର
- ୨ବ୍ୟବହୃତ କାର ଜବତ
- ୧ଲକ୍ଷ ୧୪ହଜାର ଶହେ ଟଙ୍କା ଜବତ
- ୧୪୪୦ ବୋତଲ କଫ୍ ସିରପ୍ ଜବତ

ବରଗଡ଼ ଅଫିସ୍,୯।୯

ବରଗଡ଼ ଜିଲା ପୋଲିସ ଏକ ଆନ୍ତଃରାଜ୍ୟ କଫ୍ ସିରପ୍ ଚାଲାଣ ର୍ୟାକେଟ୍‌କୁ ଠାବ କରିଛି । ଏହି ର୍ୟାକେଟ୍‌ର ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଟାଉନ ଥାନା ବୁଢ଼ାରଜା ଶକ୍ତି ନଗରର ଚନ୍ଦ୍ରଶେଖର ଚାନ୍ଦ(୩୧), ଛତିଶଗଡ଼ ରାୟପୁର ଜିଲା ଦୁର୍ଗ କୋଟୱାଲି ଥାନା ପଦ୍ରିପରା ଇନ୍ଦିରା ମାର୍କେଟ୍‌ର ଭିପୁଲ ଅଗ୍ରୱାଲ(୨୩), ଗଞ୍ଜପଡ଼ାର ଭବେଶ ଜୈନ(୨୨) ଏବଂ ଛତିଶଗଡ଼ ରାୟପୁର ଜିଲା ଡି.ଡି ନଗର ଥାନା ଅଗ୍ରୋହ ସୋସାଇଟି ଜେ-୧ ନିବାସୀ ଯାଦବେନ୍ଦ୍ର ସିଂ ଓରଫ୍ ଜଗା (୩୮) । ପୋଲିସ ସେମାନଙ୍କ ପାଖରୁ ଗୋଟିଏ ହ୍ୟୁଣ୍ଡାଇ ଗେଜ୍ କାର୍ (ନଂ.ସିଜି୦୪ଏଚ୍/୪୦୮୭), ଗୋଟିଏ ଏଟିଅସ୍ ଲିଭା କାର୍(ନଂ.ସିଜି୦୭ଏଏଲ/୬୩୦୦), ୧୪୪୦ ବୋତଲ କଫ୍ ସିରପ୍, ୧୦୫ଟି ଆଲପ୍ରାକ୍ସ ନିଶା ବଟିକା, ୬ଟି ମୋବାଇଲ, ନଗଦ ୧ଲକ୍ଷ ୧୪ହଜାର ୧୦୦ ଟଙ୍କା ଏବଂ ଏଟିଏମ, ଆଧାର କାର୍ଡ଼ ଜବତ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋହେଲା କୋର୍ଟକୁ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ସୋହେଲା ସବ୍‌ଜେଲକୁ ପଠାଇ ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ସୋମବାର ସନ୍ଧ୍ୟାରେ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ରବିବାର ସନ୍ଧ୍ୟାରେ ସୋହେଲା ଥାନା ଗ୍ରୀଞ୍ଜେଲ ଛକରେ ସବଇନ୍ସପେକ୍ଟର ଅମିତ୍ ଜେସ୍‌ଙ୍କ ନେତୃତ୍ୱରେ ମୋଟରଯାନ ଯାଞ୍ଚ ଚାଲିଥିଲା । ଯାଞ୍ଚବେଳେ ଜବତ କାର୍‌ରେ ଥିବା ଅଭିଯୁକ୍ତ ଭିପୁଲ ଓ ଚନ୍ଦ୍ରଶେଖର ଗାଡ଼ିର ଆବଶ୍ୟକ କାଗଜାତ୍ ଦେଖାଇ ପାରି ନ ଥିଲେ । ଫଳରେ ପୋଲିସ ସେହି ଗାଡ଼ିକୁ ଯାଞ୍ଚ କରିଥିଲା ଏବଂ ଯାଞ୍ଚରେ ସମ୍ପୃକ୍ତ କାର୍ ସମେତ ସେଥିରେ ରହିଥିବା କଫ୍ ସିରପ୍, ନିଶା ବଟିକା ଏବଂ ନଗଦ ୧୬୦୦ ଟଙ୍କା, ଏଟିଏମ, ଆଧାର କାର୍ଡ଼ ଜବତ କରିଥିଲା । ଗିରଫ ଅଭିଯୁକ୍ତଙ୍କୁ ଜେରା କରିବା ପରେ ଜବତ କଫ୍ ସିରପ୍‌କୁ ଅଭିଯୁକ୍ତମାନେ ଛତିଶଗଡ଼ରୁ ଗିରଫ ହୋଇଥିବା ଅନ୍ୟ ୨ ଅଭିଯୁକ୍ତ ଭବେଶ ଓ ଯାଦବେନ୍ଦ୍ରଙ୍କୁ ୧ଲକ୍ଷ ଟଙ୍କା ଦେଇ ଆଣିଥିବା କହିଥିଲେ । ଏହାପରେ ସୋହେଲା ଥାନା ଆଇଆଇସି ଏନ. କେ ମହାପାତ୍ରଙ୍କ ନେତୃତ୍ୱରେ ଆଉ ଏକ ଟିମ୍ ସେଠାକୁ ଯାଇଥିଲା ଏବଂ ସେଠାରେ ଚଢ଼ାଉ କରି ଭବେଶ, ଯାଦବେନ୍ଦ୍ରଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୧୨ହଜାର ୫୦୦ ଟଙ୍କା, ଏଟିଅସ୍ ଲିଭା କାର୍ ଓ ୨ଟି ମୋବାଇଲ ଜବତ କରିଥିବା ଏସପି ସାହୁ ସୂଚନା ଦେଇଥିଲେ । ସେହିପରି ଅଭିଯୁକ୍ତମାନେ ଛତିଶଗଡ଼ରୁ ଏଭଳି କଫ୍ ସିରପ୍ ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଅଞ୍ଚଳକୁ ଚାଲାଣ କରି ବିପୁଳ ଟଙ୍କା ରୋଜଗାର କରୁଥିବା ଏବଂ କଫ୍ ସିରପ୍‌ରେ ନିଶା ବଟିକା ମିଶାଇ ବିକ୍ରି କରୁଥିବା ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ସାହୁ କହିଥିଲେ । ଏହା ସହିତ ଗିରଫ ଅଭିଯୁକ୍ତ ଭବେଶଙ୍କ ବିରୋଧରେ ପୂର୍ବରୁ କୋଟୱାଲି ଥାନାରେ ଏକ ମାମଲା ରହିଛି। ସେ ଜେଲରୁ ମୁକୁଳିବା ପରେ ଏଭଳି ନିଶା କାରବାର ଚଳାଇ ଆସୁଥିବାବେଳେ ଅନ୍ୟତମ ଅଭିଯୁକ୍ତ ଚନ୍ଦ୍ରଶେଖର ବରଗଡ଼ ସଦର ଥାନାର ଅନ୍ୟ ଏକ ଅପହରଣ ମାମଲାର ଅଭିଯୁକ୍ତ ବୋଲି ସେ ସୂଚନା ଦେଇଥିଲେ ।

# ଭାଟି କର୍ମଚାରୀଙ୍କୁ ହତ୍ୟା ମାମଲା, ୨ ଗିରଫ

ବରଗଡ଼ ଅଫିସ୍,୯।୯

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଢ଼େନ ଥାନା ଅନ୍ତର୍ଗତ ବିରିପାଲି ଭାଟିରେ ରବିବାର ସଂଘଟିତ ଭାଟି କର୍ମଚାରୀ ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଢ଼େନ ଥାନା ଭେଲୁଆଁପଦର ନିବାସୀ ଭଗବାନ ବରିହା(୨୦) ଏବଂ ପଦ୍ମପୁର ଥାନା କଂସର ଗ୍ରାମର ଜଗଦୀଶ ବିଶ୍ୱାଲ(୧୯)। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବୁଢ଼େନ ଥାନାରେ ଦଫା ୩୦୨/୩୪ ଆଇପିସିରେ ଏକ ମାମଲା (ନଂ.୬୮/୧୯) ରୁଜୁ ହୋଇଛି। ସୋମବାର ଗିରଫ ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେଠାରୁ ସେମାନଙ୍କୁ ପଦ୍ମପୁର ସବଜେଲ ହାଜତକୁ ପଠାଇ ଦିଆଯାଇଛି ।


ଗିରଫ ୨ ହତ୍ୟା ଅଭିଯୁକ୍ତ ।

ସୋମବାର ସନ୍ଧ୍ୟାରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ କହିଥିଲେ, ରବିବାର ଝାଡ଼ଖଣ୍ଡ ରାଜ୍ୟ ଲୋହରାଡେଗା ଜିଲା କୁଡୁ ଥାନା ତାଟି ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁଢ଼େନ ଥାନା ବିରିପାଲି ଭାଟିରେ କାମ କରୁଥିବା କର୍ମଚାରୀ ପ୍ରମୋଦ ସ(୨୯)ଙ୍କୁ ହତ୍ୟା କରାଯାଇଥିଲା । ଏ ନେଇ ଭାଟିରେ କାମ କରୁଥିବା ଅନ୍ୟ ଜଣେ କର୍ମଚାରୀ ଝାଡ଼ଖଣ୍ଡ ରାଜ୍ୟ ପାଲାମୁ ଜିଲା ପଣ୍ଡୁ ଥାନା ମହୁଗାମା ଗ୍ରାମର ମୂଳ ବାସିନ୍ଦା ଭାରଦୁଲ ପ୍ରସାଦ(୪୬) ବୁଢ଼େନ ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ଉପରୋକ୍ତ ମାମଲା ରୁଜୁକରି ପୋଲିସ ତନାଘନା ଚଳାଇଥିଲା। ତଦନ୍ତ ବେଳେ ଗିରଫ ଅଭିଯୁକ୍ତମାନେ ପ୍ରମୋଦଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା ଏବଂ ଅଧିକ ମଦ ନ ଦେବା ଯୋଗୁ ସେମାନେ ଏକ ଧାରୁଆ ଛୁରିରେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଥିଲେ ବୋଲି ଏସ୍‌ପି ସାହୁ କହିଥିଲେ। ଅଭିଯୁକ୍ତଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଧାରୁଆ ଛୁରି ମଧ୍ୟ ଜବତ କରାଯାଇଛି। ପ୍ରକାଶଥାଉ କି, ରବିବାର ବିରିପାଲି ମଦଭାଟିରେ କର୍ମଚାରୀ ପ୍ରମୋଦଙ୍କୁ ଛୁରି ଭୁସି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ । ଏହାପରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

**ଦାଦନ ଖଟିବାକୁ ଯାଉଥିବା ବେଳେ ଟ୍ରେନ୍‌ରୁ ଖସିପଡି ମୃତ**

# ପୁଅର ମୃତଦେହ ଆଣିବାକୁ ମା’ର ଗୁହାରି

ବୌଦ୍ଧ,୯।୯(ସ୍ୱ.ପ୍ର)

ବୌଦ୍ଧ ଜିଲାର ଜଣେ ଦାଦନ ଶ୍ରମିକ ବଲାଙ୍ଗୀର ରେଳ ଷ୍ଟେଶନରୁ ତାମିଲନାଡୁ ଯାଉଥିବାବେଳେ ଟ୍ରେନ୍‌ରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବୌଦ୍ଧ ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତର ମେଣ୍ଟିମାଳ ଗ୍ରାମର ଦେବର୍ଷି କହଁର(୨୩) । ଦେବର୍ଷିଙ୍କ ମୃତଦେହକୁ ଘରକୁ ଆଣିବା ପାଇଁ ପରିବାର ଲୋକେ ପ୍ରଶାସନ ନିକଟରେ ସୋମବାର ଗୁହାରି କରିଛନ୍ତି । ସୂଚନା ପାଇ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକା ଦେବର୍ଷିଙ୍କ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଏହା ସହିତ ଦାଦନଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦେଇଥିଲେ । ସେହିପରି ଜିଲା ଶ୍ରମ ଅଧିକାରୀ ରାଇକା ନେଲୋର ଜିଲାପାଳଙ୍କ ସହ ଆଲୋଚନା କରି ମୃତଦେହ ପଠାଇବାକୁ ଅନୁରୋଧ କରିଥିବା ଜଣାପଡିଛି। ଦାଦନଙ୍କ ମୃତଦେହ ଆଣିବାକୁ ଦେବର୍ଷିଙ୍କ କାକା ଉତ୍ତମ କହଁର ଓ ଗ୍ରାମର ଧରଣୀ ଧର କହଁରଙ୍କୁ ପଠାଯାଇଥିବା ଜିଲା ଶ୍ରମ ଅଧିକାରୀ ରାଇକା ସୂଚନା ଦେଇଛନ୍ତି ।

ଦେବର୍ଷି ଓ ଗ୍ରାମର ଅନ୍ୟ ଦୁଇଜଣ ଯୁବକ ଦାଦନ ଖଟିବାକୁ ଗତ ଶୁକ୍ରବାର ଘରୁ ବାହାରି ତାମିଲନାଡୁ ଯିବାକୁ ବଲାଙ୍ଗୀର ଷ୍ଟେଶନରୁ ଟ୍ରେନରେ ବସିଥିଲେ । ଗତ ୭ ତାରିଖ ଶନିବାର ରାତିରେ ଦେବର୍ଷି ଟ୍ରେନ୍‌ରୁ କୌଣସି କାରଣରୁ ଆନ୍ଧ୍ରପ୍ରଦେଶର ନେଲୋର ଷ୍ଟେଶନ ପାଖାପାଖି ଖସିପଡିଥିଲେ। ଅନ୍ୟ ଦୁଇ ଯୁବକ କିଛି ନ କହି ତାମିଲନାଡୁ ଚାଲିଯାଇଥିଲେ। ଦେବର୍ଷି ରେଳଧାରଣା ପାର୍ଶ୍ୱରେ ପଡିଥିବା ଦେଖି ସ୍ଥାନୀୟ ଜିଆରପି ପୋଲିସ ତାଙ୍କୁ ନେଲୋର ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେତେବେଳକୁ ଦେବର୍ଷିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଏ ନେଇ ନେଲୋର ଜିଆରପି ପୋଲିସ ଦେବର୍ଷିଙ୍କ ପକେଟରେ ଥିବା ଆଧାର କାର୍ଡରୁ ଠିକଣା ଜାଣିପାରି ବୌଦ୍ଧ ଥାନାକୁ ସୂଚନା ଦେଇଥିଲା। ପରେ ବୌଦ୍ଧ ପୋଲିସ ପକ୍ଷରୁ ଦେବର୍ଷିଙ୍କ ପରିବାରକୁ ରବିବାର ସନ୍ଧ୍ୟାରେ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏପଟେ ଦେବର୍ଷିଙ୍କ ବାପା ଭଗବାନ କହଁର ଜଣେ ଭିନ୍ନକ୍ଷମ ଓ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ମାଁ ଭାନୁମତି କହଁର ମୃତ ପୁଅକୁ ବୌଦ୍ଧ ଆଣିବାକୁ ସୋମବାର ଜିଲାପାଳ ଓ ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ।

## ମଦ ବିକ୍ରେତାଙ୍କୁ ଧରିଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୯।୯

ବରଗଡ଼ ସହର ଉପକଣ୍ଠ ବରଢ଼ୋଲ ଗ୍ରାମବାସୀ ଗ୍ରାମକୁ ନିଶାମୁକ୍ତ କରିବାକୁ ସଂକଳ୍ପ ନେଇଛନ୍ତି । ଏଥିପାଇଁ ଗ୍ରାମରେ ବାରମ୍ବାର ସଚେତନତା ରାଲି, ସଭା ଆଦି କରାଯାଉଛି । ହେଲେ ଜଣେ ଗ୍ରାମର ଜଣେ ଲୋକ ଗ୍ରାମବାସୀଙ୍କ ସେଭଳି ନିଷ୍ପତ୍ତିକୁ ବେଖାତିର ଚୋରାମଦ କାରବାର ଚଳାଇଥିବା ଅଭିଯୋଗ ହୋଇଥିଲା। ଏହା ଜାଣିବା ପରେ ଗ୍ରାମବାସୀ ସମ୍ପୃକ୍ତ ଲୋକଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ସୂଚନା ମିଳିଛି ।

## ଦେଶୀ ମଦ କାରବାର ଅଭିଯୋଗରେ ୬ ଗିରଫ

ରାଜଗାଙ୍ଗପୁର, ୯।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ୬ଜଣଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୫୮ ଲିଟର ଦେଶୀ ମଦ ଜବତ ହୋଇଛି। ଏମାନେ ହେଲେ ଢ଼େଲୁଆ ଗ୍ରାମର କେଶବ ବାର୍ଲା, ଅନିତା ବାର୍ଲା, କୁକୁଡା ଗ୍ରାମର ମଙ୍ଗଳା ସିଂ, ତାନାଟୋଲି ଗ୍ରାମର ବିଶେସନୀ ବଡାଇକ, ହୀରା ବଡାଇକ ଓ ରାମ ବଡାଇକ।

## ସାପ କାମୁଡାରେ ମହିଳା ମୃତ

ପୁରୁଣାକଟକ,୯।୯(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ମହାଲିକପଡା ପଞ୍ଚାୟତ ଅନ୍ତର୍ଗତ ବଡନନ୍ଦାଗାଡୁ ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି । ମୃତା ମହିଳା ହେଲେ ଦ୍ରୌପଦୀ ଦେହୁରୀ (୪୫)। ଦ୍ରୌପଦୀ ଘରେ ଶୋଇଥିବା ବେଳେ ଏକ ଚିତିସାପ ତାଙ୍କର ଡାହାଣ ହାତକୁ କାମୁଡି ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପୁରୁଣାକଟକ ଓ ପରେ ବୌଦ୍ଧ ନିଆଯାଇଥିଲା । ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ।

**ସାତ୍‌ସପନ ହେଇଛେ ସରକାରୀ ସାହାଯ୍**

# ଗୁଟେ ପରିବାର: ୪ ଭିନ୍ନକ୍ଷମ ଭାଇବହେନ୍

ପର୍ଲା, ୯।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲର ଧଅଁରପୁର ପଁଚେତ୍ ଅଧୀନ ଭାଲୁଚୁଆ ଗାଁରେ ଗୁଟେ ପରିବାରର ୪ ଭାଇବହେନ୍ ଭିନ୍ନକ୍ଷମ ଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ ଧଅଁରପୁର ଗାଁର ଦୁଷ୍ମନ୍ତ ଜାଲକଁର ଦୁଇ ଭାଇ ରାଜସିଂ ଜାଲ ଆର କ୍ଷୀତିରାମ ଜାଲ। ତିନ୍‌ହିଁ ଭାଇ ଏକ୍‌ଠାନିଆ ମିଶିଗୁଲି ଗୁଟେ ଜାଗାରେ ରହୁଛନ୍। ଦୁଷ୍ମନ୍ତକଁର ୩ ଝିଁପୁଓ ଭିତ୍‌ରୁ ଝିଁ ଦେବକୀ(୭), ରେବତୀ(୨) ଭିନ୍ନକ୍ଷମ ଆଏ। ସେନ୍‌ତା ମଝିଆଁ ଭାଇ ରାଜସିଂ ଜାଲକଁର ୩ ଝିଁପୁଓ ଭିତ୍‌ରୁ ମଝିଆଁ ଝିଁ ସୁଭଦ୍ରା(୨) ଜନ୍‌ମୁ ଅଁଧ୍ ଆଏ। ସାନ୍ ଭାଇ କ୍ଷୀତିରାମ ଜାଲକଁର ୨ ଝିଁପୁଓ ଭିତରୁ ସାନ ପୁଓ ତେଜେଶ୍ୱର(୩) ବି ଜନ୍‌ମୁ ଅଁଧ୍ ଥିବାର ଜନାଯାଇଛେ। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଳେ ସଭେ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ଏନ୍‌ତାଥି ଘରେ ସବୁବେଲେ ଅଭାବ ଅନାଟନ ଲାଗିରହିଛେ। ଯେନ୍‌ଥିରଲାଗି ତିନ୍‌ହିଁ ଭାଇ ଟଁକା ପଏସା ଅଭାବୁ ଛୁଆପିଲାକର ଉଚ ଚିକିଛା କରେଇ ନାଇଁପାରବାର। ପରିବାର ଲୋକ୍ ଘରର ବାସନ୍‌କୁସନ, ଗହନାଗାଁଠି ବିକି ଛୁଆକୁ ଚିକିଛା ଲାଗି ଜିଲା ମୁଖିଆ ଡାକ୍‌ତରଖାନା ଭବାନୀପାଟଣାକେ ନେଇଥିଲେ। ହେଲେ ସେଠାନେ ଡାକ୍‌ତର ଛୁଆକର ଉଚ ଚିକିଛା ଦରକାର ଅଛେ, ସେଥିରଲାଗି ବଡ଼ ଡାକ୍‌ତରଖାନାକେ ନେଇ ଚିକିଛା କରାବାକେ ପରାମଶ୍ ଦେଇଥିଲେ। ଇଆଡ଼େ ଯେ ସରକାର ଦିବ୍ୟାଙ୍ଗମାନଙ୍କୁଁ ଅନେକ ପରକାର ସୁବିଧା ସୁଯୋଗ ଯୁଗେଇ ଦେଉଛନ୍। ହେଲେ ଇ ଅସାହା ପରିବାରର ୪ ଭିନ୍ନକ୍ଷମ ଭାଇବହେନ୍ ସବୁପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ସର୍ଭେ କରି ଦିବ୍ୟାଙ୍ଗମାନକୁ ପରମାନପତର ଯୁଗେଇ ଦିଆଯାଉଛେ। ହେଲେ ଦୁଖର କଥା ଇ ୪ ଦିବ୍ୟାଙ୍ଗ ଭାଇବହେନ୍ ଦିବ୍ୟାଙ୍ଗ ପରମାନପତର ପାଏବାରୁ ବି ବଁଚିତ୍ ହେଇ ରହିଛନ୍। ଏହେଦେ ପରିବାର ଲୋକ୍ ୪ ଦିବ୍ୟାଙ୍ଗ ଛୁଆପିଲାକର ଚିକିଛା, ଭବିଷତ୍ ନେଇ ଚିନ୍‌ତାରେ ପଡ଼ିଛନ୍। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଖାସ୍ ଦ୍ରୁଷ୍‌ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଅଶୋକ କୁମାର ଭୋଇକୁଁ ପଚରାଲାରୁ ସରକାରୀ ନିୟମ ହିସାବେ ଛୁଆମାନକୁ ଆର ପରିବାରକେ ସାହାଯ୍ ଯୁଗେଇ ଦିଆଯିବା ବଲି କହିଥିଲେ।


ଗୁଟେ ପରିବାରର ୪ ଦିବ୍ୟାଙ୍ଗ ଭାଇବହେନ୍।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ, ମନ ସବୁ ସୁଦ୍ଧ ହୋଇଯାଏ।

-ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ଘଣ୍ଟାପଡା, ୯।୯ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ୪ ସପ୍ତାହ ଧରି ଚାଲଇଥିବା ଖୁଦୁରୁକୁଣୀ ଓଷା ରବିବାର ଉଦ୍‌ଯାପିତ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପର୍ବରେ ଘଣ୍ଟାପଡା ତଳିପଡା ଓ ଉପରପଡାର ଛୋଟ ଝିଅଠୁ ବୃଦ୍ଧା ପର୍ଯ୍ୟନ୍ତ ନିଷ୍ଠାର ସହିତ ଉପାସ ରହି ମାଁ ମଙ୍ଗଳାଙ୍କ ନିକଟରେ ଭାଇର ଶୁଭ କାମନା କରି ବ୍ରତ ରଖିଥିଲେ । ରବିବାର ଦିନ ତମାମ ସେମାନେ ଉପାସ ରହି ପୂଜା ଶେଷ ହେବା ପରେ ରାତି ୧୦ଟାରେ ଭୋଜନ କରିଥିଲେ ।

### ଭୂମିହୀନଙ୍କୁ ଜମି ବଣ୍ଟନ ପାଇଁ ଦାବି

ପାଇକମାଳ, ୯।୯(ଡି.ଏନ.ଏ)
ପାଇକମାଳ ବ୍ଲକର ଅଧିକାଂଶ ଗ୍ରାମର ଲୋକେ ଏକର ଏକର ସରକାରୀ ଜମି, ଗୋଚର, ରକ୍ଷିତ, ସର୍ବସାଧାରଣ କିସମର ଜମିକୁ ଜବରଦଖଲ କରି ରଖିଛନ୍ତି। ପାଇକମାଳ ଜର୍ଜଗଡ ଗ୍ରାମରେ ମଧ୍ୟ ଅନେକ ଲୋକ ସରକାରୀ ଜମିକୁ ଦଖଲ କରି ରଖିଥିବା ଦେଖିବାକୁ ମିଳିଛି। କିନ୍ତୁ ସରକାରୀ ଅଫିସ୍ ନିର୍ମାଣ ପାଇଁ ଜମି ଖୋଜା ଚାଲିଥିବା ବେଳେ ଏହି ଜମି ଗୁଡିକ କାହାରିକୁ ଦେଖା ଯାଉନାହିଁ। ସେହିପରି ଘର ନିର୍ମାଣ ପାଇଁ ଜମିହୀନମାନଙ୍କୁ ସରକାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ମଧ୍ୟ ସେମାନଙ୍କୁ ଗାଁ ପାଖରେ ଜମି ଟିକିଏ ମିଳୁନାହିଁ। ତେଣୁ ଯେଉଁ ଲୋକମାନେ ଏକର ଏକର ସରକାରୀ ଜମି ଜବରଦଖଲ କରିଛନ୍ତି। ଉକ୍ତ ସରକାରୀ ଜମିକୁ ଉଚ୍ଛେଦ କରି ଗରିବ ଜମିହୀନ ଲୋକଙ୍କୁ ୪ ଡେସିମିଲ ଲେଖାଏ ଦେବାକୁ ଦାବି ହେଉଛି ।

### ବାଙ୍ଗାଲୋରରେ ନୂଆଖାଇ ଭେଟଘାଟ

ପାଇକମାଳ, ୯।୯ (ଡି.ଏନ.ଏ)
ବାଙ୍ଗାଲୋରଠାରେ ଜୁହାର ପରିବାର ତରଫରୁ ନୂଆଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ସମ୍ବଲପୁରୀ ସାହିତ୍ୟ, ଗୀତ, ବାଦ୍ୟ, ନାଚ ହୋଇଥିବା ବେଳେ ନୂଆଖାଇ ଭେଟଘାଟ ହୋଇଥିଲା। ଦୁବାଇ ଠାରେ କାର୍ଯ୍ୟରତ ଇଞ୍ଜିନିୟର ଜମଲା ଗ୍ରାମର ପ୍ରଶାନ୍ତ ମେହେର ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇଥିଲେ। ତାଙ୍କ ରଚିତ ସମ୍ବଲପୁରୀ କବିତା ମାଟିର ମହକ ଉନ୍ମୋଚନ କରାଯାଇଥିଲା। ପଦ୍ମିନୀ ମିଶ୍ର ଓ ବିଶ୍ୱଜିତ ବାବୁ ଉପସ୍ଥିତ ଥିଲେ ।

### ମୂର୍ତ୍ତି ବିସର୍ଜନ ସହ ଖୁଦୁରୁକୁଣୀ ଓଷା ସରିଲା

ଅତାବିରା, ୯।୯ (ଡି.ଏନ.ଏ)
ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଗ୍ରାମାଞ୍ଚଳରେ ଖୁଦୁରୁକୁଣୀ ଓଷା ରବିବାର ଶେଷ ହୋଇଛି । ସୋମବାର ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଝିଅପୁଅମାନେ ଏକତା ରକ୍ଷା କରି ଦେବୀଙ୍କୁ ବିସର୍ଜନ କରିବା ପାଇଁ ଏକ ବିରାଟ ଶୋଭାଯାତ୍ରାରେ ମହାନଦୀ ପର୍ଯ୍ୟନ୍ତ ଯାଇଥିଲେ । ବିସର୍ଜନ ସମୟରେ ଛୋଟ ଛୋଟ ଝିଅ ପୁଅଙ୍କ ରଙ୍ଗାରଙ୍ଗ ନାଚ ଦେଖିବାକୁ ଦର୍ଶକଙ୍କ ଭିଡ ଜମିଥିଲା। ଗାୟତ୍ରୀ ବେହେରା, ସୁବିତ୍ରା ବାଗ, ଟୁମକି ବେହେରା, ମିକି ସେଟ, ଜାହ୍ନବୀ ଦନ୍ତା, ଜାହ୍ନବୀ ବେହେରା ଶତାଧିକ ଝିଅମାନେ ଓଷା ପାଳନ କରିଥିଲେ। ପଣ୍ଡିତ ପରୀକ୍ଷିତ ପୁରୋହିତ, ଜଗନ୍ନାଥ ପୁରୋହିତ ହୋମଯଜ୍ଞ ମନ୍ତ୍ର ପାଠ କରିଥିଲେ ।

### ପରିବର୍ତ୍ତନକାରୀଙ୍କ ତାଲିମ ଶିବିର

ବାଉଁଶୁଣୀ, ୯।୯ (ଡି.ଏନ.ଏ): ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟରେ ୧୦୦ ଜଣ ଶିଶୁକୁ ନେଇ ପରିବର୍ତ୍ତନକାରୀମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୱାଇସିଜିଏ ଅନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର ମେହେର ଶିବିର ପରିଚାଳନା କରିଥିଲେ। ଅଙ୍ଗୁରବାଳା ମେହେର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଗୋପାଳ ମେହେର ଓ ରୋଜାଲିନ ପରିଜା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରକାଶ ପାଣ୍ଡେ, ଶୋଭାଗିନୀ ରାଜହଂସ, ପ୍ରଣୟିନୀ ଲେଙ୍କା, ମହେଶ ମେହେର ଉପସ୍ଥିତ ଥିଲେ । ବିମଳ ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଗାପୂଜା ପାଇଁ କଳାକାର ବରଣ

ପାଇକମାଳ, ୯।୯ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡୋସିଲଠାରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତାପ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬୮ତମ ଦୁର୍ଗାପୂଜା ମହାସମାରୋହରେ ପାଳନ କରିବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜନସାଧାରଣଙ୍କର ମନୋରଞ୍ଜନ ସକାଶେ ପ୍ରତିବର୍ଷ ପରି ରାବଣ ଭୂମିକା ପାଇଁ ପଙ୍କଜ କର୍ଣ୍ଣ, ମନ୍ତ୍ରୀ ବାବା ଓ ଲକ୍ଷ୍ମୀ ମେହେର ଏବଂ ରାମ ଭୂମିକାରେ ଓଂ ପ୍ରକାସ ରଣାଙ୍କୁ ଚୟନ କରି ବରଣ କରାଯାଇଥିଲା। ରାବଣ ଓରାମ ଅଭିନେତାଙ୍କୁ ପ୍ରତାପ ପଟ୍ଟନାୟକ ଓ ଦନସିଂ ପଟେଲ ଆଙ୍ଗାମାଳ ଦେଇ ବରଣ କରିଥିଲେ।



ରାମ ଓ ରାବଣ କଳାକାରଙ୍କୁ ବରଣ କରାଯାଉଛି ।

ଏହି ସମୟରେ ସୁବାସ ହଂସ, ଗୁରୁ ପ୍ରସାଦ ଦଣ୍ଡସନା, ବସନ୍ତ ଖୁଣ୍ଟିଆ, ଭରତ ନାଗ, ସୁରେଶ ହଂସ, କୌସ୍ତୁବ ସାହୁ, ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପୂଜା କମିଟି ସଭାପତି ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ବୌଦ୍ଧ,୯।୯(ସ୍ୱ.ପ୍ର)

ବୌଦ୍ଧର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସଂସ୍କୃତ ଅଧ୍ୟାପକ ଦେବଦତ୍ତ ପଟ୍ଟନାୟକ ମାର୍ଗଦର୍ଶନ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ହୃଷିକେଶ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଅଧ୍ୟାପକ ପ୍ରତାପ ରଥ, ନବୀନ କୁମାର ଶତପଥୀ, ସୁଶାନ୍ତ କୁମାର ପଣ୍ଡା, ଅଶୋକ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ଟ୍ରେଜେରୀ ଅଧିକାରୀ ଧରଣୀଧର ଦାଶ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଜ୍ଞାନ ମିଶନ ବୌଦ୍ଧ ଶାଖାର କର୍ମକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ସୌମିତ୍ରୀ କୁମାର ପଲିଆ, ବିଶିକେଶନ ପ୍ରଧାନ ଓ ସମୀର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# ସମ୍ବଲପୁରୀରେ ରାଧାଷ୍ଟମୀ ପୂଜା

ପଦ୍ମପୁର, ୯।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ସରେଇକେଲା ଗ୍ରାମ ପଞ୍ଚାୟତ ଅଧୀନ ସମ୍ବଲପୁରୀ ଗ୍ରାମରେ ସୋମବାର ରାଧାଷ୍ଟମୀ ପୂଜା ମହାସମାରୋହରେ ପାଳିତ ହୋଇଛି। ବୀରବର ପ୍ରଧାନ ଓ ତାଙ୍କର ସ୍ତ୍ରୀ ନିର୍ମଳା ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ମନୋଜ ସାହୁ ପୂଜାର୍ଚ୍ଚନା କରିଥିଲେ । ଶତାଧିକ ଭକ୍ତ ଯୋଗଦାନ କରି ଭାଗବତ ପୁରାଣ ପାଠ କରିଥିଲେ। ପରେ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା। ଉଷତ ପ୍ରଧାନ, ଜୟଲାଲ ପ୍ରଧାନ, ପଞ୍ଚା ଜାଲ, ନାରାୟଣ ଭୋଇ, ଭିତ୍ରଭାନୁ ସାହୁ, ଗୌତମ ପ୍ରଧାନ, ପୂର୍ଣ୍ଣାନନ୍ଦ ଭୋଇ, ଡୋଳାମଣି ଭୁଏ ପ୍ରମୁଖ ସହଯୋଗ କରିଥିଲେ ।

■ ସମୟ ନିର୍ଘଣ୍ଟକୁ ନେଇ ବିବାଦ

# ବୌଦ୍ଧ ସମ୍ବଲପୁର ବସ୍ ଚଳାଚଳ ବନ୍ଦ

ବୌଦ୍ଧ,୯।୯(ସ୍ୱ.ପ୍ର)

ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଗତ ୧୮ ତାରିଖରେ ସମୟ ନିର୍ଘଣ୍ଟକୁ ବେସରକାରୀ ବସ ଚଳାଚଳ ବନ୍ଦ ହୋଇଥିଲା। ସେହି ସମୟରେ ସମସ୍ୟାର ସମାଧାନ ପାଇଁ କିଛି ଦିନ ସମୟ ଦରକାର ବୋଲି ସମ୍ବଲପୁର ବସ୍ ମାଲିକ ସଂଘ ବୌଦ୍ଧ ମାଲିକ ସଂଘକୁ କହିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହା ଭିତରେ ୨୦ ଦିନ ବିତି ଯାଇଥିଲେ ସୁଧା କିଛି ସମାଧାନ କରା ନ ଯିବାରୁ ପୁନର୍ବାର ସୋମବାର ଠାରୁ ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ସମସ୍ତ ଘରୋଇ ବସ୍‌କୁ ବନ୍ଦ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବସ୍ ମାଲିକ ସଂଘର ସୁଧୀର କୁମାର ମହାପାତ୍ର ସମ୍ବଲପୁରରୁ ଫୁଲବାଣୀ ବସ୍ ଚଳାଚଳ କରିବାକୁ ୨୦୧୭ ମସିହା ଠାରୁ ପରମିଟ କରିଛନ୍ତି । ପରମିଟ ଅନୁଯାୟୀ ବସ୍‌ଟି ସକାଳୁ ସମ୍ବଲପୁରରୁ ବାହାରି ଫୁଲବାଣୀ ଯିବ ଓ ଅପରାହ୍ନରେ ସମ୍ବଲପୁର ଫେରିବ। ପରିମଟ ଅନୁଯାୟୀ ବସ ଚଳାଚଳ କରିବାକୁ ମହାପାତ୍ର ଦୀର୍ଘ ୨ ବର୍ଷ ହେବ ସମ୍ବଲପୁର ଘରୋଇ ବସ୍ ସଂଘକୁ ସମୟ ଦେବାକୁ ଆବେଦନ କରିଥିଲେ । ସମ୍ବଲପୁର ସଂଘ ପକ୍ଷରୁ କୁଆଡେ ସମୟ ଦିଆଯାଉ ନ ଥିଲା । ଏଥିପାଇଁ ବହୁବାର ବୌଦ୍ଧ ଘରୋଇ ବସ୍ ମାଲିକ ସଂଘ ସମ୍ବଲପୁର ସଂଘର ସମସ୍ତ ବସକୁ ମଧ୍ୟ ବୌଦ୍ଧକୁ ଆସିବା ପାଇଁ ମନା କରିଦେଇଛନ୍ତି । ସୋମବାର ଗାଡି ଚଳାଚଳ ବନ୍ଦ ରହିଥିବା ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ବାଉଁଶୁଣୀ, ୯।୯ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଦୁଲିଆ ପଞ୍ଚାୟତ ସାଲେଇପଡା ୱାଇସିଜିଏ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଛି। ଏଥିରେ ମୁଦୁଲିଆ ସରପଞ୍ଚ ମନ୍ଦାକିନୀ ଭୋଇନା ମୁଖ୍ୟଅତିଥି, ଆଞ୍ଚଳିକ ଗୋଷ୍ଠୀ ସାଧନକେନ୍ଦ୍ର ପରିଚାଳକ ଯୋଗେନ୍ଦ୍ର ଭୋଇ, ଶଗଡା ସାଧନ କେନ୍ଦ୍ରର ପରିଚାଳକ ପ୍ରମୋଦ କର ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ଗୋପାଳ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜକୁ ସାକ୍ଷରତା ସମ୍ବନ୍ଧରେ ସଚେତନତା କରାଇ ନିରକ୍ଷରତା ହ୍ରାସକୁ କମାଇବା ଏବଂ ଅଞ୍ଚଳର ସମସ୍ତ ଶିଶୁ ଶିକ୍ଷା ମୁଖ୍ୟ ସ୍ରୋତରେ ସାମିଲ ହେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ । ଏହି ସଭାରେ ରୋଜାଲିନ ପରିଜା ଶପଥ ପାଠ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ ସ୍ମରଣିକା ସିଂ ପରିଚାଳନା କରିଥିଲେ । ବବୁନ ଦାସ, କବିତା ମେହେର, ସୁରେନ୍ଦ୍ର ମେହେର, ରାଜିନ ପ୍ରଧାନ, ପ୍ରକାଶ ସାହୁ, ପ୍ରକାଶ ପାଣ୍ଡେ, ଆଲୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୃଷ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ ମୁହେଁ ଆଁଠେ କାଦୋ

ଜାମଟିକ୍ରା, ୯।୯ (ଡି.ଏନ୍.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଜାମଟିକ୍ରା ଗାନ୍ଧୀ ଏମ୍‌ଇ ସ୍କୁଲ ସାମ୍‌ନାରେ ପାଏନ୍ ଚୁଡ଼ି ରହିବାର ଲାଗି ଆଁଠେ କାଦୋ ହେଇଛେ। ଯେନ୍‌ଥିରଲାଗି ସ୍କୁଲର ଛାତ୍ରୀଛାତ୍ର ପରିସର ଭିତିରକେ ଗଲାଅଏଲା ବେଲେ ବଡ଼ଭାରି ସମସିଆର ସାମନା କରୁଛନ୍। ସ୍କୁଲ ଫାଟକ୍ ମୁହେଁ ବନେ ଖଁଡ଼େ ଦୂର କାଦୋ ହେଇଛେ। ହେଲେ ଦୁଖର କଥା ସ୍କୁଲରେ ଛୋଟ୍ ଛୋଟ୍ ଛୁଆ ପାଠ୍ ପଢୁଥିଲାବେଲେ ପରିବେଶ ଉପରେ କାହାରି ନିଘାନାଇଁ। ବରଷା ହେଲେ ଫାଟକ୍ ମୁହେଁ ପାଏନ୍ ଚୁଡ଼ି ରହୁଛେ, ସେ ପାଏନ୍ ସେଠାନେ ମରି ଆଁଠେ କାଦୋ ହେଉଛେ। ବେଶି ବରଷା ହେଲେ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ଭୁଏ ନିଜେ ରଫା ଧରି ପାଏନ୍ କାଟୁଥବାର ଅନେକ ସମିଆରେ ଦେଖିବାକେ ମିଲୁଛେ। ଏନ୍‌ତାଥି ସ୍କୁଲ ପରିବେଶ ଅସ୍‌କୁରା ହେବାର ସଂଗେ ଛୁଆକର ଭିତରେ ନାନା ରୋଗ୍ ବହପିବାର ଭଏ ରହିଛେ। ଇଆଡ଼େ ସ୍କୁଲ ପତ୍ତୁରପକ୍ଷ, ପରିଚାଳନା କମିଟି ଆର ବ୍ଲକ ଶିକ୍ଷା ଅଧିକାରୀ ଘଟନା ଉପରେ ଆଏଁଖି ମୁଜିଦେବାରଟା ନିହାତି ଗୁଟେ ଦୁଖର କଥା ବଲି ଅଭିଭାବକମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ଭୁଏଙ୍କୁ ପଚରାଲାରୁ ବହୁତ ଜଲଦି ସମସିଆର ସମାଧାନ କରାଯିବା ବଲି ସେ କହିଛନ୍।





ଗାନ୍ଧୀ ଏମ୍‌ଇ ସ୍କୁଲ ଆଘେ ହେଇଥିବାର ଆଁଠେ କାଦୋ।

## ସାପ କାମୁଡାରେ ଯୁବତୀ ମୃତ

ବରଗଡ଼ ଅଫିସ୍,୯।୯

ସାପ କାମୁଡାରେ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ସିଂଘୋଡ଼ା ଥାନା ଛିବିରା ଗ୍ରାମର ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବତୀ ଜଣକ କାଳିଆ ଥପାଙ୍କ ଝିଅ ଆଶା ଥପା(୨୫) ବୋଲି ଜଣାପଡ଼ିଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିବାବେଳେ ତାଙ୍କୁ ଡାକ୍ତର ଏଠାରେ ମୃତ ଘୋଷଣା କରିଥିଲେ । ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁଯାୟୀ, ରବିବାର ଯୁବତୀ ଜଣକ ବଗିଚାରେ ଝୁଲେର ତୋଳୁଥିଲେ । ଏହି ସମୟରେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା । ଏହାପରେ ପରିବାର ଲୋକେ ଡାକ୍ତରଖାନା ଆଣିବା ବଦଳରେ ଜଣେ ଗୁଣିଆଙ୍କ ପାଖକୁ ନେଇ ଝଡ଼ାଫୁଙ୍କା କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ସୋହେଲା ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରୁ ଯୁବତୀଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

# ଶିମିଳିପଦରରେ ଷ୍ଟ୍ରିଟ ଲାଇଟ୍ ଅଚଳ

ମନମୁଣ୍ଡା, ୯।୯ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମାର ଷ୍ଟ୍ରିଟ୍ ଲାଇଟ ଦୀର୍ଘ ପ୍ରାୟ ୬ ମାସ ହେବ ଅଚଳ ହୋଇ ପଡିରହିଛି। ଏପରିକି ସେବା ସମବାୟ ସମିତିର ସୋଲାର ଲାଇଟ ମଧ ଜଳୁନାହିଁ। ରାସ୍ତାଘାଟ ଅନ୍ଧାର ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟ କର୍ଦ୍ଦମାକ୍ତ ଯୋଗୁ ଅନ୍ଧାରରେ ଯିବା ଆସିବାରେ ଘୋର ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ବର୍ଷା ଦିନରେ ସାପ, କଣ୍ଟିଆ ଯୋଗୁ ଅନ୍ଧାରରେ ଯିବାକୁ ଲୋକେ ଭୟ କରୁଛନ୍ତି। ଅସାମାଜିକ ବ୍ୟକ୍ତି, ଦୁର୍ବୃତ୍ତଙ୍କ ଭୟ ରହୁଛି। ସମାଜସେବୀ କୃପାସିନ୍ଧୁ ସୁନା ଏ ନେଇ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରି ନ ନାହିଁ । ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଷ୍ଟ୍ରିଟ୍ ଲାଇଟ ଜଳାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

# ଜିଲାପାଳଙ୍କ ଅଫିସ୍ ଘେରାଉ ପାଇଁ ପ୍ରସ୍ତୁତି

ଜହ୍ନାପଙ୍କ, ୯।୯ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବଢ଼ିଗାଁ ଗ୍ରାମର ଶ୍ରୀଜଗନ୍ନାଥ ମଣ୍ଡପଠାରେ ବୌଦ୍ଧ ବ୍ଲକ ଭାରତୀୟ କିଶାନ ସଂଘର ଏକ ପ୍ରସ୍ତୁତି ବୈଠକ ସଭାପତି ନବୀନ ପ୍ରଧାନଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୧୮ ମସିହାରେ ମରୁଡି ସହାୟତା ଓ କ୍ଷତିଗ୍ରସ୍ତ ହୋଇଥିବା ଚାଷର ସହାୟତା ରାଶି ସରକାର ଆଜି ପର୍ଯ୍ୟନ୍ତ ଦେଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ତେଣୁ ଆସନ୍ତା ୧୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଭିକ୍ଷୋଭ କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଚାଷୀ ସଙ୍ଗଠକ ବିଶିକେଶନ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ଭୋଳାଗିରି ସାହୁ, ବୌଦ୍ଧ ବ୍ଲକ ସମ୍ପାଦକ ପ୍ରମୋଦ ନାୟକ, ବୌଦ୍ଧ ବ୍ଲକ କିଶାନ ସଂଘ ଉପସଭାପତି ସୁରେଶ ମହାକୁଡ, ଉପଦେଷ୍ଟା ସୂର୍ଯ୍ୟନାରାୟଣ ମହାପାତ୍ର ଏବଂ ବରିଷ୍ଠ କୃଷକ ନବକିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ । ଗଙ୍ଗାଧର ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା

ସରଣ୍ଡା,୯।୯(ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ପଞ୍ଚାୟତ ଯୋଗୀପାଲିର ସୁବାଷ ଚନ୍ଦ୍ର ଭୋଇ, ପ୍ରତାପ ଚନ୍ଦ୍ର ଭୋଇ ଏବଂ ପ୍ରମୋଦ କୁମାର ଭୋଇଙ୍କ ଘର ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଫଳରେ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ତଦନ୍ତ କରି ବିହିତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ପରିବାର ଲୋକେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସହାୟତା ପାଇଁ ନିବେଦନ କରିଛନ୍ତି । ସେହିପରି ସେମାନେ ସ୍ଥାନୀୟ ସରପଞ୍ଚ ଉର୍ମିଳା ବେହେରାଙ୍କୁ ମଧ୍ୟ ଜଣାଇଛନ୍ତି ।

# ସାକ୍ଷରତା ଦିବସରେ କବିତା ପାଠ

ବରଗଡ଼ ଅଫିସ୍,୯।୯

ବରଗଡ଼ ସିମେଣ୍ଟନଗରସ୍ଥିତ ଏସିସି ବିକାଶ ସ୍କୁଲରେ ସୋମବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ବିଶ୍ୱ ସାକ୍ଷରତା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ କିଭଳି ସାକ୍ଷରତା ହାର ବଢ଼ିବ, ତାର ବିଭିନ୍ନ ଦିଗ ଉପରେ ଅଧ୍ୟକ୍ଷ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଛାତ୍ର ଆର୍ଯ୍ୟନ ରାୟ ବିଶ୍ୱ ସାକ୍ଷରତା ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀ ଆରାଧ୍ୟା ତ୍ରିପାଠୀ ଇଂରାଜୀରେ କବିତା ପାଠ କରିଥିଲେ। ସେହିପରି ଛାତ୍ରୀ ରାସେଶ୍ୱରୀ ହୋତା ଏବଂ ଜରିନ୍ ଅଫ୍‌ସା ହୁସେନ ଗୀତ ଗାଇଥିଲେ। ଛାତ୍ର ଅନୁରାଗ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



ବିଶ୍ୱ ସାକ୍ଷରତା ଦିବସ ଉପରେ ଛାତ୍ରୀଛାତ୍ର ଗୀତ ଗାଉଛନ୍ତି ।

# ସଭ୍ୟ ସଂଗ୍ରହ ପାଇଁ ବିଜେଡ଼ିର ପ୍ରସ୍ତୁତି





ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକରେ ବିଜେଡ଼ି ନେତୃବୃନ୍ଦ ।

ବରଗଡ଼ ଅଫିସ୍,୯।୯

ବରଗଡ଼ରେ ସୋମବାର ଜିଲାସ୍ତରୀୟ ବିଜେଡ଼ି ପରିବର୍ଦ୍ଧିତ କାର୍ଯ୍ୟକାରିରୀ ବୈଠକ ଓ ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳର ଜିଲା ସଭାପତି ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟସଭା ସଦସ୍ୟ ତଥା ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ବିଜେଡ଼ି ସଭ୍ୟ ସଂଖ୍ୟା ଚଳିତବର୍ଷ ଦ୍ୱିଗୁଣିତ କରିବା ପାଇଁ ଆହ୍ୱାନ କରିଥିଲେ । ଏହା ସହିତ ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦଳର ବହୁମୁଖୀ ଯୋଜନା ଉପରେ ଆଲୋକପାତ କରି ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଦଳର ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ନେଇ ଲୋକଙ୍କ ପାଖକୁ ପହଞ୍ଚିବା ସହିତ ସଭ୍ୟ ସଂଗ୍ରହ ଅଭିଯାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ପୂର୍ବତନ ବିଜେପୁର ବିଧାୟିକା ରୀତା ସାହୁ, ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଜାତା ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ ସୌଭାଗ୍ୟ ରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ରହି ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ବିଜେଡ଼ି ଜିଲା ପରିଷଦ ସଭ୍ୟା,ସଭ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅଚ୍ୟୁତାନନ୍ଦ ମହାପାତ୍ର, ଜିଲା ଉପସଭାପତି ବିମଳ କିଶୋର ଦେବତା, ପୂର୍ବତନ ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ବରଗଡ଼ ଟାଉନ ସଭାପତି କିଶୋର ମିଶ୍ର, ଭେଡ଼େନ ବ୍ଲକ ଭାପତି ହରିଶଙ୍କର ବେହେରା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ବରଗଡ଼**
- ବରଗଡ଼ ମହିଳା କଲେଜ ନୂତନ କୋଠାର ଉଦଘାଟନ, କଲେଜ ପରିସର, ଅପରାହ୍ନ ୪ଟା।

**ଟିଟିଲାଗଡ଼**
ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଉପଜିଲାପାଳଙ୍କ ସଭାଗୃହ, ୧୦ଟା।

## ସଂକ୍ଷେପରେ

### ଶୌଚ ଯାଇଥିବା ଯୁବତୀଙ୍କୁ ବଳାତ୍କାର

**ରେଙ୍ଗାଲି, ୯।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ କତରବଗା ଗ୍ରାମରେ ଶୌଚ ପାଇଁ ଯାଇଥିବା ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ସେହି ଗ୍ରାମର ନିତ୍ୟାନନ୍ଦ ସେଠ (୨୨) । ଗତ ୬ ତାରିଖ ଗ୍ରାମର ଏହି ଯୁବତୀ ଜଣକ ସକାଳୁ ସକାଳୁ ଘର ପାଖରେ ଶୌଚ ପାଇଁ ଯାଇଥିଲେ। ହେଲେ ଏତିକି ବେଳେ ଯୁବତୀଙ୍କୁ ଏକା ଦେଖି ଅଭିଯୁକ୍ତ ବଳାତ୍କାର କରିଥିଲେ। ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବାରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ବଳାତ୍କାର ମାମଲା ରୁଜୁ କରି ତଦନ୍ତ କରୁଥିଲା । ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟ ଯୁବତୀ ଏବଂ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ ଶେଷରେ ପୋଲିସ କୋର୍ଟ ଚାଲାଣ କରିଛି।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

**ଟିପିଲିମା, ୯।୯ (ଡି.ଏନ.ଏ.):** ଭାରତୀ କଳା ବିକାଶ କେନ୍ଦ୍ର ପରିସରରେ ଚଳିତ ବର୍ଷର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ରୂପରେଖ ପାଇଁ ଅଧକ୍ଷ ଅଲେଖ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୯ ତାରିଖ ସନ୍ଧ୍ୟାରେ ଭାରତୀ କ୍ଲବରେ ଭେଟଘାଟ ଅନୁଷ୍ଠିତ ହେବ ବୋଲି ସ୍ଥିର କରା ଯାଇଛି।

### କର୍ଡୋଲାରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ଟିପିଲିମା, ୯।୯ (ଡି.ଏନ.ଏ):** କର୍ଡୋଲାରେ ଖୁଦୁରୁକୁଣି ଓଷା ଉଦଯାପିତ ହୋଇଛି। ସମସ୍ତ ପୂଜାକାର୍ଯ୍ୟକୁ ପଣ୍ଡିତ ପ୍ରଫୁଲ୍ଲ ନାୟକ ସମ୍ପାଦନ କରିଥିଲେ। ବରଗଡ ପଙ୍କଜିନୀ ମେହେର, କୁନା ଡନସନା, ନିରମା ପ୍ରଧାନ, ପୁଷ୍ପାଞ୍ଜଳି ସେଟ, ସୀମା ମହାଲିଙ୍ଗ, ରୀମା ସେଟ, ରଶ୍ମିତା ମେହେର ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଟିପିଲିମା ଗାଁ, ଚାରପାଲି, ଭେଲୁଆପାଲି, କୁଡାପାଲିରେ ମଧ ଖୁଦୁରୁକୁଣୀ ଓଷା ପାଳିତ ହୋଇଛି।

### ପାଲା କଳାକାର, ଶିକ୍ଷାବିତ୍ ସମ୍ମାନିତ

**ବଡଗାଁ, ୯।୯ (ଡି.ଏନ.ଏ.):** ସୁନ୍ଦରଗଡ ଜିଲାର ୪ଜଣଙ୍କୁ ନିଖିଳ ଓଡିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯାଇଛି । ମହାସଂଘ ପକ୍ଷରୁ ୭ ତାରିଖ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ୧୯ତମ ବାର୍ଷିକ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ନୂଆଁଖାଇ ଭେଟ୍‌ଘାଟ: କଳାକାରଙ୍କୁ ସମ୍ବର୍ଦ୍ଧନା

**ବିନିକା,୯।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠୀ ଗ୍ରାମ ଆଜାଦ୍ ୟୁଥ୍ କ୍ଲବ ପକ୍ଷରୁ ୧୯ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର କଳାକାରମାନେ ଯୋଗଦେଇ ନୂଆଁଖାଇ ଭେଟ୍‌ଘାଟ୍ ସନ୍ଧ୍ୟାକୁ ଆକର୍ଷଣ କରିଥିଲେ। ଚାଷୀନେତା ଭୀମସେନ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଚରଦା ସରପଞ୍ଚ ସଦାନନ୍ଦ ଥନାପତି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଳାକାର ଗୋପାଳ ପଣ୍ଡା, ଶାଶ୍ୱତ କୁମାର ତ୍ରିପାଠୀ, କ୍ଲବ ସଭ୍ୟ ଜୟମଙ୍ଗଳ ବିଶି, ଶଙ୍କରା ପେକ୍ସ ସଭାପତି ଧର୍ମରାଜ ପଣ୍ଡା, କ୍ଲବ ସଭାପତି ଆନନ୍ଦ ହୋତା, ସାଧାରଣ ସମ୍ପାଦକ ନିଳାମ୍ବର ସାହୁ, ଗଣେଶ ମେହେର, ଚନ୍ଦ୍ରଶେଖର ମେହେର, ବନମାଳି ମେହେର, ଦେବଦତ୍ତ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଜୁନିୟର ଡ୍ୟାନ୍ସ ପ୍ରତିଯୋଗିତାରେ ରାମପୁରର ଆୟୁଷି ନାଏକଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବରଗଡ଼ର ଚୂଡାମଣୀ ସାହୁଙ୍କୁ ଦ୍ୱିତୀୟ ଏବଂ ବରଗଡ଼ର ଜିତେନ୍ କୁମାର ସାହୁଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସିନିୟର ଡ୍ୟାନ୍ସ ଗ୍ରୁପ ପ୍ରତିଯୋଗିତାରେ କୁମଡ଼ା ଗ୍ରାମର ଭାଗ୍ୟଶ୍ରୀ ସାହୁଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବରଗଡ଼ର ବଳରାମ ସାହୁଙ୍କୁ ଦ୍ୱିତୀୟ ଏବଂ ବିନିକା ବ୍ଲକର ପିଙ୍କୁ ମେହେରଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୁନି କୁନି ପିଲାମାନେ ଚିତାକର୍ଷକ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସି କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲେ। ନୂଆଁଖାଇ ଭେଟ୍‌ଘାଟ୍ ପରିଚାଳନା କମିଟି ସଭାପତି ଦିଗାମ୍ବର ସାହୁ, ଉପସଭାପତି ଜୁବୁଲି ପଣ୍ଡା, ସମ୍ପାଦକ ଅନ୍ତର୍ଯାମୀ ମିଶ୍ର, ସହ ସମ୍ପାଦକ ବାବୁଲାଲ ମେହେରଙ୍କ ସମେତ ଶେଖର ଶର୍ମା, ସମୀର ରଞ୍ଜନ ପଣ୍ଡା, ଗଜାନନ ପୁଟେଲ, ସୁଜିତ କର୍ଣ୍ଣଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବୁଡାକଟା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଉସ୍ରା ବିଜୟୀ, ବାଣ୍ଟୁପଡା ରନର୍ସଅପ

**କୁତ୍ରା,୯।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ବୁଡାକଟା ଗ୍ରାମରେ ଲକ୍ଷ୍ମୀ କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ଉସ୍ରା ଏବଂ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉସ୍ରା ଦଳ ବିଜୟ ଲାଭ କରିଥିଲା । ଦ୍ୱିତୀୟ ସେମିଫାଇନାଲ ବାଣ୍ଟୁପଡା ଓ ବୁଡାକଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବାଣ୍ଟୁପଡା ଦଳ ବିଜୟୀ ଲାଭ କରିଥିଲା। ପରେ ବାଣ୍ଟୁପଡା ଓ ଉସ୍ରା ଦଳ ମଧ୍ୟରେ ଫାଇନାଲ ଖେଳରେ ଉସ୍ରା ଦଳ ବିଜୟ ହୋଇଥିବା ବେଳେ ବାଣ୍ଟୁପଡା ଦଳ ରନର୍ସଅପ୍ ହୋଇଛି। ପୂର୍ବତନ ବିଧାୟକ ମୁଖରାମ ନାୟକ, ଜିଲା ପରିଷଦ ସଭ୍ୟ ଶରତ ସା, ପ୍ରତାପ ଦାନୀ, ଫକିର ବରିହା, ଟଙ୍କଧର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

### କାର୍‌କୁ ସମ୍ମୁଖରୁ ଧକ୍କା ଦେଲା ଆମ୍ବୁଲାନ୍ସ

# ନିଶାସକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

**ସୋନପୁର,୯।୯(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଫକୀର ପଟ୍ଟନାୟକ ଛକ ନିକଟରେ ହୋଣ୍ଡା ସିଟି କାରକୁ ସମ୍ବଲପୁର ଜିଲା ରେଢାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ ସମ୍ମୁଖ ପଟୁ ଧକ୍କା ଦେଇଥିଲା । ରବିବାର ରାତିରେ ଏହି ଘଟଣା ଘଟିଥିଲା । ଆମ୍ବୁଲାନ୍ସ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉ ଥିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲେ । ନୂତନ ମୋଟର ଯାନ ଆଇନ–୨୦୧୯ ଲାଗୁ ହେବା ପରେ ଆରଟିଓ ଓ ପୋଲିସ ଯାଞ୍ଚ କଡାକଡି କରାଯାଉଛି । ଏଭଳି ସ୍ଥିତିରେ ଜଣେ ନିଶାସକ୍ତ ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ ଚଳାଇବା ପାଇଁ କିଭଳି ଅନୁମତି ମିଳିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ତରଭା ଥାନା ମେଣ୍ଡା ଅଞ୍ଚଳର ସତ୍ୟ କୁମାର ସାଙ୍କୁ ଗିରଫ କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା ।

ସହରର ସିଣ୍ଡିକେଟ୍ ବ୍ୟାଙ୍କର ଶାଖା ପରିଚାଳକ ଆଶିଷ ମହାନ୍ତି ହୋଣ୍ଡା ସିଟି କାର (ନଂ.ଓଡି୦୨ଏଜି–୫୫୧୫)ରେ ଘୋଡାଘାଟପଡା ପଟୁ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିଲେ । ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ଆମ୍ବୁଲାନ୍ସ (ନଂ.ଓଡି୧୫ଜେ–୧୬୫୫) ଧକ୍କା ଦେଇଥିଲା । ଦୁର୍ଘଟଣା ଯୋଗୁ କାର୍‌ର ସମ୍ମୁଖ ଭାଗ ଭାଙ୍ଗି ଯାଇଥିଲା । ଡ୍ରାଇଭର ପ୍ରଚୁର ମଦ୍ୟପାନ କରିଥିବା ବେଳେ ଆମ୍ବୁଲାନ୍ସ ଆଗ ସିଟ୍‌ରେ ଏକ ଟେଲିଭିଜନ ଥିଲା। ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଗାଡିକୁ ଡ୍ରାଇଭର କିଭଳି ରେଢାଖୋଲରୁ ସୋନପୁର ଆଣିଲେ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ତାହା ଆଲୋଚନାର ବିଷୟ ପାଲଟିଥିଲା। କାର ମାଲିକ ଆଶିଷ ମହାନ୍ତି ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି ।




ଦୁର୍ଘଟଣା ଗ୍ରସ୍ତ କାର ଓ ଆମ୍ବୁଲାନ୍ସ ।

## ଛିନ୍‌ସ୍ଥାନ ଡୁଙ୍ଗୁରିରେ ଆରଏସଏସର ନୂଆଁଖାଇ ଭେଟ୍‌ଘାଟ

**ସୋନପୁର,୯।୯(ନି.ପ୍ର.)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ସୁବର୍ଣ୍ଣପୁର ନଗର ପକ୍ଷରୁ ନୂଆଁଖାଇ ଭେଟଘାଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହର ଉପକଣ୍ଠ ଛିନ୍‌ସ୍ଥାନ ଡୁଙ୍ଗୁରିଠାରେ ଅନୁଷ୍ଠିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ଏହି କୃଷି ଭିତ୍ତିକ ପର୍ବର ପରମ୍ପରା, ବିଶେଷତା ଓ ଇତିହାସ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କିଭଳି ଆହୁରି ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ମତପ୍ରକାଶ ପାଇଥିଲା। ଭେଟ୍‌ଘାଟ ଅବସରରେ ସଙ୍ଗୀତ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଆରଏସଏସର ବରିଷ୍ଠ କର୍ମକର୍ତ୍ତା ଦିଲୀପ ତ୍ରିପାଠୀ, ମହେନ୍ଦ୍ର ମହଲିକ, ମାଙ୍ଗୁ ସେଠୀ, ହୃଷିକେଶ ଭୋଇ, ହରିହର ଶତପଥୀ, ନିରଞ୍ଜନ ତ୍ରିପାଠୀ, ରଶ୍ମିରଞ୍ଜନ ଦାସ, ପ୍ରଣବ ନାୟକ, ଓଁପ୍ରକାଶ ରଥ, ଜୟଦ୍ରଥ ଜଗଦଲା, ଜନାର୍ଦ୍ଦନ ନାୟକ, ଧର୍ମେନ୍ଦ୍ର ବଡମାଲି ଓ ଶିକ୍ଷାବିତ୍ ଗୋରେଖନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ବିନିକା,୯।୯(ଡି.ଏନ୍.ଏ.)**

ଆମର ରାଏଜେ ବାରବାସେ ୧୩ ପରବ୍ ପାଲନ୍ ହେଉଛେ। ସେ ଭିତ୍ରୁ ଖୁଦୁରୁକୁଣୀ ଓଷା ଅଲଗ୍ ଆଏ। ଇ ଓଷା ଫିବଛର ଭୁଦୋମାସର ୪ ପାଲି ରଏବାର ପାଲନ୍ କରାଯାଏସି। ମା'ବହେନ୍‌ମାନେ ଇ ଉଷାକେ ନିଷ୍ଠାର ସହିତ ପାଲନ୍ କରସନ୍। ସେନ୍ତା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଅନେକ ଗାଁଗଁଡ଼ାରେ ଗଲା ରଏବାର ଧୁମ୍‌ଧାମ୍‌ରେ ଖୁଦୁରୁକୁଣୀ ଉଷା ଉଦ୍‌ଯାପିତ ହେଇଛେ। ଗଲା ୧୮।୮।୨୦୧୯ ତାରିଖ ରଏବାରନୁ ଆରମ୍ ହେଇଥିବାର ଇ ଓଷା ୮।୯।୨୦୧୯ ରଏବାର ଉଦ୍‌ଯାପିତ ହେଇଛେ। ଇ ପୂଜାରେ ମା' ବହେନ୍‌ମାନେ ନିଜର ଭାଇ, ପରିବାରର ମଂଗଲକାମନା କରି ଉପାସ ରହେବାର ସଂଗେ ସଖାଲୁ ଗଧାବୁଡ଼ା ସାରି ସଫା ଲୁଗା ପିନ୍ଧି ଶିବଙ୍କର ପୂଜାପାଠ୍ କରସନ୍। ସେନ୍ତା ବେଲବୁଡ଼େ ମା'ମଙ୍ଗଳାଙ୍କର ପୂଜାପାଠ୍ କରସନ୍। ଇ ପୂଜାରେ ମା'ମଙ୍ଗଳାଙ୍କର ପାସେ ୧୨ ପରକାରର ଫଲମୂଲ ଲାଗସି। ପୂଜା ଉତାରୁ ଝନେ ବାମ୍ହନ ଓଷେଇତିମାନଙ୍କୁ ବ୍ରତ କଥା ପଢ଼ି ଶୁନାସନ୍। ରାତିରେ ପୂଜା ସଏଲା ଉତାରୁ ମା'ମାନେ ପରସାଦ ପାଏସନ୍। ଏନ୍‌ଥେଇ ମା'ମାନେ ଭୁଦୋର ୪ ପାଲି ରଏବାର ପୂଜା କରବାର ରିତ୍‌ମା କେନ୍‌କାଲୁ ଚଲିଆସୁଛେ। ଶେଷ୍ ରଏବାର ଓଷେଇତିମାନେ ପିଠାମଡ଼ା, ନାନା ଜାତିର ମିଠା ମା'ମଙ୍ଗଳାଙ୍କର ପାସେ ଭୋଗ୍ ଲଗାସନ୍। ସବୁପାଲି ଝନେ ବାମ୍ହନ ଇଷେଇତିମାନଙ୍କୁ ବ୍ରତ କଥା ପଢ଼ି ଶୁନାବାର ସଂଗେ ପୂଜାପାଠ୍ କରସନ୍। ଏନ୍‌ଥେଇ ଗଲା ରଏବାର ବିନିକା ବ୍ଲକର ଭିନେ ଭିନେ ଗାଁରେ ଓଷେଇତିମାନେ ଖୁଦୁରୁକୁଣୀ ଓଷା ପାଲନ କରିଥିଲାବେଳେ ସିଂଘିଯୁବା ଗାଁରେ ବିପ୍ଳବରଂଜନ ଦାଶ, କଦଳୀପାଲି ଆର ଖଇରମାଲ ଗାଁରେ ବଳରାମ ପାଢ଼ୀ ବ୍ୟାସ ହିସାବେ ଖୁଦୁରୁକୁଣୀ ବ୍ରତ କଥା ପଢ଼ି ଓଷେଇତିମାନକୁ ଶୁନେଇଥିଲେ। ସୋମବାର ପହପହନୁ ଓଷେଇତିମାନେ ବିନିକା ପାପକ୍ଷୟ ଘାଟେ ମା'ମଙ୍ଗଳାଙ୍କର ମୂର୍ତି ବିସରଜନ କରିଥିଲେ।

# ସୁବର୍ଣ୍ଣପୁରରେ ୫–ଟି ରୂପାୟନ ନେଇ ବୈଠକ

**ସୋନପୁର,୯।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ୫–ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ଅଧକ୍ଷତା କରି ଜିଲାର ବିକାଶମୂଳକ କାର୍ଯ୍ୟକ୍ରମଗୁଡିକର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ସରକାରଙ୍କ ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ ଓ ଟ୍ରାନ୍ସଫର୍ମେସନ(୫–ଟି)କୁ ପ୍ରାଧାନ୍ୟ ଦେଇ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯେଭଳି ଠିକ୍ ଭାବେ ପହଞ୍ଚି ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ କୁମାର ପଟ୍ଟନାୟକ ନୂତନ ମୋଟର ଯାନ ଆଇନ ସମ୍ପର୍କରେ ବିଶଦ ବୁଝାଇବା ସହ ଏହାକୁ ସରକାରୀ କର୍ମଚାରୀମାନେ ପ୍ରଥମେ କଡାକଡି ପାଳନ କରିବାକୁ ଆହ୍ୱାନ ଦେବା ପରେ ଜିଲାପାଳ ଏହି ଆଇନକୁ ଜିଲାରେ କଡାକଡି ପାଳନ କରାଯିବ ବୋଲି ସୂଚନା ଦେଇଥିଲେ । ବୈଠକରେ ଉପଜିଲାପାଳ ବଳରାମ ମଲ୍ଲିକ, ଉପ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅପ୍ରେରିଆ କେର୍କେଟା, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ତେଲ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ବୃନ୍ଦ ।

# ଗଣ ସଙ୍ଗଠନ କ୍ରାନ୍ତି ଗଠିତ

**ଅମରପାଲି,୯।୯(ଡି.ଏନ.ଏ.)**

ବୀରମହାରାଜପୁର ଅଞ୍ଚଳର ବିକାଶ ଏବଂ ସରକାରୀ ଯୋଜନାର ସୁଫଳରୁ ବଞ୍ଚିତ ହିତାଧିକାରୀଙ୍କ ସହାୟତା ନେଇ କ୍ରାନ୍ତି ନାମରେ ଏକ ଗଣସଂଗଠନ ଗଣିତ ହୋଇଯାଇଛି। ପୂର୍ବତନ ଜିଲା ଶିଶୁ ମଙ୍ଗଳ ସମିତି ସୁବର୍ଣ୍ଣପୁର ଅଧକ୍ଷ ଚନ୍ଦ୍ରଶେଖର ମିଶ୍ରଙ୍କ ପୌରୋହିତ୍ୟରେ ବୀରମହାରାଜପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, କଳା, ସାହିତ୍ୟର ବିକାଶ, ଗ୍ରାମସ୍ତରୀୟ ସଚେତନତା ସମାବେଶ ଏବଂ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ସହଯୋଗ କ୍ରମେ ଅଞ୍ଚଳର ବିକାଶ କରିବାକୁ ବିଭିନ୍ନ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଅବସରପ୍ରାପ୍ତ କୃଷି ଅଧିକାରୀ ନିତ୍ୟାନନ୍ଦ ପଣ୍ଡା, ଶିକ୍ଷାବିତ ପଦ୍ମନାଭ ପ୍ରଧାନ, ସାମାଜିକ କର୍ମୀ ମୀନକେତନ ମହାକୁର, ସ୍ୱେଚ୍ଛାସେବୀ ଆଶିଷ ସାହୁ, ବିଜୟ କୁମାର ସାହୁ, ଆୟୁଷ ଅଗ୍ରୱାଲ, ଗଦାଧର ବାଦୀ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ବୈଠକରେ ଯୋଗଦେଇ ଅଞ୍ଚଳର ବିକାଶ ନେଇ ଗଠନମୂଳକ ସହଯୋଗ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ନୀଳକମଳ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗ୍ରାମ ଉତ୍‌ଥାନର ବାର୍ଷିକ ଉତ୍ସବ, ଆନ୍ତର୍ଜାତିକ ସାକ୍ଷରତା ଦିବସ

**ସୋନପୁର,୯।୯(ନି.ପ୍ର.)**

ଗ୍ରାମ ଉତ୍‌ଥାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆନ୍ତର୍ଜାତିକ ସାକ୍ଷରତା ଦିବସ ସୋନପୁର କସ୍ତୁରୀ ଲଜରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରେଆରର ସମ୍ପାଦକ ଅନଙ୍ଗ ନେଗୀ ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ମୁଖ୍ୟବକ୍ତା, ରାମନାରାୟଣ ପାଣିଗ୍ରାହୀ ଓ ଉତ୍ତମ ମହଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ସାକ୍ଷରତା ଏବଂ ବହୁଭାଷିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗ୍ରାମ ଉତ୍‌ଥାନ ନିର୍ଦ୍ଦେଶକ ଅଶ୍ୱିନୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରତାପ ପ୍ରଧାନ ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ବିଶ୍ୱଜିତ ବିନ୍ଧାଣୀ ବହୁଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ। ବିଶ୍ୱଜିତ ବିନ୍ଧାଣୀ ବହୁଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ । ବିମଳା ଜଗଦଲା ଧନ୍ୟବାଦ ଦେଇଥିଲେ । ମାନସ ପଟୁଆ ଏବଂ ଭୀମ ମହାକୁଡ ସହଯୋଗ କରିଥିଲେ ।




ଅତିଥିମାନେ ସଚେତନତା ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ।

# କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଅମରପାଲି/ଉଲୁଣ୍ଡା, ୯।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା କୁଲତା ସମାଜର ୧୭ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଉଲୁଣ୍ଡା ବ୍ଲକ ଅଧୀନ ରକ୍ସା ପଞ୍ଚାୟତ ହିଙ୍ଗମାସ୍ଥିତ ରାଜମୀ ମଠରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୪ତମ କୁଲତା ମହାସଭା ପରିଚାଳନା କମିଟି ସହ ସମ୍ପାଦକ ପରେଶ ବିଶି ମୁଖ୍ୟଅତିଥି, ବରଗଡ଼ ରାମଚଣ୍ଡି ଯୁବ ସଂଗଠନ ସଭାପତି ବିରେନ୍ଦ୍ର ପଧାନ ମୁଖ୍ୟବକ୍ତା, ଉଲୁଣ୍ଡା ବ୍ଲକ କୁଲତା ସମାଜର ସଭାପତି ନାରାୟଣ ପଧାନ, ବୌଦ୍ଧର ସୁରେଶ ଦେହୁରୀ, ବିନିକା ବ୍ଲକ କୁଲତା ସମାଜ ସଭାପତି ମୁରଲୀଧର ବିଶ୍ୱାଳ, ଯୁବ ସଂଗଠନ କୁଲତା ସମାଜର ଅର୍ଜୁନ ମାଝି, ରକ୍ସା କୁଲତା ସମାଜ ସଭାପତି ଭାସ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୋନପୁର କୁଲତା ସମାଜ ସଭାପତି ପ୍ରଦ୍ୟୁମ୍ନ ସାହୁ ପୌରୋହିତ୍ୟ କରିଥିଲେ। ଏହି ଅବସରରେ କୁଲତା ସମାଜର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା କୁଲତା ସମାଜ ସମ୍ପାଦକ କ୍ଷେତ୍ରବାସୀ ସାହୁ ସଭା ସଂଯୋଜନା କରିଥିଲେ।




କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଟିଟିଲାଗଡ଼,୯।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ଇଚଗାଁ ନିକଟରେ ସୋମବାର ଏକ ମୋପେଡ଼ ଦୁର୍ଘଟଣାରେ ଚାଳକ କୁଞ୍ଜ ଆଡ଼ଯୁଆଡ଼(୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଣନିଧି ବିଶି ଗୁରୁତର ଆହତ ହୋଇ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଏନେଇ ସିନ୍ଧେକେଲା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ବିଲରେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବନ୍ତ, ୯।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବିଟିପୁର ଗ୍ରାମର ଚାଷୀ ଅଜୟ ସେଠୀ(୪୮) ସୋମବାର ବିଲରେ କାମ କରୁଥିବା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଜୟ ନିଜ ବିଲରେ କାମ କରିବାକୁ ଯାଇଥିଲେ। ବିଲ ନିକଟରେ ଏକ ଗଛ ମୂଳେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।



ଦେଓଗାଁ ମାଷ୍ଟରପଡ଼ାରେ ନାଗବାଚା ଯାତ୍ରା ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଦେଓଗାଁରେ ନାଗବାଚା ଯାତ୍ରା

ଦେଓଗାଁ,୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ମାଷ୍ଟରପଡ଼ାରେ ସ୍ଥାନୀୟ ନାଗେଶ୍ୱର ଯୁବକ ସଂଘ ପକ୍ଷରୁ ସୋମବାର ନାଗବାଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁରୁ ଭାବେ ଫଟାମଣ୍ଡାର ଶିବ ଶତପଥୀ, ଅମୂଲ୍ୟ ବାଗ ଦାୟିତ୍ୱ ତୁଲାଇଥିଲେ। ଯାତ୍ରାରେ ସ୍ଥାନୀୟ ପାଖପାଖ ଅଞ୍ଚଳର ମାନସିକଧାରୀଙ୍କ ଭିଡ଼ ଜମିଥିଲା । ମୁଖ୍ୟ ଦେହୁରିଆ ଭାବେ ପରକ୍ଷିତ ଗୁରୁ ରହିଥିବା ବେଳେ ମହାଦେବବାବା, ନାଗବାଚା, ଚଣ୍ଡିଦେବୀ,ହନୁମାନ, କାଳୀଦେବୀ, ଭୈରୁ, ମା'ସମଲେଇଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ଦେହରେ କାଳିଶି ପ୍ରବେଶ ପରେ ପାରମ୍ପାରିକ ବାଦ୍ୟରେ ନୃତ୍ୟ କରିବା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଉତ୍ସବରେ ସଭାପତି ଆଦିତ୍ୟ ସା, ସମ୍ପାଦକ କାର୍ତ୍ତିକ ମଲ୍ଲିକ, କୋଷାଧ୍ୟକ୍ଷ ଖେଦୁ ବେହେରା, ଉପସଭାପତି ମନୋଜ ସା, ସୁଦାମ ଚରଣ ସାହୁ, ଜଗନ୍ନାଥ ବରର୍ତ୍ତୀ, ନଳ ବାଗ, ନୀଳ ବାଗ, ଗୋବିନ୍ଦ ବାଗଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୯।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଜଣେ ୧୬ବର୍ଷ ବୟସ୍କା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ସୋମବାର ଅଭିଯୁକ୍ତ ଯୁବକ ପୁଙ୍ଗା ସୋରେନ (୨୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖରେ ନାବାଳିକା ଜଣକ ରାଇରଙ୍ଗପୁର ବଜାରକୁ ଡ୍ରେସ କିଣିବାକୁ ଆସି ସନ୍ଧ୍ୟାରେ ଘରକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସାଇକେଲ୍‌ରେ ଯାଉଥିବା ଅଭିଯୁକ୍ତ ପୁଙ୍ଗା ତାଙ୍କୁ ସାଇକେଲରେ ବସାଇ ନେଇ ଆସିଥିଲେ। ବାଟରେ ଥିବା ଏକ ପରିତ୍ୟକ୍ତ ଘରେ ନାବାଳିକାଙ୍କୁ ପୁଙ୍ଗା ବଳାତ୍କାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣକ କାନ୍ଦି କାନ୍ଦି ଫେରୁଥିବା ବେଳେ ଗ୍ରାମବାସୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରଦିନ ଏଥିନେଇ ଗ୍ରାମବାସୀ ଏକ ବୈଠକ କରିଥିଲେ। ବୈଠକରେ ପୀଡ଼ିତା ନାବାଳିକାଙ୍କୁ ବିବାହ କରିବା ସକାଶେ ପୁଙ୍ଗାଙ୍କୁ କୁହାଯାଇଥିଲା। ବୈଠକରେ ପୁଙ୍ଗା ବିବାହ ପାଇଁ ରାଜି ନ ହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିନେଇ ଥାନାରେ ଏକ ମାମଲା (ନଂ. ୧୦୩/୧୯) ରୁଜୁ ହୋଇଥିଲା। ସୋମବାର ପୋଲିସ ଗିରଫ ଯୁବକ ପୁଙ୍ଗା ଏବଂ ପୀଡ଼ିତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତରୀମାଇନା କରାଇଛି।



ସୁନାମୁଦିଠାରେ ହକି ଖେଳାଳି ଚୟନ ଶିବିରରେ ଜିଲା ହକି ସଂଘ କାର୍ଯ୍ୟକର୍ତ୍ତା, କୋଚ୍ ଓ ଖେଳାଳିମାନେ।

### ଆନ୍ତଃଜିଲା ହକି ପ୍ରତିଯୋଗିତା

# ବଲାଙ୍ଗୀର ହକି ଦଳର ଖେଳାଳି ଚୟନ ଶିବିର

ବଲାଙ୍ଗୀର ଅଫିସ,୯।୯

ହକି ଓଡିଶା ଆନୁକୂଲ୍ୟରେ ଆସନ୍ତା ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମରେ ଆନ୍ତଃଜିଲା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବଲାଙ୍ଗୀର ହକି ଦଳ ଯୋଗଦାନ କରିବ। ଏନେଇ ବଲାଙ୍ଗୀର ଜିଲା ପାଟଣାଗଡ଼ ନିକଟସ୍ଥ ସୁନାମୁଦି ହାଇସ୍କୁଲ ଖେଳପଡ଼ିଆରେ ସୋମବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ। ହକି ଓଡ଼ିଶା କଟକର ଉପସଭାପତି ତଥା ଆର୍ନ୍ତଜାତୀୟ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ଶିବିରର ଉଦ୍‌ଘାଟନ କରିଥିଲେ। ହକି ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଛନ୍ତି ସୁନାମୁଦି ହାଇସ୍କୁଲର ଖେଳ ଶିକ୍ଷକ ମାଧବ ଚନ୍ଦ୍ର ଦାଶ ଓ ହକି କୋଚ ଖୁସିରାମ ମଲ୍ଲିକ । ଏଥିରେ ୨୭ ଜଣ କ୍ରୀଡାବିତ୍ ଯୋଗଦେଇଛନ୍ତି । ବଲାଙ୍ଗୀର ଦଳ ପ୍ରଥମ ମ୍ୟାଚ ୧୯ ତାରିଖରେ ଖେଳାଯିବ ବୋଲି ଜଣାପଡିଛି । ଶିବିରରୁ ୧୮ ଜଣ ଖେଳାଳିଙ୍କୁ ଚୟନ କରାଯିବ ଓ ସେମାନେ କଟକ ଯିବେ ବୋଲି ଜିଲା

# ଫୁଲୁଛି ନଦୀଜଳ

ଭୁବନେଶ୍ୱର, ୯।୯(ବ୍ୟୁରୋ)



କଟକ ଜିଲା ବାଙ୍କୀଠାରେ ମହାନଦୀରେ ଆସିଥିବା ବନ୍ୟା ଜଳ।

- ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ବଢୁଛି
- ୧୨ରୁ ବଢ଼ିବ ବର୍ଷା
- ସ୍ୱାଭାବିକଠାରୁ ଅଧିକ ବର୍ଷିଲାଣି ମୌସୁମୀ

ରାଜ୍ୟର ପ୍ରମୁଖ ନଦୀରେ ବନ୍ୟାଜଳ ଫୁଲିବାରେ ଲାଗିଛି । କେତେକ ନଦୀରେ ବନ୍ୟାଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ବନ୍ୟାପାଣି ବଢ଼ି ଚାଲିଛି। ଦିନେ ଦୁଇଦିନ ମଧ୍ୟରେ ବର୍ଷା ପରିମାଣ ବୃଦ୍ଧି ହେଲେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୨ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୧୩ ଏବଂ ୧୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ନଦୀରେ ବନ୍ୟାଜଳ ପୁଣି ଫୁଲିବ ବୋଲି ଅନୁମାନ କରାଯାଉଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ବଂଶଧରା, ଋଷିକୁଲ୍ୟା ଓ ବୁଢାବଳଙ୍ଗ ନଦୀର ବନ୍ୟା ଜଳ ସ୍ଥିର ରହିଛି। ମହାନଦୀର ଟିକରପଡା ଓ ନରାଜଠାରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ କୁଶଭଦ୍ରାର ନିମାପଡା, ଦେବୀ ନଦୀର ଆଳିପିଙ୍ଗଳ, ବ୍ରାହ୍ମଣୀର ଇନ୍ଦୁପୁର, ସୁବର୍ଣ୍ଣରେଖାର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଛି। ତେବେ ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ହୀରାକୁଦରେ ଜଳସ୍ତର ୬୨୫.୫୪ ଫୁଟ ରହିଥିବା ବେଳେ ରେଙ୍ଗାଲି ୧୨୨.୫୨ ମିଟର, ବାଲିମେଳା ୧୫୦୧.୭ ଫୁଟ, ମାଛକୁଣ୍ଡ ୨୭୪୮.୪ ଫୁଟ, ଅପରକୋଲାବ ୮୫୫.୫ ମିଟର, ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୪୦.୮୩ ମିଟର ଜଳ ସ୍ତର ରହିଛି। ବନ୍ୟାଜଳ ବୃଦ୍ଧି ପାଉଥିଲେ ମଧ୍ୟ ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ରାଜ୍ୟରେ ୧୦୦୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୬.୬ ମିଲିମିଟର। ଅର୍ଥାତ ସ୍ୱାଭାବିକଠାରୁ ୫ ମିଲିମିଟର ଅଧିକ ବର୍ଷା ହୋଇଛି। କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୪୪ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ୨୧, କଳାହାଣ୍ଡି ୧୮, କନ୍ଧମାଳ ୧୭, ପୁରୀ ୨୦, ରାୟଗଡା ୧୪, ସୁବର୍ଣ୍ଣପୁର ୧୯, ନବରଙ୍ଗପୁର ୧୧, ବରଗଡ ୧୫, ବୌଦ୍ଧ ୧୮ ଏବଂ ବଲାଙ୍ଗୀର ଜିଲାରେ ୧୮ ମିଲିମିଟର ଅଧିକ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪, ସୁନ୍ଦରଗଡ ୧୧, ବାଲେଶ୍ୱର ୪.୪, ତାଳଚେରରେ ୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଆଇନଜୀବୀ ରାମ ଜେଠମାଲନିଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର ଅଫିସ, ୯।୯

ପ୍ରଖ୍ୟାତ ଆଇନଜୀବୀ, ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ବାର୍ କାଉନସିଲ ଅଫ୍ ଇଣ୍ଡିଆର ପୂର୍ବତନ ଚେୟାରମେନ୍ ରାମ ଜେଠମାଲନିଙ୍କ ବିୟୋଗରେ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜିଲା ଦୌରା ଜଜ୍ ଶ୍ୟାମସୁନ୍ଦର ଦାଶ, ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ, ଜୟକୃଷ୍ଣ ସାହୁ, ଭବାନୀଶଙ୍କ ଶତପଥୀ ସ୍ୱର୍ଗତ ଜେଠମାଲନିଙ୍କ କର୍ମମୟ ଜୀବନ, ରାଜନୀତି ଓ ବୃତ୍ତିଗତ ଜୀବନ ଉପରେ ଆଲୋକପାତ କରିଥିଲେ । ଉଭୟ ରାଜନୀତି ଓ ମକଦ୍ଦମା ପରିଚାଳନା କ୍ଷେତ୍ରରେ ସ୍ୱର୍ଗତ ଜେଠମାଲନିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ତାଙ୍କ ବିୟୋଗରେ ଆଇନସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ। ଓକିଲ ସଂଘ ସମ୍ପାଦକ ଅମନ ନାଗ, ଉପସଭାପତି ବାସୁଦେବ ବାରିକଙ୍କ ସମେତ ଆଇନଜୀବୀ ରତନ ମହାରଣା, ଜଗଦୀଶ ପ୍ରଧାନ, ଅରବିନ୍ଦ ପୂଜାରୀ, ସନ୍ତୋଷ ପାଢ଼ୀ ଜେଠମଲାନୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।




ବିଧାୟକ ନରସିଂହ ମିଶ୍ର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

### ଭୁଲିଆ ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

# ଉତ୍ସର୍ଗୀକୃତ କାର୍ଯ୍ୟ ସମୃଦ୍ଧ ସମାଜ ନିର୍ମାଣ କରିବ

ବଲାଙ୍ଗୀର ଅଫିସ, ୯।୯

ବଲାଙ୍ଗୀର ଟାଉନ୍ ହଲଠାରେ ଭୁଲିଆ ସମାଜ ପକ୍ଷରୁ ରବିବାର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ଯୁବ ଭୁଲିଆ ସମାଜ ଆନୁକୂଲ୍ୟରେ ଡ.ଯୁଗଳ କିଶୋର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ବକ୍ତା ଭାବେ ଡ.ଲକ୍ଷ୍ମଣ କୁମାର ମେହେର ଯୋଗ ଦେଇଥିଲେ। ଉତ୍ସର୍ଗୀକୃତ ଭାବନା ଓ କାର୍ଯ୍ୟରେ ସମୃଦ୍ଧ ସମାଜ ନିର୍ମାଣ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ବିଧାୟକ ମିଶ୍ର କବି ଗଙ୍ଗାଧରଙ୍କୁ ସମସ୍ତଙ୍କ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ। ବକ୍ତା ଡ. ମେହେର ନୂଆଁଖାଇ ତିହାର ଓ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ସନ୍ତୋଷ ମେହେର ଓ ସମ୍ପାଦକ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଭାରେ ଚିତ୍ରଶିଳ୍ପୀ ଲୀନା ମେହେର, ବିଧାୟକ ସରୋଜ ମେହେର, ସଙ୍ଗୀତ ପ୍ରତିଭା ସମ୍ପଦ ମେହେର, କିକ୍‌ବକ୍ସର ସୁବ୍ରତ ମେହେର, ସମାଜିକ କର୍ମୀ ରୀତାଞ୍ଜଳି ମେହେର, ମଞ୍ଜୁବାଳା ମେହେର, ବିଜୟ ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଭୁଲିଆ ସମାଜ ବିକାଶ ପରିଷଦର ଦୀନବନ୍ଧୁ ମେହେର, ପାଟଣାଗଡ଼ କେନ୍ଦ୍ର ବୋର୍ଡ ସଭାପତି ବୃନ୍ଦାବନ ମେହେର, ବେଲପଡ଼ା କେନ୍ଦ୍ର ବୋର୍ଡର ଡାଲିମ୍ବ ମେହେର, ଘନଶ୍ୟାମ ମେହେର, ଗୋପାଳ ମେହେରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ବଲାଙ୍ଗୀର ଫୁଟବଲ ଲିଗ୍, ସାଇଟ୍-ମହୀପୁର ମ୍ୟାଚ ଡ୍ର

ବଲାଙ୍ଗୀର ଅଫିସ,୯।୯

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ ସ୍ପୋର୍ଟସ ସୋସାଇଟି ଏବଂ ୱାସି ମହୀପୁର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଅମୀମାଂସିତ ରହିଥିଲା। ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ସଭାପତି ଡା.ଶଶୀଭୂଷଣ ସାହୁ, କ୍ରୀଡ଼ାବିତ ଲୋକନାଥ କୁମୁରା, ଫୁଟବଲ କୋଚ ପରାସର ବାଗ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦ ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ସଦସ୍ୟ ସୌମେନ୍ଦ୍ର ପରିଚ୍ଛା, କ୍ରୀଡ଼ା ସଂସଦ ପୂର୍ବତନ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସିଂ, ଆଥ୍‌ଲେଟ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ, ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ ମଞ୍ଚାସୀନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦେବାଶିଷ ବାଗ, ସୁଧାଂଶୁ ସେଠ, ରାଜେନ୍ଦ୍ର ସେଠ, ଶରତ ନନ୍ଦ ଓ ସୁନୀଲ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ମଙ୍ଗଳବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଜେଏସ୍‌ସି ଖଲିଆପାଲି ଏବଂ ଜିୱାଡିସି ନକ୍ସାସର ଓ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ସାଇଟ୍ ସ୍ପୋର୍ଟସ ସୋସାଇଟି ଏବଂ ନବଜ୍ୟୋତି ୟୁଥ୍ କ୍ଲବ ଚୁଡାପାଲି ମଧ୍ୟରେ ଖେଳ ହେବ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।



ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି, ଆୟୋଜକ।

### ଦାଉ ସାଧିଲା ଲଘୁଚାପ ବରଷା

# ବାସହୀନ ହେଲେ ଅନେକ ପରିବାର

ଲାଠୋର, ୯।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲାରେ ଦିନାକେତେ ହେଲା ଲଘୁଚାପ ପରଭାବରେ ଭରଷା ଲାଗି ରହିଛେ। ବରଷା ପାଏନ୍‌ରେ ଅନେକ୍ ପରିବାରର ଘରଦୁଆର ଭାଂଗି ବେସାହାରା ହେଇଯାଇଛନ୍। ସେନ୍‌ତା ଅନେକ ଲୁକ୍‌କର ଘର ଭିତରେ ଆଁଠେ ପାଏନ୍ ପଶି ସବୁ ଜିନିଷପାତି, ଧାନ୍‌ଚାଉଲ ଖରାପ ହେଇଯାଇଛେ। ହେଲେ ଇ ଦିଗେ ପରଶାସନ ତତ୍‌ପର ନାଇଁଥିବାର ଲୋକ୍ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁର ମହାଦେବ ମନ୍ଦିର ପଡ଼ାର ତେଜରାମ ଶବରକଁର ଘର ପୂରାପୂରି ଭାଂଗି ଯାଇଛେ। ଏନ୍‌ତାଥି ପରିବାର ଲୋକ୍ ବେସାହାରା ହେଇଯାଇଛନ୍। ତେଜରାମକଁର ପରିବାର କହେଲେ ମାଏକିନା ପୁଷ୍ପାଞ୍ଜଳି, ଦୁଇ ପୁଓ ଧନଞ୍ଜୟ, ଖଗେଶ୍ୱର ଆର ବୁରୁଧ୍ ବାପ୍‌କେ ନେଇ ସଁସାର। ବାପ୍‌ଅଜା ଅମଲରୁ ୧ ଏକର ୫୦ ଡେସିମିଲ ଜମି ରହିଛେ। ସବୁ ଜମି ଚାଷ୍ କଲାଲେଖେଁ ନୁହେ। ଗଲା ୩ ବଛର ହେଲା ପଏସା କଉଡ଼ ଅଭାବୁ ତେଜରାମ ଚାଷ୍‌ବାସ ନାଇଁ କରିପାରି। ଏନ୍‌ତାଥି ସେ କୁଲିମଜୁରି କରି କୁଟୁମ



ବରଷାରେ ତେଜରାମ ଶବରକଁର ଭାଂଗି ଯାଇଥିବାର ଘର।

ପୁଷୁଛନ୍। ଟଁକା ପଏସା ଅଭାବୁ ସେ ଆଏଜ୍‌ତକ ଭଲ ଘରଖଁଡ଼େ ତିଆରି ନାଇଁପାରି। କୁଟୁମବସିଆ ଗୁଟେ ଖପର ଘରେ ରହୁଥିଲେ। ହେଲେ ଇ ଲଘୁଚାପ ବରଷାରେ ତାକର ଘରଟା ପୂରା ମାଡ଼ି ବସିଛେ। ଏନ୍‌ତାଥି ପରିବାରଟା ନିଆଁସି ପାଲଟିଯାଇଛେ। ତେଜରାମ ଉପେ ଶୁଇନ୍ ହେଇ କୁଟୁମକେ ଶାଶ୍ ଘରେ ଛାଡ଼ିଦେଇଛନ୍। ସେ ନିଜେ ଇନେ ସେନେ ରହି କୁଲିମଜୁରି କରୁଛନ୍। ସେନ୍‌ତା ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ସୁମତି ସୁନା, ହେର୍ଣ୍ଣା ସୁନା, ବିନୋଦ ସୁନା ଆର ମଣି ସୁନାକଁର ଘରେ ପାଏନ୍ ପଶି ବେହାଲ କରି ପକେଇଛେ। ଇ ଗରିବ ପରିବାରମାନେ ପରହର କାମ୍‌ବୁତା କରବାର ସଂଗେ ବିହାବରପନ୍, ଉଛବ୍‌ରେ ବଜାବଜେଇ ପେଟ୍ ପାଲୁଛନ୍। ପକାଘର ଇ ପରିବାରମାନକର ଲାଗି ଆଏଜ୍ ବି ସାତ୍‌ସପନ ହେଇ ରହିଛେ। ଆଏଜ୍‌କେ ୩୦ ବଛର ହେଲା ଇ ଗରିବ୍ ପରିବାରମାନେ ମାଏଟ୍ ଖପରଘରଟେ ଲେଖେଁ କରି ମୁଡ଼ ଗୁଁଜିଛନ୍। ହେଲେ ଇ ଝରି ବରଷାରେ ଘରମାନକର ଅବସ୍‌ତା ଏନ୍‌ତା ହେଇଛେ ଯେ, ଘରେ କାହିଁ ଶୁଖା ଜାଗାଟେ ନାଁଇଁ। ଅନେକ୍ ପରିବାରର କାଁଥିମାନ ପାଏନ୍ ଖାଇ ବିପଦ୍ ଅବସ୍‌ତାରେ ରହିଛେ। କେତେବେଲେ କାଁଥିମାନ ମାଡ଼ି ବସ୍‌ବା କିଛି କହି ନାଇଁହୁଏ। ଭଏରେ ଅନେକ୍ ପରିବାର ନିଜର କୁଟୁମ୍‌ମାନକୁ ଲାଗେଲେସର ଘରମାନକୁ ପଠେଇ ଦେଇଥିବାର କହିଛନ୍। ସରକାରକଁର ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଯୋଜନାରେ ସାମିଲ ହେବାର ଲାଗି ଇ ଗରିବ୍ ପରିବାରମାନେ ପଁଚେତ୍‌ନୁ ବ୍ଲକ ତକ୍ ଦଉଡି ଦଉଡି ନିରାଶ ହେଇଛନ୍। ଏନ୍‌ତା ପରିସ୍ଥିତିରେ ଜିଲା ପରଶାସନ ଇ ଗରିବ୍ ପରିବାରମାନକର ଉପରେ ଦୃଷ୍ଟି ଦେଇ ଘରଭଂଗା ସଂଗେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଦାବି ହେଉଛେ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ



## ସଂକ୍ଷେପରେ



### ମାଛ ଧରିବା ପାଇଁ ଜାଲ ବିକ୍ରି

ରିଷିଡ଼ା,୯।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ଲଗାଣ ବର୍ଷା ଛାଡିଯିବା ପରେ ଏବେ ମାଛ ଧରିବା ପାଇଁ ଜାଲାର କିଣାବିକା ଆରମ୍ଭ ହୋଇଛି। ଶନିବାର ହାଟରେ ଜାଲ ବେପାରୀମାନେ ଜାଲ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଏହି ହାଟରେ ଜାଲ ଭଲ ବେପାର ହୋଇଛି ବୋଲି ବ୍ୟବସାୟୀମାନେ କହୁଥିବା ବେଳେ ବର୍ଷା କ୍ଷତି କରୁଥିବା ବେଳେ ମାଛ ଧରିବା ପାଇଁ କିଛି ସାହାଯ୍ୟ କରେ ବୋଲି ଗ୍ରାହକମାନେ କହିଛନ୍ତି ।



### ବେହେରାଗୁଡ଼ା-ଝାକରପଡ଼ା ରାସ୍ତା ଶୋଚନୀୟ

ପର୍ଲା,୯।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଛଞ୍ଚାଣବାହାଲି ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡାରୁ ଛତିଶଗଡ ଝାକରପଡାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡିରହିଛି। ଗତ ୧୦ ବର୍ଷ ତଳେ ପଞ୍ଚାୟତ ଅଧୀନରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ସେଠୁ ରାସ୍ତା ରକ୍ଷଣାବେକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହି ରାସ୍ତା ମଝିରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ୨ କଡରେ କାଦୁଅ ଆଣ୍ଠୁଏ ପାଣି ଜମି ରହୁଛି । ଏହି ରାସ୍ତା ଦେଇ ଛତିଶଗଡ ଝାକରପଡା ମାତ୍ର ୩ କି.ମି. ଦୂର । ବ୍ୟବସାୟିକ ସ୍ଥଳ ଭାବେ ପ୍ରାୟ ଦଣ୍ଡପାଟ ଅଞ୍ଚଳ ସହିତ କୋକସରା, ଆମପାଣି, ଜୟପାଟଣା, ମୋଟେର, ଲଡୁଗାଁ ଆଦି ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି । ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ଯାନବାହନ ଯାତାୟାତ କରୁଥିବା ବେଳେ ଅନେକ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ଏହି ରାସ୍ତାକୁ ଯୁଦ୍ଧକାଳିନ ଭିତିରେ ଏହାର ମରାମତି କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଗ୍ରାମର ଦିଲୀପ ଦୁରିଆ, ଡିଙ୍ଗର ପୋଡ, ଅନ୍ତରାମ ପୋଡ, ଶୋଭିତ ଗାନ୍ଧୀ, ପର୍ଶୁରାମ ପାଣିଗ୍ରାହୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ବଳରାମ ପୂଝାରିଙ୍କୁ ପଚାରିବାରୁ ଚଳିତବର୍ଷର ଆକ୍ସନ ପ୍ଲାନରେ ସାମିଲ କରାଯାଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

### ସମସ୍ୟାରେ ନର୍ଲା ଆବାସିକ ଛାତ୍ରୀନିବାସ

# ନିମ୍ନମାନର ଖାଦ୍ୟ ଦିଆଯିବା ଅଭିଯୋଗ

କେସିଙ୍ଗା,୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ଅନୁସୂଚୀତ ଜାତି ଛାତ୍ରୀନିବାସରେ ଏବେ ବିଭିନ୍ନ ସମସ୍ୟା ଦେଖାଉଛି। ଏ ନେଇ ଅଭିଭାବକ ଓ ଛାତ୍ରୀମାନେ ଦାବି କରିବା ସତ୍ତ୍ୱେ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି । ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଦୁଇ ମହଲା ବିଶିଷ୍ଟ ଛାତ୍ରୀ ନିବାସ ଓ ହଷ୍ଟେଲ ନିର୍ମାଣ କରାଯାଇଛି । ଏହି ଛାତ୍ରୀ ନିବାସରେ ୧୧୦ଜଣ ଆଦିବାସୀ ଛାତ୍ରୀ ରହିବା କ୍ଷମତା ରହିଛି । ଏଥି ମଧ୍ୟରୁ ଚଳିତଶିକ୍ଷା ବର୍ଷରେ ୧୦୭ ଜଣ ଛାତ୍ରୀଛାତ୍ର ନିବାସରେ ରହି ଅଧ୍ୟୟନ କରୁଛନ୍ତି । ଏହି ଆବାସିକ ଛାତ୍ରୀ ନିବାସ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଅବସ୍ଥିତ। ଛାତ୍ରୀ ନିବାସରେ ୬ ରୁ ୧୦ମ ଶ୍ରେଣୀର ୧୦୭ ଜଣ ଛାତ୍ରୀମାନେ ରହୁଛନ୍ତି । ହଷ୍ଟେଲ ଭିତରେ ପାଣିର ସୁବିଧା ନ ଥିବାରୁ ସେମାନେ ବାହାରକୁ ଗାଧୋଇବାକୁ ଯାଉଛନ୍ତି । ୧୦୭ ଜଣ ଛାତ୍ରୀଙ୍କ ପାଇଁ ୨ଟି ଶୌଚାଳୟ ଅଛି, ଯାହା ଭଗ୍ନ ଅବସ୍ଥାରେ ପଡି ରହିଛି । ଝାଡା, ପରିଶ୍ରା ଯିବା ପାଇଁ ମଧ୍ୟ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମସ୍ତ ଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ଶର୍ଯ୍ୟା ଓ ମଶାରି ନାହିଁ । ଛାତ୍ରୀମାନଙ୍କ ମାସିକ ଋତୁରେ ବ୍ୟବହୃତ ବିଭିନ୍ନ ଜିନିଷ ପତ୍ର ମଧ୍ୟ ଠିକ ଭାବେ ଯୋଗାଇ ଦିଆଯାଉ ନାହିଁ । ପ୍ରତ୍ୟେକ ଦିନ ଭାତ ଓ ନିମ୍ନମାନର ଡାଲି ଦିଆଯାଉଛି । ଯେଉଁ ଡାଲିରେ ବହୁତ ପାଣିଆ ଅଂଶ ରହୁଛି । ମେନୁ ହିସାବରେ ମାଂସ, ଅଣ୍ଡା, ତରକାରୀ, ଜଳଖିଆ ମଧ୍ୟ ଦିଆଯାଉ ନାହିଁ । ଛାତ୍ରୀ ନିବାସରେ ଜଣେ ମହିଳା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟୀତ୍ୱରୁ ବାହାର କରାଯାଇ ନିଜେ ପରିଚାଳନା କରୁଛନ୍ତି । ଯାହାକି ବେନିୟମ । ଛାତ୍ରୀମାନଙ୍କୁ ଅଶ୍ଳୀଳ ଓ ଦୁର୍ବ୍ୟବହାର ମଧ୍ୟ କରୁଥିବା ଅଭିଯୋଗ ହେଉଛି । ଛାତ୍ରୀ ନିବାସରେ ପ୍ରତ୍ୟେକ ମାସରେ ମାସିକ ବୈଠକ ଓ ଅଭିଭାବକମାନଙ୍କ ମିଟିଂ ହେବା କଥା । କିନ୍ତୁ ଆଜକୁ ଏକ ବର୍ଷ ହେଲା ଲୁଚା ଛପାରେ ମିଟିଂ କରୁଥିବା ଶୁଣିବାକୁ ମିଳୁଛି । ଛାତ୍ରୀମାନଙ୍କୁ ପେଟ ବ୍ୟାଥା, ମୁଣ୍ଡ ବ୍ୟଥା, ଝାଡାବାନ୍ତି ହେଲେ ଦାୟୀତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଗୁରୁତ୍ୱ ଦେଉନାହାନ୍ତି । ଅଭିଭାବକମାନଙ୍କୁ ଖବର ଦିଆଯାଉଛି। ଅଭିଭାବକମାନେ ଆସି ନିଜ ଝିଅମାନଙ୍କୁ ହସ୍ପିଟାଲକୁ ନେଇ ଚିକିତ୍ସା କରାଉଛନ୍ତି । ଏହିପରି ଅବହେଳା ଯୋଗୁ ଗତ ଜୁଲାଇ ୧୭ ତାରିଖରେ କେସିଙ୍ଗା ବ୍ଲକର ଅଧମୁଣ୍ଡା ଆବାସିକ ବିଦ୍ୟାଳୟ ଛାତ୍ର ଆଶିଷ ମାଝି (୧୦)ଙ୍କ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିଲା। ଫଳରେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା । ଦାୟୀତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା । ମଧ୍ୟାହ୍ନ ଭୋଜନରେ ବ୍ୟାପକ ହେରଫେର ହେଉଥିବାରୁ ଠିକ ମେନୁ ହିସାବରେ ଛାତ୍ରୀଙ୍କୁ ଖାଦ୍ୟ ଦିଆଯାଉ ନାହିଁ । ଆବାସିକ ଛାତ୍ରୀମାନଙ୍କୁ ଶିକ୍ଷାଦାନରେ ମଧ୍ୟ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ବି.କେ. ସାହୁଙ୍କୁ ପଚାରିବାରୁ ମୁଁ ବୈଠକ ଡାକି ସବୁ ସମସ୍ୟାର ସମାଧାନ କରିବି ବୋଲି ପ୍ରକାଶ କରିଥିଲେ ।



ନର୍ଲାସ୍ଥିତ ଅନୁସୂଚିତ ଜନଜାତି ଛାତ୍ରୀନିବାସ ହଷ୍ଟେଲ ।

**ନର୍ଲା ବ୍ଲକ**

- ୨ ଶୌଚାଳୟ ଭଗ୍ନ ଅବସ୍ଥାରେ
- ୬ ରୁ ୧୦ମ ଶ୍ରେଣୀର ୧୦୭ ଛାତ୍ରୀ ଅଧ୍ୟୟନ
- ଗାଧୋଇବାକୁ ବାହାରକୁ ଯାଉଛନ୍ତି

# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ସନ୍ଦେହ

ଲାଞ୍ଜିଗଡ଼,୯।୯ (ଡି.ଏନ.ଏ.)

ଝିଅ ସହିତ ଜଣେ ଅନ୍ୟ ଜାତି ଯୁବକଙ୍କ ପ୍ରେମ ସମ୍ପର୍କକୁ ସହ୍ୟ କରି ନ ପାରି ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରି ନିଜ ଘର ପଛପଟେ ଫୋପାଡି ଦେଇଥିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କୁମଖାଲ ଗାଁରେ ଏଭଳି ଏକ ଘଟଣା ଘଟିଛି। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଅଭିଯୋଗ ଅନୁଯାୟୀ, ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କୁମଖାଲ ଗାଁର ରଞ୍ଜିତ ଦଳପତି (ଥବିର)ଙ୍କୁ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଗାଁର ଜୟ ମାଝି ଓ ଭଏଁରା ମାଝି ତାଙ୍କ ଘରୁ ଡାକି ନେଇଥିଲେ। ରାତି ସୁଦ୍ଧା ରଞ୍ଜିତ ଘରକୁ ଫେରି ନ ଥିଲେ।

ଘର ଲୋକେ ରାତି ଓ ଶନିବାର ଦିନ ତମାମ ଖୋଜାଖୋଜି କରିଥିଲେ ହେଁ ତାଙ୍କ ଖୋଜ ଖବର ମିଳି ନ ଥିଲା। ଏହାପରେ ରଞ୍ଜିତଙ୍କ ବାପା ଜୟ ଓ ଭଏଁରାଙ୍କୁ ପୁଅ ସମ୍ପର୍କରେ ପଚାରିବାରୁ ସେମାନେ କିଛି ଜାଣି ନ ଥିବା କହିଥିଲେ। ହତାଶ ରଞ୍ଜିତଙ୍କ ବାପା ପୋଲିସରେ ଖବର ଦେବାକୁ ପ୍ରସ୍ତୁତ ହେଉଥିବାବେଳେ ରାତି ୮ଟାରେ ଜୟ ଓ ଆଉ ଜଣେ ବ୍ୟକ୍ତି ଆଦ୍‌ନୁ ରଞ୍ଜିତଙ୍କ ମୃତଦେହ ଭଏଁରାଙ୍କ ପଛଆଡେ ପଡିଥିବା କହିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଭଏଁରାଙ୍କ ଘର ପଛପଟେ ରଞ୍ଜିତଙ୍କ ମୃତଦେହ ସନ୍ଦେହଜନକ ଭାବେ ପଡି ରହିଥିଲା। ରଞ୍ଜିତଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିବା ଓ ତଣ୍ଟିରେ ରଶି ଦାଗ ଥିବା ଦେଖିବାକୁ ମିଳିଥିଲା । ବିଶ୍ୱନାଥପୁର ପୋଲିସରେ ଅଭିଯୋଗ କରିଥିଲେ ହେଁ ରାତି ଅଧିକ ହୋଇଥିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ରବିବାର ସକାଳୁ ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ କୁମଖାଲ ଗାଁରେ ପହଞ୍ଚିବା ମୃତଦେହ ଜବତ କରିବା ସହ ଲାଞ୍ଜିଗଡକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ନେଇ ଥାନାରେ ଏକ ମାମଲା (ନଂ. ୩୫/୨୦୧୯) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରେମ ବ୍ୟାପାର ଯୋଗୁ ରଞ୍ଜିତଙ୍କୁ ହତ୍ୟା କରିଥିବା ଏବଂ ଗାଁର ମାଝିପଡାର କିଛି ବ୍ୟକ୍ତିଙ୍କ ଏଥିରେ ସମ୍ପୃକ୍ତି ଥିବା ରଞ୍ଜିତଙ୍କ ବାପା ଅଭିଯୋଗ କରିଛନ୍ତି। ଏପରିକି ୨ ମାସ ତଳେ ରଞ୍ଜିତଙ୍କୁ ସେହି ପଡାର କେତେକ ଲୋକେ ଅଟକ ରଖି ମାଡ ମାରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକେ ।

# କାଳୀକୃଷ୍ଣ ସଂଘର ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଚିଙ୍କିଲି ଗ୍ରାମରେ କାଳୀକୃଷ୍ଣ ସଂଘ ତରଫରୁ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘ ସଞ୍ଚାଳକ ଜଗଦା ନନ୍ଦ, ବେଦବ୍ରହ୍ମା ସରୋଜା ନନ୍ଦ, ସଭାପତି ଦେବାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ଦେବବ୍ରହ୍ମା ସରୋଜା ନନ୍ଦ କାଳୀକୃଷ୍ଣ ସଂଘର ତତ୍ତ୍ୱ ଉପରେ ଆଲୋକପାତ କରି କର୍ମମୟ ଜୀବନଯାପନ କରିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ଗୁରୁଦେବ ଜଗଦା ନନ୍ଦ ନିଜର ଆର୍ଶିର୍ବାଦ ପ୍ରଦାନ ପୂର୍ବକ ଆଗାମୀ ବର୍ଷ ପାଇଁ ସମସ୍ତ ସଂଘ ପରିବାର ମଙ୍ଗଳ ଜୀବନ ସହ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶାଖାରୁ ବହୁ ସଂଖ୍ୟାରେ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଦୀପ ପ୍ରଦାନ, ଅର୍ଣ୍ଣ ଦାନ, ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ସଂଘ ପକ୍ଷରୁ ଗତ ଜୁଲାଇରେ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିବା ରକ୍ତ ଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦୁର୍ଲ୍ଲଭ ଭାଇ, ଜନ୍ମେଜୟ ଭାଇ, ଜିତୁ ଭାଇ, ଗଗନେଶ୍ୱର ବେମାଲ, ମୋହନ ଚରଣ ବିଶି, ଲକ୍ଷ୍ମୀକାନ୍ତ ଖମାରୀଙ୍କ ସମେତ ଚିଙ୍କିଲି ଶାଖା ସଂଘ ଭାଇଭଉଣୀମାନେ ସହଯୋଗ କରିଥିଲେ।

# ହେଲମେଟ ଦେଲେ, ସଚେତନ କରାଇ ଜନ୍ମଦିନ ପାଳିଲେ

ଜୁନାଗଡ଼,୯।୯ (ଡି.ଏନ.ଏ.)

ନିଜ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ କିଏ କେଉଁ ଢଙ୍ଗରେ ପାଳନ କରନ୍ତି। ତେବେ ସୋମବାର ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ ସହରର ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ। ଜନ୍ମ ଦିନରେ ସମସ୍ତଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ବାଇକ ଚାଳକମାନଙ୍କୁ ହେଲମେଟ୍ ବିତରଣ କରି ସମସ୍ତଙ୍କୁ ଟ୍ରାଫିକ ନିୟମ ମାନି ସୁରକ୍ଷିତ ଭାବେ ଗାଡି ଚଳାଇବା ପାଇଁ ସେ ସଚେତନ କରାଇଥିଲେ। ଏପରି ନିଆରା ଢଙ୍ଗରେ ତାଙ୍କ ଜନ୍ମଦିନ ପାଳନକୁ ନେଇ ଅଞ୍ଚଳରେ ବେଶ୍ ଏବେ ଚର୍ଚ୍ଚାର ବିଷୟ ହୋଇଛି।



ବାଇକ୍ ଚାଳକମାନଙ୍କୁ ହେଲମେଟ ବିତରଣ କରିଛନ୍ତି।

# ରାସ୍ତା ଖରାପ, ଠିକ୍ ସମୟରେ ଚିକିତ୍ସା ନ ହେବାରୁ ରୋଗୀଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୯।୯ (ଡି.ଏନ.ଏ.)

ଖରାପ ରାସ୍ତା ଯୋଗୁ ଠିକ୍ ସମୟରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ । ପରିବାର ଲୋକେ ଗୁରୁତର ରୋଗୀଙ୍କୁ ଦେଢ କି.ମି. ଦୂର ଖଟିଆରେ ବୋହି ନେଲେ। ଆମ୍ବୁଲାନ୍ସ ଆସିବା ଏବଂ ଖଟିଆ ଯୋଗାଡ଼ କରି ରୋଗୀଙ୍କୁ ଦେଢ କି.ମି. ବୋହି ବିଳମ୍ବରେ ଡାକ୍ତରଖାନା ପହଞ୍ଚିଥିଲେ। ଏଥିଯୋଗୁ ଚିକିତ୍ସାରେ ବିଳମ୍ବ ହେବାରୁ ରୋଗୀଙ୍କ ମୃତ୍ୟୁ ଘଟିଲା। ଏହି ଘଟଣା ଏବେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଟେକରତୋଳା ଗାଁରେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ଲାଞ୍ଜିଗଡ ବ୍ଲକ ଟେକରତୋଳା ଗାଁକୁ ୧୦୮ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ଗୁରୁତର ରୋଗୀ ଗୋପାଳ ଗଉଡ(୪୫)ଙ୍କୁ ପରିବାର ଲୋକେ ଖଟିଆରେ ରାମଚନ୍ଦ୍ରପୁର ଛକ ଯାଏଁ ଦେଢ କି.ମି. ଦୂର ବୋହି ନେଇଥିଲେ । ପରିବାର ଲୋକେ ଖରାପ ରାସ୍ତା ଦେଇ ଖଟିଆରେ ବୋହି ନେବା ଓ ସେଠାରୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାରେ ଅତ୍ୟଧିକ ବିଳମ୍ବ ହୋଇଥିଲା। ପ୍ରଥମେ ନର୍ଲା ଓ ସେଠାରୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଚିକିତ୍ସାଧୀନ ଅବସ୍ଥାରେ ଗୋପାଳଙ୍କ ମୃତ୍ୟୁ ଘଟିଥିଲା। ଗାଁରେ ରବିବାର ସକାଳୁ ଖବର ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଛି।

### ମାନବାଧିକାର କର୍ମୀ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ

ଭବାନୀପାଟଣା,୯।୯ (ଡି.ଏନ.ଏ.)

ସାପ କାମୁଡାରେ କେସିଙ୍ଗା ଥାନା ବେଲଖଣ୍ଡି ଗାଁର ଜଣେ ନାବାଳିକାର ମୃତ୍ୟୁ ଘଟିଥିଲା । ତାଙ୍କୁ ଚିକିତ୍ସା ପାଇଁ ଆଣୁଥିବା ବେଳେ କେସିଙ୍ଗା ରେଳ ଫାଟକ ବନ୍ଦ ରହିଥିଲା । ଫଳରେ ଆମ୍ବୁଲାନ୍ସ ୪୫ ମିନିଟ ଅଟକି ରହିଥିଲା। ଏହି ବିଳମ୍ବ ଯୋଗୁ ତା'ର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରି ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସେ ଏହି ମାମଲାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ପାଇଁ କମିଶନ ପାଖରେ ଅପିଲ କରିଛନ୍ତି। ଜାତୀୟ ରାଜପଥ ଓ ରେଳ ବିଭାଗର ବେପରୁଆ ନୀତି ଯୋଗୁ ଲୋକଙ୍କ ଜୀବନ ଯିବା ସରକାରଙ୍କ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଯୁବ ସଙ୍ଗଠନ ଏ. ସୁରେଶ ବାବୁ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ଅତ୍ୟନ୍ତ କରିବ ଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ଜେବିୱାଇସିର ନୂଆଁଖାଇ ଭେଟ୍‌ଘାଟ୍

ରିଷିଡା,୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡାଠାରେ ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନ ଜେବିୱାଇସି ତରଫରୁ ରବିବାର ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଫକୀରଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ମୁଖ୍ୟବକ୍ତା ଭାବେ ପଦ୍ମଲୋଚନ ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପ) ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଦୀନମଣି ସାହୁ, ବିଦୁର ଭୋଇ, ଧର୍ମାନନ୍ଦ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସମ୍ପାଦକ ନରୋତ୍ତମ ସେଲମା ସଂଯୋଜନା କରିଥିବା ବେଳେ ପୂର୍ବତନ ସମ୍ପାଦକ ବେଲାର ପୁଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ହଳିଆ ଗୀତରେ ପ୍ରଥମ ଯୋଗେନ୍ଦ୍ର ବେହେରା, ଦ୍ୱିତୀୟ ଚନ୍ଦ୍ର ରଣା, ତୃତୀୟ ଅମରସିଂ ରଣା ପୁରସ୍କାର ପାଇଥିଲେ। ସିନିୟ ନୃତ୍ୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଯଥାକ୍ରମେ ଭୁଲେଶ୍ୱର ପୁଟେଲ, ରାକେଶ ନାଏକ, ଟୁକ୍କୁଲୁ ରଣା ପୁରସ୍କାର ପାଇଥିଲେ। ସେହିପରି ଜୁନିୟର ନୃତ୍ୟରେ ପ୍ରଥମ ଅମିଶା ପଟେଲ, ଦ୍ୱିତିୟ ସଞ୍ଜିତା ସାହୁ ପୁରସ୍କାର ପାଇଥିଲେ। ସଂଘର ପୀତବାସ ସାହୁ, ପୀତବାସ ରଣା, ହିଂମାଶୁ ରଣା, କୈଳାଶ ଚନ୍ଦ୍ର ସାହୁ, ରଞ୍ଜନ ନାଏକ, ଭଜଶ୍ୟାମ ରଣା, ଶେଷଦେବ ରଣା ପ୍ରମୁଖ ସହାୟତା କରିଥିଲେ ।




ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ ।

# ପଣ୍ଡିଗାଁ ଗ୍ରାମପଞ୍ଚାୟତରେ ଚାରାରୋପଣ

କଲମପୁର,୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ପଣ୍ଡିଗାଁ ଗ୍ରାମପଞ୍ଚାୟତ ପରିସରରେ ସୋମବାର ସବୁଜ ବନାନୀ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବନାଜାବାସିନୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ବିଜୁ ଯୁବବାହିନୀ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଲମପୁର ଅତିରିକ୍ତ ତହସିଲଦାର ଶବିର ସାହା ଏବଂ ଥୁଆମୂଳ ରାମପୁର ଦକ୍ଷିଣ ବନଞ୍ଚଳ ବନପାଳ ଭୁବନେଶ୍ୱର ବେହେରା ଉଦ୍‌ଘାଟନ କରି ବୃକ୍ଷର ଉପକାରିତା ଓ ବର୍ତ୍ତମାନସ୍ଥିତି ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବାଣୁଆଁ, ନାଏବ ସରପଞ୍ଚ ସୁରେନ୍ଦ୍ର ପୂଝାରୀ ଓ ସମସ୍ତ ଗ୍ରାମପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମପଞ୍ଚାୟତ ରୋଜଗାର ସେବକ ପାର୍ଥ ସାରଥି ସାହୁ, ଯୋଗାଣ ସହାୟକ ରମେଶ ବାଗ, ସାମାଜିକ କର୍ମୀ ପ୍ରଶାନ୍ତ ମାଝି, କଲମପୁର ରାଜସ୍ୱ ନୀରିକ୍ଷକ ଗୋବିନ୍ଦ ଚନ୍ଦ୍ର ପୁରୋହିତ, କଲମପୁର ବ୍ଲକ ବିଜୁ ଯୁବ ବାହୀନି ସଂଯୋଜକ ମନୋଜ କୁମାର ନାଏକ ତଥା ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଏବଂ ଗ୍ରାମ ଶତାଧିକ ଲୋକ ମିଶି ଚାରା ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ପଣ୍ଡିଗାଁ ନର୍ସରିରେ ବିଭିନ୍ନ ଉପକାରୀ ୨ ଶହ ଚାରା ରୋପଣ କରାଯାଇଥିଲା।




ପଣ୍ଡିଗାଁ ଗ୍ରାମପଞ୍ଚାୟତ ପରିସରରେ ସବୁଜ ବନାନୀ ଚାରା ରୋପଣ କାର୍ଯ୍ୟକ୍ରମ ।

### ପ୍ରଶାସନ ଖାମଖିଆଲରୁ ହାତୀନଦୀରେ କୃତ୍ରିମ ବନ୍ୟା

# ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଚେତାବନୀ

ଭବାନୀପାଟଣା,୯।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଚାଷୀଙ୍କ ପାଇଁ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଧିକ ଦୁଃଖ ଦେଉଛି। ସୂଚନା ନ ଦେଇ ହାତୀନଦୀରେ ପାଣି ଛାଡି କୃତ୍ରିମ ବନ୍ୟା ସୃଷ୍ଟି କରି ଆତଙ୍କିତ କରି ଦେଉଛି। ଗତ ୫ ତାରିଖରେ ଇନ୍ଦ୍ରାବତୀ ବିଦ୍ୟୁତ୍ ପ୍ରକଳ୍ପରୁ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଇଥିଲା। ଏଥିସହ ୩୨୦.୬୫ କ୍ୟୁମେକ ଜଳ ହାତୀନଦୀରେ ଛଡାଯାଇଥିବା ବେଳେ ହଠାତ୍ ଏଭଳି ପଦକ୍ଷେପ ନେଇଥିବା ପାଇଁ କଲମପୁର ବ୍ଲକ ଚାଷୀଙ୍କ ସମେତ ବନ୍ୟା ପ୍ରପୀଡିତ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦିନ ୨ଟା ପରେ ୨୭୮.୪ କ୍ୟୁମେକ୍ସ ପାଣି ହାତୀନଦୀରେ ପ୍ରବାହିତ ହୋଇ ଚାଷ ଜମି ସବୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିବା ଯୋଗୁ ବର୍ତ୍ତମାନ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଅନେକ ଚାଷୀଙ୍କ ବିଦ୍ୟୁତ୍ ଚାଳିତ ପାଣି ପମ୍ପ, ଚାଷୋପକରଣ ଯନ୍ତ୍ରପାତି ସବୁ ବନ୍ୟା ପାଣିରେ ନଷ୍ଟ ହୋଇଯାଇଛି। ଚାଷୀମାନେ ଗାଈ, ମହିଷି, ଛେଳି, ମେଣ୍ଢା ଚରାଇବାକୁ ନେଇଥିବା ବେଳେ ହଠାତ୍ ବନ୍ୟା ପାଣି ପ୍ରଖର ସ୍ରୋତରେ ପ୍ରବାହିତ ହେବାରୁ ହଟହଟା ହୋଇଥିଲେ। ବିରିପୁର ମାଟିଖାଲ ରାସ୍ତାରେ ୩ ଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେବା ସହ ତଳିଆ ଅଞ୍ଚଳର ଘରେ ପାଣି ପଶିଯିବାରୁ ହଇରାଣ ହୋଇଥିଲେ। କଲମପୁର ତହସିଲଦାର ୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ବାଲିଛଡା ରାସ୍ତା ଉପରେ ୨ ଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହୋଇ ନିର୍ମାଣାଧୀନ ରାସ୍ତା ମାଟି ସବୁ ଚାଷ ଜମିରେ ପକାଇ ଦେଇଛି। ଅନେକଙ୍କ ଚାଷ ଜମିରେ ଧାନ ଫସଲ ସବୁଜ ରଙ୍ଗ ଧରି ବଢ଼ି ଆସୁଥିବାବେଳେ ଇନ୍ଦ୍ରାବତୀ ବିଭାଗର ସୂଚନା ନ ଦେଇ କୃତ୍ରିମ ବନ୍ୟା ସୃଷ୍ଟି କରିବା ଚାଷୀଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। କଲମପୁରରେ ୪୨ ମି.ମି. ଏବଂ ଥୁଆମୁଳ ରାମପୁରରେ ୯୨ ମି.ମି. ବର୍ଷା ହୋଇଥିବା ବେଳେ ବିଭାଗ ପକ୍ଷରୁ ହଠାତ୍ ପାଣି ଛାଡିଦେବା କେତେଦୁର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗାମୀ ଦିନରେ ଏହିଭଳି ହଠାତ ପଦକ୍ଷେପ ନେଇ ଚାଷୀଙ୍କୁ ଆର୍ଥିକ ଦୁର୍ବଳ କରି ହଇରାଣ କଲେ ଚାଷୀ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ବନ୍ୟା ପ୍ରପିଡିତ ଚାଷୀଙ୍କ ସମେତ ହାତୀନଦୀ କୁଳରେ ଥିବା ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ଚାଷଜମିରେ ବନ୍ୟା ପାଣି।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### କାଦୋପଡ଼ା ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

**ପାଟଣାଗଡ଼,୯।୯(ଡି.ଏନ.ଏ.):** ପାଟଣାଗଡ଼ କାଦୋପଡ଼ାଠାରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜାର ଏକ ପ୍ରସ୍ତୁତି ବୈଠକ ଗୋଲାପରାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ମହାଦେବ ମେହେର, ଉପ ସଭାପତି ଗୋକୁଳ ମେହେର, ସମ୍ପାଦକ ଜୟନ୍ତ ମେହେର, ସହ ସମ୍ପାଦକ ସନ୍ୟାସୀ ବାଗ, କୋଷାଧ୍ୟକ୍ଷ ସୁବାସ ମେହେରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରି ଦାୟିତ୍ୱ ଦିଆଯାଇଛି। ବୈଠକରେ ପୂଜାକୁ କିପରି ଆକର୍ଷଣ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏପରି କି ରାବଣ ପୋଡି ମୁଖ୍ୟ ଆକର୍ଷଣ ରହିଥିବା ବେଳେ ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କୁ ଭୋଗ ବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭୂପେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଦେବରାଜ ପାଣିଗ୍ରାହୀଙ୍କୁ ପରବାସୀ ଶିକ୍ଷା ସମ୍ମାନ

**ପାଟଣାଗଡ଼,୯।୯(ଡି.ଏନ.ଏ.):** ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପାଣିଗ୍ରାହୀଙ୍କୁ ଚଳିତ ବର୍ଷ ମର୍ଯ୍ୟାଦାଜନକ ପରବାସୀ ଶିକ୍ଷା ସମ୍ମାନ ୨୦୧୯ ପ୍ରଦାନ କରାଯାଇଛି। ଆଗଲପୁର ଡୁଡୁକାଠାରେ ଅନୁଷ୍ଠିତ ପରବାସୀ କୁଟୁମ୍ ନୂଆଁଖାଇ ଭେଟ୍‌ଘାଟ୍ ୨୦୧୯ ଅବସରରେ ଅତିଥିଙ୍କ ସହ ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରୀ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଦେବରାଜଙ୍କୁ ସମ୍ମାନିତ କରିଥିଲେ। ଏନେଇ ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଏମ୍‌ପିଙ୍କ ସଇଁତଲା ବ୍ଲକ ପ୍ରତିନିଧି ମନୋନୀତ

**ଟିକ୍ରାପଡ଼ା,୯।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ପାଇଁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତିନିଧି ଭାବେ ଅକ୍ଷୟ ରଣା ମନୋନୀତ ହୋଇଛନ୍ତି। ଏ ନେଇ କର୍ମୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଅଞ୍ଚଳବାସୀଙ୍କ ସମସ୍ୟାର କିପରି ସମାଧାନ ହୋଇପାରିବ ସେନେଇ ଉଦ୍ୟମ ଜାରି ରହିବ ବୋଲି ଅକ୍ଷୟ ପ୍ରକାଶ କରିଛନ୍ତି।

### ଖୁଦୁରୁକୁଣୀ ଭସାଣି ଉତ୍ସବ

**ଖପ୍ରାଖୋଲ,୯।୯(ଡି.ଏନ.ଏ.):** ସ୍ଥାନୀୟ ଡୁମେରତଲିଏନ ମନ୍ଦିର ପଛପଟେ ଯୁବତୀମାନଙ୍କ ଦ୍ୱାରା ମା' ଖୁଦୁରୁକୁଣିଙ୍କ ପୂଜା କରାଯାଉଥିଲା। ସୋମବାର ମା'ଖୁଦୁରୁକୁଣିଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ମାଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଗାଁ ପୋଖରୀରେ ବିସର୍ଜନ କରାଯାଇଥିଲା । ଖୁଦୁରୁକୁଣି ଓଷା କମିଟିର ରଶ୍ମିତା ଦଣ୍ଡସେନା, ମୀରାବାଇ କୁଅଁର, ରଞ୍ଜିତା ଦଣ୍ଡସେନା, ରେବତୀ, ଚୁମକି, ନୀରୁ, ଶ୍ରଦ୍ଧା, ଝିଲି, ରୀତା, ମୁସ୍କାନ, ରାଖୀ, ସୁଷମା, ସଙ୍ଗୀତା, ମନିଷା, ଯଜ୍ଞ, କୁନି ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ଦେଓଗାଁ,୯।୯(ଡି.ଏନ.ଏ.):** ଦେଓଗାଁ ସାହୁପଡ଼ାରେ ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ସୁମନ୍ତ କୁମାର ସାହୁ, ସମ୍ପାଦକ ଶେଷଦେବ ମେର୍ଲ୍ଲି, କୋଷାଧ୍ୟକ୍ଷ ରମେଶ କୁମାର ସାହୁ ଏବଂ ସଭ୍ୟ ଭାବେ ହିଂମାଶୁ ସାହୁ, ଆଶିଷ ବାରିକ, ମଦନ ସାହୁ, ସୁବୋଧ ସାହୁଙ୍କୁ ମନୋନିତ କରାଯାଇଥିଲା।

ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ

# ମଣିଷ ଗଢ଼ିବା ହିଁ ଶ୍ରେଷ୍ଠ ଶିକ୍ଷା

**ଟିଟିଲାଗଡ଼,୯।୯(ଡି.ଏନ.ଏ.)**



ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଟିଟିଲାଗଡ଼ ଅଞ୍ଚଳରେ ଉଚ୍ଚତର ଶିକ୍ଷା ପାଇଁ ଦୀର୍ଘଦିନର ଆନ୍ଦୋଳନ ପରେ ୧୯୬୮ ସେପ୍ଟେମ୍ବର ୯ରେ ଡିଏଭି ମହାବିଦ୍ୟାଳୟର ସ୍ୱପ୍ନ ସାକାର ହୋଇଥିଲା। ସୋମବାର ଡିଏଭି କଲେଜର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି ମଞ୍ଚ ସଞ୍ଚାଳନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ସ୍ମୃତିଚାରଣ କରିଛନ୍ତି। ପ୍ରାରମ୍ଭରେ ଅତିଥି ବୃନ୍ଦ ଆଚାର୍ଯ୍ୟ ଦୟାନନ୍ଦ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ସହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନେଇ ମୁଖ୍ୟ ଭୂମିକା ନିର୍ବାହ କରିଥିବା ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଡ. ଭକ୍ତବନ୍ଧୁ ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଓଡ଼ିଶା ନାଗରିକ ମଞ୍ଚର ସଭାପତି ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା, ବିଶିଷ୍ଟ ସ୍ତମ୍ଭକାର ଶଶିଭୂଷଣ ରଥ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶତପଥୀ ସନ୍ଥ କବି ଭିମ ଭୋଇ, ଉତ୍କଳମଣୀ ଗୋପବନ୍ଧୁ ଦାଶ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶିକ୍ଷା ନିର୍ଦ୍ଦେଶନ ଉପରେ ଆଲୋଚନା କରିବା ସହ ଭଲ ମଣିଷ ଗଢିବା ହିଁ ଶ୍ରେଷ୍ଠ ଶିକ୍ଷା ବୋଲି କହିଥିଲେ। ସମ୍ମାନୀତ ଅତିଥି ରଥ ସାମ୍ପ୍ରତିକ ପରିସ୍ଥିତିରେ କିଛି ବହି ଲେଖି କବି ତଥା ଲେଖକ ମାନ୍ୟତା ପାଇଁ ଆଗଭର ହେଉଛନ୍ତି, ଏପରିପ୍ରେକ୍ଷୀରେ ନିଜ ସାମାଜିକ ମୂଲ୍ୟବୋଧ, କର୍ତ୍ତବ୍ୟନିଷ୍ଠା ପ୍ରତି ମାନବ ସମାଜ ଅବଲୋକନ କଲେ ସମାଜ ପ୍ରତି ଠିକ୍ ନିର୍ଦ୍ଦେଶନ ହେବ ବୋଲି କହିଥିଲେ।

ମୁଖ୍ୟଅତିଥି ମନ୍ତ୍ରୀ ସାହୁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉପଦେଶ ଦେବା ସହ ଦେଶ ଗଠନ ପ୍ରତି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ କହିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶିଲ ପାଢୀ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମେଜର ଡ. ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ କଲେଜର ଏନସିସି ସ୍କ୍ୱାଡ ଅତିଥି ବୃନ୍ଦଙ୍କୁ ଗାର୍ଡ ଅଫଅନର ପ୍ରଦାନ କରି ମଞ୍ଚକୁ ପାଛୋଟି ଆଣିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିଜିତ ଘୋଷ, ବନ୍ଦନା କର, ସସ୍ମିତା ପାଣିଗ୍ରାହୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନ ସଂଗ୍ରାମୀ ଗଜାନନ ମିଶ୍ର, ଡ. ଗୋବର୍ଦ୍ଧନ ସାହୁ, ପ୍ରାକ୍ତନ ଡିଏଭି କଲେଜ ଅଧ୍ୟକ୍ଷ ଡ. ସୀତାରାମ ପାଣିଗ୍ରାହୀଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ତଥା ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ।

## ଚିତ୍ରାଙ୍କନ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୯।୯**

ବଲାଙ୍ଗୀର ରେଲୱେ ଷ୍ଟେସନ ରୋଡ୍ ତେଲିଗୋଠପଡ଼ାସ୍ଥିତ ଚିତ୍ର-ସଙ୍ଗୀତ ଶିକ୍ଷାନୁଷ୍ଠାନ କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟଠାରେ ସାଂସ୍କୃତିକ, ଅର୍ଥନୈତିକ ଏବଂ ସାମାଜିକ ଅନୁଷ୍ଠାନ ଖଦ୍ୟୋତ ପକ୍ଷରୁ ସହରର ବିଭିନ୍ନ ବିଦ୍ୟାଳୟମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଳାଧାମ ଅନୁଷ୍ଠାନ ଅଧ୍ୟକ୍ଷ ଦିଲୀପ କୁମାର ସିଂଦେଓଙ୍କ ତତ୍ତ୍ୱାବଧାନରେ ଖଦ୍ୟୋତ ଉପସଭାପତି ଆକୁଳ ବେହେରା, ସମ୍ପାଦକ ରବୀଚନ୍ଦ୍ର ପଶାୟତ, ବରିଷ୍ଠ ସଦସ୍ୟ ଭକ୍ତଚରଣ ନାଏକ, ନଳିନୀ ସିଂଙ୍କ ସହଯୋଗିତାରେ ପ୍ରତିଯୋଗିତା ହୋଇଥିଲା । ଆଗାମୀ ଦିନରେ ଖଦ୍ୟୋତର ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।



ଖଦ୍ୟୋତ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ କାର୍ଯ୍ୟକାରୀ କମିଟି ପୁନର୍ଗଠିତ

**ବଲାଙ୍ଗୀର ଅଫିସ,୯।୯**

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ (ଆଲୁମ୍ନି ଆସୋସିଏଶନ୍) ପୁର୍ନଗଠନ କରାଯାଇଛି । ଗତ ୪ ତାରିଖ ସାଧାରଣ ପରିଷଦ ନିଷ୍ପତ୍ତି ଅନୁସାରେ ସଭାପତି ଓ ସାଧାରଣ ସମ୍ପାଦକଙ୍କ ଉଦ୍ୟମକ୍ରମେ ସଂଘ ନିୟମାବଳୀ ଅନୁଯାୟୀ ଏହି ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଲଳିତ କୁମାର ନାୟକ, କାର୍ଯ୍ୟନିର୍ବାହୀ ସଭାପତି ଭାବେ କଲେଜ ଅଧ୍ୟକ୍ଷ ବିନୟ କୁମାର ଜେନା, ଉପସଭାପତି ଭାବେ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ସାଧାରଣ ସମ୍ପାଦକ ଭାବେ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ଭାବେ ଡ. ଶ୍ରୀକର ମିଶ୍ର ଓ ଯୁଗ୍ମ ସଚିବ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମହେଶ ପଟ୍ଟନାୟକ କାର୍ଯ୍ୟ କରିବେ। ଏପରି କି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ରତନ ମହାରଣା, ଶିଳ୍ପଦ୍ୟୋଗୀ ପ୍ରଭାସ ପାଣିଗ୍ରାହୀ, ପୂର୍ବତନ ଛାତ୍ରନେତା ଅନନ୍ତ ଦାସ, ମନୀଷ ମିଶ୍ର, ମନୋରଞ୍ଜନ ଯୋଷୀ ରହିଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକାରୀ ସଦସ୍ୟ ଭାବେ ଆଇନଜୀବୀ ପ୍ରିୟରଞ୍ଜନ ବହିଦାର, ଆଇନଜୀବୀ ଗୌରୀଶଙ୍କର ପଣ୍ଡା, ଶିକ୍ଷାବିତ ପ୍ର. ସନ୍ତୋଷ ରଥ, ସମାଜକର୍ମୀ ବୀରେନ୍ଦ୍ର ବନଛୋର ମନୋନୀତ ହୋଇଛନ୍ତି। ପ୍ଲାଟିନମ୍ ଜୁବୁଲି ପାଳନ କମିଟି ସଂଯୋଜକ ଭାବେ ବିଶିଷ୍ଟ ସଙ୍ଗଠକ ହରି ନାରାୟଣ ପୂଜାରୀ କାର୍ଯ୍ୟ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। କଲେଜ ପ୍ଲାଟିନମ୍ ଜୁବୁଲି କମିଟିର ସମସ୍ତ ସବ୍‌କମିଟି ଖୁବ ଶୀଘ୍ର ଗଠିତ ହେବ ବୋଲି ସୂଚନା ଦିଆଯାଇଛି। ନବଗଠିତ କାର୍ଯ୍ୟକାରୀ କମିଟି ପ୍ରଥମ ବୈଠକ ଶନିବାର ଅପରାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା।



ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ସଦସ୍ୟ।

## ଦଳିତ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୯।୯**

ବଲାଙ୍ଗୀର ଜିଲାର ଦଳିତ ସମାଜକୁ ନେଇ ସୂର୍ଯ୍ୟମଣି ସୁନାଙ୍କ ଆବାହକତ୍ୱରେ ଠିକାଦାରପଡ଼ା ଶ୍ରମିକ ଭବନରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଦଳିତ ଶିକ୍ଷକ ସଂଘ ସଭାପତି ବାସୁଦେବ ମୁଗ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟାକ ସମାଜପ୍ରେମୀ ଯୋଗ ଦେଇଥିଲେ । ନୂଆଁଖାଇ ଏଠିକାର ମୂଳ ଅଧିବାସୀଙ୍କ ଆଦି ପର୍ବ ହୋଇଥିବାବେଳେ ଏଥିରେ ଧୀରେ ଧୀରେ ପ୍ରଭାବ କମିବାକୁ ଲାଗୁଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଆଗାମୀ ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଟାଉନ ହଲ୍‌ଠାରେ ଦଳିତ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ କମିଟି ଗଠନ କରାଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ନେପାଳ ଚନ୍ଦ୍ର ବାଗ, ଆବାହକ ବାସୁଦେବ ମୁଗ୍ରୀ, ବିଜୟ ଚନ୍ଦ୍ର ବାରିକ, ସଭ୍ୟ ଭାବେ ଶମ୍ଭୁ ନାଗ, ତ୍ରିଲୋଚନ ନନ୍ଦ, ଦ୍ରୋଣ କୁମ୍ଭାର, ସୁନୀଲ ମୁଗ୍ରୀ, କିଶୋର କୁମ୍ଭାର, ତରଣୀସେନ ଦୀପ, ବୃନ୍ଦାବନ ନାଗ, ଲୀଳାମୟୀ ସୁନା, ରଶ୍ମି ବାଗ, ଘନଶ୍ୟାମ କୁମ୍ଭାର, ପ୍ରେମ ନାଗ, ହିମାଂଶୁ ନାଗ, ବିହାରୀ ଦିପ, ପବିତ୍ର ନାଗଙ୍କୁ ମନୋନିତ କରାଯାଇଛି । କାର୍ଯ୍ୟକ୍ରମରେ ହେବାକୁ ଥିବା ଆର୍ଥିକ କାରବାର ପାଇଁ ସୂର୍ଯ୍ୟମଣି ସୁନାଙ୍କୁ ଦାୟିତ୍ୱ ଦିଆଯାଇଛି। କାର୍ତ୍ତିକେଶ୍ୱର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## କଡ଼ାସିଂହାରେ ନୂଆଁଖାଇ ଭେଟ୍‌ଘାଟ୍

**ଦେଓଗାଁ,୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦରବ୍ଲକ ଅଧୀନ କୁଡ଼ାସିଂହାରେ ସାର୍ବଜନିନ ସାଂସ୍କୃତିକ କଳାପରିଷଦପକ୍ଷରୁନୂଆଁଖାଇଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତସ୍ତରୀୟ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ବାସୁଦେବ ସା, ନବୀନ କୁଅଁର, ବ୍ରହ୍ମାନନ୍ଦ ବନଛୋର, ସ୍ୱରୂପା ସିଂ, ଶ୍ରୀପଦା ଷଡଙ୍ଗୀ ଯୋଗେଦେଇଥିଲେ। ଡା.ଲଲିତ କୁମାର ସାହୁଙ୍କ ପରିଚାଳନା ତଥା ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ବରିଷ୍ଠ ଲୋକ କଳାକାର ଯୁଗେଶ୍ୱର ପାତ୍ର, ଅରକ୍ଷୀତ ସାହୁ ଓ ବୃନ୍ଦାବନ ପୁଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କପିଳ ନନ୍ଦ, କମିଟି ଉପ ସଭାପତି ନାରାୟଣ ନାଥ, ବିରଞ୍ଚି ପଧାନ ପ୍ରମୁଖ ଯୋଗଦେଇ ପଞ୍ଚାୟତସ୍ତରୀୟ ନୃତ୍ୟଗୀତରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜୟ ମାଝି, ହୃଷୀକେଶ ନାଏକ ଏବଂ ଭୁବନେଶ୍ୱର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ପାରମ୍ପରିକ ନୃତ୍ୟ, ଦୁଲୁଦୁଲି ତଥା ନବୀନ କୁଅଁର ଓ ସାଥୀଙ୍କ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମକୁ ରାଧେଶ୍ୟାମ ପଥାଲ, ରବୀନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ପ୍ରକାଶ ସାହୁ, ସୁରେଶ ସାହୁ, ବୁଲୁ ସାହୁ, ଚିତ୍ତରଞ୍ଜନ ପଧାନ, ମନୋଜ ଝାଙ୍କର ତଥା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


କଡ଼ାସିଂହାରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର କଳାକାରଙ୍କୁ ସମ୍ମାନିତ କରୁଛନ୍ତି।

## ଟିକ୍ରାପଡ଼ା ନବରାତ୍ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୯।୯**

ବଲାଙ୍ଗୀର ସହରର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଗାନ୍ଧୀ ପାଠାଗାରରେ ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ କରିବାକୁ ପାଠାଗାର ସଭାପତି ଭଗବାନ ବଗର୍ତ୍ତିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ ନେଇ ପ୍ରଣୟ ଗଡତ୍ୟା ସଭାପତି, ଆନିଶ ସାହୁ ସମ୍ପାଦକ ଏବଂ ସତ୍ୟନାରାୟଣ ଶତପଥୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। କମିଟିରେ ଭଗବାନ ବଗର୍ତ୍ତୀ, ପ୍ରକାଶ ନେପାକ, ରାଜେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ସାହୁ, ପ୍ରଦୀପ ସାହୁ, ଶିବେନ୍ଦ୍ର ସାହୁ, ସନ୍ତକ ବହିଦାର, ରାଜେନ୍ଦ୍ର ପାଣି, ହୃଦୟ ରଞ୍ଜନ ସାହୁ, ରିଆଜ୍ ଖାନ ସଦସ୍ୟ ମନୋନୀତ ହୋଇଛନ୍ତି । ବିଗତ ବର୍ଷର ଆୟବ୍ୟୟ ବିବରଣୀ ବୈଠକରେ ଉପସ୍ଥାପନ କରାଯାଇଥିଲା। ଗତବର୍ଷ ଦୁର୍ଗାପୂଜା ଆୟୋଜନରେ ସହଯୋଗ ପାଇଁ ପଡ଼ାବାସୀ ତଥା ସମସ୍ତ ବଦାନ୍ୟ ବ୍ୟକ୍ତିଙ୍କୁ ପାଠାଗାର ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ଆୟୋଜନ ନିମନ୍ତେ ବୈଠକରେ ଉପସ୍ଥିତ ମଣ୍ଟୁ ପଟ୍ଟନାୟକ, ସଦାଶିବ ଶତପଥ, ମହମ୍ମଦ ଅକବର, ନେତ୍ରାନନ୍ଦ ନନ୍ଦ, ଅଜିତ ପଣ୍ଡା, ବୁବୁ ବଢିଆ, ପ୍ରମୋଦ ସାହୁ, ସୁଧାକର ନନ୍ଦ, ପ୍ରମୋଦ ପ୍ରଧାନ, ଭକ୍ତ ପୋଡ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପୂଜାକୁ ଅଧିକ ଆକର୍ଷଣ ଏବଂ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ହିନ୍ଦୀ ଶର୍ଟଫିଲ୍ମ ସର୍କସର ସ୍କ୍ରିନ୍ ପ୍ଲେ

**ବଲାଙ୍ଗୀର ଅଫିସ, ୯।୯**



ସର୍କସ ଶର୍ଟ ଫିଲ୍ମ ଉପରେ ଅଭିନେତା ଦେବତୋଷ ଦର୍ଜୀ ସୂଚନା ଦେଉଛନ୍ତି।

ହିନ୍ଦୀ ସର୍ଟଫିଲ୍ମ ସର୍କସର ସ୍କ୍ରିନ୍ ପ୍ଲେ କାର୍ଯ୍ୟକ୍ରମ ସ୍ଥାନୀୟ ସାମ୍ବାଦକ ଭବନଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସିର୍ଟ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବଲାଙ୍ଗୀରର ଯୁବ ପ୍ରତିଭା ତଥା ବଲିଉଡ୍‌ର ସିନେ ଅଭିନେତା ଦେବତୋଷ ଦର୍ଜୀ ଫିଲ୍ମ ଉପରେ ସୂଚନା ଦେଇଥିଲେ। ଦେବତୋଷ ପୂର୍ବରୁ ବହୁଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର ଜଜ୍‌ମେଣ୍ଟାଲରେ ଅଭିନୟ କରି ଚର୍ଚ୍ଚିତ ହୋଇସାରିଛନ୍ତି। ଜଣେ ମଞ୍ଚ ଓ ସିନେ ଅଭିନେତା ଭାବେ ଦେବତୋଷଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି। ତାରିକ୍ ବାସୁଦେବାଙ୍କ ନିର୍ଦ୍ଦେଶିତ ସର୍କସ ଫିଲ୍ମର ସ୍କ୍ରିନ୍ ପ୍ଲେ କାର୍ଯ୍ୟକ୍ରମରେ ଦେବତୋଷଙ୍କ ମାତା, ପିତା ଏବଂ ପରିବାର ଲୋକଙ୍କ ସହ ବଲାଙ୍ଗୀରର କଳାକାର ଓ କଳାପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦେବତୋଷ ଦର୍ଶକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବିଲି ପାଳନ

**ବଲାଙ୍ଗୀର ଅଫିସ, ୯।୯**

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ଶିକ୍ଷାକେନ୍ଦ୍ରରେ ପରିଣତ କରାଯିବ: ଏମ୍‌ପି
- ସହବନ୍ଧିତ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ହାସଲ ସନ୍ତୋଷଜନକ: ନରସିଂହ

ରାଜେନ୍ଦ୍ର କଲେଜର ପ୍ଲାଟିନମ ଜୁବୁଲି ପାଳନ ସକାଶେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ପାଟଣାଗଡ଼ ରାଜଖମାରଠାରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍‌ର ଏହି ପ୍ରତିନିଧି ଦଳ ଭେଟି କଲେଜର ପ୍ଲାଟିନମ୍ ଜୁବିଲି ଓ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ଆଲୋଚନା କରିଥିଲେୟ। ଏହି ଅବସରରେ ଘୋଷିତ ରାଜେନ୍ଦ୍ର ସହବନ୍ଧିତ ବିଶ୍ୱବିଦ୍ୟାଳୟକୁ ଏକ ଜାତୀୟସ୍ତରର ଉତ୍କର୍ଷ ଶିକ୍ଷାକେନ୍ଦ୍ର (ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ)ରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଏମ୍‌ପି ସିଂଦେଓ ଆସୋସିଏଶନ୍ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳଙ୍କ ଅନୁରୋଧ ରକ୍ଷା କରି ଦିନେ ଦୁଇଦିନ ମଧ୍ୟରେ ସେ କଲେଜ ପରିଦର୍ଶନରେ ଆସି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ମାନବ ସମ୍ବଳର ବିକାଶ ଦିଗରେ ପ୍ରତ୍ୟକ୍ଷ ଅବଗତ ହେବ ବୋଲି ଜଣାପଡ଼ିଛି। ଆଲୋଚନା ବେଳେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ରହି ପ୍ରତିନିଧି ଦଳକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ପ୍ରତିନିଧି ଦଳ ବଲାଙ୍ଗୀ ବିଧାୟକ ନରସିଂହ ମିଶ୍ରଙ୍କୁ ତାଙ୍କ କ୍ଲବ୍‌ପଡ଼ା ବାସଭବନରେ ସାକ୍ଷାତ କରି କଲେଜର ପ୍ଲାଟିନମ୍ ଜୁବିଲି ଓ ଘୋଷିତ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବ ଉପସ୍ଥାପିତ ଦାବି ଅନୁସାରେ ଏକକ ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ ରାଜେନ୍ଦ୍ର କଲେଜକୁ ସହବନ୍ଧିତ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ମିଳିଥିବାରୁ ବିଧାୟକ ମିଶ୍ର ସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଜୁବିଲି ପାଳନରେ ଆଲୁମ୍ନି ଆସୋସିଏଶନକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନର କାର୍ଯ୍ୟକାରୀ କମିଟି ପୁନର୍ଗଠିତ ହୋଇଛି। ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ପ୍ଲାଟିନମ୍ ଜୁବିଲି ସମାରୋହ ଆୟୋଜନ ପ୍ରକ୍ରିୟାରେ ଯଥାସମ୍ଭବ କଲେଜର ଅଧିକାଂଶ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି । ଅବିଭକ୍ତ ବଲାଙ୍ଗୀର ଜିଲାର ୩୦ଟି ବିଭିନ୍ନ ସ୍ଥାନରେ ଖୁବଶୀଘ୍ର ପୌରାଞ୍ଚଳ ଓ ବ୍ଲକସ୍ତରୀୟ ସଭାମାନ କରାଯାଇ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯିବ ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ, ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଓ ଜୁବିଲି ସଂଯୋଜକ ହରିନାରାୟଣ ପୂଜାରୀ ଜଣାଇଛନ୍ତି।



ଘୋଷିତ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ବେଲଖଣ୍ଡି-ପଲମ ମୁଖ୍ୟ ରାସ୍ତା ମରଣଯନ୍ତା

ତୁଣ୍ଡଲା,୯।୯(ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିଠାରୁ ପଲମକୁ ଯାଇଥିବା ଆରଡି ରାସ୍ତା ମରଣଯନ୍ତା ପାଲଟିଛି। ଗତ ମାସରେ ହୋଇଥିବା ପ୍ରବଳ ବନ୍ୟାରେ ଫଲସାପଡା ଗାଁ ପାଖ ପୋଲ ନିକଟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇଯାଇଥିଲା। ବିଭାଗୀୟ ପକ୍ଷରୁ ମାଟି ଓ ମୋରୁମ ପକେଇ ରାସ୍ତା ନିର୍ମାଣ କରିଥିଲେ। ଫଳରେ ଏହି ରାସ୍ତା ଦେଇ ସାଇକେଲ, ମୋଟରସାଇକେଲ ଯିବା ବହୁତ ସମସ୍ୟା ହେଉଛି। ଏଭଳି କାମ କରି କେବଳ ଠିକାଦାରମାନଙ୍କୁ ଲାଭବାନ କରାଯାଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣଙ୍କୁ ବହୁ କଷ୍ଟ ଭୋଗିବାକୁ ପଡୁଛି। ଅନ୍ୟପଟେ ଟିକିଏ ବର୍ଷା ହେଲେ ଯିବାଆସିବା ପୁରା ଠପ୍ ହୋଇଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ତୁରନ୍ତ ମରାମତି କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।



ସଭାରେ ଯୋଗଦେଇଥିବା ସହରବାସୀ।

# ମେଡିକାଲ କଲେଜ ସ୍ଥାପନ ଦାବି ତେଜୁଛି

ନୂଆପଡ଼ା ଅଫିସ,୯।୯

- ୧୧ରେ ନୂଆପଡ଼ା ବନ୍ଦ ଡାକରା
- ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ

ନୂଆପଡ଼ା ରାଜ୍ୟର ଏକ ଉପାନ୍ତ ଜିଲା। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଲୋକଙ୍କୁ ଉପଲବ୍ଧ ହୋଇପାରୁନାହିଁ। ବିଭିନ୍ନ ସମୟରେ ଲୋକେ ଦାବି କରୁଥିଲେ ମଧ୍ୟ ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଦିଗରେ ଉପଯୁକ୍ତ ଧ୍ୟାନ ଦିଆଯାଇ ପାରୁନାହିଁ। ଏହାକୁ ନେଇ ଏଠାରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ କେନ୍ଦ୍ର ସରକାର ଦେଶ ବ୍ୟାପି ମେଡିକାଲ କଲେଜ ସ୍ଥାପନ ସକାଶେ ଘୋଷଣା କରୁଥିବାବେଳେ ନୂଆପଡା ଭଳି ଜିଲା ହେଡକ୍ୱାର୍ଟରରେ ଏହା କାହିଁକି ଅବସ୍ଥାପିତ କରାଯିବ ନାହିଁ ବୋଲି ଯୁକ୍ତି କରି ଏଠାରେ ଆନ୍ଦୋଳନ କରିବାକୁ ସଜବାଜ ଚାଲିଛି। ଏଠିକାର ଜିଲା ଓକିଲ ସଂଘ ଆହ୍ୱାନରେ ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତୁତି ଚାଲିଛି। ଏହି କ୍ରମରେ ବୁଧବାର ନୂଆପଡା ବନ୍ଦ କରି ପ୍ରତିବାଦ କରିବାକୁ ଘୋଷଣା କରାଯାଇଛି।

ସୋମବାର ଅପରାହ୍ନରେ ସ୍ଥାନୀୟ କୋର୍ଟ ପରିସରରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସିଭିଲ ବାର ଆସୋସିଏଶନ ସଭାପତି ଘାସିରାମ ମାଝି, ମର୍ଚ୍ଚାଣ୍ଟ ଆସୋସିଏଶନ ସଭାପତି ସରୋଜ କୁମାର ସାହୁ, ଅଶ୍ୱିନୀ କୁମାର ବାଗ, ପିଣ୍ଟୁ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ନୂଆପଡା ଏବଂ ଖରିଆରରୋଡ ସହରରୁ ବିଭିନ୍ନ ବର୍ଗରୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ସମସ୍ତ ସଦସ୍ୟଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ନୂଆପଡାରେ ଦିନକୁ ଦିନ ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗୀନ ହୋଇପଡୁଛି। ଲୋକେ ବାଧ୍ୟ ହୋଇ ସୁଦୂର ଛତିଶଗଡର ରାୟପୁରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ମେଡିକାଲ କଲେଜ ସ୍ଥାପନ ସକାଶେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ନିବର୍ନିର୍ମିତ ସାତ ତାଲା ବିଲଡିଂ ରହିଛି। ଲୋକଙ୍କ ଦାବିକୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରହଣ କରି ମଞ୍ଜୁରୀ ଦେବା ଆବଶ୍ୟକ। ଏଥିପାଇଁ ଦରକାର ହେଲେ ଗ୍ରାମ୍ୟସ୍ତରରୁ ଜିଲା ପର୍ଯ୍ୟନ୍ତ ଆନ୍ଦୋଳନକୁ ସୁଦୂର ପ୍ରସାରୀ କରିବାକୁ ପଡିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଆଗାମୀ ଦିନରେ ଏକ ପ୍ରତିନିଧିଦଳ ରାଜ୍ୟ ରାଜଧାନୀ ଏବଂ ଦିଲ୍ଲୀ ଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ବର୍ତ୍ତମାନ ସରକାର ଦେଶ ବ୍ୟାପି ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କରିଛନ୍ତି। ଏଥିରେ ନୂଆପଡାକୁ ତାଲିକାଭୁକ୍ତ କରିବାକୁ ଜିଲାବାସୀ ଦାବି କରୁଛନ୍ତି। ଏଥିପାଇଁ ଆସନ୍ତା ୧୧ ତାରିଖ ଅର୍ଥାତ ବୁଧବାର ନୂଆପଡା ଏବଂ ଖରିଆରରୋଡ ସହର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ ଜରିଆରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବେ। ଏଥିରେ ଯାନବାହନ, ଦୋକାନ ବଜାର, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବ। ଏଥିପାଇଁ ସାଧାରଣ ଲୋକ ଆଗକୁ ଆସି ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶ୍ୱେତରାମ ଦେୱାଙ୍ଗନ, ହାଲ୍ଲା ସିଂ, ଟିଟୁ ପଣ୍ଡା, ସୁଧୀର କୁମାର ମିଶ୍ର, ଅବନୀ ଯୋଷୀ, ରବୀନ୍ଦ୍ର ମଙ୍ଗରାଜ, ବିଭୂତି ଭୂଷଣ ପାଣିଗ୍ରାହୀ, ସୁରେଶ କୁମାର ଅଗ୍ରୱାଲ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ନୂଆ ମୋଟରଯାନ ଆଇନ ନେଇ ପୋଲିସର ସଚେତନତା

କୋମନା,୯।୯ (ଡି.ଏନ.ଏ.)

ନୂଆପଡ଼ା ଜିଲା କୋମନା ପୋଲିସ ପକ୍ଷରୁ ସୋମବାର ନୂଆ ମୋଟରଯାନ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଜନସାଧାରଣ, ମୋଟରଯାନ ଚାଳକ ଓ ମାଲିକମାନଙ୍କ ପାଇଁ ସଂଶୋଧିତ ମୋଟରଯାନ ଆଇନ ୨୦୧୯ ନିୟମାବଳି ଉପରେ କୋମନା ବସଷ୍ଟାଣ୍ଡ ନିକଟରେ ସଚେତନତା କରାଯାଇଛି। ଏଥିରେ ଭାରତ ସରକାରଙ୍କ ନୂଆ ନିୟମାବଳି ଓ ଦଣ୍ଡବିଧାନ ବିଷୟରେ ଲୋକଙ୍କୁ ଲିଫଲେଟ ଦେଇ ସଚେତନ କରାଯାଇଥିଲା। ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ ୨୦୧୯ର ନିୟମାବଳୀ ସେପ୍ଟେମ୍ବର ୧ରୁ ସାରା ରାଜ୍ୟରେ କଡାକଡି ଭାବେ ଲାଗୁ ହୋଇଛି। ଏହି ସଂଶୋଧିତ ଆଇନରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀମାନଙ୍କୁ କଠୋର ଆର୍ଥିକ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣର ସାରଣୀ କରି ଲୋକଙ୍କୁ ସଚେତନତା କରାଯାଇଥିଲା। ଏହାକୁ କୋମନା ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରି ଲୋକଙ୍କୁ ଟ୍ରାଫିକ ନିୟମ ମାନିବା, ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ସିଟବେଲ୍ଟ ପରିଧାନ କରିବା ଉପରେ ସଚେତନ କରିଥିଲେ।





ନୂଆ ମୋଟରଯାନ ଆଇନ ନେଇ ଲୋକଙ୍କୁ ସଚେତନତା କରାଯାଉଛି।

# ନବନିର୍ମାଣ କୃଷକ ସଙ୍ଗଠନର ଚାଷୀ ସମାବେଶ

ନୂଆପଡା ଅଫିସ, ୯।୯

ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପରେ ଜିଲା ପ୍ରଭାରୀ ପ୍ରମୋଦ କୁମାର ଦାସ ଏବଂ ଲଳିତ କୁମାର ସାହୁଙ୍କ ଆବାହକତ୍ୱରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀ ନେତା ତଥା ସ୍ଥାନୀୟ ସାରାବଙ୍ଗ ସରପଞ୍ଚ ଭରତଲାଲ ରାଉତ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟଅତିଥି, କମଲେଶ ଦିକ୍ଷୀତ, ବିରେନ୍ଦ୍ର ପ୍ରଧାନ, ଜୀବନ ସାହୁ, ଜଗଦିଶ ସାହୁ, ବଳଦେବ ଚନ୍ଦ୍ରକାର, ତାରାଚାନ୍ଦ ସାହୁ, ଜୀବନଲାଲ ସାହୁ, କମଲେଶ ସିଂ ଠାକୁର ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟରେ କିଭଳି ଚାଷୀମାନେ ଶୋଷିତ ହେଉଛନ୍ତି। ଏମାନେ ଅସଙ୍ଗଠିତ ହୋଇ କାମ କରୁଥିବାବେଳେ ଏକତାର ଅଭାବ ରହିଛି। ତେଣୁ କରି ସରକାର ଚାଷୀଙ୍କ ସହ ଖେଳ ଖେଳୁଛନ୍ତି। ଆଗକୁ ଏକ ଛାତ ତଳେ ଠୁଳ ହେବାକୁ ପଡିବ ବୋଲି ରାଜ୍ୟ ପ୍ରଭାରୀ ନନ୍ଦ କହିଥିଲେ। ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସର୍ବଭାରତୀୟ ଚାଷୀ ସମାବେଶରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଏଠିକାର ଚାଷୀନେତାମାନେ ନୂଆପଡାରେ ଚାଷୀମାନେ ପ୍ରତିବର୍ଷ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସବୁବେଳେ ଚାଷୀଙ୍କୁ ସାର ଅଭାବ, ଅଭାବୀ ଧାନ ବିକ୍ରି ଭଳି ସମସ୍ୟାରେ ତଳିତଳାନ୍ତ ହେବାକୁ ପଡୁଛି। ଏଥିପାଇଁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକ ଶେଷରେ ଆବାହକ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଚାଷୀନେତାମାନେ।

# କମଳା ଚାଷ ସମ୍ପର୍କିତ ସଚେତନତା କର୍ମଶାଳା

ଦେବଗଡ,୯।୯(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ସେବା ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର କମଳା ଚାଷ ସମ୍ପର୍କୀତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ନାଗପୁରସ୍ଥିତ ଏନଆର୍‌ସିବିର ଡ. ସୁନୀଲ କୋଣ୍ଡେ, ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ଦିଲୀପ କୁମାର ଦାଶ, ମାର୍କେଟିଂ କନସଲଟାଣ୍ଟ ଚୌଧୁରୀ ବରଦା ପ୍ରଶନ୍ନ ଦାସ, ଓଡିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ ଓ କୁଣ୍ଢେଇଗୋଳା ସେବା ସମବାୟ ସମିତି ସଭାପତି ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଉକ୍ତ ଅଞ୍ଚଳରେ କରାଯାଉଥିବା ଉନ୍ନତ ମାନର କମଳା ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗଛରୁ ବହୁ ସଂଖ୍ୟାରେ କମଳା ଝଡି ପଡୁଥିବା, ଚୋପା ଉପରେ ମାଟିଆ ଦାଗ ଦେଖାଦେବା କାରଣ ଓ ନିରାକରଣ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସେହିପରି ଉପସ୍ଥିତ କୃଷି ବୈଜ୍ଞାନିକମାନେ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ମୁତାବକ କମଳା ଗଛ, ଡାଳ ରେଣ୍ଟ ରାସାୟନିକ ସାର ଚାଷ ପ୍ରୟୋଗ ଜଳଚେଚନ ବ୍ୟବସ୍ଥା ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ଚାଷୀମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ଉକ୍ତ ଅଞ୍ଚଳର ବହୁ କମଳା ଚାଷୀ ଯୋଗଦେଇଥିଲେ।

# ଉଦନ୍ତୀରେ ବନ୍ୟାଜଳ କମିଲା, ଟାପୁରୁ ଗୋରୁ ବାହୁଡ଼ିଲେ

ସିନାପାଲି,୯।୯ (ଡି.ଏନ.ଏ.)

ଉଦନ୍ତୀ ନଦୀରେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀରେ ହଠାତ୍ ବନ୍ୟାଜଳ ମାଡି ଆସିଥିଲା। ନଦୀ ମଝିରେ ଗତ ଶନିବାର ଫସି ଯାଇଥିବା ସମସ୍ତ ଗୋରୁ ସୋମବାର ବହୁଡିଛନ୍ତି। ଉଦନ୍ତୀ ନଦୀରେ ବନ୍ୟାଜଳ ହ୍ରାସ ପାଇଥିବା ଯୋଗୁ ସମସ୍ତ ଗୋରୁ ଫେରି ଆସିପାରିଛନ୍ତି। ହେଲେ କିଛି ଗୋରୁ ନଦୀରେ ଭାସି ଯାଇଥିବା ଖବର ସତ୍ୟତା ଜଣାପଡିନାହିଁ। ସୂଚନାଯୋଗ୍ୟ ଯେ, ଶନିବାର ଫୁରସୁଣ୍ଡ ଗ୍ରାମର ୧୦ ଜଣ ବ୍ୟକ୍ତି ଗୋରୁମାନଙ୍କ ସହିତ ଯାଇ ନଈମଝିରେ ଥିବା ଟାପୁରେ ଫସି ରହିଥିଲେ। ଉକ୍ତଦିନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକମାନଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲା। ହେଲେ ସେଠାକୁ ଚରିବାକୁ ଯାଇଥିବା ଗୋରୁ ଆସିପାରି ନ ଥିଲେ। ରବିବାର ମଧ୍ୟ ବନ୍ୟାଜଳ କମି ନ ଥିବାରୁ ଗୋରୁମାନଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ସୋମବାର ଫସିଥିବା ସବୁ ଗୋରୁ ଫେରି ଆସିଛନ୍ତି।

# ଭାନୁପ୍ରତାପ ଯୋଷୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋମନା,୯।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଭେଲାସ୍ଥିତ ହାଇସ୍କୁଲ ଖେଳ ପଡିଆରେ ପ୍ରଥମ ଭାନୁପ୍ରତାପ ଯୋଷୀ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ରୋୟଲ କ୍ଲବ ଗନିଆରୀ ଏବଂ ନୂଆପଡା ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ଗନିଆରୀ ଦଳ ନୂଆପଡାକୁ ୧-୦ ଗୋଲରେ ପରାସ୍ତ କରି ପ୍ରଥମ ମ୍ୟାଚ ବିଜୟ ଲାଭ କରିଥିଲା। ବଳରାମ ସରାଫ, ଗୁଡୁ ମାଝି, ବନ ସାହୁ ଏବଂ ତ୍ରିନାଥ କୁମ୍ଭାର ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭେଲା ସରପଞ୍ଚ ରିଖିରାମ ଦଣ୍ଡସେନା ଓ ପ୍ରିୟରଞ୍ଜନ ବାଗ ଓ ସ୍ୱର୍ଗତ ଯୋଷୀଙ୍କ ପୁଅ ତଥା ସାମାଜିକ କର୍ମୀ ବିମଳ ଯୋଷୀ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବିଧାୟକ ପାଣିଗ୍ରାହୀ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଏଭଳି ଏକ ଟୁର୍ନାମେଣ୍ଟ ଗ୍ରାମାଞ୍ଚଳରେ ଆୟୋଜନ କରୁଥିବାରୁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଅମନ ଛତ୍ରିଆ, ମୁକେଶ ଯୋଷୀ, କ୍ଷୁଦ୍ରଦେବ ଶବର, ହେତୁରାମ ଶବର, ସାଗର ଶବର, ଲିଟୁ ସେଠୀ, ଆଶିଷ ଶବର, ପରେଶ ଶବର, ରାହୁଲ ଶବର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଖଡ଼ିଆଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସଭା

ଖଡିଆଳ,୯।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଲୋକ ଦୃଷ୍ଟି କଲେଜ ପରିସରରେ ରବିବାର ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଖଡିଆଳ ଶାଖା ତରଫରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ନୂଆପଡା ଜିଲା ସଭାପତି ଅଶୋକ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଖଡିଆଳ ବ୍ଲକ ଶିକ୍ଷାଧିକାରୀ ଜଗଦିଶ ପ୍ରସାଦ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନବନିର୍ବାଚିତ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ସତିଶ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ଅନ୍ୟମାନେ।

## ସୀମା ବିବାଦ ପୁଣି ମୁଣ୍ଡ ଟେକିଲା

# ଓଡ଼ିଶା ଦାବି କରୁଥିବା ଜମିରେ ଛତିଶଗଡ଼ ଚାଷୀଙ୍କ ଜବରଦଖଲ

ସିନାପାଲି,୯।୯ (ଡି.ଏନ.ଏ.)



ନୂଆପଡା ଜିଲା ସିନାପାଲି ତହସିଲ ଅନ୍ତର୍ଗତ ଛତିଶଗଡ ସୀମାନ୍ତରେ ଥିବା ନୂଆମାଲପଡା ଗ୍ରାମ ଚାଷୀଙ୍କ ଜମିକୁ ଜବରଦସ୍ତ ଛଡାଇ ନେଇ ଛତିଶଗଡର ଚାଷୀ ଚାଷ କରିଥିବା ଘଟଣା ବର୍ତ୍ତମାନ ପଦାକୁ ଆସିଛି। ଓଡିଶା-ଛତିଶଗଡ ସୀମାନ୍ତରେ ପ୍ରାୟ ୨୫ ଏକର ଓଡିଶା ସରକାରଙ୍କ ଜମିରେ ନୂଆମାଲପଡାର ୧୨ ଜଣ ଭୂମିହୀନ ଚାଷୀ ବାପ ଅଜା ଅମଳରୁ ଚାଷ କରି ଆସୁଥିଲେ। ଚଳିତ ଖରିଫ ଚାଷ ସମୟରେ ଛତିଶଗଡ ମେନପୁର ତହସିଲ ଅନ୍ତର୍ଗତ ବୁରଜାବାହାଲ ଗ୍ରାମର କେତେକ ଚାଷୀ ଓଡିଶା ଚାଷୀଙ୍କଠାରୁ ଛଡାଇ ନେଇ ସେଠାରେ ମକା ଚାଷ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୀମାନ୍ତରେ ଉଭୟ ଗ୍ରାମରେ ବର୍ତ୍ତମାନ ଚାପା ଉତ୍ତେଜନା ବୃଦ୍ଧି ପାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ଜୁନରେ ଉକ୍ତ ଜମିକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଥିଲା। ନୂଆମାଲପଡାର ୧୨ ଜଣ ଚାଷୀ ଚାଷ କରି ଆସୁଥିବା ଏହି ଜମିକୁ ଛତିଶଗଡ ସରକାର ବୁରଜାବାହାଲ ଗ୍ରାମର ଚାଷୀମାନଙ୍କୁ ବାଣ୍ଟି ଦେଇଥିବା ସେ ସମୟରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉଭୟ ରାଜ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେମାନେ ସୀମା ନିର୍ଦ୍ଧାରଣ କରିଥିଲେ ମଧ୍ୟ ବିବାଦ ତୁଟି ନ ଥିଲା। ନୂଆମାଲପଡା ଗ୍ରାମର ୩ ନମ୍ବର ସିଟ ଖାତା ନମ୍ବର ୨୧୨ ଅନ୍ତର୍ଗତ ପ୍ଲଟ ନମ୍ବର ୧୫୦୭, ୧୪୬୫, ୧୪୬୩, ୧୪୦୮, ୧୪୭୦ ଗୋଚର କିସମ ଏହି ଜମିଗୁଡିକକୁ ସେହି ଗ୍ରାମର ହରିସିଂ ପରାଭୁଏ, ଜଗନ୍ନାଥ ପରାଭୁଏ, ପୀତାମ୍ବର ପାଭୁଏ, ହଳଦୀଗୁନ୍ଦି ଦେଇ, ଚନ୍ଦ୍ରଶେଖର ପାରଭୁଏ, ଅଶୋକରାମ ବାଗ, ହରିସ ଜାଲ, ମକର ବନ୍ଦିଛୋର, ଦେବରାଜ ବାଗ, ମନମୋହନ ବାଗ, ପବନ ବେମାଲ ସୁକୁ ଗହୀର ପ୍ରମୁଖ ଦୀର୍ଘ ବର୍ଷ ଧରି ଚାଷ କରି ଆସୁଥିଲେ। ସେହି ସମୟରେ ଏହି ସୀମା ବିବାଦ ତଦନ୍ତ ପାଇଁ ତତ୍କାଳୀନ ନୂଆପଡା ଜିଲାପାଳ ପୋମା ଟୁଡୁ ଓ ପରେ ଦକ୍ଷୀଣାଞ୍ଚଳ ରାଜସ୍ୱ କମିଶନର ମଧ୍ୟ ସ୍ଥିତି ଅନୁଧ୍ୟାନ କରିବା ସହିତ ସରଜମିନ ତଦନ୍ତ କରି ଫେରିଥିଲେ। ସେହି ସମୟରେ ସମସ୍ତ ଅଧିକାରୀ ଏହି ବିବାଦିୟ ଜମି ଓଡିଶାର ବୋଲି ଦାବି କରିଥିଲେ। ଚଳିତବର୍ଷ ବୁରଜାବାହଲ ଗ୍ରାମର ଚାଷୀ ।ନେ ସେମାନଙ୍କୁ ତାଙ୍କ ସରକାର ପଟ୍ଟା ପ୍ରଦାନ କରିଛି ବୋଲି କହି ସେହି ଜମିରେ ମକା ଚାଷ କରିଛନ୍ତି। ଅନ୍ୟପକ୍ଷରେ ନୂଆମାଲପଡା ଚାଷୀମାନେ ବାଧ୍ୟ ହୋଇ ହାତ ବାନ୍ଧି ବସିଛନ୍ତି। ଏହାକୁ କେନ୍ଦ୍ର କରି ବର୍ତ୍ତମାନ ଦୁଇ ଗ୍ରାମ ମଧ୍ୟରେ କଥା କଟାକଟି ଲାଗି ରହିଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାର କପିଳଦେବ ସାହୁଙ୍କୁ ପଚାରିବାରୁ ସେ ମଙ୍ଗଳବାର ତଦନ୍ତ ପାଇଁ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ତଦନ୍ତ କରାଯିବ ବୋଲି କହିଥିଲେ।

# ବାର୍‌ହା ମୃତଦେହ ଜବତ, ୩ ଗିରଫ

ଦେବଗଡ଼,୯।୯ (ଡି.ଏନ.ଏ.)

ଦେବଗଡ ବନଖଣ୍ଡ ରିଆମାଳ ଫରେଷ୍ଟ ରେଞ୍ଜ ତଥା କୁଣ୍ଢେଇଗୋଳା ସେକ୍ସନ ଅଧୀନ ନୂଆଁପଡା ଜଙ୍ଗଲରୁ ବନ ବିଭାଗ ଏକ ମୃତ ବାର୍‌ହା ଜବତ କରାଯିବା ସହ ୩ ଜଣ ଶିକାରୀଙ୍କୁ ଗିରଫ କରିଛି। ଖବର ମୁତାବକ ରବିବାର ସନ୍ଧ୍ୟାରେ କେତେକ ଶିକାରୀ ନୂଆଁପଡା ଜଙ୍ଗଲରୁ ଏକ ବାର୍‌ହା ଶିକାର କରି ମାଂସ ଭାଗ କରିବା ପାଇଁ ଗାଁକୁ ବୋହି ଆଣୁଥିଲେ।

ଖବର ପାଇ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ରିଆମାଳ ଫରେଷ୍ଟ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ ଓ କୁଣ୍ଢେଇଗୋଳା ଫରେଷ୍ଟର ପ୍ରିତମ କୁମାର ସାହୁ ସଦଳବଳେ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ବନ ବିଭାଗ କର୍ମଚାରୀମାନେ ଗୁଳିବିଦ୍ଧ ମୃତ ବାର୍‌ହାକୁ ଜବତ କରିବା ସହ ଏ ଘଟଣାରେ ସମ୍ପୃକ୍ତ ନୂଆଁପଡା ଗ୍ରାମର ବେଦବ୍ୟାସ ବେହେରା (୪୫), ସିଲୁ ବେହେରା (୨୭)ଙ୍କୁ ଗିରଫ କରିଥିଲା। ବନବିଭାଗ କର୍ମଚାରୀମାନଙ୍କୁ ଦେଖି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ବ୍ୟବହୃତ ବନ୍ଧୁକ ସହ ସେଠାରୁ ଫେରାର ହୋଇଯାଇଥିଲେ। ବନବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ବାର୍‌ହା ମୃତଦେହ ବ୍ୟବଚ୍ଛେଦ କରାଯାଇ ମାଟିରେ ପୋତି ଦିଆଯାଇଥିଲା। ଏ ନେଇ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯିବା ସହ ଘଟଣା ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ସୋମବାର କୁଣ୍ଢେଇଗୋଳା ଥାନା ପୋଲିସ ସହ ମିଳିତ ଭାବେ ଚଢାଉ କରାଯାଇ ଉକ୍ତ ଗ୍ରାମରୁ ମନମୋହନ ଧଳ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡିଛି।



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଟିଟିଲାଗଡ଼,୯।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ଇଚଗାଁ ନିକଟରେ ସୋମବାର ଏକ ମୋପେଡ଼ ଦୁର୍ଘଟଣାରେ ଚାଳକ କୁଞ୍ଜ ଆଡଯୁଆଡ(୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଣନିଧି ବିଶି ଗୁରୁତର ଆହତ ହୋଇ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଏନେଇ ସିନ୍ଧେକେଲା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଛିନ୍‌ଛାନ ଡୁଙ୍ଗୁରିରେ ଆରଏସଏସର ନୂଆଁଖାଇ ଭେଟ୍‌ଘାଟ

**ସୋନପୁର,୯।୯(ନି.ପ୍ର.):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ସୁବର୍ଣ୍ଣପୁର ନଗର ପକ୍ଷରୁ ନୂଆଁଖାଇ ଭେଟଘାଟ ସୋମବାର ଅନୁଷ୍ଠିତ ହୋଇଯାଇଛି । ସହର ଉପକଣ୍ଠ ଛିନ୍‌ଛାନ ଡୁଙ୍ଗୁରିଠାରେ ଅନୁଷ୍ଠିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ଏହି କୃଷି ଭିତ୍ତିକ ପର୍ବର ପରମ୍ପରା, ବିଶେଷତା ଓ ଇତିହାସ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କିଭଳି ଆହୁରି ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ମତପ୍ରକାଶ ପାଇଥିଲା । ଭେଟ୍‌ଘାଟ ଅବସରରେ ସଙ୍ଗୀତ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଆରଏସଏସର ବରିଷ୍ଠ କର୍ମକର୍ତ୍ତା ଦିଲୀପ ତ୍ରିପାଠୀ, ମହେନ୍ଦ୍ର ମହଲିକ, ମାଙ୍ଗୁ ସେଠୀ, ହୃଷିକେଶ ଭୋଇ, ହରିହର ଶତପଥୀ, ନିରଞ୍ଜନ ତ୍ରିପାଠୀ, ରଶ୍ମିରଞ୍ଜନ ଦାସ, ପ୍ରଣବ ନାୟକ, ଓଁପ୍ରକାଶ ରଥ, ଜୟଦ୍ରଥ ଜଗଦଲା, ଜନାର୍ଦ୍ଦନ ନାୟକ, ଧର୍ମେନ୍ଦ୍ର ବଡମାଲି ଓ ଶିକ୍ଷାବିତ୍ ଗୋରେଖନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### ଗ୍ରାମ ଉତ୍‌ଥାନର ବାର୍ଷିକ ଉତ୍ସବ, ଆନ୍ତର୍ଜାତିକ ସାକ୍ଷରତା ଦିବସ

**ସୋନପୁର,୯।୯(ନି.ପ୍ର.):** ଗ୍ରାମ ଉତ୍‌ଥାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆନ୍ତର୍ଜାତିକ ସାକ୍ଷରତା ଦିବସ ସୋନପୁର କସ୍ତୁରୀ ଲଜରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରେଆରର ସମ୍ପାଦକ ଅନଙ୍ଗ ନେଗୀ ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ମୁଖ୍ୟବକ୍ତା, ରାମନାରାୟଣ ପାଣିଗ୍ରାହୀ ଓ ଉତ୍ତମ ମହଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ସାକ୍ଷରତା ଏବଂ ବହୁଭାଷିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗ୍ରାମ ଉତ୍‌ଥାନ ନିର୍ଦ୍ଦେଶକ ଅଶ୍ୱିନୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରତାପ ପ୍ରଧାନ ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ବିଶ୍ୱଜିତ ବିନ୍ଧାଣୀ ବହୁଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ । ବିଶ୍ୱଜିତ ବିନ୍ଧାଣୀ ବହୁଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ । ବିମଳା ଜଗଦଲା ଧନ୍ୟବାଦ ଦେଇଥିଲେ ।

### ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

**ବିନିକା,୯।୯ (ଡି.ଏନ୍.ଏ.):** ଆମର ରାଏଜେ ବାରବାସେ ୧୩ ପରବ୍ ପାଳନ୍ ହେଉଛେ। ସେ ଭିତ୍‌ରୁ ଖୁଦୁରୁକୁଣୀ ଓଷା ଅଲଗ୍ ଆଏ। ଇ ଓଷା ଫିବଛର ଭୁଦୋମାସର ୪ ପାଲି ରଏବାର ପାଲନ୍ କରାଯାଏସି। ମା'ବହେନ୍‌ମାନେ ଇ ଉଷାକେ ନିଷ୍ଠାର ସହିତ ପାଲନ୍ କରସନ୍। ସେନ୍‌ତା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଅନେକ ଗାଁଗଁଡ଼ାରେ ଗଲା ରଏବାର ଧୁମ୍‌ଧାମ୍‌ରେ ଖୁଦୁରୁକୁଣୀ ଉଷା ଉଦ୍‌ଯାପିତ ହେଇଛେ।



ଦେଓଗାଁ ମାଷ୍ଟରପଡ଼ାରେ ନାଗବାଚା ଯାତ୍ରା ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଦେଓଗାଁରେ ନାଗବାଚା ଯାତ୍ରା

**ଦେଓଗାଁ,୯।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ମାଷ୍ଟରପଡ଼ାରେ ସ୍ଥାନୀୟ ନାଗେଶ୍ୱର ଯୁବକ ସଂଘ ପକ୍ଷରୁ ସୋମବାର ନାଗବାଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁରୁ ଭାବେ ଫଟାମଣ୍ଡାର ଶିବ ଶତପଥୀ, ଅମୂଲ୍ୟ ବାଗ ଦାୟିତ୍ୱ ତୁଲାଇଥିଲେ। ଯାତ୍ରାରେ ସ୍ଥାନୀୟ ପାଖପାଖ ଅଞ୍ଚଳର ମାନସିକଧାରୀଙ୍କ ଭିଡ଼ ଜମିଥିଲା । ମୁଖ୍ୟ ଦେହୁରିଆ ଭାବେ ପରକ୍ଷିତ ଗୁରୁ ରହିଥିବା ବେଳେ ମହାଦେବବାବା, ନାଗବାଚା, ଚଣ୍ଡିଦେବୀ,ହନୁମାନ, କାଳୀଦେବୀ, ଭୈରୁ, ମା'ସମଲେଇଙ୍କୁ ଆବାହନ କରାଯାଇଥିଲ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ଦେହରେ କାଳିଶି ପ୍ରବେଶ ପରେ ପାରମ୍ପାରିକ ବାଦ୍ୟରେ ନୃତ୍ୟ କରିବା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଉତ୍ସବରେ ସଭାପତି ଆଦିତ୍ୟ ସା, ସମ୍ପାଦକ କାର୍ତ୍ତିକ ମଲ୍ଲିକ, କୋଷାଧ୍ୟକ୍ଷ ଖେତ୍ରୁ ବେହେରା, ଉପସଭାପତି ମନୋଜ ସା, ସୁଦାମ ଚରଣ ସାହୁ, ଜଗନ୍ନାଥ ବରଗର୍ତ୍ତୀ, ନଳ ବାଗ, ନୀଳ ବାଗ, ଗୋବିନ୍ଦ ବାଗଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## କାର୍‌କୁ ସମ୍ମୁଖରୁ ଧକ୍କା ଦେଲା ଆମ୍ବୁଲାନ୍ସ: ନିଶାସକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

**ସୋନପୁର,୯।୯(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଫକୀର ପଟ୍ଟନାୟକ ଛକ ନିକଟରେ ହୋଣ୍ଡା ସିଟି କାରକୁ ସମ୍ବଲପୁର ଜିଲା ରେଢାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ ସମ୍ମୁଖ ପଟୁ ଧକ୍କା ଦେଇଥିଲା । ରବିବାର ରାତିରେ ଏହି ଘଟଣା ଘଟିଥିଲା । ଆମ୍ବୁଲାନ୍ସ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉ ଥିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲେ । ନୂତନ ମୋଟର ଯାନ ଆଇନ-୨୦୧୯ ଲାଗୁ ହେବା ପରେ ଆରଟିଓ ଓ ପୋଲିସ ଯାଞ୍ଚ କଡାକଡି କରାଯାଉଛି । ଏଭଳି ସ୍ଥିତିରେ ଜଣେ ନିଶାସକ୍ତ ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ ଚଳାଇବା ପାଇଁ କିଭଳି ଅନୁମତି ମିଳିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ତରଭା ଥାନା ମେଣ୍ଡା ଅଞ୍ଚଳର ସତ୍ୟ କୁମାର ସାଙ୍କୁ ଗିରଫ କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସହରର ସିଣ୍ଡିକେଟ୍ ବ୍ୟାଙ୍କର ଶାଖା ପରିଚାଳକ ଆଶିଷ ମହାନ୍ତି ହୋଣ୍ଡା ସିଟି କାର (ନଂ.ଓଡି୦୨ଏଜି-୫୫୧୫)ରେ ଘୋଡାଘାଟପଡା ପଟୁ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିଲେ । ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ଆମ୍ବୁଲାନ୍ସ ଧକ୍କା ଦେଇଥିଲା ।



ସୁନାମୁଦିଠାରେ ହକି ଖେଳାଳି ଚୟନ ଶିବିରରେ ଜିଲା ହକି ସଂଘ କାର୍ଯ୍ୟକର୍ତ୍ତା, କୋଚ୍ ଓ ଖେଳାଳିମାନେ।

ଆନ୍ତଃଜିଲା ହକି ପ୍ରତିଯୋଗିତା

# ବଲାଙ୍ଗୀର ହକି ଦଳର ଖେଳାଳି ଚୟନ ଶିବିର

**ବଲାଙ୍ଗୀର ଅଫିସ,୯।୯**

ହକି ଓଡିଶା ଆନୁକୂଲ୍ୟରେ ଆସନ୍ତା ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମରେ ଆନ୍ତଃଜିଲା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବଲାଙ୍ଗୀର ହକି ଦଳ ଯୋଗଦାନ କରିବ। ଏନେଇ ବଲାଙ୍ଗୀର ଜିଲା ପାଟଣାଗଡ଼ ନିକଟସ୍ଥ ସୁନାମୁଦି ହାଇସ୍କୁଲ ଖେଳପଡ଼ିଆରେ ସୋମବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ। ହକି ଓଡ଼ିଶା କଟକର ଉପସଭାପତି ତଥା ଆର୍ନ୍ତଜାତୀୟ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ଶିବିରର ଉଦ୍‌ଘାଟନ କରିଥିଲେ। ହକି ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଛନ୍ତି ସୁନାମୁଦି ହାଇସ୍କୁଲର ଖେଳ ଶିକ୍ଷକ ମାଧବ ଚନ୍ଦ୍ର ଦାଶ ଓ ହକି କୋଚ ଖୁସିରାମ ମଲ୍ଲିକ । ଏଥିରେ ୨୭ ଜଣ କ୍ରୀଡାବିତ୍ ଯୋଗଦେଇଛନ୍ତି । ବଲାଙ୍ଗୀର ଦଳ ପ୍ରଥମ ମ୍ୟାଚ ୧୯ ତାରିଖରେ ଖେଳାଯିବ ବୋଲି ଜଣାପଡିଛି । ଶିବିରରୁ ୧୮ ଜଣ ଖେଳାଳିଙ୍କୁ ଚୟନ କରାଯିବ ଓ ସେମାନେ କଟକ ଯିବେ ବୋଲି ଜିଲା

# ସୁବର୍ଣ୍ଣପୁରରେ ୫-ଟି ରୂପାୟନ ନେଇ ବୈଠକ

**ସୋନପୁର,୯।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ଅଧକ୍ଷତା କରି ଜିଲାର ବିକାଶମୂଳକ କାର୍ଯ୍ୟକ୍ରମଗୁଡିକର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ସରକାରଙ୍କ ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ ଓ ଟ୍ରାନ୍ସଫର୍ମେସନ(୫-ଟି)କୁ ପ୍ରାଧାନ୍ୟ ଦେଇ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯେଭଳି ଠିକ୍ ଭାବେ ପହଞ୍ଚି ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ କୁମାର ପଟ୍ଟନାୟକ ନୂତନ ମୋଟର ଯାନ ଆଇନ ସମ୍ପର୍କରେ ବିଶଦ ବୁଝାଇବା ସହ ଏହାକୁ ସରକାରୀ କର୍ମଚାରୀମାନେ ପ୍ରଥମେ କଡାକଡି ପାଳନ କରିବାକୁ ଆହ୍ୱାନ ଦେବା ପରେ ଜିଲାପାଳ ଏହି ଆଇନକୁ ଜିଲାରେ କଡାକଡି ପାଳନ କରାଯିବ ବୋଲି ସୂଚନା ଦେଇଥିଲେ । ବୈଠକରେ ଉପଜିଲାପାଳ ବଳରାମ ମଲ୍ଲିକ, ଉପ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅସ୍ତ୍ରେରିଆ କେର୍କେଟା, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସତ୍ୟବ୍ରତ ବେହେରା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ତେଲ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ବୃନ୍ଦ ।

## ଆଇନଜୀବୀ ରାମ ଜେଠମାଲନିଙ୍କ ବିୟୋଗରେ ଶୋକସଭା

**ବଲାଙ୍ଗୀର ଅଫିସ, ୯।୯**

ପ୍ରଖ୍ୟାତ ଆଇନଜୀବୀ, ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ବାର୍ କାଉନସିଲ ଅଫ୍ ଇଣ୍ଡିଆର ପୂର୍ବତନ ଚେୟାରମେନ୍ ରାମ ଜେଠମାଲନିଙ୍କ ବିୟୋଗରେ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜିଲା ଦୌରା ଜଜ୍ ଶ୍ୟାମସୁନ୍ଦର ଦାଶ, ବରିଷ୍ଠ ଆଇନଜୀବୀ ପ୍ରହ୍ଲାଦ ଅଗ୍ରୱାଲ, ଜୟକୃଷ୍ଣ ସାହୁ, ଭବାନୀଶଙ୍କ ଶତପଥୀ ସ୍ୱର୍ଗତ ଜେଠମାଲନିଙ୍କ କର୍ମମୟ ଜୀବନ, ରାଜନୀତି ଓ ବୃତ୍ତିଗତ ଜୀବନ ଉପରେ ଆଲୋକପାତ କରିଥିଲେ । ଉଭୟ ରାଜନୀତି ଓ ମକଦ୍ଦମା ପରିଚାଳନା କ୍ଷେତ୍ରରେ ସ୍ୱର୍ଗତ ଜେଠମାଲନିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହିଥିଲେ। ତାଙ୍କ ବିୟୋଗରେ ଆଇନସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ। ଓକିଲ ସଂଘ ସମ୍ପାଦକ ଅମନ ନାଗ, ଉପସଭାପତିବାସୁଦେବ ବାରିକଙ୍କ ସମେତ ଆଇନଜୀବୀ ରତନ ମହାରଣା, ଜଗଦୀଶ ପ୍ରଧାନ, ଅରବିନ୍ଦ ପୂଜାରୀ, ସନ୍ତୋଷ ପାଢ଼ୀ ଜେଠମଲାନୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।



ବିଧାୟକ ନରସିଂହ ମିଶ୍ର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

ଭୁଲିଆ ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

# ଉତ୍ସର୍ଗୀକୃତ କାର୍ଯ୍ୟ ସମୃଦ୍ଧ ସମାଜ ନିର୍ମାଣ କରିବ

**ବଲାଙ୍ଗୀର ଅଫିସ, ୯।୯**

ବଲାଙ୍ଗୀର ଟାଉନ୍ ହଲଠାରେ ଭୁଲିଆ ସମାଜ ପକ୍ଷରୁ ରବିବାର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ଯୁବ ଭୁଲିଆ ସମାଜ ଆନୁକୂଲ୍ୟରେ ଡ.ଯୁଗଳ କିଶୋର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ବକ୍ତା ଭାବେ ଡ.ଲକ୍ଷ୍ମଣ କୁମାର ମେହେର ଯୋଗ ଦେଇଥିଲେ। ଉତ୍ସର୍ଗୀକୃତ ଭାବନା ଓ କାର୍ଯ୍ୟରେ ସମୃଦ୍ଧ ସମାଜ ନିର୍ମାଣ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ବିଧାୟକ ମିଶ୍ର କବି ଗଙ୍ଗାଧରଙ୍କୁ ସମସ୍ତଙ୍କ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ । ବକ୍ତା ଡ. ମେହେର ନୂଆଁଖାଇ ତିହାର ଓ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ସନ୍ତୋଷ ମେହେର ଓ ସମ୍ପାଦକ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଭାରେ ଚିତ୍ରଶିଳ୍ପୀ ଲୀନା ମେହେର, ବିଧାୟକ ସରୋଜ ମେହେର, ସଙ୍ଗୀତ ପ୍ରତିଭା ସମ୍ପଦ ମେହେର, କିକ୍‌ବକ୍ସର ସୁବ୍ରତ ମେହେର, ସମାଜିକ କର୍ମୀ ରୀତାଞ୍ଜଳି ମେହେର, ମଞ୍ଜୁବାଳା ମେହେର, ବିଜୟ ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଭୁଲିଆ ସମାଜ ବିକାଶ ପରିଷଦର ଦୀନବନ୍ଧୁ ମେହେର, ପାଟଣାଗଡ଼ କେନ୍ଦ୍ର ବୋର୍ଡ ସଭାପତି ବୃନ୍ଦାବନ ମେହେର, ବେଲପଡ଼ା କେନ୍ଦ୍ର ବୋର୍ଡର ଡାଲିମ୍ବ ମେହେର, ଘନଶ୍ୟାମ ମେହେର, ଗୋପାଳ ମେହେରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ବଲାଙ୍ଗୀର ଫୁଟବଲ ଲିଗ୍, ସାଇଟ୍-ମହୀପୁର ମ୍ୟାଚ ଡ୍ର

**ବଲାଙ୍ଗୀର ଅଫିସ,୯।୯**

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ ସ୍ପୋର୍ଟସ ସୋସାଇଟି ଏବଂ ୱାସି ମହୀପୁର ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଅମୀମାଂସିତ ରହିଥିଲା। ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ସଭାପତି ଡା.ଶଶୀଭୂଷଣ ସାହୁ, କ୍ରୀଡ଼ାବିତ ଲୋକନାଥ କୁମୁରା, ଫୁଟବଲ କୋଚ ପରାସର ବାଗ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦ ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ସଦସ୍ୟ ସୌମେନ୍ଦ୍ର ପରିଚ୍ଛା, କ୍ରୀଡ଼ା ସଂସଦ ପୂର୍ବତନ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସିଂ, ଆଥ୍‌ଲେଟ ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ, ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ ମଞ୍ଚାସୀନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦେବାଶିଷ ବାଗ, ସୁଧାଂଶୁ ସେଠ, ରାଜେନ୍ଦ୍ର ସେଠ, ଶରତ ନନ୍ଦ ଓ ସୁନୀଲ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ମଙ୍ଗଳବାର ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଜେଏସ୍‌ସି ଖଲିଆପାଲି ଏବଂ ଜିୱାଡିସି ନକ୍ସାସର ଓ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ସାଇଟ୍ ସ୍ପୋର୍ଟସ ସୋସାଇଟି ଏବଂ ନବଜ୍ୟୋତି ୟୁଥ୍ କ୍ଲବ ଚୁଡାପାଲି ମଧ୍ୟରେ ଖେଳ ହେବ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।



ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଉଭୟ ଦଳର ଖେଳାଳୀଙ୍କ ସହ ଅତିଥି, ଆୟୋଜକ।

ଦାଉ ସାଧିଲା ଲଘୁଚାପ ବରଷା

# ବାସହୀନ ହେଲେ ଅନେକ ପରିବାର

**ଲାଠୋର, ୯।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାରେ ଦିନାକେତେ ହେଲା ଲଘୁଚାପ ପରଭାବରେ ଭରଷା ଲାଗି ରହିଛେ। ବରଷା ପାଏନ୍‌ରେ ଅନେକ୍ ପରିବାରର ଘରଦୁଆର ଭାଂଗି ବେସାହାରା ହେଇଯାଇଛନ୍। ସେନ୍‌ତା ଅନେକ ଲୁକ୍‌କର ଘର ଭିତରେ ଆଁଠେ ପାଏନ୍ ପଶି ସବୁ ଜିନିଷପାତି, ଧାନ୍‌ଚାଉଲ ଖରାପ ହେଇଯାଇଛେ। ହେଲେ ଇ ଦିଗେ ପରଶାସନ ତତ୍‌ପର ନାଇଁଥିବାର ଲୋକ୍ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁର ମହାଦେବ ମନ୍ଦିର ପଡ଼ାର ତେଜରାମ ଶବରକଁର ଘର ପୂରାପୂରି ଭାଂଗି ଯାଇଛେ। ଏନ୍‌ତାଥି ପରିବାର ଲୋକ୍ ବେସାହାରା ହେଇଯାଇଛନ୍। ତେଜରାମକଁର ପରିବାର କହେଲେ ମାଏକିନା ପୁଷ୍ପାଞ୍ଜଳି, ଦୁଇ ପୁଓ ଧନଞ୍ଜୟ, ଖଗେଶ୍ୱର ଆର ବୁରୁଧି ବାପ୍‌କେ ନେଇ ସଁସାର। ବାପ୍‌ଅଜା ଅମଲରୁ ୧ ଏକର ୫୦ ଡେସିମିଲ ଜମି ରହିଛେ। ସବୁ ଜମି ଚାଷ୍ କଲାଲେଖେଁ ନୁହେ। ଗଲା ୩ ବଛର ହେଲା ପଏସା କଉଡ଼ ଅଭାବୁ ତେଜରାମ ଚାଷ୍‌ବାସ ନାଇଁ କରିପାରି। ଏନ୍‌ତାଥି ସେ କୁଲିମଜୁରି କରି କୁଟୁମ ପୁଷୁଛନ୍। ଟଁକା ପଏସା ଅଭାବୁ ସେ ଆଏଜ୍‌ତକ ଭଲ ଘରଖଁଡ଼େ ତିଆରି ନାଇଁପାରି। କୁଟୁମବସିଆ ଗୁଟେ ଖପର ଘରେ ରହୁଥିଲେ। ହେଲେ ଇ ଲଘୁଚାପ ବରଷାରେ ତାକର ଘରଟା ପୂରା ମାଡ଼ି ବସିଛେ। ଏନ୍‌ତାଥି ପରିବାରଟା ନିଆଁସି ପାଲଟିଯାଇଛେ। ତେଜରାମ ଉପେ ଶୂଇନ୍ ହେଇ କୁଟୁମକେ ଶାଶ୍ ଘରେ ଛାଡ଼ିଦେଇଛନ୍। ସେ ନିଜେ ଇନେ ସେନେ ରହି କୁଲିମଜୁରି କରୁଛନ୍। ସେନ୍‌ତା ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ସୁମତି ସୁନା, ହେର୍ଣ୍ଣା ସୁନା, ବିନୋଦ ସୁନା ଆର ମଣି ସୁନାକଁର ଘରେ ପାଏନ୍ ପଶି ବେହାଲ କରି ପକେଇଛେ। ଇ ଗରିବ ପରିବାରମାନେ ପରହର କାମ୍‌ବୁତା କରବାର ସଂଗେ ବିହାବରପନ୍, ଉଛବ୍‌ରେ ବଜାବଜେଇ ପେଟ୍ ପାଲୁଛନ୍। ପକାଘର ଇ ପରିବାରମାନକର ଲାଗି ଆଏଜ୍ ବି ସାତ୍‌ସପନ ହେଇ ରହିଛେ। ଆଏଜ୍‌କେ ୩୦ ବଛର ହେଲା ଇ ଗରିବ୍ ପରିବାରମାନେ ମାଏଟ୍ ଖପରଘରଟେ ଲେଖେଁ କରି ମୁଡ଼ ଗୁଁଜିଛନ୍। ହେଲେ ଇ ଝରି ବରଷାରେ ଘରମାନକର ଅବସ୍ତା ଏନ୍‌ତା ହେଇଛେ ଯେ, ଘରେ କାହିଁ ଶୁଖା ଜାଗାଟେ ନାଁଇଁନ। ଅନେକ୍ ପରିବାରର କାଁଥିମାନ ପାଏନ୍ ଖାଇ ବିପଦ୍ ଅବସ୍ତାରେ ରହିଛେ। କେତେବେଲେ କାଁଥିମାନ ମାଡ଼ି ବସ୍‌ବା କିଛି କହି ନାଇଁହୁଏ। ଭଏରେ ଅନେକ୍ ପରିବାର ନିଜର କୁଟୁମ୍‌ମାନକୁ ଲାଗେଲେସର ଘରମାନକୁ ପଠେଇ ଦେଇଥିବାର କହିଛନ୍। ସରକାରକଁର ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଯୋଜନାରେ ସାମିଲ ହେବାର ଲାଗି ଇ ଗରିବ୍ ପରିବାରମାନେ ପଁଚେତ୍‌ନୁ ବ୍ଲକ ତକ୍ ଦଉଡ଼ି ଦଉଡ଼ି ନିରାଶ ହେଇଛନ୍। ଏନ୍‌ତା ପରିସ୍ଥିତିରେ ଜିଲା ପରଶାସନ ଇ ଗରିବ୍ ପରିବାରମାନକର ଉପରେ ଦୁରୁଷ୍ଟି ଦେଇ ଘରଭଂଗା ସଂଗେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଦାବି ହେଉଛେ।



ବରଷାରେ ତେଜରାମ ଶବରକଁର ଭାଂଗି ଯାଇଥିବାର ଘର।



ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ସନ୍ଦେହ

ଲାଞ୍ଜିଗଡ଼,୯।୯ (ଡି.ଏନ୍.ଏ.)
ଝିଅ ସହିତ ଜଣେ ଅନ୍ୟ ଜାତି ଯୁବକଙ୍କ ପ୍ରେମ ସମ୍ପର୍କକୁ ସହ୍ୟ କରି ନ ପାରି ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରି ନିଜ ଘର ପଛପଟେ ଫୋପାଡି ଦେଇଥିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କୁମଖାଲ ଗାଁରେ ଏଭଳି ଏକ ଘଟଣା ଘଟିଛି। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁଯାୟୀ, ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କୁମଖାଲ ଗାଁର ରଞ୍ଜିତ ଦଳପତି (ଥବିର)ଙ୍କୁ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଗାଁର ଜୟ ମାଝି ଓ ଭଏଁରା ମାଝି ତାଙ୍କ ଘରୁ ଡାକି ନେଇଥିଲେ। ରାତି ସୁଦ୍ଧା ରଞ୍ଜିତ ଘରକୁ ଫେରି ନ ଥିଲେ। ଘର ଲୋକେ ରାତି ଓ ଶନିବାର ଦିନ ତମାମ ଖୋଜାଖୋଜି କରିଥିଲେ ହେଁ ତାଙ୍କ ଖୋଜ ଖବର ମିଳି ନ ଥିଲା। ଏହାପରେ ରଞ୍ଜିତଙ୍କ ବାପା ଜୟ ଓ ଭଏଁରାଙ୍କୁ ପୁଅ ସମ୍ପର୍କରେ ପଚାରିବାରୁ ସେମାନେ କିଛି ଜାଣି ନ ଥିବା କହିଥିଲେ। ହତାଶ ରଞ୍ଜିତଙ୍କ ବାପା ପୋଲିସରେ ଖବର ଦେବାକୁ ପ୍ରସ୍ତୁତ ହେଉଥିବାବେଳେ ରାତି ୮ଟାରେ ଜୟ ଓ ଆଉ ଜଣେ ବ୍ୟକ୍ତି ଆଦ୍ନୁ ରଞ୍ଜିତଙ୍କ ମୃତଦେହ ଭଏଁରାଙ୍କ ପଛଆଡେ ପଡିଥିବା କହିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଭଏଁରାଙ୍କ ଘର ପଛପଟେ ରଞ୍ଜିତଙ୍କ ମୃତଦେହ ସନ୍ଦେହଜନକ ଭାବେ ପଡି ରହିଥିଲା। ରଞ୍ଜିତଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିବା ଓ ତଣ୍ଟିରେ ରଶି ଦାଗ ଥିବା ଦେଖିବାକୁ ମିଳିଥିଲା।

# ଜାତୀୟ ରାଜପଥ ମରାମତି ନ ହେଲେ ଆନ୍ଦୋଳନ

- କଂଗ୍ରେସ ପକ୍ଷରୁ ଚେତାବନୀ
- ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା ଅଫିସ, ୯।୯

୧୪୩ ନଂ. ଜାତୀୟ ରାଜପଥ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାର ବୀରମିତ୍ରପୁର ଠାରୁ ଆରମ୍ଭ କରି ଲାଠିକଟା, ରାଜାମୁଣ୍ଡା ପର୍ଯ୍ୟନ୍ତ ଖାଲରେ ପରିପୂର୍ଣ୍ଣ ରହିଛି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ କଂଗ୍ରେସ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଆସନ୍ତା ୭ଦିନ ମଧ୍ୟରେ ଜାତୀୟ ରାଜପଥର ମରାମତି କରା ନ ଗଲେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୋମବାର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏକଜୁଟ ହୋଇ ୧୪୩ ନଂ. ଜାତୀୟ ରାଜପଥ ନିର୍ମାଣ ପାଇଁ କୋଏଲ ନଗରଠାରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ପୂର୍ବରୁ ଥିବା ରାସ୍ତା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଗାଡି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ରାଜପଥରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲଖମା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଯାତ୍ରୀମାନେ ମୃତାହତ ହେଉଥିବା ସାଧାରଣ କଥାରେ ପରିଣତ ହୋଇଛି। ଏହି ରାସ୍ତା ମରାମତି ପାଇଁ ୧ବର୍ଷ ହେଲା ଜାତୀୟ ରାଜପଥ ଡିଭିଜନ ରାଜପଥ ପ୍ରାଧିକରଣଠାରୁ ପରାମର୍ଶ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି। କିନ୍ତୁ ପରିତାପର ବିଷୟ ଜାତୀୟ ରାଜପଥ ବିଭାଗ ଏହି ରାଜପଥର ମରାମତି କରିନାହାନ୍ତି। ଫଳରେ ଏହି ରାଜପଥ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। କଂଗ୍ରେସ ଦେଇଥିବା ଦାବିପତ୍ର ଉପରେ ରାଜପଥ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିଲାଗି ସମ୍ପୃକ୍ତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି କଂଗ୍ରେସ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି। ଏହାସହ ଜାତୀୟ ରାଜପଥ ବିଭାଗକୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରର ନକଲ ସୁନ୍ଦରଗଡ଼ ଜିଲାପାଳ, ରାଉରକେଲା ଏସ୍‌ପି ଏବଂ ଅତିରିକ୍ତ ଜିଲାପାଳ ରାଉରକେଲାଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜାତୀୟ ରାଜପଥର ମରାମତି କାର୍ଯ୍ୟ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ଜ୍ୟୋତି ଡୁଙ୍ଗଡୁଙ୍ଗ, ଯୁବ କଂଗ୍ରେସ ସଭାପତି କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ଇନ୍ଦ୍ରମୋହନ ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ନିହାର ରଞ୍ଜନ ଦାସ, ସେବାଦଳ ସଙ୍ଗଠକ ବିନୋଦ ରାଉତ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ବରିଷ୍ଠ ନେତା ଉମେଶ ଶରଣ, ଇଂ. ରାମପୁକାର ସିଂ, ବି.ଏନ୍.ମହାନ୍ତି, ପ୍ରତାପ ବେହେରା ପ୍ରଦୀପ୍ତ ମହାପାତ୍ର, ଏମ୍‌ଡି.ମିରାଜ, ଅସଲମ ପରଭେଜ, ସଂଗ୍ରାମ ବେହେରା, ଶୁକଦେବ ବଡ଼ାଇକ, ସୁନୀତା ଲାକ୍ରା, ଆଶ୍ରିତା ଲାକ୍ରା, ରାସମଣି ମୁଣ୍ଡାରୀ ପ୍ରମୁଖଙ୍କ ସହ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।



ଜାତୀୟ ରାଜପଥର ମରାମତି ନେଇ କଂଗ୍ରେସ ନେତୃବୃନ୍ଦ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରୁଛନ୍ତି।

## ରାଉରକେଲାରେ ରାଜମହଲ ତାତି ପୋଲିସକୁ ଘେରିଲେ ଜନତା

ରାଉରକେଲା ଅଫିସ,୯।୯

ପରିବହନ ନୀତିର ନୂଆ ନିୟମକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି ହେବା ଦେଖାଯାଇଛି। ରାଜଧାନୀ ରାଜମହଲ ଛକରେ ପୋଲିସ ଜନତା ମୁହାଁମୁହିଁ ହେବା ପରେ ଏହାର ପୁନରାବୃତ୍ତି ଦେଖିବାକୁ ମିଳିଛି ଇସ୍ପାତ ସହରରେ। ନିଜ ଗାଡି କାଗଜ ପତ୍ର ଠିକ ନ କରି ଜନତାଙ୍କୁ ଟାର୍ଗେଟ କରୁଥିବା ଟ୍ରାଫିକ ବା ପୋଲିସ ଅଧିକାରୀ ଜନ ଆକ୍ରୋଶର ଶିକାର ହୋଇଛନ୍ତି। ସୂଚନାଯୋଗ୍ୟ, ଉଦିତନଗର ପଟୁ ସୋମବାର ଏକ ପାଟ୍ରୋଲିଂ ଗାଡି ଷ୍ଟେଶନ ବଜାର ଭିତର ଛକରେ ବେଆଇନ ପାର୍କିଂ କରିବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ପୋଲିସ କର୍ତ୍ତୃପକ୍ଷଙ୍କ ଗାଡି କାଗଜପତ୍ର ଦେଖିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏଥିରେ ପୋଲିସ ରାଜି ନ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାହାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

- ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ

# ସିଇ ପ୍ରମାଣପତ୍ର ବୈଧତା ଜାରି ପାଇଁ ସୁପାରିସ

ରାଉରକେଲା ଅଫିସ, ୯।୯

ରାଉରକେଲା ଇସ୍ପାତ କାରଖାନାର ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ପ୍ଲେଟ୍ ମିଲର ସିଇ ପ୍ରମାଣପତ୍ରର ବୈଧତା ଜାରି ରଖିବା ପାଇଁ ସୁପାରିଶ ହୋଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀକକ୍ଷରେ ଗତ ୪ ତାରିଖରେ ଅନୁଷ୍ଠିତ ରିସାର୍ଟିଫିକେଶନ ଅଡିଟ ଉଦ୍‌ଯାପନୀ ବୈଠକରେ ମେସର୍ସ ଡିଏନ୍‌ଭିଜିଏଲ ଅଡିଟର ଦଳ ଏହି ପ୍ରମାଣପତ୍ରର ବୈଧତା ପାଇଁ ସୁପାରିଶ କରିଥିଲେ। ଉକ୍ତ ବୈଠକରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ ଅଧ୍ୟକ୍ଷତା କରିଥିଲେ । ୨ଦିନିଆ ଅଡିଟ କାର୍ଯ୍ୟ ଅଡିଟର ଆୟନ ନାଗ, ମନୋଜ ପାଞ୍ଚାଳ ଓ ସୟଦ କାସିମ ଅଲି ସମ୍ପାଦିତ କରିଥିଲେ। ଉଦଯାପନୀ ବୈଠକରେ ବାନାର୍ଜୀ ୨ଦିନିଆ ଅଡିଟ କାର୍ଯ୍ୟ ସମାପ୍ତ ପରେ ଧନ୍ୟବାଦ ଅର୍ପଣ କରିଥିଲେ। ୟୁରୋପୀୟ ସଂଘ ଦେଶଗୁଡ଼ିକୁ ସିଇ ମାର୍କ ଯୁକ୍ତ ପ୍ଲେଟ ପ୍ରେରଣ ସମୟରେ କନଷ୍ଟ୍ରକ୍ସନ ପ୍ରଡକ୍ଟ ରେଗୁଲେଶନ(ସିପିଆର୍) ୩୦୫, ୨୦୧୧ ଏବଂ ୧୦୦୨୫ ମାନକ ପୂରଣ କରିବା ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ବାନାର୍ଜୀ ଦୋହରାଇଥିଲେ। ସେଥିପାଇଁ ପ୍ରମାଣପତ୍ର ବୈଧତା ନିମନ୍ତେ ଅଡିଟରମାନେ ସୁପାରିଶ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସୂଚନାଯୋଗ୍ୟ, ୟୁରୋପୀୟ ବଜାରରେ ଉତ୍ପାଦ ସାମଗ୍ରୀ ବିକ୍ରି କରିବା ପାଇଁ ସିଇ ମାର୍କିଙ୍ଗ ଜରୁରୀ ଅଟେ। ଆର୍‌ଏସ୍‌ପି ୨୦୧୬ ନଭେମ୍ବର ମାସରେ ସିଇ ମାର୍କ ଯୁକ୍ତ ପ୍ଲେଟ ଉତ୍ପାଦନ ପାଇଁ ମେସର୍ସ ଡିଏନ୍‌ଭିଜିଏଲ୍ ବିଜିନେସ୍‌ଠାରୁ ପ୍ରମାଣପତ୍ର ଲାଭ କରିଥିଲା। ନୂତନ ପ୍ଲେଟ ମିଲରୁ ପ୍ରସ୍ତୁତ ପ୍ରଥମ କିସ୍ତି ମାର୍କ ଯୁକ୍ତ ପ୍ଲେଟ ୨୦୧୭ ଜାନୁୟାରୀରେ ୟୁରୋପୀୟ ବଜାରକୁ ପ୍ରେରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଏମ୍ କ୍ୱାଲିଟି ଆଶିଷ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆର୍‌ଏସ୍‌ପି ପରିସରରେ ଥିବା ନୂତନ ପ୍ଲେଟ ମିଲ୍ ।

## ସାପ କାମୁଡାରେ ଯୁବକ ମୃତ

ରାଉରକେଲା ଅଫିସ,୯। ୯

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡୁମେର୍ତା ଅଞ୍ଚଳରେ ସାପ କାମୁଡାରେ ଜଣଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଜଗଦୀଶ ମହାତୋ(୨୦)। ଏନେଇ ବନ୍ଧମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଜଗଦୀଶ ରବିବାର ରାତିରେ ଖାଇପିଇ ଘରେଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କୁ ଏକ ବିଷାକ୍ତ ପାହାଡି ଚିତି କାମୁଡିଥିଲା। ତୁରନ୍ତ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ଓ ପରେ ଇସ୍ପାତ୍ ଜେନେରାଲ୍ ହସ୍ପିଟାଲ(ଆଇଜିଏଚ୍) ସ୍ଥାନାନ୍ତର କରାଯାଇଥିଲା। ସକାଳୁ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୯।୯

ଜଗଦା ଅଞ୍ଚଳରେ ସୋମବାର ସକାଳେ ଏକ ଆତ୍ମହତ୍ୟା ଘଟଣା ଘଟିଛି। ମୃତକ ହେଉଛନ୍ତି ଚିରଞ୍ଜିବୀ ନାୟକ(୪୮)। ତାଙ୍କ ଘର ଜଗଦା ଅଞ୍ଚଳରେ। ଏନେଇ ଝିରପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/ ୨୦୧୯) ରୁଜୁ ହୋଇଛି। ଘରେ କେହି ନ ଥିବାବେଳେ ସୋମବାର ସକାଳୁ ନାୟକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଏନେଇ ପୋଲିସ ଅଧିକ ତଦନ୍ତ କରୁଥିବା କହିଛି।

- ଭାରୋତ୍ତଳନରେ ବିପାଶାଙ୍କ ସଫଳତା

# ସବ୍ ଜୁନିୟର ବର୍ଗରେ ସ୍ୱର୍ଣ୍ଣ, ଜୁନିୟର ବର୍ଗରେ ରୌପ୍ୟ ପଦକ

ରାଉରକେଲା ଅଫିସ, ୯। ୯

ବ୍ରହ୍ମପୁରଠାରେ ଅନୁଷ୍ଠିତ ଆନ୍ତଃଜିଲା ଭାରୋତ୍ତଳନ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ପ୍ରତିଯୋଗୀ ବିପାଶା ଦାସ ୮୩ କେଜି ବର୍ଗରେ ସଫଳତା ହାସଲ କରିଛନ୍ତି। ସବ୍‌ଜୁନିୟର ବର୍ଗରେ ବିପାଶା ସ୍ୱର୍ଣ୍ଣ ଜିଣିଥିବା ବେଳେ ଜୁନିୟର ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ବ୍ରହ୍ମପୁର କଲ୍ୟାଣ ମଣ୍ଡପରେ ଗତ ୭ ଓ ୮ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ତାଙ୍କ ସଫଳତା ନେଇ ରାଉରକେଲା ବିଧାୟକ ସାରଦା ନାୟକ ଶୁଭେଚ୍ଛା ଜଣାଇବା ସହ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ନେଇ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସେହିଭଳି କୋଚ ବାସୁଦେବ ବାନାର୍ଜୀ, ଆରଏସ୍‌ପି କୋଚ ବିକ୍ରମ ସ୍ୱାଇଁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିପାଶା କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଲାଭ କରିଥିବା କୁହାଯାଇଛି। ବାସନ୍ତୀ କଲୋନୀ ବାସିନ୍ଦା ବିପାଶାଙ୍କ ସଫଳତା ନେଇ ଅଶୋକ ପଟ୍ଟନାୟକ, ପ୍ରଭାତ ଭୋଳ, ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି ସୁନୀଲ ପାତ୍ର, ଅଶୋକ ପ୍ରସାଦ, ଅନିଲ ବହିଦାରଙ୍କ ସମେତ ଜିଲା କ୍ରୀଡା ଅଧିକାରୀ ବିପାଶାଙ୍କୁ ସ୍ୱାଗତ କରିଛନ୍ତି।



ବିପାଶାଙ୍କୁ ପଦକ ପ୍ରଦାନ କରାଯାଉଛି।

# ଚୋରି ଅଭିଯୋଗରେ ୨ଗିରଫ

ରାଉରକେଲା ଅଫିସ,

୯। ୯-ବାସନ୍ତୀ କଲୋନୀ ଅଞ୍ଚଳରୁ ଗତ ୪ରେ ଗୃହ ଆସବାବପତ୍ର ଚୋରି ଅଭିଯୋଗରେ ଉଦିତନଗର ପୋଲିସ ୨ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ସୁରେନ୍ଦ୍ର ଓରଫ ନେପାଳୀ(୨୧) ଓ ବବଲୁ ନନ୍ଦ(୨୧)। ସେମାନଙ୍କ ଠାରୁ ଗୋଟିଏ ୱାସିଂ ମେଶିନ, ଟିଭି ଓ ଦୁଇଟି ଗ୍ୟାସ ସିଲିଣ୍ଡର ଉଦ୍ଧାର କରାଯାଇଛି। ଏନେଇ ଏକ ମାମଲା (ନଂ. ୨୧୩/ ୨୦୧୯) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଗିରଫ ୨ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

# ସଚେତନ କଲା ଟ୍ରାଫିକ ପୋଲିସ

ରାଉରକେଲା ଅଫିସ,୯। ୯

ରାଜ୍ୟରେ ନୂଆ ମୋଟର ପରିବହନ ଆଇନ ଲାଗୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଓ ହିଂସାକାଣ୍ଡ ଦେଖାଦେଇଛି। ଏପରି ଅବସ୍ଥାରେ ସୋମବାର ରାଉରକେଲା ପୋଲିସ ପକ୍ଷରୁ ସକାରାତ୍ମକ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ଇନ୍ଦିରାଗାନ୍ଧୀ ପାର୍କ ନିକଟସ୍ଥ ଟ୍ରାଫିକ ପୋଷ୍ଟରେ ଜିଲା ପୋଲିସର ବରିଷ୍ଠ ଅଧିକାରୀ ଓ ଟ୍ରାଫିକ ପୋଲିସ ଉପସ୍ଥିତ ରହି ସହରବାସୀଙ୍କୁ ନିୟମକାନୁନ ସଂକ୍ରାନ୍ତରେ ସଚେତନ କରାଇଥିଲେ। ପଥଚାରୀ ବାଇକ ଚାଳକଙ୍କୁ ଗୋଲାପ ଫୁଲ ଦିଆଯାଇ ସଚେତନ କରାଯିବା ଘଟଣାକୁ ସବୁ ମହଲରେ ସ୍ୱାଗତ କରାଯାଇ ଥିଲା। ହେଲମେଟ ପିନ୍ଧିବା, ଗାଡି ରେଜିଷ୍ଟ୍ରେଶନ କାଗଜ ପ୍ରଦାନ କରିବା, ପଲ୍ୟୁଶନ ସାର୍ଟିଫିକେଟ ଦେବା, ଡ୍ରାଇଭିଂ ଲାଇସେନ୍ସ ଦେବା, ଯାହା ସରକାରଙ୍କ ନିୟମ ପାଳନ କରିବାକୁ ଏଠାରେ ଉପସ୍ଥିତ ସଙ୍ଗଠନ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଯାହାକୁ ସାଧାରଣରେ ସ୍ୱାଗତ କରାଯାଇଥିଲା। ରାସ୍ତାରେ ଯାତାୟାତ କରୁଥିବା ବାଇକ ଚାଳକ ଏଭଳି ସଚେତନତା ନେଇ ଖୁସି ବ୍ୟକ୍ତ କରିବା ଦେଖାଯାଇଥିଲା। ଏଥିରେ ଟ୍ରାଫିକ ଅଧିକାରୀ ସୋମ୍ୟରଞ୍ଜନ ପଟ୍ଟନାୟକ, ଡିଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା, ଅସୀମ ପଣ୍ଡାଙ୍କ ସମେତ ସାମାଜିକ କର୍ମୀ ଜୟା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରାଫିକ୍ ପୋଲିସ୍ ପକ୍ଷରୁ ଜଣେ ସ୍କୁଟି ଚାଳକଙ୍କୁ ସଚେତନ କରାଯାଉଛି।

# ଏନ୍‌ଜେସିଏସ୍ ବୈଠକ ବିଫଳ ଅଭିଯୋଗ

## ରାଉରକେଲା ମଜଦୁର ସଭା ପକ୍ଷରୁ ସମାଲୋଚନା

ରାଉରକେଲା ଅଫିସ,୯।୯

ନୂଆଦିଲ୍ଲୀଠାରେ ବହୁ ପ୍ରତୀକ୍ଷିତ ଏନ୍‌ଜେସିଏସ୍ ବୈଠକର ବିଫଳତା ନେଇ ରାଉରକେଲା ମଜଦୁର ସଭା(ଆର୍‌ଏମ୍‌ଏସ୍)ପକ୍ଷରୁ କଡା ପ୍ରତିକ୍ରିୟା ପ୍ରକାଶ ପାଇଛି। କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ବୈଠକ ସମ୍ପୂର୍ଣ୍ଣ ଲୋକ ଦେଖାଣିଆ ବୋଲି ୟୁନିୟନ ଅଭିଯୋଗ କରିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିଳ୍ପ, ଅର୍ଥ ଓ ଇସ୍ପାତ୍ ନୀତି ଦିଗହରା ହୋଇଛି । ନକାରାତ୍ମକ ଆଭିମୁଖ୍ୟ ନେଇ ଏଭଳି ବୈଠକ ଡକାଯିବା ଉଚିତ ନ ଥିଲା ବୋଲି ୟୁନିୟନ ସଭାପତି ପ୍ରଭାକର ଚମ୍ପତିରାୟ, କାର୍ଯ୍ୟକାରୀ ସଭାପତି ଡି.ଏନ୍. ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶଶଧର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଶ୍ରମିକ କର୍ମଚାରୀଙ୍କ ମଜୁରି ବୃଦ୍ଧି, ନୂତନ ପେନସନ, ବାର୍ଷିକ ବୋନସ ଆଦି ପୂଜା ପୂର୍ବରୁ ଫଇସଲା କରିବାକୁ ଶ୍ରମିକ ସଙ୍ଗଠନମାନେ ଗୁରୁତ୍ୱାରୋପ କରିଛନ୍ତି । କର୍ତ୍ତୃପକ୍ଷ ବର୍ଷ ବର୍ଷ ଧରି ଏହାକୁ ନେଇ ଟାଳଟୁଳ ନୀତି ଆପଣାଇ ଆସୁଛନ୍ତି। ୨୦୧୬ ଶେଷ ଭାଗରୁ ନୂତନ ମଜୁରି ଚୁକ୍ତିନାମାର ଅବଧି ଶେଷ ହୋଇଯାଇଛି। କ୍ଷତି ଆଳ ଦେଖାଇ ସେଲ୍ କର୍ତ୍ତୃପକ୍ଷ ବାରମ୍ବାର ଇସ୍ପାତ୍ ଶ୍ରମିକଙ୍କୁ ଠକି ଚାଲିଛନ୍ତି। ଏନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବାରମ୍ବାର ପ୍ରତିକ୍ରିୟା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁନି। ବହୁ ବାର ଦାବି ପରେ ଯେଉଁ ବୈଠକ ଡକାଗଲା ତାହା ମଧ୍ୟ ଫସର ଫାଟିଛି। ଏହାପୂର୍ବରୁ ନିର୍ବାଚନ ଆଳ ଦେଖାଇ ସେଲ୍ କର୍ତ୍ତୃପକ୍ଷ ସମୟ ଟାଳି ଚାଲିଥିଲେ। ନିର୍ବାଚନ ପରେ ତୁରନ୍ତ ଏନେଇ ଏନ୍‌ଜେସିଏସ୍ ଡକାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଇସ୍ପାତ୍ ଶ୍ରମିକଙ୍କ ଭରସା ଥିଲା ଯେ ଏଥର କର୍ତ୍ତୃପକ୍ଷ ଦାବିଗୁଡିକ ପ୍ରତି ନିଶ୍ଚିତ ଧ୍ୟାନ ଦେବେ। ଏହା ପରେ ବି ବୈଠକ ଲୋକ ଦେଖାଣିଆ ଡକାଯାଇ ଶେଷ କରି ଦିଆଗଲା। ଏଥିରୁ କିଛି ସୁଫଳ ପାଇଲେନି ଶ୍ରମିକ। ଶ୍ରମିକ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ସଂପ୍ରତି ସେଲ ୨୧୭୯କୋଟି ନିଟ୍ ଲାଭ କରିପାରିଛି। ସେଲ ଅଧୀନସ୍ଥ ରାଉରକେଲା ଇସ୍ପାତ୍ କାରଖାନା ତାର ଶ୍ରେଷ୍ଠତା ପ୍ରଦର୍ଶନ କରିପାରିଛି। ଏହା ସତ୍ତ୍ୱେ ଇସ୍ପାତ୍ କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତିକୁ ଆପଣାଇବା ଅତ୍ୟନ୍ତ ନିନ୍ଦନୀୟ ବୋଲି ୟୁନିୟନ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। କେବଳ ଅନିଚ୍ଛା ମନୋଭାବ ଏଥିରେ ଅନ୍ତରାୟ ସୃଷ୍ଟି କରିଛି। ଏନ୍‌ଜେସିଏସ୍ ବୈଠକକୁ କର୍ମଚାରୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ କର୍ତ୍ତୃପକ୍ଷ ନିରାଶ କରିଛନ୍ତି। ପୁଣି ଥରେ କ୍ଷତି ଆଳ ଦେଖାଇ କର୍ତ୍ତୃପକ୍ଷ ନିଜ ଗୋଟି ଚାଳନା କରିଛନ୍ତି। କେବଳ ଏତିକି ନୁହେଁ ଏଣିକି ୧୦ ବର୍ଷିଆ ମଜୁରି ଚୁକ୍ତିନାମା ପ୍ରସ୍ତାବ ଦେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଏଭଳି ଶ୍ରମିକ ସ୍ୱାର୍ଥ ବିରୋଧୀ ପଦକ୍ଷେପକୁ ୟୁନିୟନ ଆଦୌ ଗ୍ରହଣ କରିବ ନାହିଁ ବୋଲି କୁହାଯାଇଛି। ବାର୍ଷିକ ବୋନସ କ୍ଷେତ୍ରରେ ପୂର୍ବ ପ୍ରଚଳିତ ନିୟମ ଉଲ୍ଲଂଘନ କରାଯିବାକୁ ଯୋଜନା କରାଯାଉଛି। ଏ କ୍ଷେତ୍ରରେ ଶ୍ରମିକ ସଙ୍ଗଠନ ନେତୃମଣ୍ଡଳୀଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବାକୁ ମସୁଧା କରିଛନ୍ତି ସେଲ୍ କର୍ତ୍ତୃପକ୍ଷ। ତରବରିଆ ଭାବେ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇ କର୍ମଚାରୀଙ୍କ ଆକ୍ରୋଶରୁ ବର୍ତ୍ତିବାକୁ ଚାହୁଁଛନ୍ତି । ଏପରି ଅବସ୍ଥାରେ ସରକାରଙ୍କ ଗୋଡାଣିଆ ୟୁନିୟନ ବାସ୍ତବ ସମସ୍ୟାଠାରୁ ନିଜକୁ ଦୂରେଇ ରଖିଛି। ଇସ୍ପାତ୍ କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟକୁ ସମ୍ପୃକ୍ତ ସଙ୍ଗଠନ ପରୋକ୍ଷରେ ସମର୍ଥନ ଦେଉଛି ବୋଲି ଆର୍‌ଏମ୍‌ଏସ୍ ଅଭିଯୋଗ କରିଛି। ଏପରି ଅବସ୍ଥାରେ ନିୟମିତ ଏନ୍‌ଜେସିଏସ୍ ବୈଠକ ଡାକି ଉପରେ ଶ୍ରମିକ ନେତା ଗୁରୁତ୍ୱ ଦେଇଛନ୍ତି। ଏଥିପ୍ରତି ସେଲ୍ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କଲେ ଦେଶରେ ଶିଳ୍ପ ଶାନ୍ତି ବ୍ୟାହତ ଆଶଙ୍କା କରିଛନ୍ତି ଏହି ୟୁନିୟନ ନେତୃମଣ୍ଡଳୀ। ଏଣୁ ତୁରନ୍ତ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବାକୁ ୟୁନିୟନ ଦାବି କରିଛି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ତହସିଲ ଅଫିସରେ ସମୀକ୍ଷା କଲେ ଜିଲାପାଳ

ବିଶ୍ରା, ୯।୯ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ସୋମବାର ପୂର୍ବାହ୍ନ ୧୧ଟାରେ ବିଶ୍ରା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ତହସିଲ ଅଫିସ ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ତହସିଲ କାର୍ଯ୍ୟାଳୟରେ ବୃକ୍ଷ ରୋପଣ ମଧ କରିଥିଲେ । ଏହାପରେ ତେତେରକେଲା, କୋଏଲ ନଦୀକୁ ଯାଇ ବିଶ୍ରା ଟାଉନକୁ ପିଇବା ପାଣି ଯୋଗାଣ ପ୍ରକଳ୍ପର କାର୍ଯ୍ୟ ବୁଲି ଦେଖିଥିଲେ।

### ଯୁବକଙ୍କ ମୃତ୍ୟୁ

ଲହଣୀପଡା, ୯।୯ (ଡି.ଏନ.ଏ)- ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ପଞ୍ଚାୟତ ନୂଆତନ୍ତରା ଗ୍ରାମର ଜଣେ ଯୁବକ ବଣେଇ ଡାକ୍ତରଖାନାରୁ ଘରକୁ ଫେରୁଥିବା ବେଳେ ଲହଣୀପଡା ବସଷ୍ଟାଣ୍ଡରେ ହଠାତ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜୁ ମୁଣ୍ଡା (୪୦) । ଗତ ୬ ତାରିଖ ସେ ବଣେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସୋମବାର ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଯାଉଥିଲେ । ଡାକ୍ତର ତାଙ୍କୁ ରାଉରକେଲା ନେବା ପାଇଁ କହିଥିଲେ । କିନ୍ତୁ ପାଖରେ ଟଙ୍କା ଏବଂ ଅନ୍ୟ କେହି ନ ଥିବାରୁ ସେ ବଣେଇରୁ ଲହଣୀପଡାକୁ ଏକ ଅଟୋରେ ସ୍ତ୍ରୀଙ୍କ ସହ ଆସିଥିଲେ । ଲହଣୀପଡାଠାରୁ ଘରକୁ ଯାଇଥାନ୍ତେ । ଲହଣୀପଡା ବସଷ୍ଟାଣ୍ଡରେ ଅଟୋରୁ ସ୍ୱାମୀ ସ୍ତ୍ରୀ ଓହ୍ଲେଇଥିଲେ । ହେଲେ ସେଠାରେ ଗଞ୍ଜୁ ଆଖି ବୁଜିଥିଲେ। ସେଠାରେ ଥିବା ଲୋକମାନେ ତାଙ୍କୁ ଲହଣୀପଡା ଡାକ୍ତରଖାନାକୁ ନେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ପାଲା କଳାକାର, ଶିକ୍ଷାବିତ୍ ସମ୍ମାନିତ

ବଡଗାଁ, ୯।୯ (ଡି.ଏନ.ଏ.) ସୁନ୍ଦରଗଡ ଜିଲାର ୪ଜଣଙ୍କୁ ନିଖିଳ ଓଡିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯାଇଛି। ମହାସଂଘ ପକ୍ଷରୁ ୭ ତାରିଖ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ୧୯ତମ ବାର୍ଷିକ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ସୁନ୍ଦରଗଡ ଜିଲାର ପାଲା ଗାୟକ ପଶ୍ଚିମ ଦ୍ରୋଣାଚାର୍ଯ୍ୟ ନରେନ୍ଦ୍ର ବାରିକଙ୍କୁ ଗାୟକ ପାରିଜାତ, ଗାୟକ ପଶ୍ଚିମ ରତ୍ନ ଫକିର ବାଡାଙ୍କୁ ଗାୟକ ମାନସ, ଶିକ୍ଷାବିତ ବାସୁଦେବ ହୋତାଙ୍କୁ କବି ନରସିଂହ ନନ୍ଦ ସ୍ମୃତି ସମ୍ମାନ, ଶିକ୍ଷାବିତ ଗଣେଶ ବାରିକଙ୍କୁ ଚିତ୍ରଶିଳ୍ପୀ ଅସିମ ବସୁ ସ୍ମୃତି ସମ୍ମାନ ପଦକ ପ୍ରଦାନ କରାଯାଇଥିଲା ।

### ବିଦ୍ୟାଦାତାଙ୍କ ବିଦାୟ

ରାଜଗାଙ୍ଗପୁର, ୯।୯ (ଡି.ଏନ.ଏ.)- ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଗଣେଶ ବିସର୍ଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେଢ଼ଶହରୁ ଅଧିକ ମେଢ଼କୁ ପ୍ରଶାସନ ପକ୍ଷରୁ ଲିପଲୋଇ ନାଳ ପାଖରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ଏହି ଅବସରରେ ସମଗ୍ର ସହର ପୋଲିସ ଛାଉଣୀରେ ପରିଣତ ହୋଇଥିଲା। ଜିଲାପାଳ ନିଖିଳ ପୱନ କଲ୍ୟାଣ, ଏସ୍‌ପି ସୌମ୍ୟ ମିଶ୍ର, ଡିଆଇଜି କବିତା ଜଲାନ, ଏସ୍‌ଡିପିଓ ବିଜୟ କୁମାର ନନ୍ଦ, ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳା ନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ।

## କଲୁଙ୍ଗା ହାଜିସକର୍ ପର୍ବ ପାଳିତ
# ହାଜିବାବାଙ୍କ ଆସ୍ଥାନରେ ଚଦର ଚଢ଼ାଇଲେ ଭକ୍ତ

ବେଦବ୍ୟାସ, ୯।୯ (ଡି.ଏନ.ଏ)



ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

କଲୁଙ୍ଗା ମାଜାର କମିଟି ଆନୁକୂଲ୍ୟରେ ହାଜୀ ସକର ବାବା ପର୍ବ ପାଳିତ ହୋଇଛି । ହାଜି ବାବାଙ୍କ ଆସ୍ଥାନରେ ଭକ୍ତମାନେ ଚଦର ଚଢ଼ାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ପର୍ବ ପାଳନ କରିବା ଦ୍ୱାରା ସୁଖଶାନ୍ତି ଓ ପରସ୍ପର ମଧ୍ୟରେ ଭାଇଚାରା ସ୍ଥାପନା ହୁଏ ବୋଲି ଇତିହାସ କହେ । ଏହି ଅବସରରେ କଲୁଙ୍ଗା ମାଜାର କମିଟିର ସଭାପତି ଯାହିଦ ଖାନ୍‌ଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଉରକେଲା ଓକିଲ ସଂଘର ସଭାପତି ତଥା ପୂର୍ବତନ ରାଉରକେଲା ପୌରପାଳିକାର ନଗରପାଳ ରମେଶ ଚନ୍ଦ୍ର ବଳ ଯୋଗ ଦେଇଥିଲେ। ଏହି ଧାର୍ମିକ ପର୍ବ ପାଳନ କରିବା ଦ୍ୱାରା ବାବାଙ୍କ ଆଶୀର୍ବାଦ ଲାଭ କରିବା ସହ ପରିବାରରେ ସୁଖ ଓ ଶାନ୍ତି ବଜାୟ ରହିଥାଏ। ଏଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବାବାଙ୍କ ଆଶୀର୍ବାଦ ପାଇବା ନିମନ୍ତେ ତାଙ୍କର ଆସ୍ଥାନରେ ଚଦର ଚଢ଼ାଇ ବାବାଙ୍କ ସାନ୍ନିଧ୍ୟ ଲାଭ କରିଥାନ୍ତି ।

ଏହାକୁ ସମସ୍ତ ଭକ୍ତ ପବିତ୍ରତା ସହ ପାଳନ କରିବା ଉଚିତ ବୋଲି ସେ କହିଥିଲେ । ସମ୍ମାନୀୟ ଅତିଥି ଭାବେ ବେଦବ୍ୟାସ ଅଞ୍ଚଳର ରାଜ୍ୟପାଳ ପୁରସ୍କୃତ କ୍ରାନ୍ତିକାରୀ ଲେଖକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ସେ ହାଜୀ ସକର ବାବାଙ୍କ ପର୍ବର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା କଲୁଙ୍ଗା ମାଜାର କମିଟିଠାରୁ ବାହାରି କଲୁଙ୍ଗା ବସ୍ତି ରେଳୱେ ଫାଟକ ଦେଇ ମାଜାର କମିଟି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ମହମ୍ମଦ ଆସରଫ, ମହମ୍ମଦ ଆଜିମ ଖାନ୍, ସାହିନା ଖାନ୍, ନିଲୋଫର ଅସରଫ, ମହମ୍ମଦ ଛୋଟାବାବୁ ପ୍ରମୁଖ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ

ସୁନ୍ଦରଗଡ, ୯।୯ (ଡି.ଏନ୍.ଏ.)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ଫୁଟବଲ ଚମ୍ପିୟନଶିପର ଦ୍ୱିତୀୟ ଦିବସରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ । ସୁନ୍ଦରଗଡ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ୍ ବିକେ କ୍ଲବ କାନ୍ତିପଡା ସହିତ ବିରକାଲଡିହି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିକେ କ୍ଲବ କାନ୍ତିପଡା ପେନାଲିଟି ସୁଟ୍ ଆଉଟ ମାଧମରେ ୨-୧ ଗୋଲରେ ବିଜୟ ଲାଭ କରିଥିଲା । ଦ୍ୱିତୀୟ ମ୍ୟାଚ୍ ଗୋପବନ୍ଧୁ କ୍ଲବ ଗାଇଯୋର ଓ କ୍ରୀଷ୍ଟାକ୍ଲବ ବରାଖାଇ ମଧରେ ହୋଇଥିଲା । ଗୋପବନ୍ଧୁ କ୍ଲବ ଗାଇଯୋର ୪-୦ ଗୋଲରେ ବିଜୟୀ ହୋଇଥିଲା । ଜପଙ୍ଗା ଖେଳପଡିଆରେ ହୋଇଥିବା ପ୍ରଥମ ମ୍ୟାଚରେ ଆଦର୍ଶ କ୍ଲବ ବିଜାପଡା,ସ୍ୱାଧୀନ କ୍ଲବ ବାରଗାଡକୁ ୨-୦ ଗୋଲରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଭବାନୀପୁର ଫୁଟବଲ କ୍ଲବ ବଜରଙ୍ଗ କ୍ଲବ ସାନପତ୍ରାପାଲି ଦଳକୁ ୫-୧ ଗୋଲରେ ପରାସ୍ତ କରିଥିଲେ । କୁଣ୍ଡୁକେଲା ଜୁବୁଲି ପଡିଆରେ ଆୟୋଜିତ ପ୍ରଥମ ମ୍ୟାଚ୍ ଫ୍ରେଣ୍ଡସ୍ କ୍ଲବ ବିଜୁଲିଖମନ ଏବଂ କ୍ରୀଷ୍ଟା କ୍ଲବ ରାଏବଗା ମଧ୍ୟରେ ହୋଇଥିଲା। ପେନାଲିଟି ସୁଟ ଅଉଟ ମାଧ୍ୟମରେ ୪-୨ ଗୋଲରେ ରାଏବଗା ଦଳକୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍ ଟାଇଗର କ୍ଲବ ଧରୁଆଡିହି ଏବଂ ଏସ ବି ଇଲେଭେନ୍ ସୁବଲୟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଧରୁଆଡିହି ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଜିଲା କ୍ରୀଡା ସଂସଦର ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳ ଓ ଫୁଟବଲ ସଂପାଦକ ନିତ୍ୟ କୁମାର ବଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚ ଗୁଡିକରେ କ୍ରୀଡାସଂସଦର ବିଶ୍ୱରଂଜନ ହୋତା, ପ୍ରସାଦ ନାଏକ, ରୋମାଞ୍ଚ ଭୈଷାଁଲ, ସହସଂପାଦକ ଜୟଦେବ ପାତ୍ର, ଉପସଭାପତି ରାଜେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ବୀରମିତ୍ର କାଲୋ, ବିମଲ ବୋଷ, ସୁରଜ ଭୈଷାଁଲ, ଦିବ୍ୟଲୋଚନ ନାଏକ, ଅଜୟ ବହିଦାର, ଆଶିଷ ଦେ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

# କୋଲାବିରାରେ ଗଣେଶ ମେଢ ଭସାଣି ଶୋଭାଯାତ୍ରା

କୋଲାବିରା,୯।୯(ଡି.ଏନ୍.ଏ.)


ଗଣେଶଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

ଝାରସୁଗୁଡ଼ା ଜିଲା କୋଲାବିରାରେ ପ୍ରସିଦ୍ଧ ଗଣେଶ ପୂଜା ଭସାଣି ଉତ୍ସବ ସୋମବାର ଶେଷ ହୋଇଛି। ପ୍ରତିବର୍ଷ ବିଭିନ୍ନ ସାହି ମେଢକୁ ସ୍ୱତନ୍ତ୍ର ଭାବେ ଭସାଣି ଉତ୍ସବରେ ସାମିଲ କରାଯାଇଥାଏ । ଚଳିତ ବର୍ଷ କୋଲାବିରା ଗ୍ରାମର ହରିଜନପଡା ଏବଂ ନୂଆଁପଡା ମେଢକୁ ସାମିଲ କରାଯାଇଥିଲା । ଗୋଟିଏ ଦିନରେ ଗଜାନନଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଫଳରେ ଦିନ ତମାମ ଚାଲିଥିବା ଏହି ଲମ୍ବା ଭସାଣି ଉତ୍ସବ ଦେଖିବାକୁ ଗ୍ରାମର ବିଭିନ୍ନ ସଡ଼କ ଓ ଛକରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଛୋଟଛୋଟ ପିଲା ଓ ଯୁବକମାନେ ମୁହଁରେ ଅବିର ବୋଳି ଡିଜେ ସାଉଣ୍ଡର ତାଳେ ତାଳେ ନୃତ୍ୟ କରିଥିଲେ । ସ୍ଥାନୀୟ ତେଲେନ ନଦୀରେ ଶ୍ରୀଗଣେଶଙ୍କ ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା।

ନୂଆଁପଡା ପୂଜା କମିଟିର ମେଢ ବିସର୍ଜନ ଶୋଭାଯାତ୍ରା ଆକର୍ଷଣୀୟ ହୋଇଥିଲା । ଡିଜେ ସାଉଣ୍ଡରେ ନୃତ୍ୟ ,ଘଣ୍ଟବାଦ୍ୟ,ବାଡି ନୃତ୍ୟ,ଦୁଲଦୁଲି ବାଜା, ଝାଞ୍ଜବାଜା ସହିତ ସଂପ୍ରଦା ମଣ୍ଡଳୀର ଦଳଗତ ନୃତ୍ୟକୁ ଅଞ୍ଚଳବାସୀ ବେଶ୍ ଉପଭୋଗ କରିଥିଲେ। ସନ୍ଧ୍ୟା ମେଢ ବିସର୍ଜନ ଦେଖିବାକୁ ଲୋକଙ୍କ ଭିଡ କମି ନ ଥିଲା। ନୂଆଁପଡା ପୂଜାକମିଟିର ସଭାପତି ଧର୍ମେନ୍ଦ୍ର ମହାପାତ୍ର, ସମ୍ପାଦକ ଅମିତ ଭଞ୍ଜ, କୋଷାଧ୍ୟକ୍ଷ ସୁରଜ କୁମାର ଦାସ, ସୁବ୍ରତ କୁମାର ଦାସ, ଦେବାଶିଷ ବେହେରା, ପ୍ରଭୁଜୀ ପାଣ୍ଡେ, ରଞ୍ଜିତ ଦଲେଇ, ଅଶୋକ ସିଂ, କୁନାଲ ମହାପାତ୍ର, ବାପି ମହାପାତ୍ର, ନିଖିଳ ଦାସ ପ୍ରମୁଖ ଶୋଭାଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ କୋଲାବିରା ଗ୍ରାମର ହରିଜନ ପଡାର ଭସାଣି ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ୧୭ ବର୍ଷ ଧରି ହରିଜନ ପଡାର ଗଣେଶଙ୍କ ପୂଜା ହୋଇ ଆସୁଛି । ଏହି ମେଢ଼ର ବିସର୍ଜନ ଶୋଭାଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଡିଜେ ବାଦ୍ୟ ସହ ନୃତ୍ୟ ,ଘଣ୍ଟବାଦ୍ୟ,ବାଡି ନୃତ୍ୟ,ଦୁଲଦୁଲି ବାଜା, ଝାଞ୍ଜବାଜା ସହିତ ସଂପ୍ରଦା ମଣ୍ଡଳୀର ଦଳଗତ ନୃତ୍ୟକୁ ଅଞ୍ଚଳବାସୀ ବେଶ୍ ଉପଭୋଗ କରିଥିଲେ। ସନ୍ଧ୍ୟାରେ ମେଢ ବିସର୍ଜନ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ହରିଜନପଡା ପୂଜାକମିଟିର ହେମନ୍ତ ଭଞ୍ଜ, ଭୀଷ୍ମ ଭଞ୍ଜ, ଦିଗଧନ ଗୋଖରା, ଭୀଷ୍ମ ରଣବିଡା, ଗଣେଶ ବାଗ,ଲଲିନ୍ଦ୍ର ଗୁଖରା,ନାରାୟଣ ବାଗ, ଗାନ୍ଧୀ ରଣବିଡା,ଶନିଲ ଭଞ୍ଜ, କ୍ଷୀରସାଗର ଭଞ୍ଜ, କ୍ଷୀରୋଦ ଭଞ୍ଜ ପ୍ରମୁଖ ଶୋଭାଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସବଡେଗା, ୯।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ତଲସରା ଥାନା ଅନ୍ତର୍ଗତ ସବଡେଗା କଇଁସରା ଛକରେ ସୋମବାର ରାତି ସାଢ଼େ ୮ଟାରେ ଏକ ଭ୍ୟାନ୍ ଗୋଟିଏ ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ମିଳି ପାରି ନାହିଁ। ଭ୍ୟାନଟି ଦ୍ରୁତ ଗତିରେ ସବଡେଗା ପଟକୁ ଆସୁଥିଲା ବେଳେ ବାଇକଟି ସବ୍‌ଡେଗାରୁ ଟାଙ୍ଗର ଗାଁ ଆଡକୁ ଯାଉଥିଲା। ଘଟଣା ସ୍ଥଳରୁ ଭ୍ୟାନ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ନ ଥିବାବେଳେ ରାସ୍ତାରେ ଦୁଇ ଗାଡି ସହ ମୃତଦେହ ପଡି ରହିଥିଲା।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ସୁନ୍ଦରଗଡ, ୯।୯ (ଡି.ଏନ୍.ଏ.)

ସୋମବାର ରାତିରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଜଣେ ପ୍ରସୂତିଙ୍କ ର ମୃତ୍ୟୁ ଘଟିଛି । ଏହି ମହିଳାଙ୍କ ନାମ ପଦ୍ମାବତୀ ରଣା (୨୧)। ତାଙ୍କ ଘର କୁତ୍ରା ବ୍ଲକ ପଞ୍ଚରା ଗ୍ରାମରେ। ଦିନ ପ୍ରାୟ ୧୨ଟା ବେଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଶରୀରରେ ରକ୍ତ ଅଭାବ ଥିବା ଦର୍ଶାଇ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ସେତେବେଳେ ୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ ନ ଥିବାରୁ ବଡଗାଁରୁ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଡକା ଯାଇଥିଲା। ଇତିମଧ୍ୟରେ ମହିଳାଜଣକର ଅବସ୍ଥା ଆହୁରି ସଙ୍କଟଜନକ ସ୍ଥିତିକୁ ଆସିଯାଇଥିଲା। ସହରର କିଛି ବ୍ୟକ୍ତି ପହଞ୍ଚି ଚିକିତ୍ସାରେ ଅବହେଳାକୁ ଦାୟୀ କରି ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ସମୟରେ ଚିକିତ୍ସା କରୁଥିବା ଡାକ୍ତର କୁଆହେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଲୋକଙ୍କ ପାଟିତୁଣ୍ଡ ପରେ ମହିଳାଙ୍କଠାରେ ଅକ୍ସିଜେନ୍ ଲଗା ଯାଇଥିଲା। ହେଲେ କିଛି ସମୟ ପରେ ରାତିପ୍ରାୟ ୮ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ମଧ୍ୟ ଅଭିଯୋଗ କରିଛନ୍ତି।

## ବୁଡାକଟା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ଉସ୍ରା ବିଜୟୀ, ବାଣ୍ଟୁପଡ଼ା ରନର୍ସଅପ

କୁତ୍ରା,୯।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ବୁଡାକଟା ଗ୍ରାମରେ ଲକ୍ଷ୍ମୀ କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ଉସ୍ରା ଏବଂ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉସ୍ରା ଦଳ ବିଜୟ ଲାଭ କରିଥିଲା । ଦ୍ୱିତୀୟ ସେମିଫାଇନାଲ ବାଣ୍ଟୁପଡା ଓ ବୁଡାକଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବାଣ୍ଟୁପଡା ଦଳ ବିଜୟୀ ଲାଭ କରିଥିଲା। ପରେ ବାଣ୍ଟୁପଡା ଓ ଉସ୍ରା ଦଳ ମଧ୍ୟରେ ଫାଇନାଲ ଖେଳରେ ଉସ୍ରା ଦଳ ବିଜୟ ହୋଇଥିବା ବେଳେ ବାଣ୍ଟୁପଡା ଦଳ ରନର୍ସଅପ୍ ହୋଇଛି। ପୂର୍ବତନ ବିଧାୟକ ମୁଖରାମ ନାୟକ, ଜିଲା ପରିଷଦ ସଭ୍ୟ ଶରତ ସା, ପ୍ରତାପ ଦାନୀ, ଫକିର ବରିହା, ଟଙ୍କଧର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟୀ ଉସ୍ରା ଦଳକୁ ୧୦ ହଜାର ଓ ରନର୍ସଅପ୍ ବାଣ୍ଟୁପଡା ଦଳକୁ ୭ ହଜାର ଓ ବୁଡାକଟା ଦଳକୁ ୨ହଜାର ଏବଂ ରାଉରକେଲା ଦଳକୁ ୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଲକ୍ଷ୍ମୀ କ୍ଲବର ସଭାପତି ପବିତ୍ର ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଘନଘନ ବିଜୁଳି କାଟ, ଗ୍ରାହକ ହନ୍ତସନ୍ତ

ବାଲିଶଙ୍କରା, ୯।୯ (ଡି.ଏନ.ଏ.)

ବାଲିଶଙ୍କରା ବ୍ଲକର ଗାଇଡେଗା, ବନ୍ଧବାହାଲ, ବିଜାଡିହି, ଟିନିକିବନ୍ଧ, ତିଲଡେଗା, ରଷ୍ଟି ପ୍ରଭୃତି ଗାଁରେ ଘନଘନ ବିଜୁଳିକାଟ କରାଯାଉଛି। ସନ୍ଧ୍ୟା ୬ଟା ପରେ ବିଦ୍ୟୁତ ଚାଲିଗଲେ ଆଉ ରାତି ସାରା ଆସୁ ନାହିଁ। ଏଣୁ ଅନ୍ଧାରରେ ଲୋକଙ୍କୁ ରହିବାକୁ ପଡୁଛି। ସାମାନ୍ୟ ଘଡଘଡି କି ପବନ ହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଉଛି। ଲାଇନ କାଟ ଯୋଗୁ ବିଦ୍ୟୁତ ଗ୍ରାହକମାନେ ନାହିଁ ନ ଥିବାର ହଇରାଣ ହରକତ ହେଉଛନ୍ତି। ପ୍ରତିମାସରେ ବିଲ୍ ନେବାରେ ଅବହେଳା କରାଯାଉନି। ହେଲେ ସେବା ଯୋଗାଇଲା ବେଳକୁ ବିଦ୍ୟୁତ୍ ବିଭାଗ ପଛ ଘୁଞ୍ଚା ଦେଉଛି। ଏଣୁ ଗ୍ରାହକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି ଯେ, ଦାୟିତ୍ୱରେ ଥିବା ଲାଇନମ୍ୟାନମାନଙ୍କର କର୍ତ୍ତବ୍ୟରେ ଅବହେଳା, ମନମୁଖି କାର୍ଯ୍ୟକଳାପ ହିଁ ଏଥିପାଇଁ ଦାୟି। ଅଞ୍ଚଳରେ ସନ୍ଧ୍ୟା ହେଲେ ହାତୀଙ୍କ ଭୟ ରହିଛି। ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେବେ ଘନଘନ ବିଦ୍ୟୁତକାଟ ଓ ଦାୟିତ୍ୱରେ ଥିବା ଲାଇନମ୍ୟାନଙ୍କ ଅବହେଳା ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରିବା ସମ୍ଭବପର ହୋଇନି। ଘନଘନ ବିଦ୍ୟୁତ କାଟକୁ ରୋକାଯାଇ ଦାୟିତ୍ୱରେ ଲାଇନମ୍ୟାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

## ଫଟୋରେ ଖବର


ସୁନ୍ଦରଗଡ଼ ବିଜୁ ଜନତା ଦଳ ଜିଲା ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ନବନିଯୁକ୍ତ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇଙ୍କୁ ଜିଲା ଆଇନଜୀବୀ ସାମ୍ମୁଖ୍ୟ କର୍ମକର୍ତ୍ତା ସର୍କିଟ ହାଉସଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ଅବସରରେ...

## ଜିଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ ମଞ୍ଚର ବୈଠକ
# ଏସ୍‌ସି, ଏସ୍‌ଟିଙ୍କ ଉନ୍ନତି ହୋଇନି

ସୁନ୍ଦରଗଡ, ୯।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଅନୁସୂଚୀତ ଜାତି ଓ ଜନଜାତି (ଏସସି ଓ ଏସଟି) ମିଳିତ ମଞ୍ଚର ଏକ ବୈଠକ ୫୦୦ ଘର ଭୂୟାଁ ସମାଜ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆମୁଣ୍ଡା ଏଥିରେ ସଭାପତି କରିଥିଲେ । ସୁନ୍ଦରଗଡ ଜିଲା ଏକ ଆଦିବାସୀ ବହୁଳ ଜିଲା। ହେଲେ ଏଠାରେ ଆଞ୍ଚଳବାସୀ ତଥା ହରିଜନ ଶ୍ରେଣୀରେ ଅନ୍ତର୍ଭୁକ୍ତ ବିଭିନ୍ନ ବର୍ଗର ସମାଜର ଠିକ୍ ଭାବରେ ଉନ୍ନତି ହୋଇପାରି ନାହିଁ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଅନୁସୂଚୀତ ଜାତି ତଥା ଜନଜାତିଙ୍କ ପ୍ରଗତି ଆଣିବାକୁ ହେଲେ ଏକ ମିଳିତ ମଞ୍ଚର ଆବଶ୍ୟକତା ରହିଛି ବୋଲି ସଭାପତି ମୁଣ୍ଡା କହିଥିଲେ । ଏହା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ସମାଜର ବିକାଶ କ୍ଷେତ୍ରରେ ଯଥେଷ୍ଟ ସହାୟକ ହେବ। ସେମାନେ ନିଜର ହକ୍‌କୁ ସାକାର କରି ପାରିବେ। ଏହି ଅବସରରେ ଏକ ମିଳିତ କମିଟିର ଗଠନ କରାଯାଇଥିଲା ।

କମିଟିର ସଭାପତି ଭାବେ ମହେନ୍ଦ୍ର କୁମାର ଚୌଧୁରୀ, କାର୍ଯ୍ୟକାରୀ ସଭାପତି ଭାବେ ରୁଦ୍ର ପ୍ରସାଦ ଦଣ୍ଡସନା, ଉପସଭାପତି ଦୁର୍ଜନ ବାଗ ଓ ଅରୁଣ ତାଜନ, ସାଧାରଣ ସମ୍ପାଦକ ବିଶମ୍ବର ମହାନନ୍ଦିଆ, ସାଂଗଠାନିକ ସମ୍ପାଦକ ଧନଞ୍ଜୟ ନାଏକ, ଯୁଗ୍ମ ସମ୍ପାଦକ କିଶୋର ମୁର୍ମୁ, କୋଷାଧକ୍ଷ ନବୀନ କୁମାର ଚଉତିଆ, ଉପଦେଷ୍ଟା ଅଜୟ କୁମାର ପଧାନ, ମଧୁକର ତାଜନ, ଜଟିଆ ମୁଣ୍ଡା, ରାମେଶ୍ୱର କୁଜୁର ପ୍ରମୁଖଙ୍କୁ ମନୋନିତ କରାଯାଇଥିଲା । ଏଥିରେ ଭୂୟାଁ ସମାଜ, ଲକ୍ଷେଘର ସମାଜ, ମୁଣ୍ଡା ସମାଜ, କୋଡିଏ ଘର କୈବର୍ତ୍ତ ସମାଜ କିଶାନ ସମାଜ ତଥା ଆଦିବାସୀ ଓ ହରିଜନ ସମାଜର ବହୁ ଜିଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଜଗବନ୍ଧୁ ଭୋଇ, ଦୁଃଖବିଷ୍ଣୁ ବୁଡା, ବୀରକିଶୋର ନାଏକ, ଦିବ୍ୟା ଭୂଷଣ ଶାସନି, ଯୋଗେଶ୍ୱର ରୋହିଦାଦ, ବନମାଳି ଓରାମ, ଛବିଳ ବାଗ, ମୁକ୍ତେଶ୍ୱର ନାରଙ୍ଗ, ଦିଲୀପ କୁମାର ବେସନ, ସନ୍ୟାସୀ କାଲୋ, ଦଶରଥ ମୁଣ୍ଡ ତଥା ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ମହେନ୍ଦ୍ର କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।